ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୨୧/୨୦୨୩ (୧୮ ପୃଷ୍ଠା) Bhubaneswar, Thursday, September 21/2023 Page 18 ₹ 7.00

୪୯ଶ ଭାଗ ୨୯୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 297 ମୂଲ୍ୟ₹୭/-


# କାନାଡାରେ ଭାରତୀୟ ହିନ୍ଦୁଙ୍କ ପ୍ରତି ବିପଦ

## ଧମକ ଦେଲେ ଖଲିସ୍ତାନୀ ଆତଙ୍କବାଦୀ ପନ୍ନୁନ୍: ଭାରତୀୟଙ୍କୁ ସତର୍କ କରାଇଲା ନୂଆଦିଲ୍ଲୀ

**ଖଲିସ୍ତାନୀ ଆତଙ୍କବାଦୀ ହରଦୀପ୍ ସିଂ ନିଜାରଙ୍କୁ ହତ୍ୟା ଘଟଣାରେ ଭାରତର ସମ୍ପୃକ୍ତି ଥିବା କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଅଭିଯୋଗ କରିବା ପରେ ଦୁଇଦେଶ ମଧ୍ୟରେ ସମ୍ପର୍କ ଖରାପ ହୋଇପଡ଼ିଛି। ପରସ୍ପର ଜଣେ ଲେଖାଏ କୂଟନୀତିଜ୍ଞଙ୍କ ବହିଷ୍କାର କରିଛନ୍ତି। ଏଭଳିସ୍ଥଳେ କାନାଡାରେ ରହୁଥିବା ଭାରତୀୟ ହିନ୍ଦୁମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ସେମାନଙ୍କୁ କାନାଡା ଛାଡ଼ି ଚାଲିଯିବାକୁ ଖଲିସ୍ତାନୀ ଆତଙ୍କବାଦୀ ଗୁରୁପତୱନ୍ତ ସିଂ ପନ୍ନୁନ୍ ଧମକ ଦେଇଛନ୍ତି। ଭାରତ ସରକାର କାନାଡାରେ ରହୁଥିବା ଭାରତୀୟଙ୍କୁ ସତର୍କ କରାଇବା ସହ ଏକ ପରାମର୍ଶନାମା ଜାରି କରିଛନ୍ତି। ଅନ୍ୟପକ୍ଷରେ ଭାରତ ଗସ୍ତ କରୁଥିବା କାନାଡା ନାଗରିକଙ୍କ ଉଦ୍ଦେଶ୍ୟରେ ମଧ୍ୟ ଉକ୍ତ ଦେଶର ସରକାର ସତର୍କ ଆଡଭାଇଜରି ଜାରି କରିଛନ୍ତି।**

ନୂଆଦିଲ୍ଲୀ,୨୦।୯

ଖଲିସ୍ତାନୀ ନେତା ହରଦୀପ୍ ସିଂ ନିଜାର ହତ୍ୟା ଘଟଣାକୁ ନେଇ ଭାରତ-କାନାଡା ସମ୍ପର୍କ ଅଧିକ ତିକ୍ତ ହେବାରେ ଲାଗିଛି। ଉକ୍ତ ହତ୍ୟାକାଣ୍ଡରେ ଭାରତର ସମ୍ପୃକ୍ତି ଥିବା ଅଭିଯୋଗ କରି କାନାଡା ସରକାର ସେଠାରେ ଥିବା ଭାରତୀୟ କୂଟନୀତିଜ୍ଞଙ୍କୁ ବହିଷ୍କାର କରିବା ପରେ ନୂଆଦିଲ୍ଲୀ ଅନୁରୂପ ପଦକ୍ଷେପ ସ୍ୱରୂପ କାନାଡା କୂଟନୀତିଜ୍ଞଙ୍କୁ ୫ ଦିନ ମଧ୍ୟରେ ଦେଶ ଛାଡ଼ି ଚାଲିଯିବାକୁ କହିଥିଲା। ନିଜାର ହତ୍ୟାରେ ଭାରତ ସରକାରଙ୍କ ସମ୍ପୃକ୍ତି ଥିବା କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ପାର୍ଲାମେଣ୍ଟରେ ଅଭିଯୋଗ ଆଣିବାର ଦିନକ ପରେ ସେଠାକାର ଭାରତୀୟ-କାନାଡୀୟ ହିନ୍ଦୁମାନଙ୍କୁ ଦେଶ ଛାଡ଼ି ଭାରତ ଚାଲିଯିବାକୁ ଧମକ ଦିଆଯାଇଥିବାରୁ ସେମାନଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ଦେଖାଦେଇଛି। ଖଲିସ୍ତାନୀ ସପକ୍ଷବାଦୀ ସଂଗଠନ ଶିଖ୍ ଫର୍ ଜଷ୍ଟିସ୍(ଏସ୍ଏଫ୍ଜେ) ନେତା ତଥା ଆତଙ୍କବାଦୀ ଗୁରୁପତୱନ୍ତ ସିଂ ପନ୍ନୁନ୍ ଏହି ଧମକ ଦେଇଛନ୍ତି। ଦୁଇଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ଖରାପ ହୋଇଥିବାବେଳେ ହିନ୍ଦୁମାନଙ୍କୁ ଦିଆଯାଇଥିବା ଧମକପୂର୍ଣ୍ଣ ବାର୍ତ୍ତାର ଭିଡିଓ ଭାଇରାଲ ହୋଇଛି। ସେଥିରେ ପନ୍ନୁନ କହୁଛନ୍ତି, 'ଇଣ୍ଡୋ-କାନାଡ଼ିଆନ୍ ☞ପୃଷ୍ଠା-୪

## ପ୍ରମିଳା ବିଜେଡି ବାଚସ୍ପତି ପ୍ରାର୍ଥୀ

- ଆଜି ନାମାଙ୍କନ ଦାଖଲ
- ୨୨ରେ ବାଚସ୍ପତି ନିର୍ବାଚନ

ଭୁବନେଶ୍ୱର,୨୦।୯(ଅନିଲ ଦାସ)

ବିଜେଡିର ବରିଷ୍ଠ ନେତ୍ରୀ ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଦଳର ବାଚସ୍ପତି ପ୍ରାର୍ଥୀ ହୋଇଛନ୍ତି। ଏ ନେଇ ବିଜେଡି ପକ୍ଷରୁ ବୁଧବାର ତାଙ୍କ ନାମ ଘୋଷଣା କରାଯାଇଛି। ସେ ମନ୍ତ୍ରୀ ପଦବୀରୁ ଇସ୍ତଫା ଦେଇ ଗୁରୁବାର ବାଚସ୍ପତି ପଦ ପାଇଁ ନାମାଙ୍କନପତ୍ର ଦାଖଲ କରିବେ। ଆସନ୍ତା ୨୨ ତାରିଖ ସକାଳ ୯ଟାରେ ବିଧାନସଭାରେ ବାଚସ୍ପତି ପଦବୀ ପାଇଁ


ପ୍ରମିଳା ମଲ୍ଲିକ

ନିର୍ବାଚନ ହେବ। ବିଧାନସଭାରେ ଅନ୍ୟ କୌଣସି ଦଳ ବାଚସ୍ପତି ପଦବୀ ପାଇଁ ପ୍ରାର୍ଥୀ ଦେଉ ନ ଥିବାରୁ ଏବଂ ବିଜେଡି ☞ପୃଷ୍ଠା-୪

## ଜିପ୍‌ରେ ଆଣି ମୃତଦେହ ଫିଙ୍ଗିଦେଲେ

### କଂଗ୍ରେସ ଭବନ ନିକଟରୁ ଶ୍ରମିକଙ୍କ ମୃତଦେହ ଜବତ

ଭୁବନେଶ୍ୱର,୨୦।୯ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକସ୍ଥିତ କଂଗ୍ରେସ ଭବନ ନିକଟ ରାସ୍ତା କଡ଼ରୁ ବୁଧବାର ପୂର୍ବାହ୍ନରେ ଜଣେ ଶ୍ରମିକଙ୍କ ମୃତଦେହକୁ କ୍ୟାପିଟାଲ ଥାନା ପୋଲିସ ଜବତ କରିଛି। ସେ ହେଲେ ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ଅନ୍ତର୍ଗତ କଣ୍ଟିଲୋ କେଉଟ ସାହି ଗ୍ରାମର ତ୍ରିନାଥ ଦଳେଇ (୩୫)। ସେ କଳ୍ପନା ଅଞ୍ଚଳରେ ରହି ଦିନମଜୁରିଆ ଭାବେ କାମ କରୁଥିଲେ ବୋଲି ତଦନ୍ତବେଳେ ଜଣାପଡ଼ିଛି। କେତେଜଣ ଲୋକ ଏକ ଜିପ୍‌ରେ ମୃତଦେହ ଆଣି ଫିଙ୍ଗି ଦେଇ ଚାଲିଯାଇଥିବା ପ୍ରତ୍ୟକ୍ଷଦର୍ଶୀ ପୋଲିସକୁ କହିଛନ୍ତି। ଆଉ କେତେଜଣ ଲୋକ କହିଛନ୍ତି, ଉକ୍ତ ରାସ୍ତାରେ ଏକ ଜିପ୍ ଯିବା ପରେ ହିଁ ସେଠାରେ ଏକ ମୃତଦେହ ପଡିଥିବା ଦେଖିଲୁ। ତେବେ ଏହା ହତ୍ୟା ନା ଦୁର୍ଘଟଣା ତାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୧୨/୨୦୨୩) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୧ଟାବେଳେ ତ୍ରିନାଥଙ୍କ ମୃତଦେହ ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ସେତେବେଳେ ତାଙ୍କ ପରିଚୟ ଜଣାପଡ଼ି ନ ଥିଲା। ସେ ଏକ ହଳଦିଆ ଗଞ୍ଜି ଓ ଟ୍ରାକ୍ ପ୍ୟାଣ୍ଟ ପିନ୍ଧିଥିଲେ। ପୋଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲା। ସେଠାରେ ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ ଡଲାରର ପ୍ରଭାବ







# ମହିଳା ବିଲ୍ ଲୋକ ସଭାରେ ଗୃହୀତ

ନୂଆଦିଲ୍ଲୀ,୨୦।୯

ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ନିମନ୍ତେ ୩୩ ପ୍ରତିଶତ ଆସନ ସଂରକ୍ଷଣ ରଖିବା ପାଇଁ କେନ୍ଦ୍ର ସରକାର ଆଣିଥିବା ବିଲ୍ ବୁଧବାର ଲୋକ ସଭାରେ ଗୃହୀତ ହୋଇଛି। ବିଲ୍ ସପକ୍ଷରେ ୪୫୪ ଭୋଟ ପଡ଼ିଥିଲାବେଳେ ବିରୋଧରେ ୨ ଜଣ ଭୋଟ ଦେଇଛନ୍ତି। ଏବେ ଉକ୍ତ ବିଲ୍‌କୁ ରାଜ୍ୟ ସଭାର ଅନୁମୋଦନ ଲାଗି ପଠାଯିବ।

'ନାରୀ ଶକ୍ତି ବନ୍ଦନ ଅଧିନିୟମ' ନାମରେ ଏହି ବିଲ୍ ଗୃହୀତ ହେବା ପାଇଁ ଦୁଇ-ତୃତୀୟାଂଶ ଭୋଟ୍‌ର ଆବଶ୍ୟକତା ଥିଲା। ବିଲ୍‌କୁ ସର୍ବସମ୍ମତିକ୍ରମେ ଗୃହୀତ କରାଇବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ବିରୋଧୀ ସଦସ୍ୟମାନଙ୍କୁ ନିବେଦନ କରିଥିଲେ। ଯଦି କୌଣସି ଦୋଷ ତ୍ରୁଟି ଥାଏ, ତେବେ ତାହାକୁ ପରେ ସଂଶୋଧନ କରାଯାଇପାରିବ ବୋଲି ଶାହା ପ୍ରତିଶ୍ରୁତି ଦେଇଥିଲେ। ବିଲ୍‌ର କାର୍ଯ୍ୟକାରିତାରେ ବିଳମ୍ବକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଥିବାବେଳେ ଆଗାମୀ ନିର୍ବାଚନ ପରେ ନୂଆ ସରକାର ତୁରନ୍ତ ଜନଗଣନା ଓ ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ କାର୍ଯ୍ୟ କରିବେ ଏବଂ ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ନିମନ୍ତେ ସଂରକ୍ଷଣ ପ୍ରକ୍ରିୟାକୁ ବାସ୍ତବରେ ପରିଣତ କରାଇବେ। ସମ୍ବିଧାନର (୧୨୮ତମ ସଂଶୋଧନ) ବିଲ୍ ଉପରେ ଆଲୋଚନାରେ ଭାଗନେଇ ଶାହା କହିଥିଲେ, ୨୦୨୯ରେ ମହିଳା ସ୍ଥାନ ସଂରକ୍ଷଣ ବାସ୍ତବ ରୂପ ନେବ। ଏହି ବିଲ୍ ଏକ ନୂଆ ଯୁଗ ଆରମ୍ଭ କରିବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜି୨୦ ସମ୍ମିଳନୀରେ ମହିଳାଙ୍କ ନେତୃତ୍ୱରେ ବିକାଶ ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ବିଲ୍ ଆଲୋଚନାରେ ଭାଗନେଇ କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ। ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) କୋଟା ବ୍ୟବସ୍ଥା ବିନା ଉକ୍ତ ବିଧେୟକ ଅସମ୍ପୂର୍ଣ୍ଣ ବୋଲି ସେ କହିଥିଲେ। ଏଥିସହିତ ସେ ଜାତି ଜନଗଣନା ଉପରେ ମଧ୍ୟ ଜୋର୍ ଦେଇଥିଲେ। ଆଲୋଚନାରେ ୨୭ ମହିଳା ଭାଗନେଇ ମହିଳା ଏମ୍‌ପି ଭାଗ ନେଇଥିବାବେଳେ କେତେଜଣ ବିସ୍ଫୋରକ ବୟାନ ଦେଇଥିଲେ। ସରକାର ମହିଳାଙ୍କୁ ସମ୍ମାନ ଦେବାରେ ବିଫଳ ହୋଇଥିବା କହି ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ଡିଏମ୍‌କେ ଏମ୍‌ପି କାନିମୋଝି ଏବଂ ଏନ୍‌ସିପି ନେତ୍ରୀ ସୁପ୍ରିୟା ସୁଲେ କଡ଼ା ସମାଲୋଚନା କରିଥିଲେ। ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଏହାର ଜବାବ ରଖି ସରକାର ମହିଳାମାନଙ୍କ ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଉଥିବା କହିଥିଲେ। କଂଗ୍ରେସ ମହିଳା ସଂରକ୍ଷଣ ବିଲ୍‌କୁ ସମର୍ଥନ କରେ। ତୁରନ୍ତ ଏହାକୁ କାର୍ଯ୍ୟକାରୀ କରାଯିବା ଏବଂ ବୃହତ୍ କୋଟା ମଧ୍ୟରେ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ରଖିବାକୁ ସୋନିଆ ଦାବି କରିଥିଲେ। ସାଧାରଣ ନିର୍ବାଚନ ଆଉ ମାସ କେତେଟା ବାକି ଥିବାବେଳେ ଭାଜପା ମହିଳା ବିଲ୍‌ର ଶ୍ରେୟ ଦାବି କରୁଥିବାରୁ କଂଗ୍ରେସ ନେତ୍ରୀ ଓ ଅନ୍ୟ ବିରୋଧୀ ସଦସ୍ୟମାନେ ସମାଲୋଚନା କରିଥିଲେ। ମହିଳା ବିଲ୍ ଉପରେ ପ୍ରଥମେ ପୁରୁଷ ଏମ୍‌ପି ଭାଜପାର ନିଶିକାନ୍ତ ଦୁବେଙ୍କୁ କହିବା ଲାଗି ସୁଯୋଗ ଦିଆଯିବାରୁ ବିରୋଧରେ ଏହାର ପ୍ରତିବାଦ କରିଥିଲେ। ମହିଳା ପ୍ରସଙ୍ଗରେ ପୁରୁଷମାନେ କହିପାରିବେ ନାହିଁ କି ବୋଲି ଶାହା ପ୍ରଶ୍ନ କରିଥିଲେ। ସରକାର ଏବଂ ସମାଜ ମହିଳାଙ୍କୁ ସାଲ୍ୟୁଟ୍ କରିବା ବା ବନ୍ଦନ କରିବା ବନ୍ଦ କରି ସେମାନଙ୍କୁ ସମାନ ଭାବେ ଚାଲିବାକୁ ଦିଆଯାଉ ବୋଲି ଡିଏମ୍‌କେ ନେତ୍ରୀ କାନିମୋଝି କହିଥିଲେ। ଉପା ସରକାର ବେଳେ ୨୦୧୦ରେ ବିଲ୍ ଆଗତ ହୋଇଥିଲା ବୋଲି କହି ସୋନିଆ କଂଗ୍ରେସକୁ ଏହାର ଶ୍ରେୟ ଯିବା ଉଚିତ ବୋଲି କହିବାରୁ ଏହାର ଜବାବରେ ଇରାନୀ କହିଥିଲେ, ସଫଳତାର ଅନେକ ସ୍ରଷ୍ଟା ହେଲେ ବିଫଳତାର କେହି ନାହାନ୍ତି। ବିଲ୍ ଆସିବା ପରେ କେତେଜଣ ଏହାକୁ ଆମ ବିଲ୍ ଦାବି କରୁଥିବା ଭାଜପା ନେତ୍ରୀ କହିଥିଲେ।



## ୨୦୨୪ରେ କାର୍ଯ୍ୟକାରୀ କର: ବିଜେଡି

ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ପରେ ମହିଳା ସ୍ଥାନ ସଂରକ୍ଷଣ ବିଲ୍ କାର୍ଯ୍ୟକାରୀ କରାଯିବା ବ୍ୟବସ୍ଥାକୁ ନେଇ ବିଜୁ ଜନତା ଦଳ (ବିଜେଡି) ଅସନ୍ତୋଷ ବ୍ୟକ୍ତ କରିଛି। ୨୦୨୪ ସାଧାରଣ ନିର୍ବାଚନରୁ ଏହାକୁ କାର୍ଯ୍ୟକାରୀ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ସମ୍ବିଧାନ(୧୨୮ତମ ସଂଶୋଧନ) ବିଲ୍ ଆଲୋଚନାରେ ଭାଗନେଇ ବିଜେଡି ଏମ୍‌ପି ଶର୍ମିଷ୍ଠା ସେଠୀ କହିଥିଲେ, ମହିଳା ସଶକ୍ତୀକରଣ ଏକ ରାଜନୈତିକ ଥଟ୍ଟା ନୁହେଁ। ଆମେ ୭୫ ବର୍ଷ ଅପେକ୍ଷା କଲା ପରେ ଏବେ ଅଣାଯାଇଥିବା ବିଲ୍‌ରେ ଆଉ ୬ ବର୍ଷ ଅପେକ୍ଷା କରିବାକୁ କୁହାଯାଉଛି। ଏହା ଠିକ୍ ନୁହେଁ। ବୋଧହୁଏ ୨୦୨୯ ନିର୍ବାଚନ ପାଇଁ ଏହା କାର୍ଯ୍ୟସୂଚୀ ବୋଲି ବିଜେଡି ଏମ୍‌ପି କହିଥିଲେ। ସମ୍ବିଧାନ ସଂଶୋଧନ ବିଲ୍‌ରେ ଓବିସିଙ୍କୁ ଅଣଦେଖା କରାଯାଇଥିବାରୁ ବିଜେଡି ଅସନ୍ତୋଷ ପ୍ରକାଶ କରିଛି। ଏସ୍‌ସି/ଏସ୍‌ଟିଙ୍କ ପାଇଁ ସଂରକ୍ଷଣ ରହିଥିବାବେଳେ ଓବିସି ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ରଖାଯାଇ ନାହିଁ। ୪୨ ପ୍ରତିଶତ ଲୋକଙ୍କ ସ୍ୱାର୍ଥକୁ କିପରି ଅଣଦେଖା କରାଯାଉଛି ବୋଲି ଯାଜପୁର ଏମ୍‌ପି ପ୍ରଶ୍ନ କରିବା ସହ ଓବିସିଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିବାକୁ ସେ ଦାବି କରିଥିଲେ। ଐତିହାସିକ ବିଲ୍ ପାଇଁ ସେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶ୍ରେୟ ଦେଇଥିଲେ। ମହିଳା ବିଲ୍ ପାଇଁ ଓଡ଼ିଶା ମୁଖ୍ୟମନ୍ତ୍ରୀ ଦାବି କରିଆସୁଥିଲେ। ୨୦୧୮ରେ ଏଥିପାଇଁ ଓଡ଼ିଶା ବିଧାନସଭାରେ ପ୍ରସ୍ତାବ ଗୃହୀତ ହୋଇଥିଲା। ନବୀନ ୨୨ ଜଣ ପ୍ରତିନିଧିଙ୍କୁ ୨୨ ଦଳଙ୍କ ପାଖକୁ ପଠାଇଥିଲେ। ୨୦୧୯ ନିର୍ବାଚନରେ ବିଜେଡି ଏକତୃତୀୟାଂଶ ଆସନରେ ମହିଳାଙ୍କୁ ଟିକେଟ ଦେଇଥିଲା ବୋଲି ଶର୍ମିଷ୍ଠା କହିଛନ୍ତି। ବିଜେଡି ବିଲ୍‌କୁ ସମର୍ଥନ କରୁଥିବା ବିଜେଡି ଏମ୍‌ପି ରାଜଶ୍ରୀ ମଲ୍ଲିକ କହିଥିଲେ।

# ୨୬ରେ ପ୍ରାଥମିକ ଶିକ୍ଷକଙ୍କ ମହାସମାବେଶ

ଭୁବନେଶ୍ୱର,୨୦।୯(ଅସମାପିକା ସାହୁ)

ଥମୁନି ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ। ଦୁଇଟି ଶିକ୍ଷକ ସଂଘ ଆନ୍ଦୋଳନରୁ ଓହରିଯାଇଥିଲେ ମଧ୍ୟ ଏବେ ବି ୪୦ହଜାର ସ୍କୁଲରେ ପାଠପଢ଼ା ହେଉନାହିଁ। ଅପରପକ୍ଷେ ପ୍ରାଥମିକ ଶିକ୍ଷକଙ୍କ ଦାବି ପୂରଣ ନେଇ ସରକାର କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନେଉ ନ ଥିବାରୁ ଆଗକୁ ଏହି ଆନ୍ଦୋଳନ ଆହୁରି ତେଜିବ ବୋଲି ଚେତାବନୀ ଦିଆଯାଇଛି। ଆସନ୍ତା ୨୬ତାରିଖରେ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଭୁବନେଶ୍ୱରଠାରେ ମହାସମାବେଶ କରାଯିବ ବୋଲି ବୁଧବାର ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା ସୂଚନା ଦେଇଛନ୍ତି। ମହାସମାବେଶରେ ହଜାର ହଜାର ଶିକ୍ଷକ ସାମିଲ ହେବେ। ଦାବି ପୂରଣ ନ ହେବା ଯାଏଁ ସବୁ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ଜାରି ରହିବ। ଏବେ ୯ଟି ଶିକ୍ଷକ ସଂଘ ଆନ୍ଦୋଳନରେ ସାମିଲ ରହିଥିବା ବ୍ରହ୍ମାନନ୍ଦ କହିଛନ୍ତି। ଅପରପକ୍ଷେ ଆନ୍ଦୋଳନ ମଧ୍ୟରେ ବୁଧବାର ପ୍ରଥମ ଥର ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ଗଣତାନ୍ତ୍ରିକ ଦେଶରେ ଆନ୍ଦୋଳନ କରିବା ସମସ୍ତଙ୍କ ଅଧିକାର ଅଛି। କିନ୍ତୁ ନିଜ ଦାବି ପୂରଣ ପାଇଁ ଅନ୍ୟର ହକ୍ ଛଡ଼େଇନେବା ଅନୁଚିତ ବୋଲି ମନ୍ତ୍ରୀ କହିଛନ୍ତି।

ଗୋଟିଏ ପଟେ ଶିକ୍ଷକମାନେ ମହାସମାବେଶ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ ଅନ୍ୟପଟେ ଆନ୍ଦୋଳନରୁ ଓହରିଯାଇଥିବା ଶିକ୍ଷକ ସଂଘକୁ ଆଲୋଚନା ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଡକରା ଆସିଛି। ଏନେଇ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ମହାସଚିବ ଚାରୁଲତା ମହାପାତ୍ର କହିଛନ୍ତି, ଆମ ସଂଘ ତରଫରୁ ଡାକରା ଦିଆଯାଇ ଥିବା ଆନ୍ଦୋଳନ ଗତ ୧୮ତାରିଖରୁ ସ୍ଥଗିତ ରହିଛି। ଆନ୍ଦୋଳନବେଳେ ମୁଖ୍ୟମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ହସ୍ତକ୍ଷେପ ଲୋଡ଼ାଯାଇଥିଲା। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୩ତାରିଖ ସନ୍ଧ୍ୟା ୫ଟାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆଲୋଚନା ଅନୁଷ୍ଠିତ ହେବ ବୋଲି ଚାରୁଲତା କହିଛନ୍ତି।






# ରବି ଫସଲ ପାଇଁ କାଳିଆ ସହାୟତା

ଭୁବନେଶ୍ୱର,୨୦।୯(ଅନିଲ ଦାସ)

## ମୁଖ୍ୟମନ୍ତ୍ରୀଙ୍କ ନୂଆଁଖାଇ ଭେଟି

- ୪୪.୫୬ ଲକ୍ଷ ଚାଷୀ ପାଇଲେ ୯୦୦ କୋଟି
- ୨୨ ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ପାଇଁ ଫସଲ ବୀମା ପ୍ରିମିୟମ୍ ଦେଇଛନ୍ତି ସରକାର

ପବିତ୍ର ନୂଆଁଖାଇ ପର୍ବ ଅବସରରେ ରାଜ୍ୟର ୪୪ ଲକ୍ଷ ୫୬ ହଜାର ଚାଷୀ ପରିବାର 'କାଳିଆ' ସହାୟତା ପାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭିଡିଓ କନ୍‌ଫରେନ୍ସ ଜରିଆରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ସହାୟତା ପ୍ରଦାନ କରିଛନ୍ତି। ରବି ଫସଲ ପାଇଁ ଏହି ସହାୟତା ଦିଆଯାଇଛି। ପ୍ରତ୍ୟେକ ଚାଷୀ ପରିବାରଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ୨୦୦୦ ଟଙ୍କା ଦିଆଯାଇଛି। ଏଥିରେ ୪୩ ଲକ୍ଷ ୮୮ ହଜାର କ୍ଷୁଦ୍ର ଓ ନାମମାତ୍ର ଚାଷୀ ଥିବାବେଳେ ୬୮,୭୫୦ ଜଣ ଭୂମିହୀନ ଚାଷୀ ପରିବାର ଅଛନ୍ତି। ଏଥିପାଇଁ ୯୦୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି।

ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ନୂଆଁଖାଇର ଶୁଭେଚ୍ଛା ଜଣାଇ କହିଛନ୍ତି, ଚାଷୀ ଆମର ଗୌରବ। ମୋ ରାଜ୍ୟର ଚାଷୀ ପରିବାର ସମ୍ମାନ ଓ ସ୍ୱାଭିମାନର ସହ ବଞ୍ଚନ୍ତୁ ବୋଲି ସେ ଚାହାନ୍ତି। ଏ ପର୍ଯ୍ୟନ୍ତ କାଳିଆ ଯୋଜନାରେ ରାଜ୍ୟର ଚାଷୀମାନଙ୍କୁ ୧୨,୫୦୦ କୋଟି ଟଙ୍କାର ସହାୟତା ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଚାଷୀ ପରିବାରର ପିଲାମାନେ ଡାକ୍ତର, ଇଞ୍ଜିନିୟର ହୋଇ ଭଲ ବୃତ୍ତିରେ ଯୋଗ ଦିଅନ୍ତୁ। ଏହାଦ୍ୱାରା ସେମାନେ ନିଜ ପରିବାର ପାଇଁ, ସାରା ରାଜ୍ୟ ପାଇଁ ସୁନାମ ଆଣିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, କାଳିଆ ସହାୟତା ପାଉଥିବା ଚାଷୀମାନଙ୍କ ପିଲାମାନଙ୍କୁ ରାଜ୍ୟ ସରକାର କାଳିଆ ଛାତ୍ରବୃତ୍ତି ପ୍ରଦାନ କରୁଛନ୍ତି। ଚାଷୀଙ୍କ ସୁବିଧା ପାଇଁ ରାଜ୍ୟ ସରକାର ଫସଲ ବୀମାର ପ୍ରିମିୟମ୍ ଦେଉଛନ୍ତି। ଏ ବର୍ଷ ୨୨ ଲକ୍ଷରୁ ଅଧିକ ଚାଷୀ ବୀମା ପାଇଁ ପଞ୍ଜୀକରଣ କରିସାରିଲେଣି। କାଳିଆ ସହାୟତାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ କୃଷି ପାଇଁ ବିହନ, ସାର, ରୋଗପୋକ ପାଇଁ ଔଷଧ ଓ ଯାନ୍ତ୍ରିକ ଉପକରଣ କିଣିବା ପାଇଁ ସିଧାସଳଖ ସହାୟତା ଦିଆଯାଉଛି। ଏହାସହିତ ଭୂମିହୀନ ଚାଷୀମାନଙ୍କୁ ବିଭିନ୍ନ ଜୀବିକା ପାଇଁ ଯଥା ଛେଳି, କୁକୁଡ଼ା, ବତକ ପାଳନ, ମହୁଚାଷ, ଛତୁଚାଷ ଆଦି ପାଇଁ ମଧ୍ୟ ଏହି ସହାୟତା ଦିଆଯାଉଛି।




ଏହି ଅବସରରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁ ରାଜ୍ୟରେ ଅନେକ କୃଷି କଲ୍ୟାଣ ଯୋଜନା କାର୍ଯ୍ୟକାରୀ ହେଉଛି। ସେଥିମଧ୍ୟରୁ କାଳିଆ ଯୋଜନା ସ୍ୱତନ୍ତ୍ର। ଏହି ଅବସରରେ ଢେଙ୍କାନାଳ ଆଇଜିଆଇଟି ସରାଙ୍ଗରେ ପଢୁଥିବା ଛାତ୍ରୀ ରାଣୀ ସାହୁ କହିଛନ୍ତି ଯେ କାଳିଆ ଛାତ୍ରବୃତ୍ତି ଯୋଗୁ ସେ ଆଜି ଇଞ୍ଜିନିୟରିଂ ପଢ଼ି ପାରିଛନ୍ତି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଛନ୍ତି।

ସେହିପରି ବଲାଙ୍ଗୀରର ଚାଷୀ ବିନୋଦ ପ୍ରଧାନ, ନବରଙ୍ଗପୁରର ଲଛମା ଭତରା ଓ ବାଲେଶ୍ୱର ଚାଷୀ ଗିରିଧାରୀ ଗିରି ପ୍ରମୁଖ କାଳିଆ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ସେମାନେ ଈଶ୍ୱରଙ୍କ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘଜୀବନ କାମନା କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉନ୍ନୟନ କମିଶନର ଅନୁ ଗର୍ଗ, ସମବାୟ ସଚିବ ଅରବିନ୍ଦ ଅଗ୍ରୱାଲ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କୃଷି ଓ କୃଷକ କଲ୍ୟାଣ ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ ଓ କୃଷି ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ।

# ୨ ମହିଳା ମାଓବାଦୀ ନିହତ

ମାଲକାନଗିରି,୨୦।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଦନ୍ତେୱାଡା ଜିଲା ଅରନପୁର ଥାନା ଅଞ୍ଚଳରେ ବୁଧବାର ପୋଲିସ ସହ ଗୁଳି ବିନିମୟରେ ୨ ମହିଳା ମାଓବାଦୀଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରୁ ଜଣେ ହେଲେ ମଲାଙ୍ଗର ଏରିଆ କମିଟି ସଦସ୍ୟା ତଥା ଏରିଆ ମିଲିସିଆ କମାଣ୍ଡର ଇନ୍ ଚିଫ୍ କୁମାରୀ ଲଖେ ଓରଫ ମାଡବି। ସେ ଦାନ୍ତେୱାଡା ଜିଲା କିରାଣ୍ଡୁଲ ଥାନା ଅନ୍ତର୍ଗତ ଚେନାଲ ପଟେଲପାରା ଗ୍ରାମର। ଅନ୍ୟ ଜଣେ ପ୍ଲାଟୁନ୍ ୨୪ ସଦସ୍ୟା ଡିଭିସିଏମ୍ ବିମଳାଙ୍କ ସୁରକ୍ଷା କର୍ମୀ ମଙ୍ଗଳୀ ପଡାମି। ସେ ବିଜାପୁର ଜିଲା ବାସାଗୁଡା ଥାନା ଅନ୍ତର୍ଗତ ପୈହାଗେଲୁର ଗ୍ରାମର ବୋଲି ପୋଲିସ କହିଛି।

ଦର୍ଭା ଡିଭିଜନ ମାଓବାଦୀମାନେ ନହାଡି ଜଙ୍ଗଲରେ ମେଳି ହୋଇଥିବା ସୂଚନା ପାଇ ପୋଲିସ ସେଠାରେ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲା। ତେବେ ପୋଲିସ ଆସିବା ଜାଣି ମାଓବାଦୀମାନେ ଗୁଳି ଚଳାଇଥିଲେ। ପାଲଟା ଜବାବରେ ପୋଲିସ ମଧ୍ୟ ଗୁଳି ଚାଳନା କରିଥିଲା। ପ୍ରାୟ ୧ ଘଣ୍ଟା ଉଭୟ ପକ୍ଷରୁ ଗୁଳି ଚାଳନା ହେବା ପରେ ମାଓବାଦୀମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ। ପରେ ପୋଲିସ ସର୍ଚ୍ଚ ଅପରେଶନ ସମୟରେ ୨ ଜଣ ମହିଳା ମାଓବାଦୀଙ୍କ ମୃତଦେହ ଜବତ ସହ ବିପୁଳ ପରିମାଣରେ ମାଓବାଦୀ ସାମଗ୍ରୀ ଜବତ କରିଥିଲା। ଜବତ ସାମଗ୍ରୀଗୁଡିକ ମଧ୍ୟରୁ ଗୋଟିଏ ଇନ୍‌ସାସ୍ ରାଇଫଲ, ଗୋଟିଏ ୧୨ ବୋର୍ ରାଇଫଲ, ୱାକିଟକି, ମାଓବାଦୀ କପଡ଼ା, ତାର, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ପୁସ୍ତିକା, ଔଷଧ, ଦୁଇଟି ଟିଫିନ ବାକ୍ସ, କିଟ୍ ବ୍ୟାଗ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି।






# କୋରାପୁଟ: ପ୍ରବଳ ବର୍ଷାରେ ୧୪ ଘର ଭାଙ୍ଗିଲା

କୋରାପୁଟ/ନନ୍ଦପୁର/ଦଶମନ୍ତପୁର/ ଜୟପୁର, ୨୦।୯(ଅମିତାଭ ବେହେରା/ ଶଙ୍କର ପୂଜାରୀ/ ଅରବିନ୍ଦ ନାୟକ/ ପବନ ପାଣିଗ୍ରାହୀ)

କୋରାପୁଟ ଜିଲାରେ ବୁଧବାର ୮୦୭.୪ ମି.ମି. ବର୍ଷା ହୋଇଛି। କୋରାପୁଟ ବ୍ଲକରେ ସର୍ବାଧିକ ୧୬୮ ମି.ମି.ବର୍ଷା ହୋଇଛି। ପ୍ରବଳ ବର୍ଷା ଯୋଗୁ ବୁଧବାର ସନ୍ଧ୍ୟା ସୁଦ୍ଧା କୋରାପୁଟ ସହର ଓ ବ୍ଲକ ଅଞ୍ଚଳରେ ୫ଟି ଘର ଭାଙ୍ଗିଥିବାବେଳେ ଅନ୍ୟ ସ୍ଥାନରେ ୯ଟି ଘର ଭାଙ୍ଗିଛି। ବର୍ଷା ଯୋଗୁ କୋରାପୁଟ ସହର ଦେଇ ବିଶାଖାପାଟଣା ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ରେଲୱେ ଓଭର ବ୍ରିଜ୍ ନିକଟରେ ୪ ଫୁଟ ପାଣି ପ୍ରବାହିତ ହେଉଛି। ଫଳରେ ଗାଡ଼ିମୋଟର ଚଳାଚଳରେ ଅସୁବିଧା ସୃଷ୍ଟି ହୋଇଛି। ବର୍ଷା ପ୍ରଭାବରେ ନନ୍ଦପୁର ବ୍ଲକ ଦେଇ ଯାଇଥିବା ଜୟପୁର-ବିଶାଖାପାଟଣା ରାଜ୍ୟ ରାଜପଥର କାଣ୍ଟି ଗ୍ରାମ ପୋଲ ଉପରେ ବର୍ଷାଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ପାହାଡ ତଳ ଜମିରେ ଚାଷ ହୋଇଥିବା ମାଣ୍ଡିଆ, ଆଳୁ ଓ ଅଦା ଚାଷ କ୍ଷତିଗ୍ରସ୍ତ ହୋଇଛି। ଥୁବା, କୁଲାରସିଂ, ବାଇଲିଗୁଡା ଗ୍ରାମରେ ବର୍ଷାଜଳ କେତେଜଣ ଲୋକଙ୍କ ଘରେ ବର୍ଷାପାଣି ପଶିଥିବା ଜଣାପଡ଼ିଛି।

ଦଶମନ୍ତପୁର ବ୍ଲକ ଚଣାବାଡ଼ ପଞ୍ଚାୟତ ଏସ୍. ଉଣ୍ଡାବାଡ଼ ଗ୍ରାମର ଅରସି ଜାନି, କେଲୁ ମିଣିଆକା, କାଶୀ ମୁସକା, କଂସାରୀ ଦିଶାରି ଓ ଶିତ୍ରୁ ଦିଶାରିଙ୍କ ଘରେ ପାଣି ପଶି ଖାଦ୍ୟଶସ୍ୟ ନଷ୍ଟ କରିଥିବା ଜଣାପଡିଛି। ଦଶମନ୍ତପୁର ବ୍ଲକକୁ ସଂଯୋଗ କରୁଥିବା ପେଡିସିଲ ପୁରୁଣା ପୋଲ ଉପରେ ବର୍ଷା ପାଣି ପ୍ରବାହିତ ହେଉଛି।


ପ୍ରବଳ ବର୍ଷା ଯୋଗୁ ବୁଧବାର ସକାଳେ ଜୟପୁର ଘାଟିରେ ଖସିଥିବା ପଥର।

## ଜୟପୁରରେ ଘାଟିରୁ ପଥର ଖସିଲା

ଜୟପୁର ଘାଟିରୁ ବୁଧବାର ପଥର ଖସିଛି। ତେବେ ପଥର ଖସିବା ସମୟରେ ଘାଟି ରାସ୍ତାରେ ଲୋକଙ୍କ ଯାତାୟାତ ନ ଥିବାରୁ କାହାର କିଛି କ୍ଷତି ହୋଇନାହିଁ। ଘାଟିରେ ସର୍ତ୍ତକ ହୋଇ ଗାଡ଼ି ଚଳାଇବାକୁ ପ୍ରଶାସନ ପକ୍ଷରୁ ଅବଗତ କରାଯାଇଛି।




**ଆଜିର ମନ୍ତବ୍ୟ**

କଂଗ୍ରେସ ମହିଳା ସଂରକ୍ଷଣ ବିଲ୍‌କୁ ସମର୍ଥନ କରେ। ତୁରନ୍ତ ଏହାକୁ କାର୍ଯ୍ୟକାରୀ କରାଯିବା ସହ ବୃହତ୍ କୋଟା ମଧ୍ୟରେ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରାଯାଉ। **-ସୋନିଆ ଗାନ୍ଧୀ, କଂଗ୍ରେସ ନେତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛନ୍ଦେ କଉଡ଼ି,**
**ବନ୍ଧେ ଧାନ।**

ବେପାର ବଣିଜରେ ମିଛ ବା ଛଳର ସାହାରା ନିଆଯାଇଥାଏ। ବ୍ୟବସାୟରେ ଟିକେ ମିଛ ସତ ନ କହିଲେ ଭଲ ବେପାର ହୋଇ ପାରି ନ ଥାଏ କି ଲାଭ ସେତେ ମିଳିପାରି ନ ଥାଏ। ସେହିପରି ଧାନ ଚାଷ ପାଇଁ ପାଣିର ଆବଶ୍ୟକତା ଅଧିକ। ଏପରିସ୍ଥଳେ ବନ୍ଧ ବାନ୍ଧି ଜମିରେ ଅଧିକ ପାଣି ଅଟକେଇ ରଖାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଛଅ ନଅ ତେର**
**ଯେବେ ଯିବ ଘର**
**ତେବେ କରିବ ଜର।**

ସାଧାରଣତଃ ଛଅ, ନଅ ଓ ତେର ଦିନରେ ଘରକୁ ଫେରିବାରେ ବାରଣ କରାଯାଇଥାଏ । କାରଣ ଏହି ଦିନଗୁଡିକରେ ଘରକୁ ଫେରିଲେ ଦେହ ଖରାପ ହେବାର ସମ୍ଭାବନା ରହିଥାଏ। ଏହା ଏକ ଅନ୍ଧବିଶ୍ୱାସ ହୋଇଥିଲେ ମଧ୍ୟ ଆଜିବି ଆମ ସମାଜରେ ପ୍ରଚଳିତ ହୋଇ ଆସୁଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ




# ଗଣେଶ ବିସର୍ଜନ ବେଳେ ମା’ ଆଗରେ ଭାସିଗଲା ପୁଅ

ରାୟଗଡ଼ା,୨୦।୯(ଆଶିଷ ରଞ୍ଜନ ପଣ୍ଡା)

ହସଖୁସିରେ ପରିବାର ସହ ମଙ୍ଗଳବାର ପାଳିଲେ ଗଣେଶପୂଜା। ବୁଧବାର ଅପରାହ୍ନରେ ମୂର୍ତ୍ତି ବିସର୍ଜନ ପାଇଁ ରାୟଗଡ଼ା ସହର ଉପକଣ୍ଠ ନାଗାବଳୀ ନଦୀକୁ ଯାଇଥିଲେ। ଅସାବଧାନତା ହେତୁ ମୂର୍ତ୍ତି ବିସର୍ଜନବେଳେ ଭାସିଗଲେ ମାଙ୍କଡ଼ଖୋଲା ବସ୍ତିର ଶ୍ରୀନିବାସ ଦିଲେଶ୍ୱର ରାଓଙ୍କ ପୁଅ ଶ୍ରୀନିବାସ ଅଶୋକ କୁମାର(୩୨)। ଅଶୋକ ଏବେ ନିଖୋଜ ଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯେ, ବୁଧବାର ଅପରାହ୍ନ ୩ଟାରେ ଅଶୋକ ମାଆଙ୍କ ସହ ନାଗାବଳୀ ନଦୀରେ ଗଣେଶ ମୂର୍ତ୍ତି ବିସର୍ଜନ କରିବାକୁ ଯାଇଥିଲେ। ମା’ ଉପରେ ଛିଡ଼ା ହୋଇଥିବାବେଳେ ଅଶୋକ ମୂର୍ତ୍ତି ବିସର୍ଜନ କରିବାକୁ ପାଣି ଭିତରକୁ ଯାଇଥିଲେ। ପ୍ରବଳ ବର୍ଷାରେ ନଦୀ କୂଳରେ ମାଟି ଖସଡ଼ା ଓ ଶିଉଳି ହୋଇଥିବାରୁ ସେ ପାଣିକୁ ଖସି ପଡ଼ିଥିଲେ। ନଦୀର ସ୍ରୋତ ପ୍ରବଳ ଥିବାରୁ ସେ ଭାସିଯାଇଥିଲେ। କୂଳ ଉପରେ ଛିଡ଼ା ହୋଇଥିବା ଅଶୋକଙ୍କ ମା’ ତାଙ୍କୁ ବଞ୍ଚାଇବାକୁ ଚିତ୍କାର କରିଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ନଦୀ ଭିତରେ ଖୋଜାଖୋଜି କରିଥିଲେ ମଧ୍ୟ ଅଶୋକଙ୍କ ପତ୍ତା ମିଳିପାରିନାହିଁ। ରାୟଗଡ଼ା ପୋଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଖବରପାଇ ଅଶୋକଙ୍କ ଗର୍ଭବତୀ ସ୍ତ୍ରୀ ଓ ସମ୍ପର୍କୀୟମାନେ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛନ୍ତି।

# ଗଣେଶ ପୂଜା ବାସି ଭୋଗ ଖାଇ ୫୮ ଜଣ ଅସୁସ୍ଥ

ବୌଦ୍ଧ/ପୁରୁଣାକଟକ,୨୦।୯- (ଅଜିତ କୁମାର ବାରିକ/ ସୁକାନ୍ତ କୁମାର ପଟ୍ଟନାୟକ )

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ତିଲେଶ୍ୱର ପଞ୍ଚାୟତର ମୁଷାଡ ଗ୍ରାମରେ ଗଣେଶ ପୂଜା ବାସି ଭୋଗ ଖାଇ ବୁଧବାର ୫୮ ଜଣ ଅସୁସ୍ଥ ହୋଇ ପଡିଛନ୍ତି । ଅସୁସ୍ଥଙ୍କ ମଧ୍ୟରେ ଅଧିକାଂଶ ମହିଳା ଓ ଶିଶୁ ଥିବା ଜଣାଯାଇଛି । ପ୍ରକାଶ ଯେ, ମୁଷାଡ ଗ୍ରାମରେ ଯୁବକମାନଙ୍କ ଦ୍ୱାରା ମଙ୍ଗଳବାର ଗଣେଶ ପୂଜା ପାଳନ କରାଯାଇଥିଲା। ଏହି ଗଣେଶ ପୂଜାରେ ଠାକୁରଙ୍କ ପାଖରେ ପୂଜା ହୋଇଥିବା ବାସି ଚୁଡ଼ା ଭୋଗକୁ ବୁଧବାର ପୂର୍ବାହ୍ନରେ ଗାଁ ଲୋକଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଥିଲା। ତେବେ ଭୋଗ ଖାଇବାର କିଛି ସମୟ ପରେ ଅଧିକାଂଶ ବ୍ୟକ୍ତି ବାନ୍ତି କରିବା ସହ ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ । ସମସ୍ତଙ୍କୁ ଚିକିତ୍ସା ପାଇଁ ପ୍ରଥମେ ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ମାତ୍ର ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଶଯ୍ୟା ନ ଥିବାରୁ ୨୫ ଜଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ୨୧ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାଯାଇଛି। ଅନ୍ୟମାନେ ଏବେ ବି ଚିକିତ୍ସାଧୀନ ଅଛନ୍ତି । ଏ ସମ୍ପର୍କରେ ଖବର ପାଇ ବୌଦ୍ଧ ଏନ୍‌ଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯାଇ ଅସୁସ୍ଥ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିବା ବେଳେ ସ୍ଥିତି ଅନୁଧ୍ୟାନ କରିଛନ୍ତି ।

# ଆଲଝିମର୍ସ: ସତର୍କତା ଜରୁରୀ

**ଆଜି ବିଶ୍ୱ ଆଲଝିମର୍ସ ଦିବସ**





ଆମେ ସମ୍ମୁଖୀନ ହେଉଥିବା ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରୁ ‘ଆଲଝିମର୍ସ’ ଅନ୍ୟତମ। ଆଲୋଏ ଆଲଝିମର୍ସ ନାମକ ଜଣେ ଡାକ୍ତରଙ୍କ ନାମରେ ଏହି ରୋଗଟି ନାମିତ। କାରଣ ସେ ଥିଲେ ଏହି ରୋଗର ଆବିଷ୍କର୍ତ୍ତା। ହେଲେ ୧୯୦୭ ମସିହାରେ ଆବିଷ୍କୃତ ଏହି ରୋଗଟି ଚିକିତ୍ସା ବିଜ୍ଞାନୀଙ୍କର ସ୍ୱୀକୃତି ପାଇଲା ଆବିଷ୍କାରର ୭୦ ବର୍ଷ ପରେ। ଆଲଝିମର୍ସ ରୋଗକୁ ନେଇ ବିଜ୍ଞାନୀମାନଙ୍କର ବଡ଼ ମୁଣ୍ଡ ବ୍ୟଥା। କାରଣ ଏବେ ପ୍ରତ୍ୟେକ ସୁସ୍ଥ ବୟସ୍କ ବ୍ୟକ୍ତି, ତାଙ୍କର ଆତ୍ମୀୟ ଏବଂ ଚିକିତ୍ସାବିତ୍‌ମାନଙ୍କୁ ଏହି ରୋଗଟି ବଡ଼ ଆତଙ୍କିତ କରି ରଖିଛି। ଉକ୍ତ ରୋଗରେ ସ୍ମରଣଶକ୍ତି ଲୋପ ପାଇଯିବା ହେଉଛି ପ୍ରଧାନ ଲକ୍ଷଣ। ରୋଗ ହେଲେ ରୋଗୀର ଶରୀର ଓ ମନ ପରସ୍ପରଠାରୁ ବିଚ୍ଛିନ୍ନ ହୋଇପଡ଼ିବା ଭଳି ଅବସ୍ଥା ଉପୁଜିଥାଏ। ତେଣୁ ଏହାକୁ କୁହାଯାଉଛି ‘ମନ ହଜି ଯାଇଥିବା ରୋଗ’ ଓ ରୋଗୀକୁ କୁହାଯାଉଛି ‘ମନ ନ ଥିବା ମଣିଷ’। ରୋଗୀଠାରେ ସ୍ମୃତିଶକ୍ତି, ବିଶେଷକରି ସଦ୍ୟ ସ୍ମୃତି ଲୋପ ପାଇଯିବାରୁ ତାହାର ଜୀବନ ହୋଇଉଠେ ଦୁର୍ବିସହ। ଏକ ଅଭିଶପ୍ତ ଜୀବନକୁ ବୋହି ସେ ହୁଏ ଶ୍ମଶାନବାସୀ। ପ୍ରତିବର୍ଷ ସେପ୍ଟେମ୍ବର ୨୧ରେ ପାଳିତ ହୋଇଥାଏ ‘ବିଶ୍ୱ ଆଲଝିମର୍ସ ଦିବସ’। ଏହି ଦିବସ ଅବସରରେ ଚଳିତ ବର୍ଷର ପ୍ରସଙ୍ଗ ରହିଛି -‘ନେଭର ଟୁ ଅର୍ଲି ନେଭର ଟୁ ଲେଟ୍’ ଅର୍ଥାତ୍, ‘ଅତି ସଅଳ ନୁହେଁ କି ଅତି ଉଚ୍ଛୁର ନୁହେଁ’। ସୁତରାଂ ଆଲଝିମର୍ସ ପ୍ରତି ସତର୍କ ରହିବା ନିହାତି ଜରୁରୀ। ପାଶ୍ଚାତ୍ୟ ଅଧିବାସୀଙ୍କ ତୁଳନାରେ ଆମ ଦେଶରେ ଆଲଝିମର୍ସ ରୋଗୀ ସଂଖ୍ୟା ଯଥେଷ୍ଟ କମ୍।

ଆଲଝିମର୍ସ ରୋଗ ପ୍ରକାଶ ପାଏ ୫୦ ବର୍ଷ ବୟସ ପରେ। ରୋଗ ହେଲେ ମସ୍ତିଷ୍କର ସ୍ନାୟୁ କୋଷଗୁଡ଼ିକରେ ଜମିଯାଏ ବିଟା-ଆମିଲଏଡ୍ ନାମକ ଏକ ପ୍ରୋଟିନ୍ ଖଣ୍ଡମାନ। ଏହି ବିଟା-ଆମିଲଏଡ୍ ଜମିବା ଫଳରେ ସ୍ମୃତିହାନି ଜାତ ହେବା ସ୍ୱାଭାବିକ। ରୋଗୀ ମସ୍ତିଷ୍କରେ ସ୍ନାୟୁକୋଷମାନ ମରିଯାଆନ୍ତି। ଛିନ୍ନ ହୋଇଯାଏ ସ୍ନାୟୁକୋଷ-ସ୍ନାୟୁକୋଷ ମଧ୍ୟରେ ଥିବା ସଂଯୋଗ। ଫଳରେ ସ୍ନାୟୁକୋଷ ଏବଂ ସ୍ନାୟୁ ସଂଯୋଗ ହୋଇପଡ଼ନ୍ତି କାର୍ଯ୍ୟରହିତ। ତେବେ ମସ୍ତିଷ୍କର ସବୁ ଅଞ୍ଚଳରେ ଏଭଳି ପରିବର୍ତ୍ତନ ପରିଲକ୍ଷିତ ନ ହୋଇ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସ୍ନାୟୁକୋଷରେ ପରିଲକ୍ଷିତ ହୁଏ ପରିବର୍ତ୍ତନ। ପରିବର୍ତ୍ତିତ ହେଉ ନ ଥିବା ମସ୍ତିଷ୍କ ଅଞ୍ଚଳ ସୁସ୍ଥତାର ସହ କାର୍ଯ୍ୟ କରିଚାଲିବା ସତରେ ଏକ ବୈଜ୍ଞାନିକ ବିସ୍ମୟ! ହେଲେ ସ୍ନାୟୁକୋଷଗୁଡିକରେ ଜାତ ଅସ୍ୱାଭାବିକତାକୁ ପ୍ରଭାବିତ କରିଥାଏ ରୋଗୀର ଜିନ୍, ପରିବେଶ ଓ ତାହାର ଜୀବନଶୈଳୀ। ପୁଣି ରୋଗୀଭେଦରେ ଏହି ପ୍ରଭାବରେ ପରିଲକ୍ଷିତ ହୋଇଥାଏ ଭିନ୍ନତା।

ଜାଣିରଖିବା କଥା ଯେ, ଆଲଝିମର୍ସର ଲକ୍ଷଣ ପ୍ରକାଶ ପାଇବା ପୂର୍ବରୁ ମସ୍ତିଷ୍କରେ ରୋଗଟିର ମୂଳଦୁଆ ପଡ଼ିସାରିଥାଏ। ରୋଗୀ ଅନେକ କଥା ସହଜରେ ମନେ ପକେଇ ପାରେନି। ଭୁଲିଯାଏ ସେମାନଙ୍କ ନାଁ। ଘର ଛାଡି ବାହାରକୁ ଯାଇଥିଲେ ଫେରିବା ରାସ୍ତାକୁ ଠଉରେଇ ନ ପାରି ଘରକୁ ଫେରିପାରେନି। ପଇସାପତ୍ର ଧାର ଆଣିଥିଲେ ତାହାକୁ ପରିଶୋଧ କରିବାକୁ ଭୁଲିଯାଏ। କଥାବାର୍ତ୍ତା କରିବା ସମୟରେ ଠିକ୍ ଶବ୍ଦ ଠିକ୍ ଜାଗାରେ ମୁଣ୍ଡକୁ ଢୁକି ନ ଥାଏ। ଏପରି କି ଆତ୍ମୀୟଙ୍କ ମୃତ୍ୟୁରେ ବି ତା’ଠାରେ କୌଣସି ପ୍ରତିକ୍ରିୟା ପରିଲକ୍ଷିତ ହୋଇ ନ ଥାଏ।

ବୟସ ୬୫ରୁ ଊର୍ଦ୍ଧ୍ୱ ହୋଇଗଲେ ଆଲଝିମର୍ସ ବାହାରିବା ଆଶଙ୍କା ବେଶି। ପୁରୁଷମାନଙ୍କ ଅପେକ୍ଷା ମହିଳାମାନେ ଏବଂ ଶିକ୍ଷିତ ବ୍ୟକ୍ତିଙ୍କ ଅପେକ୍ଷା ଅଶିକ୍ଷିତ ବ୍ୟକ୍ତି ରୋଗଟି ପ୍ରତି ବେଶୀ ସମ୍ବେଦନଶୀଳ। ଏପରିକି ୨୦୫୦ ମସିହା ବେଳକୁ ଆଲଝିମର୍ସ ରୋଗୀଙ୍କ ସଂଖ୍ୟା ତିନିଗୁଣ ବଢ଼ିଯାଇଥିବ ବୋଲି ଆକଳନ କରାଗଲାଣି। ସୁତରାଂ କାଳ ବିଳମ୍ବ ନ କରି ଏଥିପ୍ରତି ସତର୍କ ହୋଇଯିବା ବାଞ୍ଛନୀୟ। ତେବେ ଏହି ରୋଗଟିକୁ ସଅଳ ଚିହ୍ନଟ କରାଯାଇପାରୁନି କି ରୋଗରୁ ଉପଶମ ମିଳିପାରୁନି। ତେବେ ନିୟମିତ ବହି ଓ ଖବରକାଗଜ ପଢ଼ିବା, ସଭାସମିତିରେ ଯୋଗଦେବା, ଗପ କବିତା ଲେଖିବା, ନୂଆ ଭାଷା ଶିଖିବା, ଚିତ୍ର ଆଙ୍କିବା ଏବଂ ନୂଆ ନୂଆ ରୁଚିରେ ମନ ଦେବା ଦ୍ୱାରା ରୋଗର ଆଗମନକୁ ବିଳମ୍ବିତ କରାଯାଇପାରେ। ତେବେ ଏହି ରୋଗ ପ୍ରକାଶ ପାଇଲେ ପରିବାର ସମସ୍ୟା ବହୁତ ବଢ଼ିଯାଏ। ତେଣୁ ବ୍ୟକ୍ତିଗତସ୍ତରରେ ପ୍ରତ୍ୟେକ ସୁସ୍ଥ ଜୀବନଶୈଳୀ ଅବଲମ୍ବନ କରିବା ଅପରିହାର୍ଯ୍ୟ।

**-ଡା. ନିତ୍ୟାନନ୍ଦ ସ୍ୱାଇଁ**
ଅଭୀପ୍‌ସା, ସେକ୍ଟର-୬, ପ୍ଲଟ୍ ନଂ-୧୧୩୧, ଅଭିନବ ବିଡ଼ାନାସୀ, କଟକ-୧୪

## ଗଣେଶପୂଜା ଭୋଗ ଖାଇ ଝାଡ଼ାବାନ୍ତିରେ ୫୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

ବାହାନାଗା, ୨୦।୯ (ଅରୂପ କୁମାର ଦାସ)

ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ପଣପଣା ପଞ୍ଚାୟତ ସରସତିଆ ଗ୍ରାମରେ ଗଣେଶ ପୂଜାରେ ଚୂଡ଼ା ଭୋଗ ଖାଇ ଝାଡ଼ାବାନ୍ତିରେ ୫୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ଗ୍ରାମର ଜେନା ସାହିରେ ଗତ ମଙ୍ଗଳବାର ସାହିବାସିନ୍ଦା ମିଶି ଗଣେଶ ପୂଜା କରିଥିଲେ। ପୂଜା ପରେ ସନ୍ଧ୍ୟାରେ ଚୂଡ଼ା ଭୋଗ ହୋଇଥିଲା। ଭୋଗ ଖାଇ ଲୋକେ ରାତିରେ ଶୋଇ ଥିଲେ। ବୁଧବାର ଭୋର ସମୟରେ ଭୋଗ ଖାଇଥିବା ୫୦ଜଣଙ୍କୁ ଝାଡାବାନ୍ତି ଆରମ୍ଭ ହୋଇଯାଇଥିଲା। ଗ୍ରାମବାସୀ ଅଟୋ ଯୋଗେ ଗୁରୁତରଙ୍କୁ ଖନ୍ତାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ୩୦ଜଣ ଗୁରୁତର ଚିକିତ୍ସିତ ହେଉଛନ୍ତି। ଅନ୍ୟମାନଙ୍କୁ ବାଲେଶ୍ୱରରେ ଓ ଗ୍ରାମରେ ଚିକିତ୍ସା କରାଯାଉଛି। ଖବରପାଇ ସ୍ୱାସ୍ଥ୍ୟ କର୍ମୀ ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ଗୋଟିଏ ମେଡିକାଲ ଟିମ୍ ସରସତିଆ ଜେନା ସାହିରେ ପହଞ୍ଚି ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

## କନିଷ୍ଠ ଶିକ୍ଷକ ନିଯୁକ୍ତି: ଆବେଦନ ବୟସ ବୃଦ୍ଧି କରାଯାଉ

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି**

ଭୁବନେଶ୍ୱର, ୨୦।୯ (ଅସମାପିକା ସାହୁ)

କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ଆବେଦନ ବୟସ ବୃଦ୍ଧି କରିବା ପାଇଁ ଦାବି ହୋଇଛି। ଏ ନେଇ ଆଶାୟୀ ପ୍ରାର୍ଥୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ସେମାନଙ୍କ କହିବାନୁସାରେ, କନିଷ୍ଠ ନିଯୁକ୍ତି ପାଇଁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ଆବେଦନ ବୟସ ସୀମା ୨୦୨୩ ସେପ୍ଟେମ୍ବର ୧୧କୁ ୩୮ବର୍ଷ ରଖାଯାଇଛି। ଏହାଦ୍ୱାରା ବହୁ ମେଧାବୀ ଛାତ୍ରୀଛାତ୍ର ଆବେଦନରୁ ବଞ୍ଚିତ ହେଉଛନ୍ତି। ଏହାର କାରଣ ହେଉଛି ପ୍ରତିବର୍ଷ କନିଷ୍ଠ ଶିକ୍ଷକ ନିଯୁକ୍ତି ହେଉନାହିଁ। ଦୀର୍ଘ ୭ବର୍ଷ ପରେ ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇଛି। ଫଳରେ ବହୁ ମେଧାବୀ ଆଶାୟୀ ପ୍ରାର୍ଥୀଙ୍କ ବୟସସୀମା ଅତିକ୍ରାନ୍ତ ହୋଇଯାଇଛି। ଏପଟେ ଓଏସ୍‌ଏସ୍‌ସି, ଓପିଏସ୍‌ସି, ଓଏସ୍‌ଏସ୍‌ଏସ୍‌ସି ଓ ରେଗୁଲାର ଶିକ୍ଷକଙ୍କ ଆବେଦନ ବୟସ ସୀମା ୨୦୨୩ ଜାନୁୟାରୀ ୧କୁ ଧାର୍ଯ୍ୟ କରାଯାଇଛି। ତେଣୁ ଏହାକୁ ବିଚାରକୁ ନେଇ କନିଷ୍ଠ ଶିକ୍ଷକଙ୍କ ଆବେଦନର ବୟସସୀମା ବୃଦ୍ଧିକରି ୨୦୨୩ ଜାନୁୟାରୀ ୧କୁ ୩୮ବର୍ଷ ରଖାଯାଉ। ଫଳରେ ବହୁ ବର୍ଷ ଧରି ଚାକିରି ପାଇଁ ଅପେକ୍ଷା କରିଥିବା ଆଶାୟୀ ପ୍ରାର୍ଥୀ ଉପକୃତ ହେବେ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଜିପ୍‌ରେ ଆଣି ...

ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ତ୍ରିନାଥଙ୍କ ମୃତ୍ୟୁ କେମିତି ହେଲା, ତାଙ୍କୁ କିଏ ଓ କାହିଁକି ଏଠାରେ ଆଣି ଫିଙ୍ଗିଦେଲେ, ତାକୁ ନେଇ ପୋଲିସ ଖୋଳତାଡ଼ ଚଳାଇଛି। ଥାନାଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ପରିଚୟ ମିଳିବା ପରେ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ସନ୍ଧ୍ୟାସୁଦ୍ଧା କେହି ପହଞ୍ଚି ନାହାନ୍ତି। ତେବେ ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି।

### କାନାଡାରେ ...

ହିନ୍ଦୁମାନେ, କାନାଡା ଏବଂ କାନାଡୀୟ ସମ୍ବିଧାନ ପ୍ରତି ତୁମମାନଙ୍କର ନିଷ୍ଠାକୁ ଅସ୍ୱୀକାର କରିଛନ୍ତି। ତୁମ ଲକ୍ଷ୍ୟସ୍ଥଳ ଭାରତ। କାନାଡା ଛାଡ଼ି ଭାରତ ଚାଲିଯାଅ’। ଖଲିସ୍ତାନୀ ସପକ୍ଷବାଦୀ ଶିଖ୍‌ମାନେ ସବୁବେଳେ କାନାଡା ପ୍ରତି ଅନୁଗତ। ସେମାନେ ସବୁବେଳେ କାନାଡା ପକ୍ଷ ନେବା ସହ ଆଇନ ଓ ସମ୍ବିଧାନକୁ ମାନି ଆସିଥିବା ପନ୍ନୁନ କହିଛନ୍ତି। ନିଜାର ହତ୍ୟା ପାଇଁ ଭାରତୀୟ ଉଚ୍ଚାୟୁକ୍ତ ବର୍ମା ଦାୟୀ କି ନୁହନ୍ତି, ଏହା ଉପରେ ଗଣଭୋଟ ପାଇଁ ଅକ୍ଟୋବର ୨୯ରେ ସମସ୍ତ କାନାଡୀୟ ଶିଖ୍‌ମାନେ ଭାଙ୍କୋଭରରେ ଏକାଠି ହେବାକୁ ପନ୍ନୁନ ଆହ୍ୱାନ ଦେଇଛନ୍ତି। କାନାଡାର କେତେକ ଅଞ୍ଚଳରେ ଭାରତ ବିରୋଧୀ କାର୍ଯ୍ୟକଳାପ ଚାଲିଥିବାରୁ ଏହାକୁ ଦୃଷ୍ଟିରେ ରଖି ସେଠାରେ ଥିବା ଭାରତୀୟମାନେ ଏବଂ ସେଠାକୁ ଯିବାକୁ ଯୋଜନା କରିଥିବା ନାଗରିକମାନେ ଯଥେଷ୍ଟ ସତର୍କ ରହିବାକୁ ନୂଆଦିଲ୍ଲୀ ବୁଧବାର ସତର୍କ କରାଇଦେଇଛି। କାନାଡାରେ ଘୃଣିତ ଅପରାଧ ଓ ହିଂସାକୁ ଭାରତ ନିନ୍ଦା କରିଛି। ସେଠାରେ ଥିବା ଭାରତୀୟ ବିଶେଷ କରି ଛାତ୍ରୀଛାତ୍ର ଅଧିକ ସତର୍କ ରହିବା ଆବଶ୍ୟକ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ଜାରି କରିଥିବା ଆଡଭାଇଜରିରେ ପରାମର୍ଶ ଦିଆଯାଇଛି। ସେଠାରେ ଭାରତ ବିରୋଧୀ କାର୍ଯ୍ୟସୂଚୀକୁ ବିରୋଧ କରୁଥିବା ଭାରତୀୟ କୂଟନୀତିଜ୍ଞ ଏବଂ କେତେଜଣ ଭାରତୀୟଙ୍କୁ ଟାର୍ଗେଟ କରାଯାଉଛି। ଭାରତୀୟଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଲାଗି ଭାରତର ଉଚ୍ଚାୟୁକ୍ତ ଏବଂ କନ୍‌ସୁଲେଟ ଜେନେରାଲ କାନାଡ଼ା କର୍ତ୍ତୃପକ୍ଷଙ୍କ ସହ ନିୟମିତ ଯୋଗାଯୋଗରେ ରହିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ଭାରତର ବିଭିନ୍ନ ଅଞ୍ଚଳକୁ ଯାଉଥିବା କାନାଡା ନାଗରିକମାନେ ସତର୍କ ରହିବାକୁ ଟ୍ରୁଡୋଙ୍କ ସରକାର ପରାମର୍ଶ ଦେବାର କିଛି ଘଣ୍ଟା ପରେ ନୂଆଦିଲ୍ଲୀ ସେଠାରେ ଥିବା ଭାରତୀୟଙ୍କୁ ସତର୍କ ରହିବାକୁ ଆଡଭାଇଜରି ଜାରି କରିଛି।

ଭାରତ-କାନାଡା କୂଟନୈତିକ ସମ୍ପର୍କ ଅଧିକ ଖରାପ ହେଉଥିବାରୁ ଏହା ଉପରେ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନରେ ଆଲୋଚନା କରିବାକୁ ବୁଧବାର ଏନ୍‌ସିପି ନେତ୍ରୀ ସୁପ୍ରିୟା ସୁଲେ ଦାବି କରିଛନ୍ତି। ଲୋକ ସଭାରେ ମହିଳା ସଂରକ୍ଷଣ ବିଲ୍ ଉପରେ ଆଲୋଚନା ଚାଲିଥିବାବେଳେ ସୁଲେ ଉକ୍ତ ପ୍ରସଙ୍ଗ ଉଠାଇଥିଲେ। ମହିଳା ବିଲ୍ ସମେତ ବର୍ତ୍ତମାନର ଅନୁରୂପ ପ୍ରାସଙ୍ଗିକ ପ୍ରସଙ୍ଗ ଉପରେ ମଧ୍ୟ ସ୍ୱତନ୍ତ୍ର ଅଧିବେଶନରେ ଆଲୋଚନା ହେବା ଆବଶ୍ୟକ ବୋଲି ଏନ୍‌ସିପି ଏମ୍‌ପି କହିଥିଲେ। ଶିଖ୍ ବିଚ୍ଛିନ୍ନତାବାଦୀ ନେତା ନିଜାରଙ୍କ ହତ୍ୟା ସହ ଭାରତ ସମ୍ପୃକ୍ତ ଥିବା ଟ୍ରୁଡୋ ଅଭିଯୋଗ ଆଣିଥିବାରୁ ଏହା ଅତ୍ୟନ୍ତ ଗମ୍ଭୀର ବିଷୟ ବୋଲି ଆମେରିକା କହିଛି। ତଦନ୍ତରେ ଓଟାଓ୍ୱାର ଉଦ୍ୟମକୁ ଓ୍ୱାଶିଂଟନ ସମର୍ଥନ କରିବା ସହ ନୂଆଦିଲ୍ଲୀ ଏଥିରେ ସହଯୋଗ କରିବାକୁ ପ୍ରୋତ୍ସାହିତ କରୁଥିବା ଆମେରିକାର ଜାତୀୟ ସୁରକ୍ଷା ପରିଷଦ କୋଅର୍ଡିନେଟର ଜନ୍ କିର୍ବି କହିଛନ୍ତି। ସେହିପରି ଅଷ୍ଟ୍ରେଲିଆ ମଧ୍ୟ କାନାଡାର ଅଭିଯୋଗ ଚିନ୍ତାଜନକ ବୋଲି ମତ ଦେବା ସହ ଏନେଇ ନୂଆଦିଲ୍ଲୀ ସହ ଆଲୋଚନା କରିବ ବୋଲି କହିଛି।

### କାନାଡା ଗାୟକଙ୍କ ମୁମ୍ବାଇ ସଙ୍ଗୀତ କାର୍ଯ୍ୟକ୍ରମ ବାତିଲ

ନୂଆଦିଲ୍ଲୀ,୨୦।୯

କାନାଡାର ପଞ୍ଜାବୀ ଗାୟକ ଶୁଭ ଜଣେ ଖଲିସ୍ତାନୀ ସମର୍ଥକ ହୋଇଥିବାରୁ ତାଙ୍କର ମୁମ୍ବାଇରେ ହେବାକୁ ଥିବା ସଙ୍ଗୀତ କାର୍ଯ୍ୟକ୍ରମକୁ ବାତିଲ କରିଦିଆଯାଇଛି। ସେ ପୂର୍ବରୁ ସୋସିଆଲ ମିଡିଆ ପୋଷ୍ଟରେ ଖଲିସ୍ତାନୀ ତତ୍ତ୍ୱଙ୍କୁ ସମର୍ଥନ କରିଥିବାରୁ ଭାରତରେ ତାଙ୍କ ପ୍ରତି ବିରୋଧାଭାସ ବଢ଼ିଛି। ଶୁଭଙ୍କ ଷ୍ଟିଲ୍ ରୋଲିନ୍ ଟୁର୍‌କୁ ବାତିଲ କରିଦିଆଯାଇଥିବାବେଳେ ଦର୍ଶକମାନଙ୍କ ଟିକେଟ ଅର୍ଥ ସମ୍ପୂର୍ଣ୍ଣ ଫେରସ୍ତ ହେବ ବୋଲି ବୁକ୍‌ମାଇଁଶୋ ପକ୍ଷରୁ ଘୋଷଣା କରାଯାଇଛି। ଖଲିସ୍ତାନୀ ନେତା ହରଦୀପ୍ ସିଂ ନିଜାର ହତ୍ୟାକାଣ୍ଡ ସହ ଭାରତ ସରକାରଙ୍କ ଏଜେଣ୍ଟର ସମ୍ଭାବ୍ୟ ସମ୍ପୃକ୍ତି ଥିବା କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଅଭିଯୋଗ ଆଣିବାର ଦୁଇଦିନ ପରେ କାନାଡା ଗାୟକଙ୍କ ସଙ୍ଗୀତ କାର୍ଯ୍ୟକ୍ରମକୁ ବାତିଲ କରିଦିଆଯାଇଛି।

### ପ୍ରମିଳା ବିଜେଡି ...

ସଂଖ୍ୟାଗରିଷ୍ଠ ଥିବାରୁ ପ୍ରମିଳା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ସମ୍ଭାବନା ରହିଛି। ଏଥିସହ ସେ ଓଡ଼ିଶା ବିଧାନସଭାର ପ୍ରଥମ ମହିଳା ବାଚସ୍ପତି ହେବାର ଗୌରବ ମଧ୍ୟ ଲାଭ କରିବେ। ପାର୍ଲାମେଣ୍ଟରେ ମହିଳା ସଂରକ୍ଷଣ ବିଲ୍ ପାରିତ ହୋଇଥିବା ବେଳେ ବିଜେଡି ପ୍ରଥମ ଥର ପାଇଁ ମହିଳା ବାଚସ୍ପତି ପ୍ରାର୍ଥୀ ଘୋଷଣା କରି ମାଷ୍ଟରଷ୍ଟ୍ରୋକ୍ ମାରିଛି। ଯାଜପୁର ଜିଲ୍ଲା ବିଞ୍ଝାରପୁରରୁ ପ୍ରମିଳା ୬ଥର ବିଧାୟିକା ଭାବେ ନିର୍ବାଚିତ ହୋଇଛନ୍ତି। ୧୯୯୦ରେ ସେ ପ୍ରଥମ ଥର ପାଇଁ ଜନତା ଦଳରୁ ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ତେବେ ସେ ୨୦୦୦ରୁ କ୍ରମାଗତ ବିଧାନସଭାକୁ ନିର୍ବାଚିତ ହୋଇ ଆସୁଛନ୍ତି। ୧୯୬୩ରେ ଜନ୍ମଗ୍ରହଣ କରିଥିବା ପ୍ରମିଳା ବିଜେଡିର ବହୁ ପଦପଦବୀ ସହ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀ ଦାୟିତ୍ୱ ତୁଲାଇ ସାରିଛନ୍ତି। ଏବେ ସେ ବିଜେଡିର ଉପସଭାପତି ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ସେ ସରକାରୀ ମୁଖ୍ୟ ସଚେତକ ଭାବେ ପ୍ରାୟ ୩ ବର୍ଷ ଧରି କାର୍ଯ୍ୟ କରିଛନ୍ତି। ୨୦୨୨ ଜୁନ୍‌ରେ ସେ ସରକାରୀ ମୁଖ୍ୟ ସଚେତକ ପଦରୁ ଇସ୍ତଫା ଦେଇଥିଲେ। ଏହା ପରେ ତାଙ୍କୁ ମୁଖ୍ୟମନ୍ତ୍ରୀ ନିଜ ମନ୍ତ୍ରିମଣ୍ଡଳରେ କ୍ୟାବିନେଟ ମନ୍ତ୍ରୀ ଭାବେ ସାମିଲ କରିଥିଲେ। ବାଚସ୍ପତି ପଦ ପାଇଁ ତାଙ୍କ ନାମ ଘୋଷଣା ହେବା ପରେ ଗଣମାଧ୍ୟମକୁ ପ୍ରମିଳା କହିଛନ୍ତି, ମୁଖ୍ୟମନ୍ତ୍ରୀ ତାଙ୍କୁ ବାଚସ୍ପତି ପ୍ରାର୍ଥୀ ଘୋଷଣା କରିଥିବାରୁ ସେ ବହୁତ ଖୁସି। ମୁଖ୍ୟମନ୍ତ୍ରୀ ତାଙ୍କ ଉପରେ ଭରସା କରିଥିବାରୁ ସେ କୃତଜ୍ଞ। ନିରପେକ୍ଷ ଭାବେ ସବୁ ଦଳକୁ ନେଇ ଗୃହ ଚଳାଇବାକୁ ଚେଷ୍ଟା କରିବେ। ମୁଖ୍ୟମନ୍ତ୍ରୀ ସବୁବେଳେ ମହିଳାମାନଙ୍କୁ ଆଗକୁ ନେବାକୁ ଉଦ୍ୟମ କରି ଆସିଛନ୍ତି। ମହିଳାଙ୍କୁ ସ୍ୱାବଲମ୍ବୀ ଓ ସଶକ୍ତ କରିବା ଦିଗରେ ତାଙ୍କ ଭୂମିକା ଅତୁଳନୀୟ। ମୁଖ୍ୟମନ୍ତ୍ରୀ ରାଜ୍ୟରେ ମହିଳାଙ୍କ ପାଇଁ ଯାହା କରିଛନ୍ତି ଦେଶରେ ଅନ୍ୟ କେହି କରିନାହାନ୍ତି। ପାର୍ଲାମେଣ୍ଟରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବାକୁ ସେ ବାରମ୍ବାର ଦାବି କରି ଆସୁଥିଲେ। ତାହା ଏବେ ଫଳପ୍ରଦ ହୋଇଛି। ସମ୍ବିଧାନ ବିଧି ବ୍ୟବସ୍ଥା ଅନୁଯାୟୀ, ସବୁ ଦଳକୁ ସାଥିରେ ନେଇ ଗୃହ କିପରି ସୁରୁଖୁରୁରେ ଚାଲିବ ସେନେଇ ଚେଷ୍ଟା କରିବେ ବୋଲି ପ୍ରମିଳା କହିଛନ୍ତି। ସୂଚନାଯୋଗ୍ୟ, ଗତ ଜୁନ୍ ୩ ତାରିଖରେ ବିକ୍ରମ କେଶରୀ ଆରୁଖ ବାଚସ୍ପତି ପଦରୁ ଇସ୍ତଫା ଦେବା ପରଠାରୁ ଉକ୍ତ ପଦବୀ ଖାଲିପଡ଼ିଛି। ବିଧାନସଭାର ଉପବାଚସ୍ପତି ରଜନୀକାନ୍ତ ସିଂ ଏବେ କାମଚଳା ବାଚସ୍ପତି ଭାବେ ଦାୟିତ୍ୱ ତୁଲାଉଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅଷ୍ଟମ ଚନ୍ଦ୍ରଜନିତ ଦୈହିକ ଓ ମାନସିକ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। ଋଣ ପରିଶୋଧ ସାଙ୍ଗକୁ ପୂର୍ବଶତ୍ରୁତା ଦୁଶ୍ଚିନ୍ତା ବୃଦ୍ଧି କରିବ। ଅବଶ୍ୟ ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଲାଭବାନ୍ ହେବେ। ଅଟକି ରହିଥିବା କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି।

**ବୃଷ** ଶନି ଓ ରାହୁଙ୍କ ପ୍ରଭାବରୁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ବିଭିନ୍ନ ଦିଗରୁ ଚାପର ସମ୍ମୁଖୀନ ହେବାକୁ ପଡ଼ିବ। ପାରିବାରିକ କ୍ଷେତ୍ରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇବା କାରଣରୁ ବ୍ୟସ୍ତତା ବଢ଼ିଯିବ। ରାଜନୀତି ଓ କ୍ରୀଡ଼ା ତଥା ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ମିଥୁନ** କୌଣସି ହୃଦୟବାନ୍ ବ୍ୟକ୍ତିଙ୍କ ସହାୟତାରୁ କାର୍ଯ୍ୟସିଦ୍ଧି ହେତୁ ମନ ପ୍ରଫୁଲ୍ଲ ରହିବ। ନୂତନ ଯାନବାହନ, ଗୃହ ଓ ଜମିଜମା, ପରିବହନ କ୍ଷେତ୍ରରେ ଉନ୍ନତି କରିବେ। ସ୍ଥିର ମନରେ କାମ କରନ୍ତୁ, ଦେଖିବେ ସବୁକିଛିର ସମାଧାନ ଆପଣାଛାଏଁ ହୋଇଯିବ। କର୍ମକ୍ଷେତ୍ରରେ ସହକର୍ମୀମାନେ ଅସହଯୋଗ କରିପାରନ୍ତି।

**କର୍କଟ** କର୍ମକ୍ଷେତ୍ରରେ ଅନ୍ୟମନସ୍କ ରହିବା କାରଣରୁ ବିଭିନ୍ନ ପ୍ରକାର ସମସ୍ୟାକୁ ଡାକି ଆଣିପାରନ୍ତି। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ପୁଷ୍ୟା ସଫଳତା ହାସଲ କରିବେ। ଆଇନ ଅଦାଲତ କ୍ଷେତ୍ରରେ ଟେନ୍‌ସନ ଦୂରେଇଯିବ। ବିଶେଷ ଭ୍ରମଣ ଓ କଠିନ ଶ୍ରମଜନିତ ସାମୟିକ ଅସୁସ୍ଥତା ଅନୁଭବ କରିବେ।

**ସିଂହ** ରାଶିରେ ବୁଧଙ୍କ ପ୍ରଭାବଜନିତ କାର୍ଯ୍ୟସିଦ୍ଧି ଓ ଆର୍ଥିକ ସାହାଯ୍ୟ ପାଇପାରିବେ। ବନ୍ଧୁଙ୍କ ପରାମର୍ଶକ୍ରମେ କୌଣସି ନୂତନ କାମର ଯୋଜନା କରିପାରନ୍ତି। ସହକର୍ମୀଙ୍କ ସହ ଆଲୋଚନା, ଖେଳ, ମଉଜ ମଜଲିସ୍‌ରେ ସମୟ କଟାଇବେ। ପରିବାର ଭିତରେ ସବୁକଥାକୁ ସନ୍ଦେହ କଲେ କ୍ଷତିରେ ପଡ଼ିବେ।

**କନ୍ୟା** ବଳବାନ୍ ରାଶ୍ୟାଧିପ ଆପଣଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଦକ୍ଷତା ପ୍ରଦାନ କରି ଗୌରବ ବିମଣ୍ଡିତ କରିବେ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ଆକସ୍ମିକ ଭାବେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠିତ ହେବା ସହିତ ଅର୍ଥ ସମ୍ପର୍କିତ ସମସ୍ୟା ସୁଧାରିନେବେ।

**ତୁଳା** ରାହୁ ଓ କେତୁଙ୍କ କୁପ୍ରଭାବରୁ ମନରେ ବିଭିନ୍ନ ପ୍ରକାର ଚିନ୍ତା ଉଙ୍କିମାରିବ କିନ୍ତୁ ପୂର୍ଣ୍ଣାଙ୍ଗ ହେବନାହିଁ। ତଥାପି କୌଣସି ନୂତନ କର୍ମାରମ୍ଭ କରିବେ ଓ ଏଥିରେ ସହଯୋଗ ଅବଶ୍ୟ ମିଳିବ। ପରିବାରର ଆବଶ୍ୟକତା ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। ବ୍ୟୟଭାର କ୍ରମଶଃ କମିଆସିବ ଓ ଏ ଦିଗରେ ବନ୍ଧୁ ସାହାଯ୍ୟ କରିପାରନ୍ତି।

**ବିଛା** ପାପଗ୍ରହମାନଙ୍କ ପ୍ରଭାବରେ ବିଭିନ୍ନ ପ୍ରକାର କାମରେ ବ୍ୟସ୍ତ ରହୁଥିବା ଯୋଗୁ ମାନସିକ ସ୍ଥିରତା ରହିବ ନାହିଁ। ବାକିଥିବା ଟଙ୍କା ପଇସାକୁ ନେଇ ବିତର୍କର ସମ୍ମୁଖୀନ ହେବାକୁ ପଡ଼ିପାରେ। ଘରୋଇ ବରାଦ ଅନୁଯାୟୀ କିଛି ମନୋରଞ୍ଜନ ଜିନିଷ କ୍ରୟ କରିବେ। ପାରିବାରିକ ସମସ୍ୟା ସମାଧାନରେ ସଫଳ ହେବେ।

**ଧନୁ** ଆପଣଙ୍କ କାର୍ଯ୍ୟଦକ୍ଷତା, କଳା କୁଶଳତା ଓ ବନ୍ଧୁବତ୍ସଳତା ମାନସିକ ସ୍ଥିରତା ପାଇଁ ଖୋରାକ ଯୋଗାଇବ। କିନ୍ତୁ ବ୍ୟବସାୟ କ୍ରମଶଃ ସମସ୍ୟା ବହୁଳ ହେବାରୁ ଚିନ୍ତିତ ରହିପାରନ୍ତି। ଭ୍ରମଣ, ସଙ୍ଗଠନ, ରାଜନୀତି ଓ ପ୍ରଶାସନ ପାଇଁ ଦିନଟି ବହୁତ ଭଲ। କର୍ମକ୍ଷେତ୍ରରେ ଉପଯୁକ୍ତ ଭାବେ ସମ୍ମାନିତ ହୋଇପାରନ୍ତି।

**ମକର** ଗୁରୁଚଣ୍ଡାଳ ଯୋଗ ପ୍ରଭାବରେ କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା ଦେଇ ଗତି କରିବାକୁ ପଡ଼ିବ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ପାରିବାରିକ ସମସ୍ୟାର ସରଳ ସମାଧାନ ଦିଗରେ ଆତ୍ମୀୟଙ୍କ ଭୂମିକା ଅବିସ୍ମରଣୀୟ ରହିବ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଅବଶ୍ୟ ଲକ୍ଷ୍ୟ ପୂରଣ ହେବ।

**କୁମ୍ଭ** ଶୁକ୍ରଙ୍କ ସୁପ୍ରଭାବରେ ନୂତନ ବନ୍ଧୁପ୍ରସ୍ତାବ ସ୍ଥିରୀକୃତ ହେବା କାରଣରୁ ମନ ଖୁସି ହୋଇଯିବ। କଳା, ସାହିତ୍ୟ, ଚଳଚ୍ଚିତ୍ରରେ ଉନ୍ନତି କରିବେ ଓ ପ୍ରଶଂସିତ ମଧ୍ୟ ହେବେ। ଆଜିର ଯାତ୍ରାରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ। ଗତକାଲିର ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇବେ।

**ମୀନ** କୌଣସି ସିଦ୍ଧାନ୍ତ ଗ୍ରହଣ ନ କରି ପରିସ୍ଥିତିକୁ ଲକ୍ଷ୍ୟକରି କାମକଲେ ଭଲ ହେବ। ଆଜିର କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ପାଖ ପଡ଼ୋଶୀଙ୍କ ସହାୟତାରୁ ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯାଇପାରେ। ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ।

ଆଜି ଭାଦ୍ରବ ଶୁକ୍ଳ ଷଷ୍ଠୀ ଗୁରୁବାର, ଶ୍ରୀମନ୍ଦିରରେ ବିମ୍ବାସୁର ବଧ ଓ କୁକ୍କୁଟୀ ବ୍ରତ, ଷଠୀ ଓଷା, ଷଷ୍ଠୀଦେବୀ ପୂଜା, ସେପ୍ଟେମ୍ବର ୨୧ ତାରିଖ, ଅନ୍ତର୍ଜାତୀୟ ଶାନ୍ତି ଦିବସ, ରାଶି ନକ୍ଷତ୍ର-ଅନୁରାଧା/ବିଛା, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ସପ୍ତମୀର ପାର୍ବଣ ଶ୍ରାଦ୍ଧ, ସକାଳ ୦୫।୩୮ମି. ଗତେ ଘ.୦୭।୧୫ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୧୦ମି. ଗତେ ଘ.୦୨।୪୦ମି. ମଧ୍ୟେ ରାହୁକାଳ ।।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୧ ସେପ୍ଟେମ୍ବର, ୨୦୨୩

ସାଧାରଣ ଜୀବନଟି ହେଉଛି-ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା। ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ତହିଁରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ। **-ଶ୍ରୀମା**



# ଡଲାରର ପ୍ରଭାବ



କାର୍ଲା ନୋରର୍ଲୋଫ୍

ଅନେକ ବିଶେଷଜ୍ଞ ବିଶ୍ୱାସ କରନ୍ତି, ପ୍ରାୟ ୮୦ ବର୍ଷ ଧରି ଚାଲିଆସୁଥିବା ଆମେରିକୀୟ ଡଲାରର ବିଶ୍ୱସ୍ତରୀୟ ପ୍ରଭାବ ଶେଷରେ ଶେଷହେବାକୁ ଯାଉଛି। ଏହା ଅସମ୍ଭବ ନୁହେଁ,କାରଣ ଅର୍ଥନୈତିକ ସଙ୍କଟ, ଦେଶୀୟ ଧ୍ରୁବୀକରଣ ବୃଦ୍ଧି ଏବଂ ଦୃଢ଼ ଭୂରାଜନୈତିକର ବିପରୀତସ୍ଥିତି ବାସ୍ତବରେ ମୁଦ୍ରାର ମାନ୍ଦାବସ୍ଥା ଆଣିପାରେ। କିନ୍ତୁ ଏଭଳି ଘଟିବା ସମ୍ଭାବନା ନାହିଁ। ଅନ୍ତର୍ଜାତୀୟ ମୁଦ୍ରା ବ୍ୟବସ୍ଥାର ଭବିଷ୍ୟତ ବିଷୟରେ ଚାଲିଥିବା ବିତର୍କ ସବୁବେଳେ ଗ୍ରୀନ୍‌ବ୍ୟାକ୍ (ମୁଦ୍ରା କାରବାରରେ ଜଡ଼ିତ ଆମେରିକୀୟ ଡଲାର)ର ପ୍ରଭାବକୁ ଗମ୍ଭୀରତାର ସହ ବୁଝିବାରେ ବିଫଳ ହୋଇଛି। ଏଣୁ ଏହା ସରକାରୀ ତଥା ବେସରକାରୀ ବଜାର ତଥା ବିଭିନ୍ନ ପ୍ରୋତ୍ସାହନ ରାଶିରେ ଥିବା ଡଲାରର ଭୂମିକାକୁ ବୁଝିବା ଦରକାର। ଯେତେବେଳେ ଯାଏ ସୁବିଧାବାଦ ଓ ଆତ୍ମ ସୁଦୃଢ଼ୀକରଣର ସମନ୍ୱୟ ଜାରି ରହିଛି ସେତେବେଳ ପର୍ଯ୍ୟନ୍ତ ଡଲାର ଏବଂ ଅନ୍ୟାନ୍ୟ ମୁଦ୍ରା ମଧ୍ୟରେ ରହିଥିବା ବୃହତ୍ ପ୍ରଭେଦକୁ କମ୍ କରିବା କଷ୍ଟସାଧ୍ୟ। ନିଶ୍ଚିତ ଯେ, ଡଲାରର ପ୍ରଭୁତ୍ୱ ପ୍ରତି ବିପଦ ରହିଛି। ବିଶ୍ୱର ଆର୍ଥିକ ବ୍ୟବସ୍ଥାରେ ଗ୍ରୀନ୍‌ବ୍ୟାକ୍‌ର ପ୍ରାଥମିକତା ଏବଂ ବ୍ୟାପକତା ଆମେରିକା, ଚାଇନା ଏବଂ ରୁଷିଆ ମଧ୍ୟରେ ଶକ୍ତି ସଂଗ୍ରାମର ଏକ ପ୍ରମୁଖ କାରଣ ବୋଲି ଯୁକ୍ତି କରାଯାଉଛି। ଏହି ଭୂରାଜନୈତିକ ଆହ୍ୱାନଗୁଡ଼ିକ ଉଚ୍ଚ ସୁଧ ହାର ଏବଂ ଆମେରିକାର ଧ୍ରୁବୀକରଣ ରାଜନୀତିର ପୃଷ୍ଠଭୂମିକୁ ନେଇ ଘଟୁଛି। ଏଣୁ ଗ୍ରୀନ୍‌ବ୍ୟାକ୍‌କୁ ହଟାଇବା ଲାଗି ଏକାଧିକ ସଂସ୍ଥା ବା ଦେଶ ଏକ ମହତ୍ତ୍ୱପୂର୍ଣ୍ଣ ମୁଦ୍ରା ପରିବର୍ତ୍ତନକୁ ସମର୍ଥନ କରିବା ଆବଶ୍ୟକ।

ଆମେରିକା ଏବଂ ସମ୍ଭବତଃ ଅନ୍ୟ ଦେଶଗୁଡ଼ିକ ଡଲାରକୁ ବିଶ୍ୱ ମୁଦ୍ରା ଭାବେ ଜାରି ରଖିବାରେ ସ୍ୱାର୍ଥ ନିହିତ ରହିଛି। ଆମେରିକୀୟମାନେ ଡଲାରର ସହଜ ଓ ସୁବିଧା କାରବାର, ସ୍ଥିତି ଅନୁଯାୟୀ ଆର୍ଥିକ ପରିବର୍ତ୍ତନ ଏବଂ ସଙ୍କଟ ସମୟରେ ବିଶ୍ୱର ସୁରକ୍ଷିତ ଦେଶ ଦର୍ଶାଇ ସେଥିରୁ ଲାଭବାନ ହେଉଛନ୍ତି। ଆମେରିକା ସରକାରଙ୍କ ପାଇଁ ମଧ୍ୟ ଏହା ଏକ ଅଣ-ସାମରିକ ବାଧ୍ୟତାମୂଳକ ଉପକରଣ ଭାବରେ କାର୍ଯ୍ୟ କରୁଛି। ଏଥିରେ ବିଶ୍ୱକୁ ନିୟନ୍ତ୍ରଣ କରିବା ସହ ସମ୍ମାନ ପାଉଛି। ତେବେ ଡଲାରର ପ୍ରାଧାନ୍ୟ ତଉଲିବା ଲାଗି ଅନେକ କାର୍ଯ୍ୟ ଉପରେ ଧ୍ୟାନଦେବାକୁ ପଡ଼ିବ। ବିନିମୟର ମାଧ୍ୟମଠାରୁ ଆରମ୍ଭ କରି ଆକାଉଣ୍ଟ ୟୁନିଟ୍,ଷ୍ଟୋର ଭାଲ୍ୟୁ, ଆମେରିକା ବାହାରେ ଗ୍ରୀନ୍‌ବ୍ୟାକ୍ ପ୍ରଦାନ କରୁଥିବା ସେବାକୁ ଦେଖିବାକୁ ହେବ। ସରକାର ଓ ମୁଦ୍ରା କର୍ତ୍ତୃପକ୍ଷ ଡଲାର ବ୍ୟବହାର କରି ବୈଦେଶିକ ମୁଦ୍ରା ବଜାରରେ ଜଟିଳ ସ୍ଥିତିରେ ନେଉଥିବା ପଦକ୍ଷେପ ଓ ଗଚ୍ଛିତ ସ୍ଥିତି ଉପରେ ନିରୀକ୍ଷଣ କରିବା ଆବଶ୍ୟକ। ତେବେ ବେସରକାରୀ ଆର୍ଥିକ ସଂସ୍ଥାଗୁଡ଼ିକ ବାଣିଜ୍ୟ ପ୍ରକ୍ରିୟା ଏବଂ ବୁଝମଣା ଓ ପୁଞ୍ଜି ନିବେଶ ପାଇଁ ଡଲାର ଉପରେ ନିର୍ଭର କରୁଛନ୍ତି। ଏହି ସବୁ ସଂସ୍ଥାଗୁଡ଼ିକର ଆଭ୍ୟନ୍ତରୀଣ କାର୍ଯ୍ୟ ଏବଂ ଭୂମିକାରେ ଡଲାର ତାହାର ଆଧିପତ୍ୟ ପ୍ରତିପାଦିତ କରିଛି।



ରିଜର୍ଭ ମୁଦ୍ରା ଭୂମିକାରେ ଡଲାର ଏହାର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ୟୁରୋଠାରୁ ବହୁ ଭଲ ପ୍ରଦର୍ଶନ କରୁଛି। ଜଟିଳ ସ୍ଥିତିରେ ବିଦେଶୀ ସରକାର ଏବଂ ମୁଦ୍ରା କର୍ତ୍ତୃପକ୍ଷ ଏହାକୁ ଏକ ବିନିମୟ ମୂଲ୍ୟ ଭାବେ ବ୍ୟବହାର କରନ୍ତି। ଡଲାରର ପ୍ରାଥମିକତା ପ୍ରତି ସରକାରଙ୍କ ଏଭଳି ନିଷ୍ପତ୍ତିଗୁଡ଼ିକ ଉପରେ ବିଚାର କରିବା ଦରକାର। ତେବେ ସରକାରୀ ସଂସ୍ଥାଗୁଡ଼ିକ ଡଲାର ପ୍ରଭାବରେ ବାଧା ଲାଗି ବୈଦେଶିକ ବିନିମୟରେ ସମନ୍ୱୟ ରଖି କାମ କରିପାରିବେ। କିନ୍ତୁ ଏଥିପାଇଁ ସାମୂହିକ ପଦକ୍ଷେପ ଆବଶ୍ୟକ। ବିକଳ୍ପ ପେମେଣ୍ଟ ସିଷ୍ଟମ ଏବଂ ଲିକ୍ୟୁଡିଟି ବ୍ୟବସ୍ଥା ଯଥା ଚାଇନାର କ୍ରସ୍-ବର୍ଡର ଇଣ୍ଟରବ୍ୟାଙ୍କ ପେମେଣ୍ଟ ସିଷ୍ଟମ (ସିପିଏସ୍) ଯାହା ଆମେରିକାର କ୍ଲିୟରିଂ ହାଉସ ଇଣ୍ଟରବ୍ୟାଙ୍କ ପେମେଣ୍ଟ ସିଷ୍ଟମ (ସିଏଚ୍‌ଆଇପିଏସ୍)ର ରେମିନି-ଆଧାରିତ ପ୍ରତିଦ୍ୱନ୍ଦ୍ୱୀ କିମ୍ବା ବ୍ରିକ୍ସ ଗୋଷ୍ଠୀର ବିକଶିତ ଅର୍ଥ ବ୍ୟବସ୍ଥାଗୁଡ଼ିକ ଦ୍ୱାରା ପ୍ରସ୍ତାବିତ ମିଳିତ ରିଜର୍ଭ କରେନ୍ସି ଭଳି ବିକଳ୍ପ ପେମେଣ୍ଟ ସିଷ୍ଟମଗୁଡ଼ିକୁ ସଫଳତାର ସହ ଲାଗୁ କରାଯାଇପାରିବ। ପ୍ରଶ୍ନ ହେଉଛି ଏହିପରି ସମନ୍ୱୟ ସମ୍ଭବ ହେବ ତ?

ଶୀତଳଯୁଦ୍ଧ ପରବର୍ତ୍ତୀ ସମୟରେ, ବିଦେଶୀ ମୁଦ୍ରା ଉପରେ ଅଧିକ ବିକାଶ କରିବେ କି ନାହିଁ ନିଷ୍ପତ୍ତି ନେବାବେଳେ ସରକାରଗୁଡ଼ିକ ଅର୍ଥନୈତିକ ବିଷୟଗୁଡ଼ିକ ଦ୍ୱାରା ଉତ୍ସାହିତ ହୋଇଥିଲେ। ଡଲାର ବଜାରର ଲିକ୍ୟୁଡିଟି ଏବଂ ବ୍ୟାପକତା ଗ୍ରୀନ୍‌ବ୍ୟାକ୍‌କୁ କେବଳ ବିକଳ୍ପ ଭାବେ ନୁହେଁ ,ବରଂ ଶସ୍ତାରେ ଏହାର ବ୍ୟାପକ ଉପଲବ୍ଧତାକୁ ନିଶ୍ଚିତ କରିଛି। ସରକାରୀ ଅନୁଷ୍ଠାନ ଏବଂ ବେସରକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ସକାରାତ୍ମକ ମତାମତ ସରକାର ଏବଂ ମୁଦ୍ରା କର୍ତ୍ତୃପକ୍ଷଙ୍କୁ କେନ୍ଦ୍ରୀୟ ବ୍ୟାଙ୍କରେ ଡଲାର ସଂଗ୍ରହ କରିବାକୁ ଉତ୍ସାହିତ କରିଛି। ଉଦାହରଣ ସ୍ୱରୂପ, ସଙ୍କଟ ସମୟରେ ବେସରକାରୀ ସଂସ୍ଥାଗୁଡ଼ିକ ଡଲାର ଯୋଗାଇବା ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ଉପରେ ନିର୍ଭର କରନ୍ତି, ବେଳେବେଳେ ଆମେରିକାର ଫେଡେରାଲ ରିଜର୍ଭ ମାଧ୍ୟମରେ ଏହା କରୁଛନ୍ତି। ବେସରକାରୀ ସଂସ୍ଥା ଡଲାର ପାଇବା ଓ ଉପଯୋଗ କରିବାର ଇଚ୍ଛା ସେମାନଙ୍କ ଅର୍ଥନୈତିକ ବିଚାର ଉପରେ ନିର୍ଭରକରେ। କିନ୍ତୁ ସେମାନେ ଏକ ବିକେନ୍ଦ୍ରୀକରଣ ବ୍ୟବସ୍ଥା ମଧ୍ୟରେ ଏକାଠି ରୁହନ୍ତି ଯେଉଁଥିରେ ପ୍ରତ୍ୟେକଟି ଏକ କ୍ଷୁଦ୍ର ଅଂଶର ଭାଗୀଦାରି ହୋଇଥାନ୍ତି। ବୃହତ୍ ଆର୍ଥିକ ପ୍ରତିଷ୍ଠାନଗୁଡିକ ମଧ୍ୟରେ ଥିବା ବିପୁଳ ଡଲାର ସମ୍ପତ୍ତି ବିଭିନ୍ନ ସଂସ୍ଥା ଦ୍ୱାରା ଜମା ହୋଇଥାଏ,ଯେଉଁଠି ସମ୍ମିଳିତ ଭାବରେ କାର୍ଯ୍ୟ କରିବାର କୌଣସି ବାଟ ନ ଥାଏ। ଏହିପରି, ଡଲାରର ବୈଶ୍ୱିକ ସ୍ଥିତିକୁ ଦୁର୍ବଳ କରାଯାଇପାରିବ ବୋଲି ସ୍ୱାଧୀନ ଭାବେ ନିଷ୍ପତ୍ତି ନିଆଯାଉଥିବାବେଳେ ସାମ୍ପ୍ରତିକ ବ୍ୟବସ୍ଥାକୁ ନଷ୍ଟକରିବା ପାଇଁ ବ୍ୟକ୍ତିଗତ ସ୍ତରରେ ଏକ ସୁଚିନ୍ତିତ ତଥା ସମନ୍ୱିତ ପ୍ରୟାସ ସମ୍ଭବ ହୋଇପାରୁନାହିଁ।

ଡଲାର ମୂଲ୍ୟରେ ଅବନତି ଆଣି ଗ୍ରୀନ୍‌ବ୍ୟାକ୍‌ର ସର୍ବନିମ୍ନ ଭୂମିକା ରହିବା ଭଳି ଏକ ନୂତନ ବିଶ୍ୱ ବ୍ୟବସ୍ଥା ଗଠନ କରିବାକୁ ହେଲେ ସମସ୍ତ ଉପଭୋକ୍ତାଙ୍କୁ ଚିରାଚରିତ ନେଟ୍‌ୱର୍କ ପ୍ରଭାବକୁ ଭାଙ୍ଗିବା ସହ ଏହାର ପରିଣାମ ଭୋଗିବାକୁ ପ୍ରସ୍ତୁତ ରହିବାକୁ ହେବ। ବିଭିନ୍ନ ଦେଶର ସରକାରଗୁଡ଼ିକୁ ଆମେରିକା ସହ ଅର୍ଥନୈତିକ ଏବଂ ରାଜନୈତିକ ସମ୍ପର୍କ ଛିନ୍ନ କରିବାକୁ ପଡିବ। ବ୍ରିକ୍ସର ପ୍ରତିଶ୍ରୁତି ପୂରଣ କରିବାକୁ ଏକ ବିକଳ୍ପ ରିଜର୍ଭ ମୁଦ୍ରା ଏବଂ ଦେୟ ବ୍ୟବସ୍ଥା ସୃଷ୍ଟି କରିବାକୁ ହେବ। ଉଦାହରଣ ସ୍ୱରୂପ, ବ୍ରିକ୍ସର ଅନେକ ସଦସ୍ୟଙ୍କୁ ଆମେରିକାର ବିନଯୋଗ ଏବଂ ଗ୍ରାହକ ଚାହିଦା ଉପରେ ନିର୍ଭରଶୀଳତାକୁ ବନ୍ଦ କରିବାକୁ ପଡ଼ିବ। ଏହିସବୁ ପଦକ୍ଷେପ ପ୍ରମୁଖ ଅର୍ଥନୈତିକ ସଂସ୍ଥାଗୁଡ଼ିକ ଭାଗୀଦାରି କିମ୍ବା ଛୋଟ ଛୋଟ ସଂସ୍ଥାଗୁଡ଼ିକ ଉପରେ ନିର୍ଭରକରେ। ପ୍ରମୁଖ ଅର୍ଥ ବ୍ୟବସ୍ଥାଗୁଡ଼ିକ ଏକାଠି ହେବା ସମ୍ଭବ ନୁହେଁ, କାରଣ ଚାଇନାକୁ ଛାଡି ସମସ୍ତେ ଡଲାର ବିନିମୟ ଧାରାକୁ ଆପଣାନ୍ତି। ଅନ୍ୟ ମୁଦ୍ରାର ପ୍ରାଧାନ୍ୟ ପ୍ରତିଷ୍ଠା ପୂର୍ବରୁ ଯଦି ସରକାର ଡଲାରକୁ ଛାଡ଼ିଦିଅନ୍ତି, ତେବେ ସଙ୍କଟ ସମୟରେ ସେମାନଙ୍କୁ ଲିକ୍ୟୁଡିଟି ହରାଇବାର ବିପଦ ରହିଛି। ଫଳରେ ଅନେକ ଛୋଟ ସଂସ୍ଥାଗୁଡ଼ିକ ଅନ୍ୟ ବାଟ ଧରିବାକୁ ଇଚ୍ଛା କରିପାରନ୍ତି।

କୌଣସି ପ୍ରତ୍ୟକ୍ଷ ଅର୍ଥନୈତିକ କ୍ଷତି ବିନା ଡଲାର ବ୍ୟବସ୍ଥାକୁ ରୋକିବା ପାଇଁ ଷଡ଼ଯନ୍ତ୍ର କରୁଥିବା ସରକାରଗୁଡ଼ିକ ଆମେରିକାର ସୁରକ୍ଷା ଗ୍ୟାରେଣ୍ଟି ହରାଇବାର ବିପଦ ସୃଷ୍ଟି କରୁଛନ୍ତି। ଏପରିକି ଯେଉଁ ଦେଶ ଆମେରିକାର ପ୍ରତିରକ୍ଷା ପ୍ରତିଶ୍ରୁତିରୁ ସିଧାସଳଖ ଲାଭବାନ୍ ହୁଅନ୍ତି ନାହିଁ, ସେମାନେ ବି ଏପରି ଭୟଙ୍କର ସାମରିକ ଶକ୍ତି ବିରୋଧରେ ଠିଆ ହେବାକୁ ଅନିଚ୍ଛା ପ୍ରକାଶ କରିବେ। ବିଶ୍ୱରେ ସରକାରୀ ଏବଂ ବେସରକାରୀ କାର୍ଯ୍ୟଗୁଡ଼ିକ ଉପରେ ଗ୍ରୀନ୍‌ବ୍ୟାକ୍ ଓ ଏଥିରେ ଜଡ଼ିତ ନେଟ୍‌ୱର୍କର ପ୍ରଭାବ ଏବଂ ସମ୍ମିଳିତ ପଦକ୍ଷେପକୁ ନିରୁତ୍ସାହିତ କରୁଥିବା ସୁବିଧାବାଦ ଉପରେ ସକାରାତ୍ମକ ମତାମତ ସଂଗ୍ରହ କରିବାକୁ ହେବ। ସରକାରଗୁଡ଼ିକୁ ଡଲାର ବ୍ୟବସ୍ଥାରୁ ଦୂରେଇ ରହିବାକୁ ହେଲେ ଆମେରିକାର ଅର୍ଥ ବିନିଯୋଗ ବ୍ୟବସ୍ଥା, ଗ୍ରାହକ ଚାହିଦା, ଡଲାର ବିନିମୟ ଧାରା ଏବଂ ସୁରକ୍ଷା ବଳୟରୁ ନିଜକୁ ବିଚ୍ଛିନ୍ନ କରିବାକୁ ପଡ଼ିବ। ମନେ ରଖିବାକୁ ହେବ ଯେ, ମୁଦ୍ରା ପ୍ରଭାବ ଖୁବ୍ ମଜଭୁତ। ପ୍ରମୁଖ ଆର୍ଥିକ ଅସ୍ଥିରତା କିମ୍ବା ଏକ ଭୂରାଜନୈତିକ ପରିବର୍ତ୍ତନ ନ ଆସିଲେ ଡଲାର ତା' ବିଶ୍ୱସ୍ତରୀୟ ଆଧିପତ୍ୟ ବା ପ୍ରଭାବ ସୃଷ୍ଟି କରିଚାଲିଥିବ।

**ପ୍ରାଧ୍ୟାପକ, ରାଜନୀତି ବିଜ୍ଞାନ,**
**ଟରଣ୍ଟୋ ବିଶ୍ୱବିଦ୍ୟାଳୟ**

# ସହଯୋଗିତା ଓ ପ୍ରତିଯୋଗିତା



ଜଚ୍ଚିଦାନନ୍ଦ ଦାଶ

ଆଜିର ଦୁନିଆରେ ପ୍ରତି ମୁହୂର୍ତ୍ତରେ ମଣିଷ ପ୍ରତିଯୋଗିତାମୂଳକ ବାତାବରଣର ସମ୍ମୁଖୀନ ହେଉଛି। ଶିଶୁଟି ଜନ୍ମ ହେବାର କିଛି ଦିନ ପରେ ମଧ୍ୟ ପ୍ରତିଯୋଗିତାର ସମ୍ମୁଖୀନ ହେଉଛି। ଛାତ୍ରଟି ସ୍କୁଲରେ ପଢ଼ିବାକୁ ଯାଇ ମଧ୍ୟ ପ୍ରତିଯୋଗିତାର ସାମ୍ନା କରୁଛି । ସେହିପରି ଯୁବକକୁ ଚାକିରି କ୍ଷେତ୍ରରେ, ପ୍ରୌଢ଼ ଓ ବୃଦ୍ଧଙ୍କୁ ପାରିବାରିକ ଜୀବନରେ ପ୍ରତିଯୋଗିତାମୂଳକ ପରିସ୍ଥିତିର ମୁକାବିଲା କରିବାକୁ ହେଉଛି। ପାରିବାରିକ କୁହ ବା ସାମାଜିକ ବା ଅର୍ଥନୈତିକ ବା ରାଜନୈତିକ ସ୍ଥିତି କୁହ, ସବୁ କ୍ଷେତ୍ରରେ ମଣିଷକୁ ଗ୍ରାସ କରିଛି ପ୍ରତିଯୋଗିତା। ବିନା ପ୍ରତିଯୋଗିତାରେ କେହି ତିଷ୍ଠିବା ସମ୍ଭବ ହେଉନାହିଁ। ସହଯୋଗିତାର ଚିନ୍ତାଧାରା ଖୁବ୍ କମ୍ ଲୋକଙ୍କ ମନରେ ଆସେ। ଖାଲି ସହଯୋଗିତା ତ ବହୁତ ଦୂରର କଥା, ପ୍ରତିଯୋଗିତାମୂଳକ ସହଯୋଗିତା କରିବାକୁ ଆଜିର ମଣିଷ କୁଣ୍ଠାବୋଧ କରୁଛି।

ଆସନ୍ତୁ ପ୍ରତିଯୋଗିତା ଓ ସହଯୋଗିତା ନେଇ କିଛି ଉଦାହରଣ ତୋଳିବା। ଯଦିଓ ଆମେ ଜାଣୁ ଯେ, ପରସ୍ପର ସହିତ ସଦ୍‌ଭାବ, ପ୍ରୀତି ଓ ସହଯୋଗିତା ନ ଥିଲେ, ଆମେ ଚଳିପାରିବୁ ନାହିଁ, ତଥାପି ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ, ଆମେ ପିଲାଙ୍କ ଭିତରେ ସହଯୋଗିତା ଅପେକ୍ଷା ପ୍ରତିଯୋଗିତା ମନୋଭାବ ବଢ଼ାଇ ଥାଉ। ପିଲା ଜନ୍ମ ହେଲା ଦିନରୁ ବାପାମାଆ ନିଜ ପିଲାକୁ ଭାଇଭଉଣୀ ବା ଅନ୍ୟ ଆତ୍ମୀୟ ସ୍ୱଜନଙ୍କ ପିଲା ସହିତ ପ୍ରତ୍ୟେକ ବିଷୟରେ ତୁଳନା କରି ଚାଲିଥାଆନ୍ତି। ସବୁ କାମ ପଛରେ ମୂଳ ଉଦ୍ଦେଶ୍ୟ ହେଲା କେମିତି ଅନ୍ୟମାନଙ୍କୁ ଟପିଯିବା। ସ୍କୁଲ ଆରମ୍ଭ ହେଲେ, ପିଲାଙ୍କୁ ଆହୁରି ଚାପଗ୍ରସ୍ତ ହବାକୁ ପଡ଼େ। ବର୍ତ୍ତମାନ ପାଠପଢ଼ାରେ, ଖେଳରେ, ହାତକାମରେ, ଗୀତନାଚ ସାଧାରଣତଃ ପିଲାର ବାପାମାଆ ଚାହାନ୍ତି, ଶ୍ରେଣୀରେ ତାଙ୍କ ପିଲା ପ୍ରଥମ ହେଉ। କ୍ଲାସରେ ଯେ କେବଳ ଗୋଟିଏ ପିଲା ପ୍ରଥମ ହୋଇପାରିବ, ସେ କଥା ଅଭିଭାବକମାନେ ଜାଣନ୍ତି। ତଥାପି ତାଙ୍କ ପିଲା ପ୍ରଥମ ହୋଇ ନ ପାରିଲେ ଦୁଃଖିତ ହୁଅନ୍ତି। ପିଲାଙ୍କୁ ବାରମ୍ବାର ବୁଝାନ୍ତି ସେ ଯଦି ଅନ୍ୟମାନଙ୍କୁ ପାଠପଢ଼ାରେ ଟପିପାରିବ ନାହିଁ, ତା ହେଲେ ଭଲ ଚାକିରି ମିଳିବ ନାହିଁ, କେହି ତାଙ୍କୁ ମାନସମ୍ମାନ ଦେଖାଇବେ ନାହିଁ। ପ୍ରତିଯୋଗିତାର ଏହି ଆକର୍ଷଣୀୟ ଦିଗଟା ଆମେ ସବୁବେଳେ ଦେଖୁ। ଏହା ଯେ, ଏକ କୁତ୍ସିତ ଦିଗ, ସେ କଥା ଆମେ ଭୁଲିଯାଉ। ଭାଇ ଭାଇ ଭିତରେ ପ୍ରତିଯୋଗିତା କାଳକ୍ରମେ ପ୍ରତିଦ୍ୱନ୍ଦ୍ୱିତାରେ ପରିଣତ ହୁଏ। ଫଳରେ ଭାଇ ଭଗାରି ହୁଏ। ସେ ବିଦ୍ୟାରେ, ଧନରେ ବା ପାରିବାରିକ ସୁଖରେ ଯଦି ନିଜର ଅନ୍ୟ ଭାଇଭଉଣୀଙ୍କୁ ଟପିଯାଏ, ମୁହଁରେ ଆନନ୍ଦ ଦେଖାଉଥିଲେ ମଧ୍ୟ ମନରେ ଈର୍ଷା ବଢ଼ିଥାଏ। କଥାରେ ଅଛି ଉପରେ ହସ ଭିତରେ ବିଷ ନିୟମରେ ପ୍ରଭାବିତ ହୋଇଥାଆନ୍ତି। ଅର୍ଥନୈତିକ ପ୍ରତିଯୋଗିତା ଆହୁରି ଭୟାବହ ହୋଇଉଠୁଛି। ପଡ଼ୋଶୀଘରର ନୂତନ ଟିଭି ବା ଏୟାରକଣ୍ଡିସନର କିଣିଲେ, ସଙ୍ଗେ ସଙ୍ଗେ ପାଖ ପଡ଼ୋଶୀର ପ୍ରତିଯୋଗିତା ଆରମ୍ଭ ହୋଇଯାଉଛି।

ଏଥର ଆସନ୍ତୁ ବିଚାର କରିବା କିପରି ପ୍ରତିଯୋଗିତା କମାଇ ସହଯୋଗିତାର ହାତ ବଢ଼ାଯାଇପାରିବ। ସ୍କୁଲରେ ଛାତ୍ରମାନଙ୍କ ମଧ୍ୟରେ ମନସ୍ତାତ୍ତ୍ୱିକ ପ୍ରତିଯୋଗିତା କମେଇବା ପାଇଁ ୟୁନିଫର୍ମ ଡ୍ରେସ୍ କୋଡ ଲାଗୁ କରାଯିବା ଉଚିତ। ଶିକ୍ଷକମାନେ ମେଧାବୀ ଏବଂ କମ୍ ଆଇକ୍ୟୁ ଥିବା ପିଲାଙ୍କୁ ନେଇ ଗ୍ରୁପ ତିଆରି କରିବା ଉଚିତ। ଖାଲି ଗ୍ରୁପ ତିଆରି କରିବା ଉଚିତ ନୁହେଁ, ଗ୍ରୁପର ସଦସ୍ୟମାନେ (ଛାତ୍ରମାନେ) ଯେପରି ପାଠ, ବୁଦ୍ଧି ଏବଂ ଅଭିଜ୍ଞତାର ପରସ୍ପର ଭିତରେ ଆଦାନ ପ୍ରଦାନ କରନ୍ତି, ସେ ପ୍ରତି ଶିକ୍ଷକମାନେ ଦୃଷ୍ଟି ଦେବା ଉଚିତ। ପରିବାରରେ ପାଠ, ନିଯୁକ୍ତି, ଅର୍ଥ ଉପାର୍ଜନ କ୍ଷେତ୍ରରେ ଅଭିଭାବକମାନେ ଉତ୍ସାହିତ କରିବା ଏବଂ ତତ୍ ସଙ୍ଗେ ସଙ୍ଗେ ହତୋତ୍ସାହିତ କରିବାର ସମନ୍ୱୟ ରକ୍ଷା କରିବା ଉଚିତ। ନିଜ ନିଜ କମ୍ୟୁନିଟିରେ ଅର୍ଥନୈତିକ ସମାନତା ଆଣିପାରିଲେ ପ୍ରତିଯୋଗିତା କମିଯିବ ଏବଂ ସହଯୋଗିତାର ପ୍ରେରଣା ବଢ଼ିଯିବ। ସମାଜରେ ପରସ୍ପର ପ୍ରତି ସ୍ନେହ, ଶ୍ରଦ୍ଧା, ଭକ୍ତି, ସାହାଯ୍ୟ ଓ ସହାନୁଭୂତିର ବାତାବରଣ ସୃଷ୍ଟି କଲେ, ଲୋକଙ୍କ ଭିତରେ ସହଯୋଗିତା ବଢ଼ିବ ଏବଂ ପ୍ରତିଯୋଗିତା କମିଯାଇପାରିବ। ସହଯୋଗିତା ବହୁ ଖରାପ ପରିସ୍ଥିତିରେ ଲୋକଙ୍କୁ ଉଦ୍ଧାର କରିବାରେ ସାହାଯ୍ୟ କରିଥାଏ। ତେଣୁ ବିଦ୍ୟାଳୟ ହେଉ ବା ପରିବାର ବା କାର୍ଯ୍ୟାଳୟ, ସମସ୍ତ କ୍ଷେତ୍ରରେ ସହଯୋଗିତାର ମନ୍ତ୍ର ଗାନ କରିବା ଉଚିତ।

**ମୋ : ୯୯୩୮୧୮୧୩୨୦**
**ସିଡିଏ, ସେକ୍ଟର-୭, କଟକ**

## ଏଇ ଭାରତରେ

ପାହାଡ଼ ଚଢ଼ିବା ସମୟରେ କେତେଜଣ ପିଲା ପାଣି କାଦୁଅରେ ଖେଳୁଥିବା ଦେଖି ସେମାନଙ୍କୁ ପଢ଼ାଇବା ଲାଗି ନିଷ୍ପତ୍ତି ନେଇଥିଲେ ଆସାମର ଉତ୍ତମ ଟେରୋନ। କାମରୁପ୍ ଜିଲା ପାମୋହି ଗାଁରେ ତାଙ୍କ ଘର। ସେ ତାଙ୍କ ଗୁହାଳକୁ ସଫା କରି ଚାରିପାଖରେ ବାଉଁଶ ବାଡ ଦେଇ ଏକ ପଢ଼ାଘର କରିବା ପରେ ସେଠାରେ ସେହି ପିଲାମାନଙ୍କୁ ମାଗଣାରେ ପଢ଼ାଇବା ଆରମ୍ଭ କରିଥିଲେ। ସେତେବେଳେ ତାଙ୍କ ପାଖରେ ମାତ୍ର ୮୦୦ ଟଙ୍କା ଥିଲା ଓ ତାହାକୁ ସେ ଏଥିରେ ଖର୍ଚ୍ଚ କରିଥିଲେ। ପରେ ୨୦୦୩ରେ ଏକ ସ୍କୁଲ ଖୋଲି ତା' ନାମ 'ପାରିଜାତ ଏକାଡେମୀ' ରଖିଥିଲେ। ସ୍କୁଲକୁ ସେ ତାଙ୍କ ପୈତୃକ ଜମିରେ ତିଆରି କରିଛନ୍ତି। ଏବେ ଏହି ସ୍କୁଲରେ ଆସାମ ଓ ମେଘାଳୟ ସୀମା ନିକଟବର୍ତ୍ତୀ ୨୦ଟି ଗାଁର ୪୦୦ ପିଲା ପଢୁଛନ୍ତି। ନର୍ସରିରୁ ୧୦ ଶ୍ରେଣୀ ଯାଏ ଖୋଲାଯାଇଛି। ଦୂରରୁ ଆସିଥିବା ପିଲାମାନଙ୍କ ଲାଗି ସେ ଏକ ହଷ୍ଟେଲ ନିର୍ମାଣ କରିଛନ୍ତି ଓ ସେଠାରେ ୬୦ ଜଣ ପିଲା ରହୁଛନ୍ତି। ଏହି ସ୍କୁଲ ଆସାମ ବୋର୍ଡରୁ ସ୍ୱୀକୃତି ପାଇଛି। ସ୍କୁଲରେ ଏକ ଲାଇବ୍ରେରି ଅଛି । ପିଲାମାନଙ୍କୁ ସ୍କୁଲରେ କମ୍ପ୍ୟୁଟର ଶିକ୍ଷା ସହ କୌଶଳ ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି। ସିଲାଇ, ନାଚ ଓ ଖେଳ ମଧ୍ୟ ଶିଖାଯାଉଛି। ଏହିସବୁ ବ୍ୟବସ୍ଥା ପିଲାମାନଙ୍କୁ ସ୍କୁଲ ପ୍ରତି ଆକର୍ଷଣ କରିପାରିଛି ବୋଲି କହନ୍ତି ଉତ୍ତମ । ଏହି କାର୍ଯ୍ୟ ଲାଗି ତାଙ୍କୁ ଆସାମ ସରକାର ଓ ବିଭିନ୍ନ ସଂସ୍ଥା ପକ୍ଷରୁ ସମ୍ମାନିତ କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ସେପ୍ଟେମ୍ବର ୧୯୯୮

- ଏକ ସଡ଼କ ଦୁର୍ଘଟଣାରେ ରାଜ୍ୟର ପୂର୍ବତନ ମନ୍ତ୍ରୀ ତଥା ସ୍ୱାଧୀନତା ସଂଗ୍ରାମୀ ବୃନ୍ଦାବନ ତ୍ରିପାଠୀଙ୍କ ପରଲୋକ।
- ବିହାରର କଟିହାର ଜିଲା ଅନ୍ତର୍ଗତ କୋରଭା ଥାନା ଅଞ୍ଚଳରେ ଦେଶୀ ମଦ ପିଇ ୨୧ ଜଣ ବ୍ୟକ୍ତିଙ୍କ ମୃତ୍ୟୁ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | | | | 6 | | |
| 9 | | | 5 | | | | | 3 |
| 6 | | | 9 | | | 7 | | |
| 4 | | | | | 3 | | | |
| | | | | | | 3 | 7 | 8 |
| 5 | | | | 2 | 8 | | | |
| | | | 1 | 9 | | | | |
| | | | | | 4 | | | 2 |
| | 5 | | | | 2 | 1 | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 8 | 5 | 9 | 1 | 4 | 2 | 7 |
| 9 | 4 | 7 | 6 | 8 | 2 | 1 | 5 | 3 |
| 5 | 1 | 2 | 7 | 4 | 3 | 6 | 9 | 8 |
| 3 | 8 | 5 | 9 | 1 | 7 | 2 | 6 | 4 |
| 1 | 2 | 6 | 4 | 3 | 5 | 8 | 7 | 9 |
| 4 | 7 | 9 | 2 | 6 | 8 | 5 | 3 | 1 |
| 7 | 6 | 4 | 8 | 2 | 9 | 3 | 1 | 5 |
| 2 | 5 | 3 | 1 | 7 | 4 | 9 | 8 | 6 |
| 8 | 9 | 1 | 3 | 5 | 6 | 7 | 4 | 2 |

ଗତକାଲିର ଉତ୍ତର

# ଚାଷ ଜମିରେ ଜୈବ ବିପ୍ଳବ



ଡି ଶୁଭମ୍

ଜୈବିକ କୃଷକୁ ଏବେ ପ୍ରାଥମିକତା ଦିଆଯାଉଛି। କମ୍ ଖର୍ଚ୍ଚ, ସ୍ୱଳ୍ପ ସମୟ ଓ ଅଧିକ ଆୟର ମାଧ୍ୟମ ହୋଇଛି ଏହି ଜୈବିକ କୃଷି। କୃଷିକ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣି ଚାଷୀଙ୍କ ଭିତରେ ନୂଆ ଜାଗରଣ ଭରି ଏକ ସୁସ୍ଥ ଓ ସବୁଜ ସମାଜ ଗଢ଼ିବାରେ ଜୈବିକ କୃଷିର ଭୂମିକା ଅତୁଳନୀୟ। ଚଳିତ ଶତାବ୍ଦୀରେ ସମସ୍ତଙ୍କୁ ଜୈବିକ କୃଷି ଓ ଏହାର ଉପକାରିତା ସମ୍ବନ୍ଧରେ ଭଲ ଭାବେ ଜଣା। ଜୈବିକ କୃଷିର ସଂଜ୍ଞା ବହୁ ପୁରାତନ କାଳରୁ ଆମ ବାପା ଅଜାମାନେ ଦେଇସାରିଛନ୍ତି। ଯେବେ ଟ୍ରାକ୍ଟର, ସାର, ବିଷର ଦୁନିଆ ନ ଥିଲା, ସେବେଠାରୁ ଏ ଜୈବିକ କୃଷିର ସୃଷ୍ଟି। ଓଡ଼ିଶା ଏକ ଚାଷୀକୁଳର ରାଜ୍ୟ। ଏ ଭିତରେ ଜୈବ କୃଷି ଓଡ଼ିଶାରେ ଏକ ଅହେତୁକ ଆକର୍ଷଣ ସୃଷ୍ଟି କରିଛି। ଏକ ଜୈବିକ ସବୁଜିମାମୟ ପରିବେଶ ଗଠନ ପାଇଁ ଏହି ବିପ୍ଳବର ଅୟମାରମ୍ଭ ହୋଇଛି।

ଥରେ ଭାବନ୍ତୁ ତ, ଯେବେ ଏ ସାର, ବିଷର ଦୁନିଆ ନ ଥିଲା ସେବେ କ'ଣ ଚାଷ ହେଉ ନ ଥିଲା? ଉତ୍ତରେ ଆସିବ ହଁ ହେଉଥିଲା। ଆଉ ସେ ଚାଷରେ ଥିଲା ଏକ ସ୍ୱତନ୍ତ୍ର ଉତ୍ସାହ। ନିଜ ଘରୁ ପ୍ରସ୍ତୁତ ହେଉଥିଲା ଜୈବ ସାର ଆଉ ବିଷ, ଯାହା ଜମିରେ ଗୁଣବତ୍ତା ବଢ଼ାଇବା ସହ ଉତ୍ପାଦନ ବଢ଼ାଉଥିଲା। ନା ଥିଲା ସ୍ୱାସ୍ଥ୍ୟ ସମସ୍ୟା ନା ପରିବେଶ ପ୍ରଦୂଷଣର କଥା। ଜୈବବିବିଧତାର ରକ୍ଷା ହେବା ସହ ଜୈବିକ କୃଷି ସମସ୍ତଙ୍କ ଜମିରେ ସୁନା ଫଳାଉଥିଲା। ପ୍ରକୃତିର ନିନାଦିତ ଶବ୍ଦକୁ ବେଶ୍ ପାଖରୁ ଶୁଣିବାକୁ ମିଳୁଥିଲା। ଏକ ସ୍ୱଚ୍ଛ ପରିବେଶ ମଧ୍ୟରେ ଜୀବନ ଜିଇବାର ମୁହୂର୍ତ୍ତକୁ ରଙ୍ଗିନ ଭାବେ ଅନୁଭବ କରୁଥିଲୁ। ଆପଣ କେବେ ଏକ ଜୈବ କୃଷିର ଅନୁଭବ ନିଅନ୍ତୁ ଦେଖିବେ ସେଥିର ମାଧୁର୍ଯ୍ୟକୁ। ସମୟ ଆସିଛି ପାରମ୍ପରିକ ଜ୍ଞାନକୌଶଳକୁ ପୁଣି ଥରେ ଜମିରେ ଦୋହରାଇବାକୁ। ଜୈବ ଖାଦ୍ୟ ପାଇଁ ଏବେ ସଭିଙ୍କ ଭିତରେ ଉତ୍କଣ୍ଠା। ରାସାୟନିକ ବସ୍ତୁରୁ ମୁକ୍ତ ରହି ସୁସ୍ଥ ଖାଦ୍ୟ ନିଶାରେ ଏବେ ସଭିଏଁ ବ୍ୟସ୍ତ।

ଉପକୂଳବର୍ତ୍ତୀ ଜିଲାର ଅଧିକାଂଶ ସ୍ଥାନରୁ ଆରମ୍ଭକରି ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ଚାଷୀ ଏବେ ଜୈବିକ ଚାଷରେ ମାତିଲେଣି। ଓଡ଼ିଶାର ଚାଷୀଙ୍କ ଜୈବ ଉତ୍ପାଦ ଏବେ ଭାରତ ଓ ଭାରତ ବାହାରେ ଚମକିବାରେ ଲାଗିଛି। ମାଣ୍ଡିଆରୁ ପ୍ରସ୍ତୁତ ଜୈବ ଉତ୍ପାଦ କଥା କୁହନ୍ତୁ ଅବା ପନିପରିବା ଓ ଶସ୍ୟସାମଗ୍ରୀ କୁହନ୍ତୁ ସବୁଠି ଏବେ ଓଡ଼ିଶା ଚାଷୀଙ୍କ ଜୈବ ବିପ୍ଳବ ବେଶ୍ ସହଜରେ ବାରିହୋଇପଡୁଛି। ଓଡ଼ିଶା ସରକାର ମଧ୍ୟ ଜୈବିକ ଚାଷ ଦିଗରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଓଡ଼ିଶାର ରାୟଗଡ଼ା, କନ୍ଧମାଳ, ଗଜପତି, ନୟାଗଡ଼, କଳାହାଣ୍ଡି, ମୟୂରଭଞ୍ଜ, କୋରାପୁଟ ପରି ଜିଲାଗୁଡ଼ିକରେ ଚାଷୀମାନେ ଏବେ ଅନେକାଂଶରେ ଜୈବ କୃଷିକୁ ଆପଣେଇ ସାରିଛନ୍ତି। କେବଳ ଏତିକି ନୁହେଁ ବରଂ ପ୍ରାୟ ସବୁ ଜିଲାର ଚାଷୀମାନେ ଅନେକ ପରିମାଣରେ ଜୈବ କୃଷି ଦିଗରେ ନିଜର ଚେଷ୍ଟା ଜାରି ରଖିଛନ୍ତି। ଭାରତୀୟ ପ୍ରାକୃତିକ କୃଷିପଦ୍ଧତି, ବିପିକେପି ଓ ଏନ୍‌ପିଓପି ଜରିଆରେ ଏହାକୁ ପ୍ରମାଣୀକରଣ କରାଯାଉଛି। ଚାଷୀ ନିଜର ପ୍ରମାଣୀକରଣକୁ ସାଥିକରି ନିଜ ଜୈବ ଉତ୍ପାଦକୁ ବିଭିନ୍ନ କୋଣ ଅନୁକୋଣରେ ସଫଳତାର ସହ



ପହଞ୍ଚାଇ ପାରିଛନ୍ତି। ନିକଟରେ ଯାଇଥିବା କ୍ଷେତ୍ର ପରିଦର୍ଶନ ସମୟରେ ଯେବେ ବିଭିନ୍ନ ଚାଷୀଙ୍କ ସହ ମିଶିବାର ସୁଯୋଗ ମିଳିଥିଲା, ସେବେ ଜାଣିପାରିଥିଲି ଯେ ସତରେ ଓଡ଼ିଶାରେ ଏ ଦିଗରେ ବିପ୍ଳବ ଏକ ମାଇଲଖୁଣ୍ଟ ସାଜିବ। କାରଣ କେବଳ ଚାଷୀ ନୁହେଁ ବରଂ ଘରର ମା'ମାନେ ନିଜ ପାକଶାଳା ବଗିଚାରେ ବି ଜୈବିକ ସାର ବ୍ୟବହାର କରୁଛନ୍ତି। ଗାଁ ଗାଁରେ ଜମୁଛି ଭିଡ଼, ଜୈବ ଚାଷର ଭାରି ଆଦର- ଏ ଉକ୍ତିଟିର ପ୍ରତିଫଳନ ଓଡ଼ିଶାର ଅନେକ ଗାଁରେ ଦେଖିବାକୁ ମିଳୁଛି। ରାସାୟନିକ ସାର ଓ କୀଟନାଶକର ପ୍ରଭାବ ବିଷୟରେ ଆଉ କାହାକୁ ବୁଝାଇବାର ଆବଶ୍ୟକତା ରହୁନାହିଁ। ମାଟିର ମାନ ସହ ସ୍ୱାସ୍ଥ୍ୟହାନି ଯେ ରାସାୟନିକ ଚାଷର ଲକ୍ଷ୍ୟ, ଏହା ସଭିଏଁ ବୁଝିସାରିଛନ୍ତି।

ଏଫ୍‌ଆଇବିଏଲ୍‌ର ସର୍ଭେ ଅନୁସାରେ, ସାରା ବିଶ୍ୱରେ ଭାରତ ଜୈବ କୃଷି ଉତ୍ପାଦନ ଦିଗରେ ଏକ ସଫଳ ଭୂମିକା ନିଭାଇଛି। ସାରା ବିଶ୍ୱର ଜୈବ ଉତ୍ପାଦରେ ଭାରତର ୩୦ ପ୍ରତିଶତ ଭାଗୀଦାରି ରହିଛି। ପାଖାପାଖି ୩୦ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ଜୈବିକ କୃଷି କରାଯାଉଛି। ଏହାରି ଭିତରେ ଓଡ଼ିଶାରେ ବି ଆରମ୍ଭ ହୋଇଛି ଜୈବ ବିପ୍ଳବ। ଆଜି ଚାଷୀ ନିମାସ୍ତ୍ର ହେଉ ବା ଜୀବାମୃତ କି ବୀଜାମୃତ ଏସବୁ ବିଷୟରେ ବେଶ୍ ଭଲଭାବରେ ଜାଣି ଜମିରେ ପ୍ରୟୋଗ ବି କରୁଛନ୍ତି। ଅନ୍ୟ ଚାଷୀମାନଙ୍କୁ ଏ ବିଷୟରେ ସଚେତନ କରାଉଛନ୍ତି। ବିହନ ବିଶୋଧନଠୁ ଆରମ୍ଭକରି ରୋଗପୋକ ଦମନ ଯାଏ ସବୁଠି ଜୈବ କୃଷିର ସ୍ୱତନ୍ତ୍ରତା ରହିଛି। ଏପରିକି ରାଜ୍ୟ ସରକାରଙ୍କ ତରଫରୁ ଜୈବ କୃଷିକୁ ପ୍ରମାଣୀକରଣ କରିବା ପାଇଁ ମଧ୍ୟ କାର୍ଯ୍ୟକ୍ରମମାନ ହାତକୁ ନିଆଯାଉଛି। ଚାଷୀମାନେ ନିଜ ଜୈବ କୃଷି ପ୍ରଣାଳୀକୁ ସମ୍ପୂର୍ଣ୍ଣ ଭାବରେ ଜୈବିକ ପ୍ରମାଣୀକରଣ କରିପାରିବେ। ଓଡ଼ିଶାରେ ଜୈବ ବିପ୍ଳବର ମୂଳଦୁଆ ପଡ଼ିସାରିଛି। ଅନେକ ସ୍ଥାନରେ ଚାଷୀ ନିଜେ ବୁଝିବା ସହ ଅନ୍ୟମାନଙ୍କୁ ବଝାଇ ସେମାନଙ୍କୁ ଜୈବିକ କୃଷି ଦିଗରେ ପ୍ରବର୍ତ୍ତାଇଲେଣି। ଏବେ ଯେଉଁ ଗାଁକୁ ଗଲେ ଜୈବ କୃଷି ଓ ଜୈବ ଚାଷୀଙ୍କୁ ଆପଣ ଦେଖିବାକୁ ପାଇବେ। ସେମାନଙ୍କ ମୁହଁରୁ ଏ ଜୈବ ବିପ୍ଳବର ଉପକାରିତା ଶୁଣିପାରିବେ। ସାର ବିଷରୁ ମୁହଁ ଫେରେଇ ଚାଷୀ ଏବେ ବିଭିନ୍ନ ଜୈବିକ ଉପାଦାନ ନିଜ ଘରେ ପ୍ରସ୍ତୁତକରି ଜମିରେ ପ୍ରୟୋଗ କରୁଛନ୍ତି। ଧାନଚାଷଠୁ ଆରମ୍ଭକରି ପନିପରିବା ସବୁଥିରେ ଜୈବ କୀଟନାଶକ ଓ ଜୈବିକ ସାରକୁ ଉପଯୋଗ କରି ଚାଷୀ ଚାଷ କରୁଛନ୍ତି।

ଚାଷ ଜମିରେ ଆରମ୍ଭ ହୋଇଥିବା ଏହି ଜୈବ ବିପ୍ଳବ ଆଉ କିଛିବର୍ଷ ଭିତରେ ଏକ ରୂପାନ୍ତରଣ ଆଣିବ, ଏହା ସୁନିଶ୍ଚିତ। ଜୈବ କୃଷିର ବାଣୀ କେବଳ ସ୍ଲୋଗାନ୍ ନୁହେଁ ବରଂ ସଫଳତାର ସହ ଫର୍ଦ୍ଦ ପରେ ଫର୍ଦ୍ଦ ଯୋଡ଼ିଚାଲିଛି। ଏକ ସୁସ୍ଥ, ଶ୍ୟାମଳ ଓ ସବୁଜିମାମୟ ପରିବେଶ ଗଠନରେ ଜୈବ କୃଷିର ବିପ୍ଳବ ପ୍ରଶଂସନୀୟ ଓ ସ୍ୱାଗତଯୋଗ୍ୟ।

**ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର,**
**ମୋ-୯୪୩୮୪୬୭୦୭୯**

## ପାଠକ ଶ୍ରେଷ୍ଠ ବିଚାରକ

### ଏକ ଦେଶ ଓ ଏକ ନିର୍ବାଚନ ଗଣତନ୍ତ୍ର ବିରୋଧୀ

ମହାଶୟ,

ଭାରତ ଏକ ଗଣତନ୍ତ୍ର ଦେଶ । କେନ୍ଦ୍ରରେ ଏକ ନିର୍ଦ୍ଦିଷ୍ଟ ସରକାର ବ୍ୟତୀତ ଅନେକ ରାଜ୍ୟରେ ଆଞ୍ଚଳିକ ଦଳର ସରକାର ଚାଲିଛି। ଯଦି କୌଣସି କାରଣବଶତଃ ରାଜ୍ୟରେ ଆଇନଶୃଙ୍ଖଳା ଘଟେ, ତେବେ ରାଜ୍ୟର ଶାସନ ଭାଙ୍ଗିଯାଏ। ଉକ୍ତ ରାଜ୍ୟରେ ନିର୍ବାଚନ ନ ହୋଇ ତାହା ତାହା ରାଷ୍ଟ୍ରପତି ଶାସନ ଲାଗୁ କରାଯିବ ଓ ସେହି ରାଜ୍ୟର ଶାସନ କେନ୍ଦ୍ର ହାତରେ ରହିବ। ଯେଉଁ ଦଳର ଶାସନ କେନ୍ଦ୍ରରେ ଚାଲିଥିବ ସମ୍ପୃକ୍ତ ରାଜ୍ୟର ଶାସନ କେନ୍ଦ୍ର ଦ୍ୱାରା ପରିଚାଳିତ ହେବ, ଯାହା ୱାନ୍ ନେଶନ ୱାନ୍ ଇଲେକ୍ସନ ବା ଏକ ଦେଶ ଓ ଏକ ନିର୍ବାଚନ ଧାରାରେ ଏକ ବ୍ୟତିକ୍ରମ ହୋଇପାରେ। ଏକ ଦେଶ ଓ ଏକ ନିର୍ବାଚନ ଏକଛତ୍ରବାଦର ଶାସନ ଭଳି ହେବ, ଯାହାକି ଦେଶ ପାଇଁ ଆଦୌ ଶୁଭଙ୍କର ନୁହେଁ। ଏଭଳି ନିଷ୍ପତ୍ତି ଆଦୌ ଗ୍ରହଣୀୟ ନୁହେଁ। ପୁଣି ଜଣେ ପୂର୍ବତନ ରାଷ୍ଟ୍ରପତିଙ୍କୁ ନେଇ ଗଠିତ କମିଟି ଗଠନ କରାଯାଇଛି। ଏହାଦ୍ୱାରା ରାଷ୍ଟ୍ରପତି ପଦର ମର୍ଯ୍ୟାଦା କ୍ଷୁଣ୍ଣ ହେଉଛି। ଏଭଳି ପଦକ୍ଷେପ କେବଳ ପାଗଳାମିର ପ୍ରଳାପ ଛଡ଼ା ଆଉ କିଛି ନୁହେଁ।

**- ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜଳିଉଠୁ ଗଗନର ଅଗଣିତ
ଜ୍ୟୋତି ରାଶି ତଳେ
ଅସୀମ ଆଶାର ରୂପେ ଶିଖା ତାର
ଖେଳୁ ଏ ବିଶ୍ୱରେ।

-(ମହାଦୀପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ‘ପାଠ୍ୟପୁସ୍ତକରେ ବକ୍ସିଙ୍କ ଜୀବନୀ ସ୍ଥାନ ପାଉ’

ଖୋର୍ଦ୍ଧା,୨୦।୯(ପ୍ରଭାତ ପାଣିଗ୍ରାହୀ)



ବକ୍ସି ଜଗବନ୍ଧୁଙ୍କ ଉପରେ ଲିଖିତ ପୁସ୍ତକକୁ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଲୋକାର୍ପଣ କରୁଛନ୍ତି।

**କଳିଙ୍ଗ ପାଇକ ସଙ୍ଗଠନ ପକ୍ଷରୁ ବକ୍ସି ଜଗବନ୍ଧୁଙ୍କ ଜୟନ୍ତୀ ପାଳିତ**

- ଶିଳାନ୍ୟାସରେ ଅଟକିଛି ପ୍ରସ୍ତାବିତ ପାଇକ ସ୍ମାରକୀ
- ଦାୟାଦ ଭାବେ ଗର୍ବ ଅନୁଭବ କରେ: ଲଳିତେନ୍ଦୁ

କଳିଙ୍ଗ ପାଇକ ସଙ୍ଗଠନ ପକ୍ଷରୁ ପାଇକ ବିଦ୍ରୋହର ମହାନାୟକ ବକ୍ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟ ମହାପାତ୍ରଙ୍କ ୨୬୯ତମ ଜୟନ୍ତୀ ଉତ୍ସବ ବୁଧବାର ଜିଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୀମସେନ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ରହ୍ମଗିରି ବିଧାୟକ ତଥା ବକ୍ସି ଜଗବନ୍ଧୁଙ୍କ ଦାୟାଦ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଯୋଗଦେଇ କହିଥିଲେ ଯେ, ବିଧାୟକ ଅପେକ୍ଷା ବକ୍ସିଙ୍କ ଦାୟାଦ ଭାବେ ନିଜକୁ ବେଶି ଗର୍ବ ଅନୁଭବ କରୁଛି। କଲେଜ ଶିକ୍ଷା ପରେ ବାଣୀବିହାରରେ ଅଧ୍ୟୟନ ସମୟରେ ମଧ୍ୟ ବକ୍ସିଙ୍କ ଦାୟାଦ ବୋଲି ସ୍ୱତନ୍ତ୍ର ପରିଚୟ ନ ଥିଲା। ପାଇକ ବିଦ୍ରୋହର ଦ୍ୱିଶତ ବାର୍ଷିକୀ ପାଳନ ଅବସରରେ ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମ କ୍ରମେ ପାଇକ ବୀରଙ୍କ ପରିବାରକୁ ସମ୍ବର୍ଦ୍ଧନା ଦିଆଗଲା। ସେହି ସମୟରେ ମୁଁ ମଧ୍ୟ ବକ୍ସିଙ୍କ ଦାୟାଦ ଭାବେ ସମ୍ମାନିତ ହୋଇଥିବାରୁ ନିଜକୁ ଗୌରବାନ୍ୱିତ ଅନୁଭବ କରିଥିଲି। ବକ୍ସି ଜଗବନ୍ଧୁଙ୍କ ବୀରତ୍ୱ ଏବେ ସାରା ଭାରତରେ ଚର୍ଚ୍ଚାର ବିଷୟ। ତେବେ ବରୁଣେଇ ପାଦଦେଶରେ ପ୍ରସ୍ତାବିତ ପାଇକ ସ୍ମାରକୀ ଶିଳାନ୍ୟାସକୁ ୫ବର୍ଷ ବିତିଲାଣି। ଅଥଚ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିଲାନି। ଏହାକୁ ତ୍ୱରାନ୍ୱିତ ଲାଗି ସେ ରାଜ୍ୟ ସରକାରଙ୍କୁ ନିବେଦନ କରିଥିଲେ। ପାଇକ ବିଦ୍ରୋହ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ପାଇବା ଦିଗରେ ଯେଉଁ ବଳିଷ୍ଠ ତଥ୍ୟ, ପ୍ରମାଣର ଆବଶ୍ୟକ ତାହା ଆମେ ଯୋଗାଡ଼ କରିପାରିଲୁ ନାହିଁ। ଏଥିଲାଗି ଇତିହାସ ପୁନଃଲିଖନର ଆବଶ୍ୟକତା ରହିଛି। ଶିକ୍ଷାବିତ, ବୁଦ୍ଧିଜୀବୀ, ଗବେଷକ, ଇତିହାସକାରମାନେ ଏହାର ତଥ୍ୟ ସମ୍ବଳିତ ରିପୋର୍ଟ ପ୍ରସ୍ତୁତ କଲେ, ଆମେ ପୁଣି କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ନିକଟରେ ଯୁକ୍ତି ଉପସ୍ଥାପନା କରିପାରିବା ବୋଲି ମହାପାତ୍ର କହିଥିଲେ। ସମ୍ମାନିତ ଅତିଥି ଭାବେ ନିରାକାରପୁର କ୍ଷେତ୍ରବାସୀ ଡିଏଭି କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷା ପ୍ରଫେସର ପ୍ରତିଭାମୟୀ ସିହ୍ନା, କଳିଙ୍ଗ ପାଇକ ସଙ୍ଗଠନର ମୁଖ୍ୟ ଉପଦେଷ୍ଟା ଗବେଷକ ସତ୍ୟବାଦୀ ବଳିୟାରସିଂହ, ରାଜ୍ୟ ଆବାହକ ଇଂ. ଶିଶିର କୁମାର ନାୟକ, ଭାଜପା ପ୍ରବକ୍ତା ସୁରଥ ବିଶ୍ୱାଳ, ସାମାଜିକ କର୍ମୀ ମଦନମୋହନ ମହାପାତ୍ର, ସହଦେବ ଜୟସିଂହ, ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ଦାୟାଦ ପ୍ରଫୁଲ୍ଲ ବାହୁବଳେନ୍ଦ୍ର ପ୍ରମୁଖ ଯୋଗଦେଇ ବକ୍ସିଙ୍କ ବୀରତ୍ୱ, ଶୌର୍ଯ୍ୟ ତଥା ପାଇକ ବୀରଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ବକ୍ସି ଜଗବନ୍ଧୁ ୧୭୫୫ ସେପ୍ଟେମ୍ବର ୨୦ ତାରିଖ ଭାଦ୍ରବ ପୂର୍ଣ୍ଣିମା ଶନିବାର ରାତ୍ର ୮ଟା ୧୫ମିରେ ଜନ୍ମଗ୍ରହଣ କରିଥିଲେ। ସେ ରାଣା ପ୍ରତାପଙ୍କ ଭଳି ଗେରିଲା ଯୁଦ୍ଧରେ ଅତର୍କିତ ଆକ୍ରମଣ କରି ଇଂରେଜ ବାହିନୀକୁ ଅସ୍ତବ୍ୟସ୍ତ କରିଦେଇଥିଲେ ବୋଲି ଅନୁଷ୍ଠାନର ଉପଦେଷ୍ଟା ବଳିୟାରସିଂ କହିଥିଲେ। ମୁଖ୍ୟ ସଂଚାଳକ ନାୟକ ଓଡ଼ିଆ ପାଠ୍ୟପୁସ୍ତକରେ ବକ୍ସିଙ୍କ ଜୀବନୀ କାହାଣୀକୁ ସ୍ଥାନ ଦେବା ଓ ପାନୀୟ ଜଳଯୋଗାଣ ଯୋଜନା ବକ୍ସିଙ୍କ ନାମରେ ହୋଇଥିବାରୁ ତାଙ୍କ ଫଟୋଚିତ୍ର ସ୍ଥାନିତ ପାଇଁ ଦାବି କରିଥିଲେ। ଖୋର୍ଦ୍ଧାରେ ପାଇକ ସମରକଳା ଏକାଡେ଼ମୀ ଶୀଘ୍ର କାର୍ଯ୍ୟକାରୀ କରାଯିବା ସହ ଏହାକୁ ସଂସ୍କୃତି ବିଭାଗ ପରିବର୍ତ୍ତେ କ୍ରୀଡ଼ା ବିଭାଗ ଅଧୀନରେ ରଖିବା, ବକ୍ସିଙ୍କ ଏକ ପ୍ରତିମୂର୍ତ୍ତି ନୂଆଦିଲ୍ଲୀରେ ସ୍ଥାପନ, ବରୁଣେଇ ପାଇକ ସ୍ମାରକୀ ତ୍ୱରାନ୍ୱିତ ଦାବି କରିଥିଲେ। ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିକ୍ରମ କେଶରୀ ଚମ୍ପତି ବେଦ ପାଠ କରିଥିବା ବେଳେ ଉପଦେଷ୍ଟା ରମଜାନ୍ ଖାଁ ଧନ୍ୟବାଦ ଦେଇଥିଲେ। ସକାଳେ ସଙ୍ଗଠନ ପକ୍ଷରୁ ବିଜେବିହାଇସ୍କୁଲ ଓ ପଞ୍ଚପାଇକ ପୀଠ ପରିସରରେ ଥିବା ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟ, ଅମରେନ୍ଦ୍ର ମହାପାତ୍ର, ସିଫାର ବିଶ୍ୱଜିତ୍ ସ୍ୱାଇଁ, ରାମନାରାୟଣ ଦାଶ, ରାମ ଶଙ୍କର, ପ୍ରଦୀପ ବିଶ୍ୱାଳ, ଶକ୍ତିଧର ମହାପାତ୍ର, ଗତିକୃଷ୍ଣ ଉତ୍ତରକବାଟ, ବ୍ରଜବନ୍ଧୁ ଛୋଟରାୟ, ବସନ୍ତ କୁମାର ଦାଶ, ମିହିର ବିଧାର, ଭାସ୍କର ସୁନ୍ଦରାୟ, ସମରେନ୍ଦ୍ର ବଳିୟାରସିଂହ, ଧରଣୀଧର ଛୋଟରାୟ, ଯୋଗୀନାଥ ବଳିୟାରସିଂହ, ଗୋବିନ୍ଦ ଚନ୍ଦ୍ର ମହାରଣା, ରଶ୍ମିତା ନାୟକ ଏବଂ ଇତିଶ୍ରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସାମାଜିକ କର୍ମୀଙ୍କ ଜନସେବା ନିଶା



ମାଲୁଦର ଏକ ଗଣେଶ ମଣ୍ଡପରେ ରମେଶ ଚନ୍ଦ୍ର ପ୍ରଧାନ ଏବଂ ଅନ୍ୟମାନେ।

କୃଷ୍ଣପ୍ରସାଦ, ୨୦।୯(କୈଳାଶ ଚନ୍ଦ୍ର ପଟ୍ଟନାୟକ )

ଉପକୂଳ ଅଞ୍ଚଳରେ ୩ଦିନ ଧରି ଲଘୁଚାପଜନିତ ବର୍ଷା ଲାଗିରହିଛି। ଏଥିଯୋଗୁ ସାଧାରଣ ଜୀବନ ଯାତ୍ରା ପ୍ରଭାବିତ ହେଉଛି। ଏହି ସମୟରେ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ସାମାଜିକ କର୍ମୀ ରମେଶ ଚନ୍ଦ୍ର ପ୍ରଧାନଙ୍କୁ ଜନସେବା ଚିନ୍ତା ଘାରିଛି। ରମେଶ ସାତପଡ଼ାଠାରୁ ଜହ୍ନିକୁଦା ଚିଲିକାରେ ଯାତ୍ରା କରି କୃଷ୍ଣପ୍ରସାଦ ବ୍ଲକର ମାଲୁଦ କରଣସାହି, ଦାସସାହି, ମୋରଡା, ଓରାକୁ ଯାଇ ବିଘ୍ନରାଜଙ୍କ ପୂଜାମଣ୍ଡପ ଓ ଚାରିଛକ ବିଶ୍ୱକର୍ମା ପୂଜାରେ ଯୋଗ ଦେଇଥିଲେ। ଏଥିସହ ପାଇକରାପୁର, ବଜ୍ରକୋଟ, ମାଲୁଦ ଆଦି ଗ୍ରାମରେ ପହଞ୍ଚି ଭିନ୍ନକ୍ଷମଙ୍କୁ ଟ୍ରାଇସାଇକେଲ ପ୍ରଦାନ କରିଥିଲେ। ଦୁଇ ଅସହାୟ ପରିବାର ଓ ଗୁରୁତର ରୋଗରେ ପୀଡ଼ିତ ଥାଇ ଚିକିତ୍ସିତ ହେଉଥିବା ୩ଜଣଙ୍କୁ ଆର୍ଥିକ ସହାୟତା ଦେଇଥିଲେ। ନିର୍ବାଚନ ପାଖେଇ ଆସୁଥିବାବେଳେ ରମେଶଙ୍କ ଏଭଳି ଗସ୍ତକୁ ନେଇ ରାଜନୈତିକ ମହଲରେ ବିଭିନ୍ନ ଚର୍ଚ୍ଚା ହେଉଛି। ଏନେଇ ରମେଶ କହିଛନ୍ତି, ତାଙ୍କ ପିତା ୨୦ ବର୍ଷ ଧରି ସରପଞ୍ଚ, ବ୍ଲକ ଅଧ୍ୟକ୍ଷ ଏବଂ ଜିଲାପରିଷଦ ସଦସ୍ୟ ଭାବେ କାମ କରି ଲୋକଙ୍କୁ ଉତ୍ତମ ସେବା ଦେଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ତାଙ୍କ ଆଦର୍ଶ ଓ ନୀତିକୁ ଅନୁସରଣ କରି ସେ ଲୋକଙ୍କ ନିକଟରେ ପହଞ୍ଚୁଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ତାଙ୍କ ସହିତ ମନୋଜ ଜେନା, କୃଷ୍ଣପ୍ରସାଦ ମହାପାତ୍ର, ନରେନ୍ଦ୍ର ପଲାଇ, ଅଶୋକ ରାଉତ, ଅଜୟ ଖଟେଇ, ଅଖାରୀ ବରାଳ, ପବିତ୍ର ପାଇକରାୟ ଏବଂ ଅଶୋକ ଜେନା ପ୍ରମୁଖ ଗସ୍ତ କରିଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ନିରାକାରପୁର, ୨୦।୯
(ମାନସ ଚନ୍ଦ୍ର ପଟ୍ଟନାୟକ)

ମଙ୍ଗଳବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଟାଙ୍ଗୀ ଥାନା ଅଧୀନ ମଙ୍ଗଳାଯୋଡ଼ି ଗ୍ରାମର ବୁଲୁ ବେହେରା(୨୮)। ଖବର ପାଇ ଘଟଣାସ୍ଥଳରେ ଜଙ୍କିଆ ପୋଲିସ ପହଞ୍ଚି ଶବ ବ୍ୟବଚ୍ଛେଦ ନିମନ୍ତେ ଖୋର୍ଦ୍ଧା ମେଡିକାଲକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରକୁ ହସ୍ତାନ୍ତର କରାଯାଇଛି। ଏନେଇ ଏକ ମାମଲା (ନଂ. ୩୩୦/୨୩) ରୁଜୁ ହୋଇଛି। ମୃତ ବୁଲୁଙ୍କ ବାଇକ (ନଂ. ଓଡି-୨୫-ଏଲ-୭୪୫୮)କୁ ଜବତ କରାଯାଇ ତଦନ୍ତ ଚାଲୁଥିବା ଜଙ୍କିଆ ଥାନା ଅଧିକାରିଣୀ ପ୍ରଜ୍ଞାତୁମ୍ବରା କର ସୂଚନା ଦେଇଛନ୍ତି। ମୃତ ବୁଲୁଙ୍କ ଭିଣୋଇ ଗଣେଶ ବେହେରା ଏତଲାରେ ଦର୍ଶାଇଛନ୍ତି ଯେ, ତାଙ୍କ ଶଳା ବୁଲୁ କୌଣସି କାର୍ଯ୍ୟରେ ମଙ୍ଗଳାଯୋଡ଼ିରୁ ଭୁବନେଶ୍ୱର ଯାଉଥିଲେ। ହେଲେ ବାଟରେ ଜଙ୍କିଆ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସୁନେଇ ରୁପେଇ ଛକଠାରେ ଏକ ଟ୍ରକକୁ ଅତିକ୍ରମ କରୁଥିବାବେଳେ ସମ୍ମୁଖରେ ଯାଉଥିବା ଏକ ଅଟୋର ବେପରୁଆ ଚାଳନା ଯୋଗୁ ତାଙ୍କ ବାଇକ୍ ସହ ଦୁର୍ଘଟଣା ଘଟିଥିଲା। ଫଳରେ ବୁଲୁଙ୍କ ମୃତ୍ୟୁ ହୋଇଥିବା ନେଇ ସେ ଅଭିଯୋଗ କରିଥିବା ଥାନା ପକ୍ଷରୁ ସୂଚନା ମିଳିଛି। ଏହାକୁ ଆଧାର କରି ପୋଲିସ ତଦନ୍ତ ଚଳାଇଛି।

### ରକ୍ତଦାନ ଶିବିର: ୪୦ୟୁନିଟ୍ ରକ୍ତ ସଂଗ୍ରହ

ବେଗୁନିଆ,୨୦।୯(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅଧୀନ ବାଘମାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବୁଧବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ ଓ ସରସ୍ୱତୀ ଶିଶୁ ମନ୍ଦିର ସହଭାଗିତାରେ ଆୟୋଜିତ ଶିବିରରେ ସମୁଦାୟ ୪୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। କଟକ ରେଡ଼କ୍ରସ୍ ବ୍ଲଡ଼ ବ୍ୟାଙ୍କ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଏଥିରେ ଓଡ଼ିଶା ମୋ ପରିବାରର ଅଧ୍ୟକ୍ଷ ଅରୂପ ପଟ୍ଟନାୟକ, ସାମାଜିକ କର୍ମୀ ବ୍ରଜବନ୍ଧୁ ସୁବୁଦ୍ଧି, ଦିଲୀପ ହୋତା, ଶରତ ବାରିକ, ତାଜୁ ଉଦ୍ଦିନ ଖାଁ, ସମିତି ସଭ୍ୟା ନବନିତା ମହାନ୍ତି, ଶିଶୁ ମନ୍ଦିରର ଉପଦେଷ୍ଟା ଶଶି ଭୂଷଣ ମିଶ୍ର, ସଭାପତି ଚକ୍ରଧର ପାଇକରାୟ, ସମ୍ପାଦକ ପ୍ରସନ୍ନ କହଲସିଂ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

# ଶିବତାଣ୍ଡବ, ଓଡ଼ିଶୀ ନୃତ୍ୟରେ ଝୁମିଲେ ଦର୍ଶକ




‘ଜଙ୍କିଆ ପଲ୍ଲୀ ଉତ୍ସବ’ର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ନୃତ୍ୟ।

ନିରାକାରପୁର, ୨୦।୯(ମାନସ ଚନ୍ଦ୍ର ପଟ୍ଟନାୟକ)

**ଜଙ୍କିଆ ପଲ୍ଲୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ଜଙ୍କିଆ ଅଞ୍ଚଳର ଓଁଶ୍ରୀ ଗ୍ରୁପ ପୂଜା କମିଟି ପକ୍ଷରୁ ବାଲିଗାଡ଼ିଆସ୍ଥିତ ବାସନ୍ତୀ ପଡ଼ିଆରେ ଚାଲିଥିବା ଦ୍ୱାଦଶତମ ‘ଜଙ୍କିଆ ପଲ୍ଲୀ ଉତ୍ସବ’ର ଦ୍ୱିତୀୟ ସନ୍ଧ୍ୟାରେ ନିରାକାରପୁର ଡିଆସ୍ଥିତ ନୃତ୍ୟଧାରା ଓଡ଼ିଶୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ପରିବେଷିତ ଓଡ଼ିଶୀ ନୃତ୍ୟରେ ଦର୍ଶକ ବିଭୋର ହୋଇଥିଲେ। ଶିଳ୍ପୀକା ଏଣ୍ଟରଟେନ୍‌ମେଣ୍ଟ ପୁରୀର ଶିବତାଣ୍ଡବ ନୃତ୍ୟ ସହିତ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ସଭାପତି କୃଷ୍ଣଚନ୍ଦ୍ର ନରେନ୍ଦ୍ର, ଉପଦେଷ୍ଟା ବିଶ୍ୱଭୂଷଣ ଛୋଟରାୟ, କମଲେଶ ମହାରଣା, କେଦାରଶ୍ୱର ବଳବନ୍ତରାୟ, ପିଙ୍କୁ ପଟ୍ଟନାୟକଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ। କାଶ୍ମୀର ଲଙ୍କା, ମଥୁରା କେକ୍, ଗୁପ୍‌ଚୁପ୍, ଚାଟ୍ ଆଦି ଚଟପଟି ଖାଦ୍ୟ ସାମଗ୍ରୀ ଷ୍ଟଲରେ ଲୋକଙ୍କ ଭିଡ଼ ଜମୁଛି। ଦୋଳି ସମେତ ଡ୍ରାଗନ ଟ୍ରେନ ଯୋଗୁ ଉପସ୍ଥିତ ଦର୍ଶକଙ୍କ ଉତ୍ସାହ ବଢୁଛି।

# ୩୦ରେ ଜାପାନରେ ପ୍ରଦର୍ଶନ ହେବ ଭାରତର କଳା, ସଂସ୍କୃତି

ପୁରୀ, ୨୦।୯(ଅଜିତ ମହାନ୍ତି)

ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟର ତତ୍ତ୍ୱାବଧାନରେ ଆସନ୍ତା ୩୦ତାରିଖରେ ଜାପାନର ପୂର୍ବତନ ରାଜଧାନୀ ନାରାର ଦାଇଆଞ୍ଜି ମନ୍ଦିର ପରିସରରେ ଭାରତ-ଜାପାନ ନାମରେ ଏକ ବଡ଼ ଉତ୍ସବ ମହାସମାରୋହରେ ପାଳନ କରାଯିବ। ଏଥିରେ ଉଭୟ ଦେଶର କଳାକାରମାନେ ସେମାନଙ୍କ କଳା, ସଂସ୍କୃତି ପ୍ରଦର୍ଶନ କରିବେ। ପ୍ରଥମେ ଉଭୟ ଦେଶ ମଧ୍ୟରେ ପୁରୀରେ ଗତ ଜନ୍ମାଷ୍ଟମୀରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏବେ ଜାପାନରେ ଦ୍ୱିତୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ବୋଲି ଭାରତ -ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟରର ଜାପାନ ସଭାପତି କୁନା ଦାସ ଏକ ପ୍ରେସ୍ ଇସ୍ତାହାରରେ ବୁଧବାର ସୂଚନା ଦେଇଛନ୍ତି। ଦାସ କହିଛନ୍ତି, ଏହି ଉତ୍ସବରେ ଚେନ୍ନାଇର ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ମୀନାକ୍ଷୀ ଚିତ୍ତରଞ୍ଜନ ଏବଂ ତାଙ୍କ ଶିଷ୍ୟ ଅଦିତି ଶ୍ରୀରାମ ଯୋଗଦେବେ। ସେହିଭଳି ଜାପାନ କଳାକାରମାନେ କାର୍ଯ୍ୟକ୍ରମରେ ଯୋଗଦେଇ ଭାରତ ନୃତ୍ୟଶିଳ୍ପୀଙ୍କଠାରୁ ଶିଖିଥିବା କଳାକୁ ପ୍ରଦର୍ଶନ କରିବେ।

# ବନ୍ୟା ବିପନ୍ନଙ୍କୁ ସହାୟତା



ବନ୍ୟା ବିପନ୍ନଙ୍କୁ ଭେଟିବା ଅବସରରେ ବାସନ୍ତୀ ମହାପାତ୍ରଙ୍କୁ ଜଣେ ବୃଦ୍ଧ ଆଶୀର୍ବାଦ କରୁଛନ୍ତି।

ଖୋର୍ଦ୍ଧା,୨୦।୯(ପ୍ରଭାତ ପାଣିଗ୍ରାହୀ)

ମହାନଦୀର ଶାଖା ନଦୀ ରାଜୁଆର ପଛୁଆ ଜଳ ପଶି ଖୋର୍ଦ୍ଧା ବ୍ଲକ ଓରବରସିଂହ ପଞ୍ଚାୟତର ୧୦ଖଣ୍ଡ ଗାଁର ଚାଷ ଜମି ଜଳମଗ୍ନ ହୋଇଛି। ହିରିମୂଳ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ରାସ୍ତାରେ ୪ ଫୁଟ୍‌ରେ ପାଣି ଚାଲୁଥିବାବେଳେ ଚାଷ ଜମିରେ ୧୦ ଫୁଟ୍ ପାଣି ରହିଛି। ଫଳରେ ଲୋକଙ୍କ ଯାତାୟାତ ଠପ୍ ହୋଇଯାଇଛି। ହିରିମୂଳର ପ୍ରାୟ ୨ଶହ ପରିବାର ଜଳବନ୍ଦୀ ହୋଇ ରହିଛନ୍ତି। ଡଙ୍ଗା ଗ୍ରାମବାସୀଙ୍କ ସାହାରା ପାଲଟିଛି। ବୁଧବାର ସମ୍ପ୍ରତି ହିରିମୂଳ ଗ୍ରାମବାସୀଙ୍କ ଦୁର୍ଦ୍ଦଶାକୁ ଉପଲବ୍ଧି କରି ରାଜ୍ୟ ବିଜୁ ମହିଳା ଜନତା ଦଳ ବରିଷ୍ଠ ଉପସଭାପତି ବାସନ୍ତୀ ମହାପାତ୍ର ବନ୍ୟା ବିପନ୍ନଙ୍କୁ ଭେଟି ସେମାନଙ୍କ ସମସ୍ୟା ବୁଝିଥିଲେ। ବିପନ୍ନ ପରିବାରଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ଏଥିସହ ପ୍ରଶାସନ ପକ୍ଷରୁ ବିପନ୍ନ ପରିବାରଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଅନୁରୋଧ କରାଯାଇଛି।

# ଶିବିରରୁ ୧୧୧ ୟୁନିଟ୍ ରକ୍ତ ସଂଗ୍ରହ

ବୋଲଗଡ଼,୨୦।୯(ଦେବବ୍ରତ ହୋତା)

ବୋଲଗଡ଼ର ସ୍ୱେଚ୍ଛାସେବୀ ଅନୁଷ୍ଠାନ ନାରାୟଣ ସେବା ସଂଘ ଆବାହକତ୍ୱରେ ଓଡ଼ିଶା ମୋ ପରିବାର-ଜୀବନବିନ୍ଦୁ ଆନୁକୂଲ୍ୟରେ ବୁଧବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ ନନ୍ଦିଘୋଷ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ମୋ ପରିବାର ଅଧ୍ୟକ୍ଷ ତଥା ପ୍ରାକ୍ତନ ପୋଲିସ ଅଧିକାରୀ ଅରୂପ ପଟ୍ଟନାୟକ, ବରିଷ୍ଠ ସାମାଜିକ କର୍ମୀ ବ୍ରଜବନ୍ଧୁ ସୁବୁଦ୍ଧି, ଅବସରପ୍ରାପ୍ତ ପ୍ରଫେସର ସୁନୀଲ ରଥ ଓ ଭବାନୀ ଶଙ୍କର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ୧୧୧ଜଣ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିଥିଲେ। ନୟାଗଡ଼ ଜିଲା ସରକାରୀ ଚିକିତ୍ସାଳୟର ରକ୍ତଭଣ୍ଡାର ଡାକ୍ତର ଶିବାଶିଷ୍ ସାହୁ ଓ ବୈଷୟିକ ସହାୟକ ଅଭୟ ଚରଣ ସାସମଲ, ଚନ୍ଦ୍ରଭାନୁ ବରାଡ଼, ଅଭିମନ୍ୟୁ ସାହୁ, ରାକେଶ ବରାଡ଼, ସବଦର ମଲ୍ଲିକ, ସସ୍ମିତା ଦାସ ପ୍ରମୁଖ ରକ୍ତଦାତାଙ୍କଠାରୁ ୧୧୧ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ଶିବିରକୁ ନାରାୟଣ ସେବା ସଂଘ ସମ୍ପାଦକ ଗୌରାଙ୍ଗ ଚମ୍ପତି, ପୂର୍ବତନ ଜିଲା ପରିଷଦ ସଭ୍ୟ ଦିଲୀପ ଦତ୍ତ, ସାମାଜିକ କର୍ମୀ ରାଇମୋହନ ପଟ୍ଟନାୟକ, ସନ୍ତୋଷ ବୈରୀଗଞ୍ଜନ, ଦେବପ୍ରସାଦ ସାହୁଙ୍କ ସମେତ ବହୁ ଯୁବ ଗୋଷ୍ଠୀ ପରିଚାଳନା କରିଥିଲେ।



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

# ଚାଲିଛି ପୂଜା, ଜମୁଛି ସାଂସ୍କୃତିକ କାର୍ଯ୍ୟକ୍ରମ



ଗୁରୁଜଙ୍ଗ ହାଉସିଂବୋର୍ଡ ଶହୀଦ ଜୟୀ ରାଜଗୁରୁ କ୍ଲବ ।



ମା’ ବରୁଣେଇ ପୂଜା କମିଟି ଗଡଦ୍ୱାର ସାହି।



ବୁଢ଼ୀ ବଗିଚା ମଣ୍ଡପ।

ଖୋର୍ଦ୍ଧା,୨୦।୯(ପ୍ରଭାତ ପାଣିଗ୍ରାହୀ)

**ଉତ୍ସବମୁଖର ଖୋର୍ଦ୍ଧା ସହର**

ଖୋର୍ଦ୍ଧା ସହରର ବିଭିନ୍ନ ପୂଜାମଣ୍ଡପରେ ବିଘ୍ନରାଜ ଶ୍ରୀଗଣେଶଙ୍କ ପୂଜା ଚାଲିଛି। ସବୁଠି ରହିଛି ଉତ୍ସାହ। ରଙ୍ଗିନ ଆଲୋକମାଳା ସହ ଆକର୍ଷଣୀୟ ତୋରଣ ଓ ସାଜସଜ୍ଜାରେ ପୂଜାମଣ୍ଡପ ଝଲସୁଛି। ପୂଜାମଣ୍ଡପରେ ଭକ୍ତଙ୍କ ଭିଡ଼ ଲାଗିଛି। ଘଣ୍ଟଘଣ୍ଟା ଓ ମନ୍ତ୍ରଧ୍ୱନି ସାଙ୍ଗକୁ ଗଣପତିଙ୍କ ବନ୍ଦନାରେ କମ୍ପୁଛି ପୂଜାମଣ୍ଡପ। ମେଡିକାଲ ଛକ, ଉପର ସାହି, ବାସେଳି ସାହି, ବରୁଣେଇ ସାହି, ସାମନ୍ତରାପୁର, ଗୋଡ଼ି ପୋଖରୀ, ବୁଢ଼ି ବଗିଚା, ମୁକୁନ୍ଦ ପ୍ରସାଦ, ପଲ୍ଲାହାଟ, କୋଣାର୍କ ନଗର, ଶ୍ରୀରାମନଗର, ଭାଲିଆବାଡ଼ି, ନବୀନାବାଗ, ଗଡଖୋର୍ଦ୍ଧା ସମେତ ଗୁରୁଜଙ୍ଗ ସୂର୍ଯ୍ୟନଗର ସିଦ୍ଧିବିନାୟକ ପୂଜା କମିଟି, ମଝିସାହିର ଦନ୍ତା ପୂଜା କମିଟି, ଦେୱାନ ସାହିର ରକ୍ ଷ୍ଟାର ପୂଜା କମିଟି, ହାଉସିଂ ବୋର୍ଡ ଶହୀଦ ଜୟୀ ରାଜଗୁରୁ କ୍ଲବ, ନନ୍ଦ ସାହି, ମାଳିସାହି, ଟାଙ୍ଗି ସାହି, ଦ୍ୱାରିକା ନଗର, ଦଳିତ ସାହି ପ୍ରଭୃତି ସାହିରେ ଛୋଟବଡ ୩୦ରୁ ଊର୍ଦ୍ଧ୍ୱ ପୂଜାମଣ୍ଡପରେ ଶ୍ରୀଗଣେଶ ପୂଜା ପାଉଛନ୍ତି। ଏଥିସହିତ ଖୋର୍ଦ୍ଧା ନିକଟବର୍ତ୍ତୀ ନୂଆଗାଁ, ଉଇଲି କିଶନନଗର, ବାଜପୁର, ନନ୍ଦପୁର, ମୁକ୍ତାପୁର, କୁମାରବସ୍ତ, ଜରିପୁଟ, ଦଳେଇପୁଟ, ମଳିପଡ଼ା, ନଗରଣଗଡ, ହାଡ଼ପଦା, ଶରଧାପୁର, ଜାଗୁଳିପାଟଣା ପ୍ରଭୃତି ଗ୍ରାମରେ ବିଘ୍ନରାଜ ଶ୍ରୀଗଣେଶଙ୍କ ପୂଜା ଆଡ଼ମ୍ବରରେ ଚାଲିଛି।

ଭକ୍ତଙ୍କୁ ଆକର୍ଷିତ ଲାଗି ବିଭିନ୍ନ ପୂଜାମଣ୍ଡପରେରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ନବୀନାବାଗର ବକ୍ସି ଜଗବନ୍ଧୁ କ୍ଲବ ୧୫ଫୁଟର ସିଂହାସନରେ ବିରାଜମାନ ହୋଇ ଦର୍ଶନ ଦେଉଛନ୍ତି ଶ୍ରୀଗଣେଶ। ଏଠାରେ ୪ଦିନ ବ୍ୟାପୀ ଗଣପତି ମହୋତ୍ସବ ଆୟୋଜନ କରାଯାଇଛି। କୋଣାର୍କ ନଗର ପଲ୍ଲୀ ମା’ ତାରିଣୀ କ୍ଲବ ପକ୍ଷରୁ ୧୨ଫୁଟ ଉଚ୍ଚର ଶ୍ରୀଗଣେଶ ପୂଜା ପାଉଛନ୍ତି। ଅନୁଷ୍ଠାନ ପକ୍ଷରୁ ୨୩ରେ ମେଲୋଡି ନାଇଟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ବାସେଳିସାହି ପୂଜା କମିଟି ପକ୍ଷରୁ ୧୫ ଫୁଟ ଉଚ୍ଚର ମୂର୍ତ୍ତି ପୂଜା ପାଉଥିବାବେଳେ ଗୁରୁଜଙ୍ଗ ସୂର୍ଯ୍ୟନଗର ସିଦ୍ଧି ବିନାୟକ ପୂଜା କମିଟି ପକ୍ଷରୁ ଶ୍ରୀଗଣେଶ ଶ୍ରୀରାମାବତାର ୧୪ ଫୁଟ ମୂର୍ତ୍ତି ଯୋଦ୍ଧା ବେଶରେ ପୂଜା ପାଉଛନ୍ତି।

## ସଂକ୍ଷେପରେ

### ସେପ୍ଟେମ୍ବର ୨୨ରୁ ପଞ୍ଚଧ୍ୱନି ନାଟକ ମହୋତ୍ସବ

**ଭୁବନେଶ୍ୱର,୨୦।୯(ଶର୍ମିଷ୍ଠା ପାଣିଗ୍ରାହୀ):** ସେପ୍ଟେମ୍ବର ୨୨ରୁ ପଞ୍ଚଧ୍ୱନି ନାଟ୍ୟ ପରିଷଦର ଅଷ୍ଟମ ନାଟକ ମହୋତ୍ସବ ୨୦୨୩ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହେବ। ୨ଦିନ ଧରି ହେବାକୁ ଥିବା ଏହି ମହୋତ୍ସବରେ ପ୍ରଥମଦିନ ପୁରୀ ଶ୍ରୀକ୍ଷେତ୍ର ଆମେଚର ଆର୍ଟିଷ୍ଟ ଆସୋସିଏଶନ ପକ୍ଷରୁ ନାଟକ 'କିଣା କନିଆ' ଓ ଦ୍ୱିତୀୟ ଦିନ ପଞ୍ଚଧ୍ୱନି ପରିଷଦ ପକ୍ଷରୁ ନାଟକ 'ବିପ୍ଳବୀ ବ୍ରଜକିଶୋର' ପରିବେଷଣ ହେବ। ୨ଟି ଯାକ ନାଟକର ରଚୟିତା ହେଉଛନ୍ତି ପଞ୍ଚାନନ ଦାଶ। ଏହି ନାଟକ ଉତ୍ସବରେ ୨୦୨୩ ବର୍ଷ ପାଇଁ ପଞ୍ଚଧ୍ୱନି ନାଟ୍ୟ ନିର୍ଦ୍ଦେଶକ ଓ ଅଭିନେତା ସମ୍ମାନରେ ପ୍ରସନ୍ନ କୁମାର ମିଶ୍ର, ଗୋପୀନାଥ ଦାଶ ନାଟ୍ୟ ପ୍ରତିଭା ସମ୍ମାନରେ କରୁଣାକର ସାମଲ, ଦୁର୍ଗାଚରଣ ସାହୁ ଯୁବ ପ୍ରତିଭା ସମ୍ମାନରେ ଗୌରୀଶଙ୍କର ଦାଶ, ଉଚ୍ଛବ ସାହୁ, ପ୍ରତିଭା ସମ୍ମାନରେ ବିଜୟଲକ୍ଷ୍ମୀ ରାଉତରାୟ, ପଞ୍ଚଧ୍ୱନି ସାମ୍ବାଦିକ ରଶ୍ମି ସମ୍ମାନରେ ଗୋପୀନାଥ ବାରିକ ଓ ପଞ୍ଚଧ୍ୱନି ନବଜ୍ୟୋତି ସମ୍ମାନରେ ଗଗନ ବିହାରୀ ପାଇଟାଳଙ୍କୁ ସମ୍ମାନିତ କରାଯିବ। ଏନେଇ ବୁଧବାର କଳାକେନ୍ଦ୍ରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପରିଷଦର ସଦସ୍ୟ ପଞ୍ଚାନନ ଦାଶ ସୂଚନା ଦେଇଥିବାବେଳେ ନାଟ୍ୟକାର ପ୍ରକାଶ ମହାରଣା, ରଘୁନାଥ ବେହେରା ଉପସ୍ଥିତ ଥିଲେ।

### ବିସ୍ଥାପିତ ପରିବାରଙ୍କୁ ରେଲୱେ କର୍ତ୍ତୃପକ୍ଷ ଜାଗା ଦେବାକୁ ଦାବି

**କଟକ ସଦର ୨୦।୯(ସୁଶାନ୍ତ କୁମାର ଜେନା)** କଟକ- ନୂଆଗାଁ ୫୫ ନଂ.ଜାତୀୟ ରାଜପଥର କନ୍ଦରପୁର ଲେଭେଲ କ୍ରସିଂ ନିକଟରେ ରେଲୱେ କର୍ତ୍ତୃପକ୍ଷ ଓଭର ବ୍ରିଜ ନିର୍ମାଣ କରିବାକୁ ଯାଉଛନ୍ତି। ଏଥିପାଇଁ ଉକ୍ତ ରାସ୍ତାର ସିଦ୍ଧେଶ୍ୱରପୁର ମୌଜାର ୮୦ ଜନଜାତି ପରିବାର ବିସ୍ଥାପିତ ହେଉଛନ୍ତି। ଏହି ପରିବାରମାନଙ୍କୁ ରାଜ୍ୟ ସରକାର ଘରବାଡ଼ି ଜମି ଦେବା ପାଇଁ ରାଜି ହୋଇନାହାନ୍ତି। ଏସବୁ ପରିବାର ୫୦ ବର୍ଷ ଧରି ରେଲୱେ ଜାଗାରେ ରହୁଥିବାରୁ ସେମାନଙ୍କୁ ସମ୍ପୃକ୍ତ ସଂସ୍ଥା ପକ୍ଷରୁ ଘରବାଡ଼ି ଜମି ଯୋଗାଇ ଦେବା ପାଇଁ କନ୍ଦରପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ଭୋଇ ଦାବି କରିଛନ୍ତି। ସେ କହିଛନ୍ତି, ରେଲୱେର ବହୁ ଜାଗାଥିବାରୁ ବିସ୍ଥାପିତଙ୍କୁ ଦେବାରେ କୌଣସି ଅସୁବିଧା ନାହିଁ। ଅନ୍ୟପକ୍ଷରେ କଟକ- ନୂଆଗାଁ ରେଳପଥ କାମ କରିବା ପାଇଁ ଏହି ପରିବାର ୧୯୬୫ରେ ବିଭିନ୍ନ ଜିଲାରୁ ଏଠାକୁ ଆସିଥିଲେ। ତେଣୁ ଜାଗା ଯୋଗାଇଦେବା ଦାୟିତ୍ୱ କେନ୍ଦ୍ର ସରକାର ନେବା ଉଚିତ୍ ବୋଲି ଭୋଇ ଦାବି କରିଛନ୍ତି। ଅଗଷ୍ଟ ୧୯ରେ ରେଳବାଇ କର୍ତ୍ତୃପକ୍ଷ ଏହାକୁ ଉଚ୍ଛେଦ କରିବା ପାଇଁ କନ୍ଦରପୁର ଆସିଥିଲେ। ମାତ୍ର ସମ୍ପୃକ୍ତ ପରିବାର ସମୟ ନେଇଥିବାରୁ ଉଚ୍ଛେଦ କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା।

# ଦିନ ସାରା ଝିପିଝିପି, ରାତିରେ ବର୍ଷିଲା

**ଭୁବନେଶ୍ୱର,୨୦।୯ (ଅନୁରାଧା ମହାରଣା)**




ରାଜଧାନୀ ଭୁବନେଶ୍ୱରରେ ବୁଧବାର ସାରାଦିନ ବର୍ଷା ଲାଗି ରହିଥିଲା। ମଝିରେ ମଝିରେ ଜୁହାକୁ ଜୁହା ବର୍ଷା ହୋଇଥିଲା। ଆଞ୍ଚଳିକ ପାଣିପାଗ ବିଜ୍ଞାନ ବିଭାଗ ପକ୍ଷରୁ ଜାରି ସନ୍ଧ୍ୟା ବୁଲେଟିନ୍ ଅନୁସାରେ, ସହରରେ ୧୫.୨ ମିମି ବର୍ଷା ରେକର୍ଡ କରାଇଥିବାବେଳେ ରାତିରେ ପ୍ରବଳ ବର୍ଷିଥିଲା। ତେବେ ଏହି ବର୍ଷାରେ ସହରର ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇଥିଲା। ବିଭିନ୍ନ ବିଭାଗ ପକ୍ଷରୁ ରାସ୍ତାଘାଟ ଖୋଳାଯାଇଥିବାବେଳେ ଡ୍ରେନେଜ ସମସ୍ୟା ଯୋଗୁ ବର୍ଷା ପାଣି ନିଷ୍କାସିତ ହୋଇପାରି ନ ଥିଲା। ରାସ୍ତାରେ ପାଣି ଚାଲିବା ସହ ବହୁ ସ୍ଥାନରେ ଜମି ରହି ସମସ୍ୟା ସୃଷ୍ଟି କରିଥିଲା। ଅନ୍ୟପଟେ ସହରରେ ଗଣେଶପୂଜା ଅବସରରେ ବିଭିନ୍ନ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ମୀନାବଜାରର ବ୍ୟବସ୍ଥା କରାଯାଇଛି। ମାତ୍ର ଲଗାଣ ବର୍ଷା ଫଳରେ ଉତ୍ସବରେ ଫିକା ପଡ଼ିଛି। ଟଙ୍କପାଣିରୋଡ୍‌ରେ ଜଳବନ୍ଦୀ ସମସ୍ୟାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ସେହିପରି ବରମୁଣ୍ଡାରେ ଏନ୍‌ଏଚ୍‌ଏଆଇ ପକ୍ଷରୁ ରାସ୍ତା ଓ ଡ୍ରେନ ନିର୍ମାଣ କାର୍ଯ୍ୟ ଜାରି ରହିଛି। ସର୍ଭିସ୍ ରୋଡ଼ଖାଲଖମାରେ ଭର୍ତ୍ତି ହୋଇଥିବାବେଳେ ଡ୍ରେନ୍ କାର୍ଯ୍ୟପାଇଁ ରାସ୍ତା ଅଧା ଅବରୋଧ ହୋଇ ରହୁଛି। ବର୍ଷା ଫଳରେ ସଂପୃକ୍ତ ରାସ୍ତାରେ ପାଣି ଲହଡ଼ି ମାରିଥିବାବେଳେ ଦୀର୍ଘ ସମୟ ଯାଏ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା।



ବିଦ୍ୟାକନକ ସୃଜାନୁଷ୍ଠାନ ପକ୍ଷରୁ ବୁଧବାର ରବୀନ୍ଦ୍ର ମଣ୍ଡପରେ ପରିବେଷିତ ନାଟକ 'ପ୍ରବାଦ ପୁରୁଷ'ର ଏକ ଦୃଶ୍ୟ। (ଫଟୋ- ମୌସମ ନନ୍ଦ)

## 'ପ୍ରବାଦ ପୁରୁଷ'ରେ ବିଜୁବାବୁଙ୍କ ଜୀବନ କାହାଣୀ

**ଭୁବନେଶ୍ୱର,୨୦।୯(ଶର୍ମିଷ୍ଠା ପାଣିଗ୍ରାହୀ)**



ବିଦ୍ୟାକନକ ସୃଜାନୁଷ୍ଠାନ ପକ୍ଷରୁ ବୁଧବାର ରବୀନ୍ଦ୍ର ମଣ୍ଡପରେ ନାଟକ 'ପ୍ରବାଦ ପୁରୁଷ' ମଞ୍ଚସ୍ଥ ହୋଇଯାଇଛି। ବିଶିଷ୍ଟ ଜନନାୟକ ବିଜୁ ପଟ୍ଟନାୟକଙ୍କ ଜନ୍ମ, ବାଲ୍ୟ ଜୀବନ, ଶିକ୍ଷା ସହ ସଂଗ୍ରାମ ସମ୍ପର୍କରେ ଜାଣିବାକୁ ପାଇଛନ୍ତି ଦର୍ଶକ। ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମନେଇଥିବା ବିଜୁବାବୁ ଜଣେ ଦକ୍ଷ ପାଇଲଟ୍ ଭାବରେ କର୍ମମୟ ଜୀବନ ଆରମ୍ଭକରି କିପରି ସ୍ୱାଧୀନତା ସଂଗ୍ରାମରେ ନିଜକୁ ସାମିଲ କରିଥିଲେ ଓ ପରବର୍ତ୍ତୀ ସମୟରେ ରାଜନୀତିରେ ଯୋଗଦେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେଲେ ଓ ଶେଷରେ ତାଙ୍କ ମହାପ୍ରୟାଣ ସହ ନାଟକଟି ଶେଷ ହୋଇଛି। ୨ଦିନ ଧରି ଚାଲିବାକୁ ଥିବା ଏହି ନାଟକରେ ସଚ୍ଚି ପଣ୍ଡା, ରାଜେଶ କୁମାର ପଣ୍ଡା, ସିଦ୍ଧାନ୍ତ ବଳିୟାରସିଂ, ଅଭିମାନ ସାଇସ୍ୱରୂପ ରାଣା, ରଶ୍ମି ସାମଲ, ଶୁଭକାନ୍ତ ପାଢ଼ୀ, ଅମରଦୀପ ମହାନ୍ତି, ମାନସ କୁମାର ପରିଡ଼ା, ରାଜେଶ କୁମାର ଶତପଥୀ, ନବୀନ କୁମାର ପରିଡ଼ା, ଗୌର ଆଚାର୍ଯ୍ୟ ପ୍ରମୁଖ ଅଭିନୟ କରିଛନ୍ତି। କାହାଣୀକୁ ନାଟ୍ୟକାର ଶଙ୍କର ତ୍ରିପାଠୀ ରଚନା କରିଥିବାବେଳେ ରାଜେଶ ଶତପଥୀ ନିର୍ଦ୍ଦେଶନା ଦେଇଛନ୍ତି। ଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ମେୟର ସୁଲୋଚନା ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ରୋଟାରିଆନ୍ ଜୟଶ୍ରୀ ମହାନ୍ତି ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ପ୍ରସନ୍ନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଭସାଣି ବାଣ ନିଆଁରେ ଗଦି ଦୋକାନ ଜଳିଗଲା

**ନିଶ୍ଚିନ୍ତକୋଇଲି,୨୦।୯ (ଅଶୋକ କୁମାର ମହାପାତ୍ର)**

ନିଶ୍ଚିନ୍ତକୋଇଲି ଥାନା ଅଧୀନ ସ୍ଥାନୀୟ ବଜାରରେ ଥିବା ଏକ ଗଦି ଦୋକାନରେ ଗଣେଶ ମୂର୍ତ୍ତି ଭସାଣି ଶୋଭାଯାତ୍ରାରେ ଫୁଟୁଥିବା ବାଣର ନିଆଁ ଝୁଲ ପଡ଼ି ଜଳିଯାଇଛି। ବୁଧବାର ରାତି ୮ଟାରେ ଅଚାନକ ଦୋକାନରେ ନିଆଁ ଜଳୁଥିବା ଦୋକାନୀ ମହମ୍ମଦ ସଲାଉଦ୍ଦିନ ଦେଖିଥିଲେ। ସେ ଡାକ ପକାଇବାରୁ ସ୍ଥାନୀୟ ଲୋକ ଓ ବ୍ୟବସାୟୀମାନେ ଦୋକାନରେ ଥିବା ଗଦି ଟାଣି ପଦାକୁ ଆଣି ପାଣି ଢାଳି ଥିଲେ। ଖବରପାଇ ନିଶ୍ଚିନ୍ତକୋଇଲି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

## ଆଉ ଜଣେ ସହଯୋଗୀ ଗିରଫ

**ଭୁବନେଶ୍ୱର,୨୦।୯ (ସତ୍ୟଜିତ୍ ରାଉତ)**

**ସେଲୁନ୍ ମାଲିକଙ୍କୁ ଆକ୍ରମଣ ଘଟଣା**



ଦୁର୍ଘଟଣାଗ୍ରସ୍ତ ପିଲାଙ୍କୁ ଚିକିତ୍ସା ପାଇଁ କହିବାରୁ ସେଲୁନ୍ ମାଲିକଙ୍କୁ ଭୁଜାଲିରେ ଆକ୍ରମଣ ଘଟଣାରେ ଲକ୍ଷ୍ମୀସାଗର ପୋଲିସ ଆଉ ଜଣେ ସହଯୋଗୀଙ୍କୁ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଜଗନ୍ନାଥ ନଗର ବାଲିପଡ଼ା ବସ୍ତିରେ ରହୁଥିବା ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ଗୌଡ଼ପାଟଣା ଗ୍ରାମର ସନ୍ତୋଷ ସାହୁ (୨୨)। ଅଭିଯୁକ୍ତ ସନ୍ତୋଷଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବା ପରେ ଜାମିନ ନ ମିଳିବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ତେବେ ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ରାମେଶ୍ୱରଙ୍କ ସମେତ ୩ ଜଣ ଏବେ ବି ଫେରାର ଥିବାରୁ ପୋଲିସ ସେମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ବମିଖାଲ କେନାଲ ରୋଡ୍‌ସ୍ଥିତ ନିଜ ସେଲୁନ୍‌ରେ ରମେଶ ବାରିକ ବସିଥିବାବେଳେ ରାମେଶ୍ୱରଙ୍କ ବାଇକ୍ ସାଇକେଲରେ ଯାଉଥିବା ଜଣେ ପିଲାକୁ ଧକ୍କାଦେଇଥିଲା। ଏହା ଦେଖି ରାମେଶ୍ୱରଙ୍କୁ ରମେଶ ଦୁର୍ଘଟଣା ପାଇଁ ଦାୟୀକରି ଆହତ ପିଲାଙ୍କୁ ଚିକିତ୍ସା କରିବାକୁ କହିଥିଲେ। ଏଥିରେ ରାମେଶ୍ୱର ରାଗିଯାଇ ଗାଳିଗୁଲଜ କରିବା ସହ ସେଠାରୁ ପଳାଇଯାଇଥିଲେ। ହେଲେ କିଛି ସମୟ ପରେ ରାମେଶ୍ୱର ଘଟଣାସ୍ଥଳକୁ ସହଯୋଗୀଙ୍କ ସହ ଆସି ରମେଶଙ୍କୁ ଭୁଜାଲିରେ ସଂଘବଦ୍ଧ ଆକ୍ରମଣ କରିଥିଲେ।

## ଦାରୁଠେଙ୍ଗ ମହିମାଗାଦିରେ ଝାଡ଼ଦୀପ ପ୍ରଜ୍ୱଳନ

**ବାରଙ୍ଗ,୨୦।୯(ଲିଙ୍ଗରାଜ ରାଉତ)**

ଭୁବନେଶ୍ୱର ଉପକଣ୍ଠ ଦାରୁଠେଙ୍ଗ ସତ୍ୟମହିମା ଗୋବିନ୍ଦ ବାବାଙ୍କ ଗାଦି ପୀଠରେ ଚଳିତବର୍ଷ ଭାଦ୍ରବ ଶୁକ୍ଳପକ୍ଷ ଦ୍ୱିତୀୟା ତିଥି ବୁଧବାର ଅପରାହ୍ନରେ ସାଧୁ ଭୋଜନ, ଘୃତବତି ପ୍ରଜ୍ୱଳନ ଅନୁଷ୍ଠିତ ହୋଇଯାଇଛି। ଏଥି ସହିତ ସାୟଂ ସରଣଦର୍ଶନ, ବିଶ୍ୱ ବ୍ରହ୍ମାଣ୍ଡର ମଙ୍ଗଳ ପାଇଁ ସମବେତ ପ୍ରାର୍ଥନା ଓ ଧର୍ମ ଆଲୋଚନା ହୋଇଥିଲା। ସାଧୁ ସନ୍ଥମାନେ ଅହୋରାତ୍ର ଭଜନ ଗାୟନ କରିଥିଲେ। ସିଦ୍ଧସାଧୁ ବ୍ରହ୍ମଲୀନ ଅବଧୂତ ଜୟକୃଷ୍ଣ ବାବାଙ୍କ ଆଦେଶ ଅନୁସାରେ ଏବଂ ବ୍ରହ୍ମ ଅବଧୂତ ବ୍ରଜବନ୍ଧୁ ବାବାଙ୍କ ତତ୍ତ୍ୱାବଧାନରେ ଦାରୁଠେଙ୍ଗ ଗୋବିନ୍ଦ ବାବା ଗାଦି ପୀଠରେ ଝାଡ଼ଦୀପ ଲଗାଯାଇଥିଲା। ଦାରୁଠେଙ୍ଗ, ଅଳସୁଆ, ଅନ୍ଧାରୁଆ, ଚନ୍ଦକା, ବଡମ୍ବା ଆଦି ଅଞ୍ଚଳରୁ ଭକ୍ତମାନେ ସାମିଲ ହୋଇ ଅହୋରାତ୍ର ଭଜନ ଗାନ କରିଥିଲେ। ବ୍ରହ୍ମ ଅବଧୂତ ନକୁଳ ବାବା, ଯୋଗୀ ବାବା, ଲମ୍ବୋଦର ବାବା, ପ୍ରମୋଦ ବାବା, ସାଧୁ ମଧୁସୂଦନ ଦାସ, ସାଧୁ ସୁଧାକର ଦାସ, ସାଧୁ କ୍ଷମା ଦାସ, ସାଧୁ ରମେଶ ଦାସ, ସାଧୁ ହରମୋହନ ଦାସ, ସାଧୁ ହୃଷୀକେଶ ଦାସ ପ୍ରମୁଖ ଉପସ୍ଥିତ ରହି ଶୂନ୍ୟ ପ୍ରଭୁଙ୍କ ନିମିତ୍ତ ଅଖଣ୍ଡଝାଡ଼ ବତି ପ୍ରଜ୍ୱଳନ କରିଥିଲେ। ଗୁରୁବାର ବ୍ରାହ୍ମ ମୁହୂର୍ତ୍ତରେ ସମବେତ ନୂଆଖିଆପର୍ବ ପାଳିତ ହେବ ବୋଲି ଗାଦି ପକ୍ଷରୁ ସୂଚନା ଦିଆଯାଇଛି।



ଦାରୁଠେଙ୍ଗ ସତ୍ୟମହିମା ଗୋବିନ୍ଦ ବାବାଙ୍କ ଗାଦି ପୀଠରେ ସାଧୁମାନେ ଝାଡ଼ଦୀପ ପ୍ରଜ୍ୱଳନ କରୁଛନ୍ତି।

## ସାହିତ୍ୟ ହେଉଛି ମାନବ ଜାତିର ମସ୍ତିଷ୍କ

**ଭୁବନେଶ୍ୱର,୨୦।୯(ଶର୍ମିଷ୍ଠା ପାଣିଗ୍ରାହୀ)**

**ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ୫୬ତମ ଅଧିବେଶନ**

ସାହିତ୍ୟ ହେଉଛି ମାନବ ଜାତିର ମସ୍ତିଷ୍କ ଏବଂ ଶିଶୁମାନେ ହେଉଛନ୍ତି ଜାତିର ଭବିଷ୍ୟତ। ଏହି ଭବିଷ୍ୟତମାନଙ୍କୁ ଉପଯୁକ୍ତ ଭାବରେ ସୁଶିକ୍ଷିତ କରି ଗଢ଼ି ତୋଳିଲେ ସେମାନେ ମାନବ ଜାତିର ମସ୍ତିଷ୍କକୁ ସୁରକ୍ଷିତ କରି ରଖିପାରିବେ ବୋଲି ବୁଧବାର ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ୫୬ତମ ଅଧିବେଶନରେ ମତ ପ୍ରକାଶ ପାଇଛି। ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ବାଲ ସାହିତ୍ୟ ପୁରସ୍କାରପ୍ରାପ୍ତ କବି ଡ. ଦିଗରାଜ ବ୍ରହ୍ମା ଓ ଅତିଥି ଭାବେ ପ୍ରଫେସର ଜୟଶ୍ରୀ ମିଶ୍ର ଯୋଗଦେଇ ନିଜ ମତ ରଖିଥିଲେ। ଏହି ଅବସରରେ ସଂସଦର ଶିଶୁ ସାହିତ୍ୟ ପତ୍ରିକା 'ଶିଶୁ ରାଇଜ' ଏବଂ ଶରତ କୁମାରୀ ମିଶ୍ରଙ୍କର ଦୁଇଟି ଶିଶୁ କବିତା ସଂକଳନ 'ସରସ ସୁନ୍ଦର ଗୀତ', 'ଶିଶୁ ମନଛୁଆଁ ମିଠା ମିଠା ଗୀତ' ଏବଂ ଡ. ପ୍ରତିମାରାଣୀଙ୍କ 'ଗୀତରେ ଗୀତରେ ଗପ' ଲୋକାର୍ପିତ ହୋଇଥିଲା। ଶିଶୁ ରାଇଜର ପ୍ରତିଷ୍ଠାତା ସମ୍ପାଦକ ଡ. କୃତ୍ତିବାସ ନାୟକ ପତ୍ରିକାର ଜନ୍ମ ଓ ଚଲାପଥ ସମ୍ପର୍କରେ କହିଥିବାବେଳେ ବିଶିଷ୍ଟ ଶିଶୁ ସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର କୁମାର ମଲ୍ଲିକ ଶିଶୁ ସାହିତ୍ୟର ଦିଗ ଓ ଦିଗନ୍ତ ଉପରେ ଆଲୋକପାତ କରିଥିଲେ। ସଂସଦ ପକ୍ଷରୁ ଶିଶୁ ସାହିତ୍ୟ ପତ୍ରିକା 'ଶିଶୁ ପ୍ରତିଭା'ର ସମ୍ପାଦକ ପ୍ରକାଶ ମଙ୍ଗରାଜ, ଇଟିକିଲି ମିଟିକିଲିର ସମ୍ପାଦକ ଶରତ ନାୟକ, ଶିଶୁ ସମାଚାରର ସମ୍ପାଦକ ପ୍ରକାଶ ଚନ୍ଦ୍ର ପଣ୍ଡା, ବଉଳଫୁଲର ସମ୍ପାଦିକା ବ୍ରଜେଶ୍ୱରୀ ସିଂ, ପ୍ରିୟପତ୍ରର ସମ୍ପାଦକ ବିପିନ ବିହାରୀ ଦଳେଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ବିଶ୍ୱମିତ୍ରା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସଂସଦର ପ୍ରତିଷ୍ଠାତା ସମ୍ପାଦକ ବସନ୍ତ ମାଝି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କ୍ଷଣପ୍ରଭା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।




ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ୫୬ତମ ଅଧିବେଶନରେ ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

## ଘରୁ ୧ ଲକ୍ଷ ଟଙ୍କା ଚୋରି

**ଗୋପ,୨୦।୯(ଭାରତୀ ଭୂଷଣ ଉପାଧ୍ୟାୟ)**

ଘରେ କେହି ନ ଥିବା ବେଳେ ସୁବର୍ଣ୍ଣପୁର ଗ୍ରାମର ଠିକାଦାର ଉମାକାନ୍ତ ସାହୁଙ୍କ ଘର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ୧ ଲକ୍ଷ ଟଙ୍କା ଚୋରି କରି ନେଇଥିବା ଗୋପ ଥାନାରେ ଅଭିଯୋଗ ହୋଇଛି। ଏନେଇ ବୁଧବାର ପୋଲିସ ୩୮୧/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଆସି ତଦନ୍ତ କରିଥିବାବେଳେ ପୋଲିସ କାହାରିକୁ ଗିରଫ କରିନାହିଁ।

## ୨୨ ୱେଲ୍‌ଥ ସେଣ୍ଟରରେ ବଡ଼ାଖାନା କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୦।୯(ଅନୁରାଧା ମହାରଣା)**

ସ୍ୱଚ୍ଛତା ପକ୍ଷ ଅବସରରେ ସ୍ୱଚ୍ଛତା ଲିଗ୍ ୨.୦ ସମଗ୍ର ଦେଶରେ ପାଳିତ ହେଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶକ୍ରମେ ବୁଧବାର ବିଏମ୍‌ସି ଅନ୍ତର୍ଗତ ୩ଟି ଜୋନ୍‌ର ୨୨ଟି ୱେଲ୍‌ଥ ସେଣ୍ଟରରେ ବଡ଼ାଖାନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବର୍ଜ୍ୟ ଉଠାଇ ସହରକୁ ପରିଷ୍କାର ରଖିବା ସହ ସହରବାସୀଙ୍କ ସୁସ୍ଥ ଜୀବନରେ ସହାୟକ ହୋଇଥିବା ସ୍ୱଚ୍ଛକର୍ମୀ, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପର ଭାଇଜର, ଡ୍ରାଇଭର, ହେଲ୍‌ପର ପ୍ରମୁଖଙ୍କୁ ସମ୍ମାନିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରଖାଯାଇଛି। କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା, ଡେପୁଟି ମେୟର ମଞ୍ଜୁଲତା କହଁର, ଷ୍ଟାଣ୍ଡିଂ କମିଟି ଅଧକ୍ଷ ବିରଞ୍ଚି ନାରାୟଣ ମହାସୂପକାର, କମିଶନର ବିଜୟ ଅମୃତା କୁଲାଙ୍ଗେ, ଜୋନାଲ ଡେପୁଟି କମିଶନର ରବିନାରାୟଣ ଜେଠୀ, ପୁରନ୍ଦର ନନ୍ଦ, ପ୍ରିୟବ୍ରତ ପାଢ଼ୀଙ୍କ ସମେତ ସ୍ଥାନୀୟ କର୍ପୋରେଟର, ୩ ଜଣ ଅତିରିକ୍ତ କମିଶନର, ଡେପୁଟି କମିଶନର, ୱାର୍ଡ ଅଫିସର, ସାନିଟାରି ଇନ୍ସପେକ୍ଟର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକ, ବିଦ୍ୟାଳୟ ଛାତ୍ରୀଛାତ୍ର, ଏସ୍‌ଏଚ୍‌ଜି ମହଳା ଯୋଗଦେଇଥିଲେ। ସ୍ପେଶାଲ ସେକ୍ରେଟାରି ସାଗରିକା ପଟ୍ଟନାୟକ ମହିଷାଖାଲ ୱେଲ୍‌ଥ ସେଣ୍ଟର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବଡ଼ଗଡ଼ ୱେଲ୍‌ଥ ସେଣ୍ଟରେ ମ୍ୟୁନିସିପାଲ ଆଡ୍‌ମିନିଷ୍ଟ୍ରେଶନର ଡାଇରେକ୍ଟର ତଥା ସ୍ୱଚ୍ଛ ଭାରତ ମିଶନର ମିଶନ ଡାଇରେକ୍ଟର ସଂଗ୍ରାମଜିତ୍ ନାୟକ ଏବଂ ୧ ନମ୍ବର ୱେଲ୍‌ଥ ସେଣ୍ଟରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ସଚିବ ଯୋଗେଶ ନନ୍ଦିନୀ ସାହୁ ଓ ୱାଟର ଏକାଡେମୀର ନିର୍ଦ୍ଦେଶକ ଶାନ୍ତନୁ ରଥ ଦକ୍ଷିଣ ପୂର୍ବ ଜୋନ୍‌ର ସ୍ୱଚ୍ଛକର୍ମୀଙ୍କ ସହ ବଡ଼ାଖାନାରେ ସାମିଲ ହୋଇଥିଲେ। କମିଶନର ବିଜୟ ଅମୃତା କୁଲାଙ୍ଗେ ବିଭିନ୍ନ ୱେଲ୍‌ଥ ସେଣ୍ଟର ବୁଲି ଦେଖିବା ସହ ହାତିଆଶୁଣୀ ୱେଲ୍‌ଥ ସେଣ୍ଟର ବଡ଼ାଖାନାରେ ଉପସ୍ଥିତ ରହି ସ୍ୱଚ୍ଛକର୍ମୀ, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର ପ୍ରମୁଖଙ୍କ ସହ ଖାଇବା ସହ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ସ୍ୱଚ୍ଛ କର୍ମଚାରୀ ଓ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ସହ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ଗଣେଶ ପୂଜାରେ ଗଣ୍ଡଗୋଳ ଘଟଣା: ଜଣେ ଗିରଫ

କଟକ,୨୦।୯ (କାର୍ତ୍ତିକ ସାହୁ)

ବିଡ଼ାନାସୀ ନୂଆସାହି ଅଞ୍ଚଳରେ ଗଣେଶ ପୂଜାକୁ ନେଇ ମଙ୍ଗଳବାର ସଂଘଟିତ ଗଣ୍ଡଗୋଳ ଘଟଣାରେ ବିଡ଼ାନାସୀ ଥାନା ପୋଲିସ ବୁଧବାର ଜଣକୁ ଗିରଫ କରିଛି। ଗିରଫ ଯୁବକ ଜଣକ ହେଲେ ଗଣ୍ଡଗୋଳରେ ଆହତ ହୋଇଥିବା ବିକାଶ ଦାସ। ପ୍ରକାଶ ଯେ, ବିଡ଼ାନାସୀ ନୂଆସାହିରେ ଗଣେଶ ପୂଜାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ଯୁବକଙ୍କ ମଧ୍ୟରେ ମଙ୍ଗଳବାର ଗଣ୍ଡଗୋଳ ହୋଇଥିଲା। ଏହି ଗଣ୍ଡଗୋଳରେ ବାପିନା ଓରଫ ସନ୍ତୋଷ ଜେନା(୨୪) ଓ ବିକାଶ ଦାସ ଆହତ ହୋଇଥିଲେ। ତେବେ ବାପିନାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଗଣେଶ ପୂଜାରେ କିଛି ନିର୍ଦ୍ଦିଷ୍ଟ ଯୁବ ଗୋଷ୍ଠୀଙ୍କୁ ସାମିଲ୍ କରା ନ ଯିବାରୁ ଏପରି ଗଣ୍ଡଗୋଳ ହୋଇଥିଲା। ଗତ ବର୍ଷ ଗଣେଶ ପୂଜାରେ ବିକାଶ ଏବଂ କେତେଜଣ ଯୁବକଙ୍କୁ ସାମିଲ୍ କରାଯାଇ ନ ଥିବାବେଳେ ଚଳିତ ଥର ମଧ୍ୟ ସେମାନଙ୍କୁ ବାରଣ କରାଯାଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସେମାନେ ମଙ୍ଗଳବାର ଘଟଣାସ୍ଥଳରେ ଗଣ୍ଡଗୋଳ କରିଥିଲେ। ବାପିନା ଏକ ମଦ ବୋତଲ ଧରି ଭୟଭୀତ କରାଉଥିଲାବେଳେ ଧସ୍ତାଧସ୍ତି ବେଳେ ବୋତଲଟି ତାର ଛାତିରେ ପଶିଯାଇଥିଲା। ଏହାଦେଖି ଅନ୍ୟମାନେ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ।

### ବନ୍ଦେ ଉତ୍କଳ ପକ୍ଷରୁ ନୂଆଁଖାଇ ଉତ୍ସବ

କଟକ,୨୦।୯ (କାର୍ତ୍ତିକ ସାହୁ)

ବନ୍ଦେ ଉତ୍କଳ ପକ୍ଷରୁ ବଙ୍ଗାଳି ସାହିସ୍ଥିତ ମା' ଶାରଳା ସଦନଠାରେ ନୂଆଁଖାଇ ଉତ୍ସବ ପାଳନ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଆଇନଜୀବୀ ଦେବସ୍ମାନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ପ୍ରଭାତ ନଳିନୀ ମହାନ୍ତି ଉଦ୍‌ଘାଟନ କରିଥିଲେ। ଡା. ସୁଦର୍ଶନ ପଟ୍ଟନାୟକ, ଉତ୍କଳ ପାଠକ ସଂସଦର ସମ୍ପାଦକ ସୁବ୍ରତ ପ୍ରିୟବ୍ରତ ମହାନ୍ତି, ଆଇନଜୀବୀ ମିଳନ କୁମାର ବଡ୍ଡୁ, କୃଷ୍ଣଚନ୍ଦ୍ର ପ୍ରଧାନ, ଭୁବନାନନ୍ଦ ମହାନ୍ତି, ନବକିଶୋର ମହାପାତ୍ର, ପ୍ରତାପ ଚନ୍ଦ୍ର ସାମଲ, ସୁଭାଷ ଚନ୍ଦ୍ର ସାହୁ, ତାରାକାନ୍ତ ଅଗସ୍ତି, ଆଇନଜୀବୀ ପ୍ରକାଶ ଚୌଧୁରୀ, ଆଦ୍ୟାଶକ୍ତି ପ୍ରିୟା, ପୂର୍ଣ୍ଣଚନ୍ଦ୍ର ଛାଟୋଇ ପ୍ରମୁଖ ନୂଆଖାଇ ଉତ୍ସବର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଲୁନା ଦାସ ଉତ୍ସବର ଆଭିମୁଖ୍ୟ ଓ ଆଇନଜୀବୀ ବ୍ରଜ ଭୂଷଣ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ। ମା' ସମଲେଇଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ନବାନ୍ନ ସମର୍ପଣ କରାଯାଇଥିଲା।

### ସଭ୍ୟାସଭ୍ୟଙ୍କ ନାମ ସୁପାରିସ କରିବେ ବିଧାୟକ

**ମଠ ମନ୍ଦିର ପାଇଁ ନୂଆ ଗାଇଡ ଲାଇନ**

କଟକ ସଦର,୨୦।୯ (ସୁଶାନ୍ତ କୁମାର ଜେନା)

ରାଜ୍ୟ ଦେବୋତ୍ତର କମିଶନରଙ୍କ ନିୟନ୍ତ୍ରଣରେ ଥିବା ମଠ ମନ୍ଦିର ପାଇଁ ନୂଆ ଗାଇଡ ଲାଇନ ପ୍ରଣୟନ କରାଯାଇଛି। ଯେଉଁ ମନ୍ଦିର ଟ୍ରଷ୍ଟ ବୋର୍ଡ ପାଇଁ ବେସରକାରୀ ସଭ୍ୟ ମନୋନୟନ କରାଯିବ, ସେଠାରେ ସଭ୍ୟାସଭ୍ୟଙ୍କ ନାମ ସ୍ଥାନୀୟ ବିଧାୟକଙ୍କ ସୁପାରିସରେ କରାଯିବ। କଟକ ସଦର ନିର୍ବାଚନ ମଣ୍ଡଳୀର ୭ଟି ମନ୍ଦିର ଅଦ୍ୟାବଧି ଦେବୋତ୍ତର କମିଶନରଙ୍କ ନିୟନ୍ତ୍ରଣରେ ରହିଛି। ସବୁଠାରୁ ବଡ଼ ମନ୍ଦିର ମଧ୍ୟରେ ନେମାଳ ଓ ପରମହଂସ ନାଥ ଦେବଙ୍କ ପୀଠ ଅନ୍ତର୍ଭୁକ୍ତ। ଏଠାରେ ୭ ଜଣ ସଭ୍ୟଙ୍କୁ ନେଇ ଟ୍ରଷ୍ଟ ବୋର୍ଡ ଗଠନ କରାଯିବ ପାଇଁ ୨୦୧୮ରେ ନିୟମ ପ୍ରଣୟନ କରାଯାଇଛି। ଏଥିରେ ୫୦ ପ୍ରତିଶତରୁ ଅଧିକ ଅର୍ଥାତ୍ ୫ ଜଣ ସରକାରୀ ବିଭାଗର ଅଧିକାରୀ ରହିବେ। ସ୍ଥାନୀୟ ଅଞ୍ଚଳରୁ ୩ ଜଣ ରହିବେ। ନୂଆ ନିୟମ ଅନୁଯାୟୀ, ଅଣ ରାଜନୈତିକ ବ୍ୟକ୍ତି, ମାଲି ମକଦ୍ଦମା, ଦେବାଳିଆ, ମନ୍ଦିର ସେବାୟତ, ଠାକୁରଙ୍କ ଜମି ଉପଭୋଗ କରୁଥିବା ବ୍ୟକ୍ତିମାନେ ଟ୍ରଷ୍ଟ ବୋର୍ଡରେ ଅନ୍ତର୍ଭୁକ୍ତ ହୋଇପାରିବେ ନାହିଁ ବୋଲି କଟକସ୍ଥିତ ଅତିରିକ୍ତ ସହକାରୀ ଦେବୋତ୍ତର କମିଶନରଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।



ସାରଳା ସାହିତ୍ୟ ସଂସଦ ଓ ଉତ୍କଳ ସାହିତ୍ୟ କଳା ପରିଷଦର ମିଳିତ ଆନୁକୂଲ୍ୟରେ ନୂଆଖାଇ ପର୍ବକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।



ଶ୍ରୀରାମଚନ୍ଦ୍ର ଭବନଠାରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ନୂଆଖାଇ ପର୍ବ ପାଳନ କରାଯାଉଛି।

# 'କୃତଜ୍ଞତା ଜ୍ଞାପନ କରିବାର ପର୍ବ ନୂଆଖାଇ'

କଟକ,୨୦।୯ (କାର୍ତ୍ତିକ ସାହୁ)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଏବେ ଆଉ ଓଡ଼ିଶା ମଧ୍ୟରେ ସୀମିତ ହୋଇ ରହିନାହିଁ। ଏହା ଏବେ ଦେଶ ବିଦେଶରେ ଧୁମଧାମରେ ପାଳନ କରାଯାଉଛି। ବୁଧବାର ନୂଆଖାଇ ପର୍ବକୁ ପଶ୍ଚିମ ଓଡ଼ିଶାରେ ଲୋକମାନେ ପାଳନ କରିଥିବାବେଳେ ଐତିହ୍ୟ ସହର କଟକରେ ମଧ୍ୟ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାଳନ କରାଯାଇଛି। ସାରଳା ସାହିତ୍ୟ ସଂସଦ ଓ ଉତ୍କଳ ସାହିତ୍ୟ କଳା ପରିଷଦର ମିଳିତ ଆନୁକୂଲ୍ୟରେ ନୂଆଖାଇ ପର୍ବ ସାରଳା ଭବନଠାରେ ବୁଧବାର ପାଳିତ ହୋଇଯାଇଛି। ହାଇକୋର୍ଟର ପୂର୍ବତନ ବିଚାରପତି ଅରୁନ୍ କୁମାର ପରିଚ୍ଛା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ନୂଆଖାଇ ଏକ ଗଣପର୍ବ। ଓଡ଼ିଆ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସମଗ୍ର ବିଶ୍ୱରେ ଉତ୍କର୍ଷତା ଲାଭ କରିଛି। ମୁଖ୍ୟଅତିଥି ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା ନୂଆଖାଇ ପର୍ବର ଲୋକପ୍ରିୟତା ବଢ଼ିଚାଲିଛି ଓ ଆଜି ତାହା ସମଗ୍ର ବିଶ୍ୱରେ ପାଳିତ ହେଉଛି ବୋଲି କହିଥିଲେ। ସମ୍ମାନିତ ଅତିଥି ତଥା ପୂର୍ବତନ ଆଇଏଏସ୍ ଅଧିକାରୀ ସୁରେଶ ଚନ୍ଦ୍ର ମନ୍ତ୍ରୀ ନୂଆଖାଇ ପର୍ବ ଜାତୀୟତାବାଦ ଓ ଭ୍ରାତୃତ୍ୱର ପ୍ରତୀକ ବୋଲି କହିଥିଲେ। ବିଶିଷ୍ଟ ଅତିଥି ଭାସ୍କର୍ଯ୍ୟ ଶିଳ୍ପୀ ରବିନାରାୟଣ ରଥ କହିଲେ, ନୂଆଖାଇ ପର୍ବର ସ୍ୱତନ୍ତ୍ରତା ରହିଛି। ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସଭାପତି ଡକ୍ଟର ଇଂ ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତା କରି କହିଲେ, ନୂଆଖାଇ ପର୍ବ ମଣିଷ ଭିତରେ ସ୍ନେହ, ସଦ୍‌ଭାବ, ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠାରେ ସହାୟକ ହେଉଛି। ଉତ୍କଳ ସାହିତ୍ୟ କଳା ପରିଷଦର ସମ୍ପାଦକ ସଙ୍ଗୀତ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା, ଶିକ୍ଷାବିତ୍ ଡ. ଚୌଧୁରୀ ସତ୍ୟ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ କବିତା ପାଠୋତ୍ସବ ସହିତ ନବାନ୍ନ ଭକ୍ଷଣ କରାଯାଇଥିଲା।

ସେହିପରି ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶ୍ରୀରାମଚନ୍ଦ୍ର ଭବନଠାରେ ବୁଧବାର ଆୟୋଜିତ ନୂଆଖାଇ ଉତ୍ସବରେ ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଅଧ୍ୟକ୍ଷତା କରିଥିଲେ। ନୀଳଚକ୍ରର ଅଧ୍ୟକ୍ଷା ନମିତା ପଣ୍ଡା ଉତ୍ସବକୁ ଉଦ୍‌ଘାଟନ କରି ନୂଆଖାଇ ଉତ୍ସବ ପରସ୍ପର ମଧ୍ୟରେ ଆତ୍ମିକ ସମ୍ପର୍କ ସୃଷ୍ଟି କରିଥାଏ ବୋଲି କହିଥିଲେ। ମୁଖ୍ୟ ଅତିଥି ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା ନୂଆଖାଇ ମାଟି ମା' ଓ ଦେବୀଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିବାର ପର୍ବ ବୋଲି ପ୍ରକାଶ କରିଥିଲେ। କବି ମନୋଜ କୁମାର ମେହେର ନୂଆଖାଇ ସହିତ ପ୍ରକୃତି, ସମାଜ ଓ ଜୀବନର ରହିଥିବା ଚିରନ୍ତନ ସଂପର୍କ ବିଷୟରେ ଉଲ୍ଲେଖ କରିଥିଲେ। ଅନୁଷ୍ଠାନର କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟ ଶଶିକାନ୍ତ ରାଉତ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା, ସଂଗଠନ ସମ୍ପାଦକ ଡ. ସୁନାମଣି ରାଉତ ଅତିଥି ପରିଚୟ, ସୁରେନ୍ଦ୍ର ନାଥ ଛୋଟରାୟ ବେଦମନ୍ତ୍ର ପାଠ ଓ ବ୍ରହ୍ମାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ତେଲେଙ୍ଗାବଜାରସ୍ଥିତ ରଘୁନାଥ ଜୀଉ ମନ୍ଦିରରେ ନୂଆଖାଇ ପର୍ବ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡା. ରବିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ମେୟର ସୁବାସ ସିଂ ନୂଆଖାଇ ଭାଇଚାରା ଓ ସଦ୍‌ଭାବନାର ପର୍ବ ବୋଲି କହିଥିଲେ। ସମ୍ମାନିତ ଅତିଥି ସୁରେନ୍ଦ୍ରନାଥ ଛୋଟରାୟ, ସମ୍ମାନିତ ବକ୍ତା ବିଚିତ୍ରାନନ୍ଦ ମିଶ୍ର ନୂଆଖାଇ ପର୍ବର ପ୍ରାସଙ୍ଗିକତା ସମ୍ପର୍କରେ କହିଥିଲେ। ସଂଗଠନ ସମ୍ପାଦକ ନରସିଂହ ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ସମ୍ପାଦକ ମାଧବ ମିଶ୍ର, ସମରେନ୍ଦ୍ର ଘୋଷ, ଆଇନଜୀବୀ ଇଂ ଆକାଶ ଭୂୟାଁ, ମିଳନ ବଡ୍ଡୁ, ମୀରା ବେଉରା ଓ ଦୀପ୍ତିରଞ୍ଜନ ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ସାହୁ ଧନ୍ୟବାଦ ଦେଇଥିଲେ।

ସେହିପରି ଅଭୀପ୍‌ସା, କଳାୟନ ଓ ସୁଲତା ଚାରିଟେବୁଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଗାନ୍ଧୀଭବନଠାରେ ନୂଆଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ଅଭୀପ୍‌ସା ପ୍ରତିଷ୍ଠାତା ସମ୍ପାଦକ ସଂଗ୍ରାମ କେଶରୀ ନାୟକ ଅଧ୍ୟକ୍ଷତା କରି ନୂଆଖାଇ ସ୍ନେହ, ପ୍ରେମ ଓ ସଦିଚ୍ଛାର ପର୍ବ ବୋଲି କହିଥିଲେ। ଏହି ଅବସରରେ ଆୟୋଜିତ ନୃତ୍ୟ–ସଙ୍ଗୀତ ପ୍ରତିଯୋଗିତାକୁ ବିଜୟଲକ୍ଷ୍ମୀ କାନୁନ୍‌ଗୋ, ସୁଜିତ କୁମାର ବେହେରା, ପୁଷ୍ପାଞ୍ଜଳି ଜେନା ମୂଲ୍ୟାୟନ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଟ୍ରଷ୍ଟ ଅଧ୍ୟକ୍ଷା ସୁଲତା ପଣ୍ଡା ପ୍ରାରମ୍ଭିକ ସୂଚନା ଓ କଳାୟନର ସଂପାଦକ ସୁଶୀଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ରଘୁନାଥ ଜୀଉ ମନ୍ଦିରରେ ନୂଆଖାଇ ପର୍ବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ଐତିହ୍ୟ ସହର କଟକରେ ନୂଆଖାଇ ପର୍ବର ମାହୋଲ**

### ବିସ୍ଥାପିତ ପରିବାରଙ୍କୁ ରେଲୱେ କର୍ତ୍ତୃପକ୍ଷ ଜାଗା ଦେବାକୁ ଦାବି

କଟକ ସଦର ୨୦।୯(ସୁଶାନ୍ତ କୁମାର ଜେନା)

କଟକ– ନୂଆଗାଁ ୫୫ ନଂ.ଜାତୀୟ ରାଜପଥର କନ୍ଦରପୁର ଲେଭେଲ କ୍ରସିଂ ନିକଟରେ ରେଲୱେ କର୍ତ୍ତୃପକ୍ଷ ଓଭର ବ୍ରିଜ ନିର୍ମାଣ କରିବାକୁ ଯାଉଛନ୍ତି। ଏଥିପାଇଁ ଉକ୍ତ ରାସ୍ତାର ସିଦ୍ଧେଶ୍ୱରପୁର ମୌଜାର ୮୦ ଜନଜାତି ପରିବାର ବିସ୍ଥାପିତ ହେଉଛନ୍ତି। ଏହି ପରିବାରମାନଙ୍କୁ ରାଜ୍ୟ ସରକାର ଘରବାଡ଼ି ଜମି ଦେବା ପାଇଁ ରାଜି ହୋଇନାହାନ୍ତି। ଏସବୁ ପରିବାର ୫୦ ବର୍ଷ ଧରି ରେଲୱେ ଜାଗାରେ ରହୁଥିବାରୁ ସେମାନଙ୍କୁ ସମ୍ପୃକ୍ତ ସଂସ୍ଥା ପକ୍ଷରୁ ଘରବାଡ଼ି ଜମି ଯୋଗାଇ ଦେବା ପାଇଁ କନ୍ଦରପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ଭୋଇ ଦାବି କରିଛନ୍ତି। ସେ କହିଛନ୍ତି, ରେଲୱେର ବହୁ ଜାଗାଥିବାରୁ ବିସ୍ଥାପିତଙ୍କୁ ଦେବାରେ କୌଣସି ଅସୁବିଧା ନାହିଁ। ଅନ୍ୟପକ୍ଷରେ କଟକ– ନୂଆଗାଁ ରେଳପଥ କାମ କରିବା ପାଇଁ ଏହି ପରିବାର ୧୯୬୫ରେ ବିଭିନ୍ନ ଜିଲାରୁ ଏଠାକୁ ଆସିଥିଲେ। ତେଣୁ ଜାଗା ଯୋଗାଇଦେବା ଦାୟିତ୍ୱ କେନ୍ଦ୍ର ସରକାର ନେବା ଉଚିତ୍ ବୋଲି ଭୋଇ ଦାବି କରିଛନ୍ତି। ଅଗଷ୍ଟ ୧୯ରେ ରେଳବାଇ କର୍ତ୍ତୃପକ୍ଷ ଏହାକୁ ଉଚ୍ଛେଦ କରିବା ପାଇଁ କନ୍ଦରପୁର ଆସିଥିଲେ। ମାତ୍ର ସମ୍ପୃକ୍ତ ପରିବାର ସମୟ ନେଇଥିବାରୁ ଉଚ୍ଛେଦ କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା।

### ଭସାଣି ବାଣ ନିଆଁରେ ଗଦି ଦୋକାନ ଜଳିଗଲା

ନିଶ୍ଚିନ୍ତକୋଇଲି,୨୦।୯(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ଥାନା ଅଧୀନ ସ୍ଥାନୀୟ ବଜାରରେ ଥିବା ଏକ ଗଦି ଦୋକାନରେ ଗଣେଶ ମୂର୍ତ୍ତି ଭସାଣି ଶୋଭାଯାତ୍ରାରେ ଫୁଟୁଥିବା ବାଣର ନିଆଁ ଝୁଲ ପଡ଼ି ଜଳିଯାଇଛି। ବୁଧବାର ରାତି ୮ଟାରେ ଅଚାନକ ଦୋକାନରେ ନିଆଁ ଜଳୁଥିବା ଦୋକାନୀ ମହମ୍ମଦ ସଲାଉଦ୍ଦିନ ଦେଖିଥିଲେ। ସେ ଡାକ ପକାଇବାରୁ ସ୍ଥାନୀୟ ଲୋକ ଓ ବ୍ୟବସାୟୀମାନେ ଦୋକାନରେ ଥିବା ଗଦି ଟାଣି ପଦାକୁ ଆଣି ପାଣି ଢାଳି ଥିଲେ। ଖବରପାଇ ନିଶ୍ଚିନ୍ତକୋଇଲି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

## ନୂଆ ଓଡ଼ିଆ ସିନେମା 'ସମ୍ପର୍କ'ର ମହୁରତ

କଟକ,୨୦।୯ (କାର୍ତ୍ତିକ ସାହୁ)

ଗଣେଶ ପୂଜା ଅବସରରେ ନୂଆ ଓଡ଼ିଆ ସିନେମା 'ସମ୍ପର୍କ'ର ମହୁରତ କଟକ ଖାନ୍‌ନଗରସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ପରିସରରେ ବୁଧବାର ହୋଇଯାଇଛି। ବିଶିଷ୍ଟ ଅତିଥି ରୂପେ ରାଜନେତା ତଥା କବି ପ୍ରସନ୍ନ ପାଟଶାଣୀ ସିନେମାର ପୂରା ଟିମ୍ ଗହଣରେ ଉପସ୍ଥିତ ଥିଲେ। ଚଣ୍ଡୀ ପରିଜା ନିର୍ଦ୍ଦେଶନା ଏବଂ କାହାଣୀ ଓ ପ୍ରଯୋଜନା ଦାୟିତ୍ୱରେ ରୂପେଶ କୁମାର ନାୟକ ରହିଛନ୍ତି। ଜେଜେଏମ୍‌ଜେ ବ୍ୟାନରରେ ନିର୍ମାଣ ହେବାକୁ ଥିବା ଏହି ପ୍ରଥମ ଫିଲ୍ମର ଦମ୍‌ଦାର ଷ୍ଟାରକାଷ୍ଟରେ ଓଲିଉଡର ରୋମାଣ୍ଟିକ ବଏ ଅଭିନେତା ଆକାଶ, ଚୁଲବୁଲି ନାୟିକା ଏଲିନା ଏବଂ ଲିପ୍ସା ମୁଖ୍ୟ ଚରିତ୍ରରେ ନଜରକୁ ଆସିବେ। ଅନ୍ୟାନ୍ୟ ଭୂମିକାରେ ଲୋକପ୍ରିୟ ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା, ଅସିତ୍ ପତି, ଜୀବନ ପଣ୍ଡା, ଉଷସୀ ମିଶ୍ର, ନମିତା ଦାସ, ଗୁଡ୍ଡୁ ଏବଂ ଶିଶୁ କଳାକାର ଲତାସା ଅଛନ୍ତି। ଦୁଇଜଣ କର୍କଟ ରୋଗୀଙ୍କ ଜୀବନ ଉପରେ ସିନେମାର କାହାଣୀ ଆଧାରିତ। ନିଜ ଜୀବନ ବଞ୍ଚାଇବା ପାଇଁ ସେମାନଙ୍କ ସଂଘର୍ଷ ସିନେମାକୁ ଏକ ବାସ୍ତବଧର୍ମୀ ତଥା ନିଚ୍ଛକ କାହାଣୀର ପୃଷ୍ଠଭୂମି ଉପରେ ଛିଡ଼ା କରିଛି। ଫିଲ୍ମରେ ଥିବା ନିଜ ନିଜ ଚରିତ୍ରକୁ ନେଇ କଳାକାରମାନେ ବେଶ ଉତ୍ସାହିତ ଅଛନ୍ତି। ଏହି ଫିଲ୍ମର କାହାଣୀ ଟିକିଏ ଭିନ୍ନ ହୋଇଥିବାରୁ ଏହାକୁ ନିଶ୍ଚିତ ରୂପେ ସିନେପ୍ରେମୀ ଦର୍ଶକ ପସନ୍ଦ କରିବେ ବୋଲି ଫିଲ୍ମର ପୂରା ଟିମ୍ ଆଶା ରଖିଛନ୍ତି। ଏଥିରେ ଗୀତିକାର ଡ. ନିର୍ମଳ ନାୟକଙ୍କ ରଚିତ ମୋଟ ୫ଟି ସୁନ୍ଦର ଗୀତ ରହିଛି। ଓଡ଼ିଶାର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ସତ୍ୟଜିତ, ବିଷ୍ଣୁକବି, ସ୍ୱୟଂ, ଅନ୍ତରା ଚକ୍ରବର୍ତ୍ତୀ, ସୋହିନୀ ମିଶ୍ର ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି। ଅଭିଜିତ ମଜୁମଦାରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଗୀତଗୁଡ଼ିକ ବଳିଷ୍ଠ ହୋଇଛି। ଯୁବ କୋରିଓଗ୍ରାଫର ଲୁବୁନ ଟୁବୁନ ନୃତ୍ୟ ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ସିନେମାଟି ନିଶ୍ଚିତ ଦର୍ଶକଙ୍କୁ ମନମୁଗ୍ଧ କରିବ ଓ ସେମାନଙ୍କ ମନକୁ ଛୁଇଁବ ବୋଲି ଆଶା ରଖିଛନ୍ତି ନିର୍ଦ୍ଦେଶକ ଚଣ୍ଡି ପରିଜା। ଏଥିରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ରୋମାନ୍ସଠାରୁ ଆରମ୍ଭ କରି ଆକ୍ସନ, ପାରିବାରିକ କାହାଣୀ ସହ କମେଡି ଆଦିର ଭରପୂର ତଡ଼କା ରହିଛି। ତେଣୁ ସିନେପ୍ରେମୀ ନିଶ୍ଚିତ ରୂପେ ସିଲଭର ସ୍କ୍ରିନରେ ସିନେମାଟିକୁ ଖୁବ ପସନ୍ଦ କରିବେ ଓ ମନ ଭରି ଉପଭୋଗ କରିବେ ବୋଲି ପ୍ରଯୋଜକ ରୂପେଶ ଆଶାବାଦୀ ଅଛନ୍ତି।



'ସମ୍ପର୍କ'ର ମହୁରତ ଅବସରରେ ରାଜନେତା ପ୍ରସନ୍ନ ପାଟଶାଣୀ, ଅଭିନେତା ଆକାଶ ଓ ସିନେମାର ସଦସ୍ୟମାନେ।

## 'ଆଚରଣ ପରିବର୍ତ୍ତନରେ ଦୀର୍ଘ ଜୀବନ ବଞ୍ଚିହେବ'

କଟକ,୨୦।୯(କାର୍ତ୍ତିକ ସାହୁ)

ଅଭିନବ ବିଡ଼ାନାସୀ ପଥଚାରୀ ସଂଘ ପକ୍ଷରୁ ଏକ ସ୍ୱାସ୍ଥ୍ୟ ସଚେତନତା ସଭା ସିଡିଏ ସେକ୍ଟର–୭ସ୍ଥିତ ମିଟିଂ ପଏଣ୍ଟଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଡା. ନିତ୍ୟାନନ୍ଦ ସ୍ୱାଇଁ 'ଜୀବନର ସଞ୍ଜବେଳେ' ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଥିଲେ। ବୟସ୍କ ନାଗରିକମାନେ ଜୀବନଶୈଳୀ, ସାମାଜିକ, ପାରିବାରିକ ଚଳଣି ପ୍ରତି ସଚେତନ ରହିବାକୁ ହେବ। ନିଜ ଆଚରଣରେ ପରିବର୍ତ୍ତନ କରି ସୁଖପ୍ରଦ ଦୀର୍ଘ ଜୀବନ ବଞ୍ଚିହେବ ବୋଲି ଡା. ସ୍ୱାଇଁ କହିଥିଲେ। ସଭାପତି ଦେବେନ୍ଦ୍ର ସୂତାରଙ୍କ ଅଧ୍ୟକ୍ଷତାରେ ଡା. ପ୍ରସନ୍ନ କୁମାର ନାୟକ, ଇଂ କୃଷ୍ଣ କୁମାର ଦାସବର୍ମା, ପ୍ରଦୀପ କୁମାର ସିହ୍ନା, ଡ. ବିଷ୍ଣୁ ଚରଣ ସାହୁ, ରବୀନ୍ଦ୍ର ନାଥ ସ୍ୱାଇଁ, ଡ. ହେମନ୍ତ କୁମାର ପରିଡ଼ା, ମହେନ୍ଦ୍ର କୁମାର ପଟ୍ଟନାୟକ, ଦୁର୍ଗା ପ୍ରସାଦ ମିଶ୍ର, କୁଞ୍ଜବିହାରୀ ପଣ୍ଡା, ଶ୍ୟାମ ସୁନ୍ଦର ମହାନ୍ତି, ହୃଷୀକେଶ ପାଣି, ପ୍ରମିଳା ଦାସବର୍ମା, ଶୈଳବାଳା ପଣ୍ଡା, ହିମାଂଶୁବାଳା ପଟ୍ଟନାୟକ, ଅଭୟ କୁମାର ପରିଡ଼ା, ଅଖିଳ ବଲ୍ଲଭ ଘୋଷ, ଶ୍ରୀକାନ୍ତ ସାମଲ, ନିରୁପମା କର, ଦୁର୍ଯ୍ୟୋଧନ ସାହୁ, ଅନିଲ କୁମାର ରାୟ, ଡ. ତପନ କୁମାର ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଡ. ସତ୍ୟ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପୂର୍ବରୁ କଟକ ମହାନଗର ନିଗମ ଦ୍ୱାରା ନବ ନିର୍ମିତ ସଂଘର ସଭାଗୃହକୁ ମେୟର ସୁବାସ ସିଂହ ଉଦ୍‌ଘାଟନ କରିଥିଲେ। ଡେପୁଟି ମେୟର ଦମୟନ୍ତୀ ମାଝି, କର୍ପୋରେଟର ପ୍ରିୟମ୍ବଦା ସ୍ୱାଇଁଙ୍କ ସମେତ ବିଭିନ୍ନ ୱାର୍ଡର କର୍ପୋରେଟର ଓ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ପୂଜା ମଣ୍ଡପ ବୁଲିଲେ ବିଧାୟକ ମୋକିମ

କଟକ,୨୦।୯(କାର୍ତ୍ତିକ ସାହୁ)

ସହରରେ ମଙ୍ଗଳବାରଠାରୁ ଧୁମ୍‌ଧାମ୍‌ରେ ଗଣେଶ ପୂଜା ପାଳନ କରାଯାଉଛି। ଏହି ଅବସରରେ ବୁଧବାର ବିଧାୟକ ମହମ୍ମଦ ମୋକିମ ବୁଧବାର ବିଭିନ୍ନ ପୂଜାମଣ୍ଡପ ପରିଦର୍ଶନ କରିଛନ୍ତି। ଯୁବକମାନଙ୍କୁ ଉତ୍ସାହିତ କରିବା ତଥା ଭାଇଚାରାର ନିଦର୍ଶନକୁ ଦୃଢ଼ କରିବା ନିମନ୍ତେ ବିଧାୟକ ପୂଜା ମଣ୍ଡପରେ ବିଘ୍ନେଶ୍ୱରଙ୍କୁ ଦର୍ଶନ କରିଥିଲେ। ପୂଜା ମଣ୍ଡପଗୁଡ଼ିକ ପକ୍ଷରୁ ବିଧାୟକ ମୋକିମଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।



ଗଣେଶ ପୂଜା ମଣ୍ଡପରେ ବିଧାୟକ ମହମ୍ମଦ ମୋକିମ୍‌ଙ୍କୁ ସ୍ୱାଗତ କରାଯାଉଛି।

## ସମିତିସଭ୍ୟଙ୍କୁ ପ୍ରଶାସନିକ ସ୍ତରରେ ଗୁରୁତ୍ୱ ଦିଆଯାଉନି

ମାହାଙ୍ଗା,୨୦।୯(ଯଯାତି ସିଂହ)

ମାହାଙ୍ଗା ବ୍ଲକର ସମିତିସଭ୍ୟାସଭ୍ୟମାନଙ୍କୁ ନେଇ ଏକ ବୈଠକ ଗୌଡ଼ପଡ଼ା ଡାକବଙ୍ଗଳା ପ୍ରାଙ୍ଗଣରେ ପଲ୍ଲୀସାହି ସମିତିସଭ୍ୟ ଦୀପକ ରଞ୍ଜନ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ନିର୍ବାଚିତ ସମିତିସଭ୍ୟମାନଙ୍କୁ ପ୍ରଶାସନିକ ସ୍ତରରେ ଗୁରତ୍ୱ ଦିଆଯାଉନାହିଁ। ଯେଉଁଥି ପାଇଁ ସେମାନେ ସାଧାରଣ ଲୋକଙ୍କ ଦାବି ପୂରଣ କରି ପାରୁ ନାହାନ୍ତି। ସାରା ରାଜ୍ୟରେ ଶତାଧିକ ସମିତିସଭ୍ୟାଙ୍କୁ ଦୀର୍ଘବର୍ଷ ଧରି ସବୁକ୍ଷେତ୍ରରେ ଉପେକ୍ଷା କରାଯାଉଥିବାରୁ ବୈଠକରେ ଏହାକୁ ନେଇ କ୍ଷୋଭ ପ୍ରକାଶ ପାଇଥିଲା। ୧୨ ଦଫା ଦାବି ନେଇ ରାଜ୍ୟ ପିଏସ୍ ମେମ୍ବର ସଂଘର ରାଜ୍ୟସ୍ତରୀୟ ଆନ୍ଦୋଳନକୁ ମାହାଙ୍ଗା ବ୍ଲକ ସମିତିସଭ୍ୟ ସଂଘ ପକ୍ଷରୁ ସମର୍ଥନ ଦିଆଯାଇଥିଲା। ସରପଞ୍ଚମାନଙ୍କୁ ଯେପରି ପଞ୍ଚାୟତିରାଜ ବ୍ୟବସ୍ଥାରେ କ୍ଷମତା ଦିଆଯାଇଛି। ସେହିପରି ନିର୍ବାଚିତ ସମିତିସଭ୍ୟମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଅନୁରୂପ କ୍ଷମତା ଓ ଗୁରୁତ୍ୱ ଦେବାକୁ ସରକାରଙ୍କ ନିକଟରେ ଦାବି ହୋଇଥିଲା। ମାହାଙ୍ଗା ବ୍ଲକ ସମିତିସଭ୍ୟ ସଂଘକୁ ଅଧିକ କ୍ରିୟାଶୀଳ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ସୁପ୍ରଭା ସାମଲ, ସଙ୍ଗୀତା ମହାନ୍ତି, ପର୍ଶୁରାମ ମଲ୍ଲିକ, ଦେବପ୍ରସାଦ ମହାନ୍ତି, ସବିନା ଖାତୁନ, ପୁଷ୍ପଲତା ରାଉତ, ଲଳିତ କୁମାର ରାଉତ, ଭବାନୀ ଶଙ୍କର ବେହେରା, ଉର୍ମିଳା ଦାସ, ସସ୍ମିତା ମଲ୍ଲିକ, ପ୍ରଦୀପ୍ତ କୁମାର ବିଶ୍ୱାଳ, ଦିଲୀପ କୁମାର ସାମଲ, କାଞ୍ଚନବାଳା ମହାନ୍ତି, ରବୀନ୍ଦ୍ର ଜେନା, କିଶୋର ଚନ୍ଦ୍ର ଦାସ ପ୍ରମୁଖ ସମିତିସଭ୍ୟାସଭ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରବର୍ତ୍ତୀ ବୈଠକରେ ବ୍ଲକ ଅଞ୍ଚଳର ସମସ୍ତ ସମିତି ସଦସ୍ୟମାନଙ୍କୁ ସାମିଲ କରାଯିବ। ସେମାନଙ୍କ ମତାମତକୁ ଗୁରତ୍ୱ ଦିଆଯିବ ବୋଲି ସଂଘର ମୁଖପାତ୍ର ଦୁର୍ଗାପ୍ରସାଦ ବାରିକ ସୂଚନା ଦେଇଥିଲେ।



ବୈଠକରେ ଯୋଗଦେଇଥିବା ସମିତିସଭ୍ୟମାନେ।

**ବ୍ଲକ ସମିତିସଭ୍ୟ ସଂଘ ପକ୍ଷରୁ ବୈଠକ**

## ସଂକ୍ଷେପରେ

### ଘର ତାଲା ଭାଙ୍ଗି ୧ ଲକ୍ଷ ଟଙ୍କା ଲୁଟ୍

ଗୋପ,୨୦।୯ (ଭାରତୀ ଭୂଷଣ ଉପାଧ୍ୟାୟ)

ଘରେ କେହି ନ ଥିବାରୁ ସୁଯୋଗରେ ଜଣେ ଠିକାଦାରଙ୍କ ଘରୁ ତାଲା ଭାଙ୍ଗି ୧ ଲକ୍ଷ ଟଙ୍କା ଲୁଟ ହୋଇଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ୩୮୧/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଆସି ତଦନ୍ତ କରିଥିବାବେଳେ ପୋଲିସ କାହାରିକୁ ଗିରଫ କରିନାହିଁ। ପ୍ରକାଶ ଯେ, ସୁବର୍ଣ୍ଣପୁର ଗ୍ରାମର ଠିକାଦାର ଉମାକାନ୍ତ ସାହୁ କୌଣସି କାମରେ ଗତ ୧୭ ତାରିଖରେ ଖୋର୍ଦ୍ଧା ଯାଇଥିଲେ। ଏହାର ସୁଯୋଗ ନେଇ ପୂର୍ବରୁ ଠିକାଦାରଙ୍କ ନିକଟରେ ରହି କାର୍ଯ୍ୟ କରୁଥିବା ବ୍ୟକ୍ତି ଜଣଙ୍କ ଏହି ଟଙ୍କା ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ବିଭିନ୍ନ ସମୟରେ ଗୋପ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରୁ ଚୋରି ଡକାୟତି ଘଟଣାରେ ପୋଲିସ କେବଳ ସାଇଣ୍ଟିଫିକ ଟିମ୍ ଦ୍ୱାରା ତଦନ୍ତ କରୁଛି। ହେଲେ କୌଣସି ସୁଫଳ ମିଳିପାରୁନି। ଅଭିଯୋଗ ଅନୁସାରେ ଠିକାଦାର ଜଣଙ୍କ ଘରେ ନ ଥିବା ବେଳେ ଚୋରି କରି ଥିବା ବ୍ୟକ୍ତି ଜଣଙ୍କ ସିସିଟିଭି କ୍ୟାମେରାକୁ ଟେକି ଦେଇ ଗଦିତଳେ ଥିବା ନଗଦ ଏକ ଲକ୍ଷ ଟଙ୍କା ନେଇଥିବା ଅଭିଯୋଗ ହୋଇଛି।

### ରୋଷେଇ ବାହାନାରେ ଡାକିନେଇ ମରଣାନ୍ତକ ଆକ୍ରମଣ

#### ୧୦ ହଜାର ଟଙ୍କା ଲୁଟି ନେଲେ

ନିମାପଡ଼ା,୨୦।୯ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଉଣ୍ଟି ଗ୍ରାମର ରାଜେଶ ଭୋଇଙ୍କୁ ରୋଷେଇ କରିବା ବାହାନାରେ ନିକଟ ଅନୁଆର ଗ୍ରାମର ୨ ଜଣ ଯୁବକ ଡାକିନେଇ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ରାଜେଶଙ୍କଠାରୁ ୧୦ ହଜାର ଟଙ୍କା ଲୁଟ୍ କରି ତାଙ୍କୁ ଗ୍ରାମସ୍ଥିତ ମେଳନ ପଡ଼ିଆରେ ଫିଙ୍ଗି ଦେଇଥିଲେ। ଖବରପାଇ ପିସିଆର୍ ଭ୍ୟାନ ରାଜେଶଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରି ତାଙ୍କ ପରିବାରକୁ ଖବର ଦେଇଥିଲା। ଶରୀରର ବିଭିନ୍ନ ସ୍ଥାନରେ ଶକ୍ତ ଆଘାତ ଲାଗିଥିବାରୁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିଛନ୍ତି। ଏନେଇ ରାଜେଶଙ୍କ ମା' ସସ୍ମିତା ଭୋଇ ଥାନାରେ ଅଭିଯୋଗ କରିଛନ୍ତି। ଆକ୍ରମଣକାରୀ ପଞ୍ଚାନନ ଭୋଇ ଓ ମନୋଜ ଭୋଇଙ୍କ ବିରୋଧରେ ପୋଲିସ ଏକ ମାମଲା (ନଂ. ୩୩୩/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ସେପ୍ଟେମ୍ବର ୨୨ରୁ ପଞ୍ଚଧ୍ୱନି ନାଟକ ମହୋତ୍ସବ

ଭୁବନେଶ୍ୱର,୨୦।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଆସନ୍ତା ୨୨ରୁ ଦୁଇଦିନିଆ ପଞ୍ଚଧ୍ୱନି ନାଟ୍ୟ ପରିଷଦର ଅଷ୍ଟମ ନାଟକ ମହୋତ୍ସବ ୨୦୨୩ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହେବ। ପ୍ରଥମଦିନ ପୁରୀ ଶ୍ରୀକ୍ଷେତ୍ର ଆମେଚର ଆର୍ଟିଷ୍ଟ ଆସୋସିଏଶନ ପକ୍ଷରୁ ନାଟକ 'କିଣା କନିଆ' ଓ ଦ୍ୱିତୀୟ ଦିନ ପଞ୍ଚଧ୍ୱନି ପରିଷଦ ପକ୍ଷରୁ ନାଟକ 'ବିପ୍ଳବୀ ବ୍ରଜକିଶୋର' ପରିବେଷଣ ହେବ। ସେହିପରି ୨୦୨୩ ବର୍ଷ ପାଇଁ ପଞ୍ଚଧ୍ୱନି ନାଟ୍ୟ ନିର୍ଦ୍ଦେଶକ ଓ ଅଭିନେତା ସମ୍ମାନରେ ପ୍ରସନ୍ନ କୁମାର ମିଶ୍ର, ଗୋପୀନାଥ ଦାଶ ନାଟ୍ୟ ପ୍ରତିଭା ସମ୍ମାନରେ କରୁଣାକର ସାମଲ, ଦୁର୍ଗାଚରଣ ସାହୁ ଯୁବ ପ୍ରତିଭା ସମ୍ମାନରେ ଗୌରୀଶଙ୍କର ଦାଶ, ଉଚ୍ଛବ ସାହୁ, ପ୍ରତିଭା ସମ୍ମାନରେ ବିଜୟଲକ୍ଷ୍ମୀ ରାଉତରାୟ, ପଞ୍ଚଧ୍ୱନି ସାମ୍ବାଦିକ ରଶ୍ମି ସମ୍ମାନରେ ଗୋପୀନାଥ ବାରିକ ଓ ପଞ୍ଚଧ୍ୱନି ନବଜ୍ୟୋତି ସମ୍ମାନରେ ଗଗନ ବିହାରୀ ପାଇଟାଲଙ୍କୁ ସମ୍ମାନିତ କରାଯିବ।

# ମରାମତି ଦାବିରେ ରାସ୍ତା ଅବରୋଧ

କଣାସ,୨୦।୯ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ମହାବିଦ୍ୟାଳୟଠାରୁ କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ମୁଖ୍ୟରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହାର ମରାମତି ଦାବିରେ ବୁଧବାର କେତେକ ଯୁବକ କଣାସ କଲେଜ ଛକ ନିକଟରେ ରାସ୍ତାରୋକୋ କରିଥିଲେ। କଣାସ ଥାନା ଆଇଆଇସି ରାକେଶ ତ୍ରିପାଠୀ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କ ସହିତ ଆଲୋଚନା କରିଥିଲେ। ରାସ୍ତା କାମ ନେଇ ଠିକାଦାରଙ୍କୁ ତୁରନ୍ତ ବ୍ରିଜ୍ କଡ଼ରେ ହୋଇଥିବା ଖାଲକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ରାସ୍ତାରୋକୋ ହଟିଥିଲା। ଠିକାଦର ମଧ୍ୟ ସଙ୍ଗେ ସଙ୍ଗେ ବ୍ରିଜ୍ ନିକଟରେ ହୋଇଥିବା ଖାଲକୁ ଗୋଡି ଡଷ୍ଟ ପକାଇ ବନ୍ଦ କରିଥିଲେ। ବଜାର ଭିତରେ ଥିବା ବଡ଼ବଡ଼ ଖମାର କାମ ପାଇଁ କଣାସ ତହସିଲଦାର ସନ୍ତୋଷ ପାଣିଗ୍ରାହୀ ରାସ୍ତା କାମ ନେଇଥିବା ଠିକାଦାରଙ୍କୁ ନିର୍ଦ୍ଦେଶ ଦେବାରୁ ବର୍ଷା ଛାଡିଲେ କାମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରକାଶଥାଉକି କଣାସ କଲେଜ ଛକ ବଜାର, କଣାସ କୁଞ୍ଜେଶ୍ୱରୀ ବଜାର, ବସ୍‌ଷ୍ଟାଣ୍ଡ ବଜାର ରାସ୍ତାର ୨ ପାର୍ଶ୍ୱରେ ଜଳ ନିଷ୍କାସନ ନାଳ ନାହିଁ। ଫଳରେ ବର୍ଷା ସମୟରେ ସେଠାରେ ଆଣ୍ଠୁଏ ପାଣି ଜମୁଛି। ତୁରନ୍ତ ରାସ୍ତାର ୨ ପାର୍ଶ୍ୱରେ ଜଳ ନିଷ୍କାସନ ନାଳ ବିଭାଗୀୟ କର୍ତ୍ତୃପକ୍ଷ ନିର୍ମାଣ କରିବାକୁ କଣାସ କୁଞ୍ଜେଶ୍ୱରୀ ବଜାର ବ୍ୟବସାୟୀ ସଂଘ ସଭାପତି ଶ୍ରୀକାନ୍ତ ପାଇଯୋଷୀ ଦାବି କରିଛନ୍ତି।



ଶୋଚନୀୟ ହୋଇପଡ଼ିଥିବା କଣାସ ମହାବିଦ୍ୟାଳୟଠାରୁ ସରକାରୀ ଉଚ୍ଚ ବିଦ୍ୟାଳୟ ରାସ୍ତା। ପ୍ରତିବାଦରେ ଲୋକେ ରାସ୍ତା ଅବରୋଧ କରିଛନ୍ତି।



ଚାରିଛକ ବଜାର ବ୍ୟବସାୟୀ ସଂଘ ଏବଂ ନିମାପଡ଼ା ବଡ଼ବଜାର ବ୍ୟବସାୟୀ ସଂଘ ପକ୍ଷରୁ ମଣ୍ଡପରେ ଶ୍ରୀଗଣେଶ ପୂଜା ପାଉଛନ୍ତି।

# ଶ୍ରୀମନ୍ଦିରରେ ଦାହଲୀଳା ନୀତି ସମ୍ପନ୍ନ

ପୁରୀ, ୨୦।୯ (ଅଜିତ୍ ମହାନ୍ତି)

ପବିତ୍ର ଜନ୍ମାଷ୍ଟମୀ ତିଥିରେ ଶ୍ରୀକୃଷ୍ଣ ଜନ୍ମଠାରୁ ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରରେ ଚାଲିଥିବା ଶ୍ରୀକୃଷ୍ଣ ଲୀଳା କ୍ରମରେ ଭାଦ୍ରବ ଶୁକ୍ଳ ପଞ୍ଚମୀ ତିଥି ବୁଧବାର ଅବସରରେ ଶ୍ରୀମନ୍ଦିରରେ ଦାହଲୀଳା ନୀତି ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟାଧୂପ ବଢ଼ିବା ପରେ ମହାଜନ ସେବକମାନେ ଦକ୍ଷିଣୀଘରୁ ମଦନମୋହନଙ୍କୁ ବିଜେ କରାଇ ରତ୍ନସିଂହାସନ ନିକଟକୁ ବିଜେ କରାଇଥିଲେ। ସେଠାରୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ନାଟମଣ୍ଡପ ଖଟ ଉପରେ ବିଜେ ହୋଇଥିଲେ। ସେଠାରେ ଦାହଲୀଳା ପ୍ରସ୍ତାବ ଆଗତ ହୋଇଥିଲା। ପରେ ଶୀତଳ ଭୋଗ ବନ୍ଦାପନା ହୋଇ ଠାକୁର ବାହୁଡ଼ା ବିଜେ କରିଥିଲେ।

ପୌରାଣିକ ମତବାଦ ଅନୁଯାୟୀ, ଭଗବାନ ଶ୍ରୀକୃଷ୍ଣ ବୃନ୍ଦାବନରେ ଗୋପାଳ ବାଳକଙ୍କ ସହ ଗୋଚାରଣ କରୁଥିବା ବେଳେ ଏକଦା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହୋଇଥିଲା। ଏହି ସମୟରେ ଗାଈପଲ ନିକଟରେ ଥିବା ସର ବନ ମଧ୍ୟକୁ ପ୍ରବେଶ କରିଥିଲେ। ଶ୍ରୀକୃଷ୍ଣ ଗୋପାଳ ବାଳକଙ୍କ ସହ ଗାଈପଲଙ୍କୁ ଆଣିବାକୁ ଯିବା ସମୟରେ ହଠାତ୍ ବନରେ ନିଆଁ ଲାଗିଯାଇଥିଲା। ନିଆଁ ଏତେ ଭୟଙ୍କର ଥିଲା ଯେ, ଗାଈପଲଙ୍କୁ ଉଦ୍ଧାର କରିବା ଅସମ୍ଭବ ହୋଇପଡ଼ିଥିଲା। ଗୋପାଳ ପିଲାମାନେ ଗାଈପଲଙ୍କୁ ଉଦ୍ଧାର କରିବା ଲାଗି ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କରିଥିଲେ। ଶ୍ରୀକୃଷ୍ଣ କହିଥିଲେ ତୁମ୍ଭେମାନେ ଆଖି ବନ୍ଦ କର, ମୁଁ ଅଗ୍ନିଜ୍ୱାଳାକୁ ଶାନ୍ତ କରିଦେବି। ଗୋପାଳ ବାଳକମାନେ ଆଖି ବନ୍ଦ କରିବା ପରେ ଶ୍ରୀକୃଷ୍ଣ ସମସ୍ତ ଅଗ୍ନିଙ୍କୁ ଶାନ୍ତ କରିଦେଇଥିଲେ। ଏହାକୁ ଦାହଲୀଳା କୁହାଯାଏ। ଦ୍ୱାପର ଯୁଗର ଏହି ସ୍ମୃତିକୁ ନେଇ ଆଜି ମଧ୍ୟ ଶ୍ରୀମନ୍ଦିରରେ କୃଷ୍ଣଲୀଳା କ୍ରମରେ ଦାହଲୀଳା ପାଳନ କରାଯାଉଛି।

# ୨ରୁ ଶ୍ରୀଜଗନ୍ନାଥ ପ୍ରବଚନ କାର୍ଯ୍ୟକ୍ରମ


ବାବା ବଳିଆଙ୍କ ପ୍ରବଚନ କାର୍ଯ୍ୟକ୍ରମ ସମ୍ପର୍କରେ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ପୁରୀ, ୨୦।୯ (ଅଜିତ ମହାନ୍ତି)

ପବିତ୍ର ପିତୃପକ୍ଷ ଅବସରରେ ଆସନ୍ତା ଅକ୍ଟୋବର ୨ରୁ ୮ ତାରିଖ ପର୍ଯ୍ୟନ୍ତ ବେଳାଭୂମିସ୍ଥିତ ହୋଟେଲ ରୁମାନୀଠାରେ 'ଅନୁଭୂତିରେ ଶ୍ରୀଜଗନ୍ନାଥ' ଶୀର୍ଷକ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ବାବା ବଳିଆ ପ୍ରବଚନ ପ୍ରଦାନ କରିବେ ବୋଲି ବୁଧବାର ଆୟୋଜକମାନଙ୍କ ପକ୍ଷରୁ ସ୍ଥାନୀୟ ଭକ୍ତ ସାଲବେଗ ପୀଠରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଶ୍ରୀରାମ ସୁନ୍ଦରାକାଣ୍ଡ ଚାରିଟେବଲ ଟ୍ରଷ୍ଟ ଏବଂ ଗୋବିନ୍ଦ ଗୋଧାମ ଗୋଶାଳା ପୁରୀ ପକ୍ଷରୁ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ କବି ଦିଲ୍ଲିପ ଶ୍ରୀଚନ୍ଦନ ଓ ଆଶୀର୍ବାଦ ମହାରାଜ କହିଥିଲେ ଯେ, ପିତୃପକ୍ଷରେ ଶ୍ରୀ ଶ୍ରୀ ଜଗନ୍ନାଥ ସପ୍ତାହ କାର୍ଯ୍ୟସୂଚୀ ଅନୁଯାୟୀ ଆସନ୍ତା ୨ରୁ ୮ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସନ୍ଧ୍ୟା ୭ରୁ ରାତି ୯ଟା ପର୍ଯ୍ୟନ୍ତ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଭିନ୍ନ ଦିବସରେ ପ୍ରତ୍ୟହ ସୂର୍ଯ୍ୟପୂଜା, ଗୋମାତା ପୂଜା, ଶ୍ରୀଗୁରୁ ପୂଜା, ମହୋଦଧି ଆଳତି, ପିତୃପୁରୁଷଙ୍କୁ ତର୍ପଣ, ଅଖଣ୍ଡ ଜୟଗୁରୁ କୀର୍ତ୍ତନ ଏବଂ ଘୃତଯଜ୍ଞ ଅନୁଷ୍ଠିତ ହେବ। ପିତୃପକ୍ଷରେ ପିତୃଶ୍ରାଦ୍ଧର ମହତ୍ତ୍ୱ ଏବଂ ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ ମାହାତ୍ମ୍ୟ ସମ୍ପର୍କରେ ଗୁରୁଦେବ ବାବା ବଳିଆ ଉଦ୍‌ବୋଧନ ଦେବେ। ଏହି ଖବରଦାତା ସମ୍ମିଳନୀରେ ମୃତ୍ୟୁଞ୍ଜୟ ଦକ୍ଷିଣରାୟ ଏବଂ ରତ୍ନରଞ୍ଜନ ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ନିରାକାରପୁର, ୨୦।୯
(ମାନସ ଚନ୍ଦ୍ର ପଟ୍ଟନାୟକ)

ମଙ୍ଗଳବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଟାଙ୍ଗୀ ଥାନା ଅଧୀନ ମଙ୍ଗଳାଯୋଡ଼ି ଗ୍ରାମର ବୁଲୁ ବେହେରା(୨୮)। ଖବର ପାଇ ଘଟଣାସ୍ଥଳରେ ଜଙ୍କିଆ ପୋଲିସ ପହଞ୍ଚି ଶବ ବ୍ୟବଚ୍ଛେଦ ନିମନ୍ତେ ଖୋର୍ଦ୍ଧା ମେଡିକାଲକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରକୁ ହସ୍ତାନ୍ତର କରାଯାଇଛି। ଏନେଇ ଏକ ମାମଲା (ନଂ. ୩୩୦/୨୩) ରୁଜୁ ହୋଇଛି। ମୃତ ବୁଲୁଙ୍କ ବାଇକ (ନଂ. ଓଡି-୨୫-ଏଲ-୭୪୫୮)କୁ ଜବତ କରାଯାଇ ତଦନ୍ତ ଚାଲୁଥିବା ଜଙ୍କିଆ ଥାନା ଅଧିକାରିଣୀ ପ୍ରଜ୍ଞାତୁମ୍ବରା କର ସୂଚନା ଦେଇଛନ୍ତି। ମୃତ ବୁଲୁଙ୍କ ଭିଣୋଇ ଗଣେଶ ବେହେରା ଏତଲାରେ ଦର୍ଶାଇଛନ୍ତି ଯେ, ତାଙ୍କ ଶଳା ବୁଲୁ କୌଣସି କାର୍ଯ୍ୟରେ ମଙ୍ଗଳାଯୋଡ଼ିରୁ ଭୁବନେଶ୍ୱର ଯାଉଥିଲେ। ହେଲେ ବାଟରେ ଜଙ୍କିଆ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସୁନେଇ ରୁପେଇ ଛକଠାରେ ଏକ ଟ୍ରକକୁ ଅତିକ୍ରମ କରୁଥିବାବେଳେ ସମ୍ମୁଖରେ ଯାଉଥିବା ଏକ ଅଟୋର ବେପରୁଆ ଚାଳନା ଯୋଗୁ ତାଙ୍କ ବାଇକ୍ ସହ ଦୁର୍ଘଟଣା ଘଟିଥିଲା। ଫଳରେ ବୁଲୁଙ୍କ ମୃତ୍ୟୁ ହୋଇଥିବା ନେଇ ସେ ଅଭିଯୋଗ କରିଥିବା ଥାନା ପକ୍ଷରୁ ସୂଚନା ମିଳିଛି। ଏହାକୁ ଆଧାର କରି ପୋଲିସ ତଦନ୍ତ ଚଳାଇଛି।

# ମହାଲକ୍ଷ୍ମୀ ପାଳିଲେ ଋଷିପଞ୍ଚମୀ ବ୍ରତ

ପୁରୀ,୨୦।୯(ଅଜିତ ମହାନ୍ତି)

ଭାଦ୍ରବ ଶୁକ୍ଳ ପଞ୍ଚମୀ ତଥା ବୁଧବାର ଅବସରରେ ଶ୍ରୀମନ୍ଦିରରେ ଋଷିପଞ୍ଚମୀ ନୀତି ସମ୍ପନ୍ନ ହୋଇଛି। ଶ୍ରୀଦେବୀ (ମହାଲକ୍ଷ୍ମୀ) ମାର୍କଣ୍ଡ ଋଷିଙ୍କ ଆଶ୍ରମକୁ ଯାଇ ଋଷିପଞ୍ଚମୀ ବ୍ରତ ପାଳନ କରିଛନ୍ତି। ଋଷିପଞ୍ଚମୀ ନିମନ୍ତେ ବୁଧବାର ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ଗୁରୁବାର ଶ୍ରୀମନ୍ଦିର ଦ୍ୱାର ୬ଟା ୫୦ରେ ଫିଟାଯାଇଥିଲା। ପରେ ଭିତରଶୋଭା, ମଙ୍ଗଳଆଳତି, ମଇଲମ, ତଡ଼ପଲାଗି ସହ ଅନ୍ୟାନ୍ୟ ନୀତି ବଢ଼ି ୧୦ଟା ୩୫ରେ ସକାଳଧୂପ ଆରମ୍ଭ ହୋଇ ୧୧ଟା ୫୫ରେ ଶେଷ ହୋଇଥିଲା। ପରେ ଋଷି ପଞ୍ଚମୀ ବ୍ରତ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଶ୍ରୀବିଗ୍ରହମାନଙ୍କ ସକାଳ ଧୂପ ବାଢ଼ିବା ପରେ ମହାଲକ୍ଷ୍ମୀ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ମହାଜନ ସେବକଙ୍କ ହସ୍ତରେ ସାତପାହାଚ ସ୍ଥିତ ପାଲିଙ୍କିରେ ବିଜେ ହୋଇଥିଲେ। ବିମାନବଡୁ ସେବାୟତମାନେ ଘଣ୍ଟ, ଛତା ସହ ପାଲିଙ୍କିରେ ଠାକୁରାଣୀଙ୍କୁ ନେଇ ମାର୍କଣ୍ଡେୟ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ଠାକୁରାଣୀ ମାର୍କଣ୍ଡେୟ ମନ୍ଦିରରେ ପହଞ୍ଚିବା ପରେ ଭିତରଗମ୍ଭୀରାରେ ବିଜେ କରିଥିଲେ। ସେଠାରେ ସ୍ନାନ, ମାଜଣା, ବନକଲାଗି ସରିବା ପରେ ପୂଜାପଣ୍ଡାମାନେ ଋଷିପଞ୍ଚମୀ ବ୍ରତ କଥା ପାଠ କରିଥିଲେ। ଏହାପରେ ଠାକୁରାଣୀଙ୍କ ନିକଟରେ ଶୀତଳ ଭୋଗ ମଣୋହି କରାଯାଇ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ନୀତି ସମ୍ପନ୍ନ ପରେ ମା' ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ଏହିଦିନ ସ୍ୱୟଂ ମହାଲକ୍ଷ୍ମୀ ଠାକୁରାଣୀ ମାନବୀୟ ଲୀଳା କ୍ରମରେ ବ୍ରତ ପାଳନ କରିବା ସହ ପୂଜାପଣ୍ଡାଙ୍କୁ ଛଞ୍ଚା ଦେଇଥାନ୍ତି। ଏହି ପରମ୍ପରାକୁ ଆଧାର କରି ଶ୍ରୀକ୍ଷେତ୍ରରେ ଅନେକ ମହିଳା ଋଷିପଞ୍ଚମୀ ବ୍ରତ ପାଳନ କରିଥିଲେ।


ଋଷି ପଞ୍ଚମୀ ନୀତି ପାଇଁ ମହାଲକ୍ଷ୍ମୀଙ୍କୁ ମାର୍କଣ୍ଡେୟ ଆଶ୍ରମକୁ ନିଆଯାଉଛି।



ପୁରୀ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବୁଢ଼ୀମା' ମନ୍ଦିର ପରିସରରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ସଦସ୍ୟମାନେ।

# ନିଶିକାନ୍ତଙ୍କ ଏକାଦଶାହରେ ଦୀପଦାନ, ରକ୍ତଦାନ ଶିବିର

ସାକ୍ଷୀଗୋପାଳ,୨୦।୯
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ପୁରୀ- ଭୁବନେଶ୍ୱର ଜାତୀୟ ରାଜପଥରେ ଗତ ୧୧ ତାରିଖ ଭୋର ୪ଟା ସମୟରେ ଏକ ଦୁର୍ଘଟଣା ଘଟିଥିଲା। ଏଥିରେ ସତ୍ୟବାଦୀ ଥାନା ଅନ୍ତର୍ଗତ ସାନ କାଞ୍ଜିଆ ଗ୍ରାମର ଯୁବ ସାମାଜିକ କର୍ମୀ ଓ ପୁରୀ ଜିଲା ଭାଜପାର ଯୁବ ନେତା ନିଶିକାନ୍ତ ପ୍ରଧାନଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଇତି ମଧ୍ୟରେ ବୁଧବାର ନିଶିକାନ୍ତଙ୍କ ଏକଦଶାହ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସଂଗଠନ ପକ୍ଷରୁ ନିଶିକାନ୍ତଙ୍କ ଅମରଆତ୍ମାର ସଦ୍‌ଗତି ନିମନ୍ତେ କାମନା କରାଯାଇଥିଲା। ଏହି ଅବସରରେ ଏକ ରକ୍ତଦାନ ଶିବିର ସଂଗଠନଗୁଡ଼ିକ ପକ୍ଷରୁ ଗ୍ରାମ ନିକଟରେ ଅନୁଷ୍ଠିତ ହୋଇଥିଲା। ପ୍ରଦୀପ ପ୍ରଜ୍ୱଳନ ପରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ମହିଳା ଆଇନ ସହାୟତାକାରୀ ଜୟଶ୍ରୀ ମହାପତ୍ର, ଭାରତ ବିକାଶ ପରିଷଦ ରାଜ୍ୟ ସଭାପତି ସତ୍ୟବାଦୀ ଦାଶ, ଡା. ଦୁର୍ଯ୍ୟୋଧନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

କ୍ଳବ ସତ୍ୟବାଦୀ, ସତ୍ୟବାଦୀ ସେବା ଟ୍ରଷ୍ଟ, ନିଶିକାନ୍ତ ସ୍ମୃତି ପରିଷଦ, ଭାରତ ବିକାଶ ପରିଷଦ ପକ୍ଷରୁ ଏହି ଶିବିର ଆୟୋଜିତ ହୋଇଥିଲା। ବହୁ ରକ୍ତଦାତା ରକ୍ତଦାନ କରିଥିବାବେଳେ ନିଶିକାନ୍ତଙ୍କ ୨ ଭାଇ ମଧ୍ୟ ରକ୍ତଦାନ କରିଥିଲେ। ବିଏମ୍‌ସି ରକ୍ତଭଣ୍ଡାରର ଏକ ଟିମ୍ ୨୫ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲା। ମୃତ୍ୟୁ ପରେ ନିଶିକାନ୍ତଙ୍କ ୨ ଆଖିକୁ ତାଙ୍କ ପରିବାର ଦାନ କରିଥିଲେ। ସନ୍ଧ୍ୟା ସମୟରେ ସମସ୍ତ ସଙ୍ଗଠନର କର୍ମକର୍ତ୍ତା ଓ ଶୁଭେଚ୍ଛୁ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ନିଶିକାନ୍ତଙ୍କ ଅମରଆତ୍ମାର ସଦ୍‌ଗତି ନିମନ୍ତେ ସାମୂହିକ ଦୀପଦାନ କରିଥିଲେ। ଟ୍ରଷ୍ଟର ସମ୍ପାଦକ ଆଇନଜୀବୀ ସୁଶାନ୍ତ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ସାମାଜିକ କର୍ମୀ ନିଶିକାନ୍ତ ପ୍ରଧାନଙ୍କ ଏକାଦଶାହ ଅବସରରେ ଦୀପଦାନ କରାଯାଉଛି।

# ଦୟାନଦୀ ଜଳସ୍ତର ବୃଦ୍ଧି ପାଉଛି

### ବିପଦ ସଙ୍କେତ ଉପରେ ପ୍ରବାହିତ

କଣାସ,୨୦।୯ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଅଞ୍ଚଳରେ ପ୍ରବାହିତ ହେଉଥିବା ଦୟା, ମକରା, ରାଜୁଆ, କାଣିଆ, ଲୁଣାନଦୀରେ ବନ୍ୟାଜଳ ଧୀରେ ଧୀରେ ବୃଦ୍ଧି ପାଉଛି। ଦୋକନ୍ଦା, ବଡାସ, କଦଳିଦଣ୍ଡା, ବାଲିପାଟଣା, ବୈଦ୍ୟନାଥପାଟଣା ଗାଁ ଦାଣ୍ଡରେ ବନ୍ୟାଜଳ ଜମିରହିଛି। କଣାସଠାରେ ଦୟାନଦୀର ବିପଦ ସଙ୍କେତ ୩.୯୯ ମିମି ଥିବା ବେଳେ ବୁଧବାର ଅପରାହ୍ନରେ ୫.୦୧ ମିମିରେ ପ୍ରବାହିତ ହେଉଛି। ଦୟା ଓ ରାଜୁଆ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଦୋକନ୍ଦା, କଦଳୀଦଣ୍ଡା, ବାଲିପାଟଣା, ତରପଡ଼ା, ବଡ଼ାସ, ବୈଦ୍ୟନାଥପାଟଣା, କଖାରୁବସ୍ତ, ଗଡ଼ବଳଭଦ୍ରପୁର, ସବଳଙ୍ଗ ଗ୍ରାମ ଜମିରେ ୮ଫୁଟରୁ ଊର୍ଦ୍ଧ୍ୱ ବନ୍ୟାଜଳ ଧାନଜମିରେ ଲହଡ଼ି ଭାଙ୍ଗୁଛି। ନଦୀପଠା ଓ ଧାନ ଜମିରେ ଚାଷୀଙ୍କ ପରିବା ଫସଲ ବୁଡ଼ିଥିବାରୁ ସେମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ନଦୀପଠା ଓ ଦୟା, ରାଜୁଆ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଚାଷୀମାନେ ପରିବା ଫସଲ ଉପରେ ନିର୍ଭର କରିଥାଆନ୍ତି।


କଣାସଠାରେ ଦୟାନଦୀର ବନ୍ୟାଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି।

# ନାମଫଳକରେ ବରପୁତ୍ରଙ୍କ ସମ୍ପର୍କରେ ଲେଖାଯାଉ

**ବରପୁତ୍ରଙ୍କୁ ସମ୍ମାନ ଦେବା ସହ ସ୍ମୃତିକୁ ଚିରକାଳ ଜୀବନ୍ତ ରଖିବା ଓ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ବିଭିନ୍ନ ସ୍ଥାନରେ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉଛି। ରାଜଧାନୀରେ ସରକାରୀ ସ୍ତରରେ ୭୨ ଓ ବେସରକାରୀ ସ୍ତରରେ ୨୦ରୁ ଊର୍ଦ୍ଧ୍ୱ ପ୍ରତିମୂର୍ତ୍ତି ରହିଛି। ହେଲେ ସେମାନଙ୍କୁ ଅନେକ ସମୟରେ ଅସମ୍ମାନିତ କରାଯାଉଥିବା ଭଳି ଅଭିଯୋଗ ଉଠୁଛି। କେବଳ ଜୟନ୍ତୀ ବା ଶ୍ରାଦ୍ଧଦିବସ ଆସିଲେ ବରପୁତ୍ରମାନେ ମନେପଡ଼ନ୍ତି। ବର୍ଷର ଅନ୍ୟ ଦିନରେ ଅଧିକାଂଶ ପ୍ରତିମୂର୍ତ୍ତିରେ ମାଳଟିଏ ପଡୁ ନ ଥିବାବେଳେ ଘାସବଣ ଭିତରେ ପକ୍ଷୀ ମଳରେ ବିକୃତ ହୋଇପଡୁଥିବା ଓ ଅସାମାଜିକଙ୍କ ଆଡ୍ଡାସ୍ଥଳ ପାଲଟିଥିବା ଦେଖିବାକୁ ମିଳୁଛି। କେଉଁଠି ନାମଫଳକ ଲିଭିଗଲାଣି ତ ଆଉ କେଉଁଠି ବାହାରକୁ ଦୃଶ୍ୟମାନ ହେଉନାହିଁ। ନାମଫଳକରେ ଉଦ୍‌ଘାଟକ ଓ ଅତିଥିଙ୍କ ନାମ ଭିତରେ ବରପୁତ୍ରଙ୍କ ନାମ ଲୁଚିଯାଉଛି। ପୁଣି ବରପୁତ୍ରଙ୍କ ସମ୍ପର୍କରେ ଅଧିକ କିଛି ଲେଖାଯାଉ ନ ଥିବାରୁ ଏହା ପରପିଢ଼ିକୁ ଜାଣିବା ସୁଯୋଗ ରହୁନାହିଁ ବା ଅନୁପ୍ରାଣିତ କରିପାରୁ ନାହିଁ। ବରପୁତ୍ରଙ୍କ ପ୍ରତିମୂର୍ତ୍ତିର ରକ୍ଷଣାବେକ୍ଷଣ ଓ ପ୍ରତିମୂର୍ତ୍ତି ସ୍ଥଳକୁ ଆଲୋକୀକରଣ ସହ ଆକର୍ଷଣୀୟ କରିବା ପାଇଁ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ବିଏମ୍‌ସି ଓ ବିଡିଏକୁ ଚିଠି ଲେଖି ଚୁପ୍ ବସିଥିବାବେଳେ ଏହା ସେମାନଙ୍କ ବଂଶଧର ଓ ବୁଦ୍ଧିଜୀବୀଙ୍କୁ ବ୍ୟଥିତ କରିଛି।**



### ସ୍ୱତନ୍ତ୍ର ପଲିସି ଆସିବା ଆବଶ୍ୟକ



ବରପୁତ୍ରଙ୍କ ପ୍ରତିମୂର୍ତ୍ତି କେଉଁଠି ସ୍ଥାପନ କରାଯିବ, ରାଜଧାନୀରେ ନା ଜନ୍ମସ୍ଥାନରେ, ନିର୍ଦ୍ଦିଷ୍ଟ ଅଞ୍ଚଳରେ ସର୍ବାଧିକ କେତେ ସଂଖ୍ୟକ ପ୍ରତିମୂର୍ତ୍ତି ରହିପାରିବ, ସେଠାରେ କ'ଣ ସବୁ ଲେଖା ରହିବ, ରକ୍ଷଣାବେକ୍ଷଣ, ସମ୍ମାନ ଆଦିକୁ ନେଇ ସରକାରୀ ସ୍ତରରେ ସ୍ୱତନ୍ତ୍ର ପଲିସି ଆସିବାର ଆବଶ୍ୟକତା ରହିଛି। ଏଥିସହ ନାମଫଳକର ମଧ୍ୟ ବହୁତ ପ୍ରାସଙ୍ଗିକତା ରହିଛି। ୨୦୦୯ରୁ ଏନେଇ ଆମେ ଦାବି କରି ଆସୁଛୁ। ଅନେକ ପ୍ରତିମୂର୍ତ୍ତିରେ ଲାଗିଥିବା ନାମଫଳକ ଦୂରରୁ ଦେଖିଲେ ବରପୁତ୍ରଙ୍କ ନାମ ଛୋଟ ଓ ଉଦ୍‌ଘାଟକ ବା ଅତିଥିଙ୍କ ନାମ ବଡ଼ ଦେଖାଯାଉଛି। ମୁଖ୍ୟମନ୍ତ୍ରୀଙ୍କଠୁ ନେଇ କର୍ପୋରେଟରଙ୍କ ଯାଏ ନାମ ରହୁଛି। ୫ବର୍ଷ ପରେ ଏମାନେ ଆଉ ପ୍ରାସଙ୍ଗିକ ହୋଇ ରହୁନାହାନ୍ତି, କିନ୍ତୁ ଯିଏ ପ୍ରକୃତରେ ପ୍ରାସଙ୍ଗିକ ତାଙ୍କୁ ଅବହେଳା କରାଯାଉଛି। ସେ କିଏ, ତାଙ୍କୁ ଆମେ କାହିଁକି ମନେରଖିବା, ଅନ୍ତତଃପକ୍ଷେ ସେତିକି ଲେଖାଗଲେ ଭବିଷ୍ୟତ ପିଢ଼ିଙ୍କ ପାଇଁ ଏହା ଉପଯୋଗୀ ହୁଅନ୍ତା।

**–ଦିଲୀପ ଦାଶଶର୍ମା, ସଭାପତି, ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା**

### ପ୍ରକୃତ ଉଦ୍ଦେଶ୍ୟ ଉପରେ ଧ୍ୟାନ ଦିଆଯାଉ



ହଁ, ଏମିତି ହେବା ଉଚିତ। କାରଣ ଅନେକ ବରପୁତ୍ର ଅଛନ୍ତି, ଯେଉଁମାନଙ୍କ ସମ୍ପର୍କରେ ସମସ୍ତେ ଜାଣନ୍ତିନି। ନାମ ପଢ଼ିଦେଲେ ବି ସମସ୍ତଙ୍କୁ ମନେପକାଇ ହୁଏନି। ବିଶେଷକରି ଆମ ଭଳି ଯୁବପିଢ଼ି ଓ ପରପିଢ଼ିଙ୍କ ପାଇଁ ଏହା ଲାଭଦାୟକ ବା ଅନୁକରଣୀୟ ହୁଅନ୍ତା। କିଛି ନ ହେଲେ ଅନେକେ ତ ଏହା ଉପରେ ନଜର ପକାନ୍ତେ ଆଉ କିଛି ମନେରଖନ୍ତେ। ଖାଲି ପ୍ରତିମୂର୍ତ୍ତି ତିଆରି କରିଦେଲେ ହେବନାହିଁ, ଏହାର ପ୍ରକୃତ ଉଦ୍ଦେଶ୍ୟ ଉପରେ ଧ୍ୟାନଦେବା ଆବଶ୍ୟକ।

**–ସୁରଜ ରୟ, ଛାତ୍ର, ଭୁବନେଶ୍ୱର**

### ସମ୍ବଳ ଅଭାବରୁ ସବୁ ଅନୁରୋଧ ପୂରଣ ହୋଇପାରୁନି



ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମିଳୁଥିବା ଅର୍ଥରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉଛି। ରକ୍ଷଣାବେକ୍ଷଣ ସହ ପ୍ରତିମୂର୍ତ୍ତି ସ୍ଥଳରେ ବରପୁତ୍ରଙ୍କ ସମ୍ପର୍କରେ ଅଧିକ ତଥ୍ୟ ରଖିବା ସହ ଅଧିକ ପଦକ୍ଷେପ ନେବାକୁ ହେଉଥିବା ଅନୁରୋଧ ସମ୍ବଳ ଅଭାବରୁ ପୂରଣ ହୋଇପାରୁନି। ଅଧିକ ଅର୍ଥ ବରାଦ ହେଲେ ସବୁ ଅନୁରୋଧ ପ୍ରତି ଧ୍ୟାନ ଦେଇ ହୁଅନ୍ତା। ଏହା ଏକ ଭଲ କଥା। ସରକାର ଏ ଦିଗରେ ପଦକ୍ଷେପ ନେବେ ବୋଲି ମୋର ଆଶା।

**–ହୃଷୀକେଶ ମଲ୍ଲିକ, ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ**

### ଅଧିକ ସୂଚନା ଦେବାକୁ ଆଲୋଚନା ହୋଇଛି



ପ୍ରତିମୂର୍ତ୍ତି ସ୍ଥଳକୁ ନିରନ୍ତର ସଫା ରଖାଯାଉଛି। ସରକାରୀ ଓ ଘରୋଇ ଭାବେ ଉଭୟ ଉଦ୍ୟମରେ ବରପୁତ୍ରଙ୍କ ଜୟନ୍ତୀ ପାଳନ ହେଉଛି। ପୂଜ୍ୟପୂଜା କାର୍ଯ୍ୟକ୍ରମକୁ ସରକାର ଧ୍ୟାନ ଦେଉଛନ୍ତି। କେବଳ ସରକାର ନୁହନ୍ତି, ସଙ୍ଗଠନ ଓ ବ୍ୟକ୍ତିବିଶେଷ ଏ ଦିଗରେ ମଧ୍ୟ ସହଯୋଗ କରିବା ଆବଶ୍ୟକ। ବରପୁତ୍ରଙ୍କ ନାମ ସହ ସେମାନଙ୍କ ସମ୍ପର୍କରେ ଅଧିକ ସୂଚନା ଦେବା ପାଇଁ ବୈଠକରେ ଆଲୋଚନା କରାଯାଇଛି।

**–ଲକ୍ଷ୍ମୀଧର ବେହେରା, ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ, ସଂସ୍କୃତି ବିଭାଗ**

**ରିପୋର୍ଟ: ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର**



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୨୦।୦୯।୨୦୨୩

| | |
|---|---|
| ୩,୭୭, ୫୭୫ ଟଙ୍କା | |
| ସୁନା | ୫.୩୫୦ ଗ୍ରାମ |
| ରୁପା | ୧୩.୬୫୦ ଗ୍ରାମ |



**ପୁରୀ:** ମୌସୁମୀ ବର୍ଷା ଯୋଗୁ ଶ୍ରୀମନ୍ଦିର ସମ୍ମୁଖ ବଡ଼ଦାଣ୍ଡରେ ଭକ୍ତଙ୍କ ଗହଳି ନାହିଁ। (ଫଟୋ–ଯଜ୍ଞେଶ୍ୱର ମହାନ୍ତି)

## ବଳପୂର୍ବକ ପୂଜା ଚାନ୍ଦା ଆଦାୟ, ୨ ଗିରଫ

**ଭୁବନେଶ୍ୱର,୨୦।୯ (ସତ୍ୟଜିତ୍ ରାଉତ)**

ପୂଜା ପାଇଁ ବଳପୂର୍ବକ ଚାନ୍ଦା ଆଦାୟ କରିବା ଅଭିଯୋଗରେ ଖଣ୍ଡଗିରି ପୋଲିସ ୨ଜଣଙ୍କୁ ବୁଧବାର ଗିରଫକରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଅଞ୍ଚଳର ବିରଞ୍ଚି ନାରାୟଣ ସାମନ୍ତସିଂହାର (୩୬) ଓ ଜାଗମରାରେ ରହୁଥିବା ଖଣ୍ଡପଡ଼ା ଅଞ୍ଚଳର ବିଜୟ ରାଣା (୩୩)। ଉଭୟଙ୍କଠାରୁ ୨ହଜାର ୫୦ଟଙ୍କା ଓ ୨ଟି ରସିଦ ବହି ଜବତ କରାଯାଇଛି। ଅଭିଯୁକ୍ତଦ୍ୱୟ ଏମ୍ସ ହସ୍ପିଟାଲ ନିକଟ ଅଞ୍ଚଳରେ ବିଶ୍ୱକର୍ମା ପୂଜା ଓ ଗଣେଶ ପୂଜା ପାଇଁ ବଳପୂର୍ବକ ଚାନ୍ଦା ଆଦାୟ କରୁଥିଲେ। ଖବର ପାଇ ପୋଲିସ ସେଠାରେ ପହଞ୍ଚି ଉଭୟଙ୍କୁ କାବୁ କରିବା ସହ ଏକ ମାମଲା (ନଂ.୩୯୪/୨୦୨୩) ରୁଜୁକରି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଅନ୍ୟପକ୍ଷରେ ଭୁବନେଶ୍ୱର ସହରାଞ୍ଚଳରେ ଦାଦାବଟି ଆଦାୟ ଓ ସହରରେ ହେଉଥିବା ଅପରାଧ ପାଇଁ ପୋଲିସ ପକ୍ଷରୁ ଜାରି ଷ୍ଟ୍ରିଟ୍ କ୍ରାଇମ ହେଲ୍ପଲାଇନ ହ୍ୱାଟ୍ସଆପ୍ ନମ୍ବର (୭୦୭୭୭୯୮୧୧୧)ରେ ମେସେଜ କରି ଜଣାଇବା ପାଇଁ କୁହାଯାଇଛି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଅନ୍ତର୍ଜାତୀୟ ଶାନ୍ତି ଦିବସ ଅବସରରେ ଶାନ୍ତି ମାର୍ଚ୍ଚ, ରାଜମହଲ, ସକାଳ ୮ଟା।
- ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ଗଣେଶ ପୂଜା ପ୍ରସାଦ ବଣ୍ଟନ, ଭୌମନଗର, ୟୁନିଟ୍–୪, ଅପରାହ୍ନ ୧ଟା।
- ଓ୍ୱିନର ଆସୋସିଏଶନ ପକ୍ଷରୁ ଗଣେଶ ପୂଜା ସାଂସ୍କୃତିକ କାର୍ଯ୍ୟକ୍ରମ, ଶହୀଦନଗର, ସନ୍ଧ୍ୟା ୭ଟା।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ନାଟକ 'ପ୍ରବାଦ ପୁରୁଷ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

## ଗଣେଶ ପୂଜା ମଣ୍ଡପରେ ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ମାଣିଆବନ୍ଧ, ୨୦।୯ (ଅଖିଳ କୁମାର ସାହୁ)**



ମୃତ ଅନିରୁଦ୍ଧ ପାତ୍ର

ବଡ଼ମ୍ବା ବ୍ଲକ ମାଣିଆବନ୍ଧ ଥାନା ଅନ୍ତର୍ଗତ ଅଶିନିସାହିରେ ଗଣେଶ ପୂଜା ପାଇଁ ସମସ୍ତେ ଖୁସିରେ ଥିବାବେଳେ ମଣ୍ଡପରେ ହେଉଥିବା ଭଜନ ସମାରୋହ ପରେ ବିଦ୍ୟୁତ ଆଘାତରେ ମଙ୍ଗଳବାର ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଅର୍ଜୁନ ପାତ୍ରଙ୍କ ପୁଅ ଅନିରୁଦ୍ଧ (୨୩)। ପୂଜା ମଣ୍ଡପରେ ଭଜନ ସନ୍ଧ୍ୟା ସରିଲା ପରେ ରାତି ପ୍ରାୟ ସାଢେ ୧ଟାରେ ସାଉଣ୍ଡ ଓ ଆଲୋକରୁ ତାର ଖୋଲୁଥିବା ବେଳେ ଅନିରୁଦ୍ଧଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଇଆଇସି ବସନ୍ତ କୁମାର ଶତପଥୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତକ ଅନିରୁଦ୍ଧ ମାତାପିତାଙ୍କ ଏକ ମାତ୍ର ପୁତ୍ର ଥିଲେ। ତାଙ୍କ ମୃତ୍ୟୁରେ ମାଣିଆବନ୍ଧ ଆଖପାଖ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ୨୫ରେ 'ନ୍ୟାୟ ପାଇଁ ଲଢ଼େଇ ପରିବାର'ର ଧାରଣା

**ଭୁବନେଶ୍ୱର,୨୦।୯ (ସତ୍ୟଜିତ୍ ରାଉତ):** ଆସନ୍ତା ୨୫ ତାରିଖରେ 'ନ୍ୟାୟ ପାଇଁ ଲଢ଼େଇ ପରିବାର' ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦିଆଯିବ। ଏନେଇ ବୁଧବାର ସଂଘ ପକ୍ଷରୁ ଦିଆଯାଇଥିବା ପ୍ରେସ୍ ନୋଟ୍‌ରେ କୁହାଯାଇଛି, ରାଜ୍ୟର ବିଭିନ୍ନ ଜିଲାରେ ହତ୍ୟା, ଶିଶୁ ଅପହରଣ, ଶିଶୁ ଅଙ୍ଗତସ୍କରୀ ଓ ଅନ୍ୟାନ୍ୟ ସମ୍ବେଦନଶୀଳ ଘଟଣାରେ ବର୍ଷ ବର୍ଷ ଧରି ବହୁ ପରିବାର ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ସରକାରଙ୍କ ସମସ୍ତ ନ୍ୟାୟିକ ବ୍ୟବସ୍ଥାରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କିଛି ସୁଫଳ ମିଳୁନାହିଁ। ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ବାରମ୍ବାର ଦାବି କରୁଥିଲେ ମଧ୍ୟ କମିଶନରେଟ ପୋଲିସ ଏଥିରେ ବାଧା ସୃଷ୍ଟି କରୁଛି। ସଂଘର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶଙ୍କ ନେତୃତ୍ୱରେ ୨୫ ତାରିଖ ପୂର୍ବାହ୍ନ ୧୧ଟାରେ ଲୋୟର ପିଏମ୍‌ଜିରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦିଆଯିବା ସହ ବିଧାନସଭା ଅଭିମୁଖେ ଶୋଭାଯାତ୍ରା ବାହାରିବ। ଏଥିସହ ସମସ୍ତ ମାମଲାର ନିରପେକ୍ଷ ତଦନ୍ତ ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯିବ। ଏଥିରେ ପୋଲିସ ବାଧା ସୃଷ୍ଟିକଲେ ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ପଦ୍ଧତିରେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ବାଧ୍ୟହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ବଡ଼ଦାଣ୍ଡରେ ଅଟକି ରହିଲେ ମହାଲକ୍ଷ୍ମୀ



ମାର୍କଣ୍ଡେୟ ମନ୍ଦିର ଅଭିମୁଖେ ଯିବାବେଳେ ମହାଲକ୍ଷ୍ମୀ ବାଟରେ ଅଟକି ରହିଛନ୍ତି।



ବିଜେ ରାସ୍ତାରେ ବାଧକ ସାଜିଥିବା ପଥର ଓ ଅନ୍ୟାନ୍ୟ ସାମଗ୍ରୀକୁ ଉଠାଯାଉଛି।

**ପୁରୀ, ୨୦।୯(ଅଜିତ୍ ମହାନ୍ତି)**

- **ରାସ୍ତା କାମ ହେଲା ବାଧକ**
- **ସେବକଙ୍କ ପାଇଁ ନୀତି ବିଳମ୍ବ**

ଭାଦ୍ରବ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଅବସରରେ ବୁଧବାର ଶ୍ରୀକ୍ଷେତ୍ରରେ ଋଷି ପଞ୍ଚମୀ ବ୍ରତ ପାଳିତ ହୋଇଯାଇଛି। ଏହି ଦିନ ଶ୍ରୀମନ୍ଦିରରୁ ମହାଲକ୍ଷ୍ମୀ ମାର୍କଣ୍ଡେୟ ମନ୍ଦିରକୁ ଯାଇ ବ୍ରତ ପାଳନ କରିଥାନ୍ତି। ତେଣୁ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥାଏ। ତେବେ ବୁଧବାର ନୀତିରେ ଅହେତୁକ ବିଳମ୍ବ ଘଟିଥିଲା। ସେହିପରି ରାସ୍ତା କାମ ଚାଲିଥିବାରୁ ବଡ଼ଦାଣ୍ଡରେ ମା' ମହାଲକ୍ଷ୍ମୀ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଟକି ରହିଥିବା ଦେଖିବାକୁ ମିଳିଥିଲା।

ପରମ୍ପରା ଅନୁଯାୟୀ, ମହାପ୍ରଭୁଙ୍କ ସକାଳଧୂପ ସମ୍ପନ୍ନ ହେବା ପରେ ମହାଲକ୍ଷ୍ମୀ ପାଲିଙ୍କିକୁ ବିଜେହୋଇ ମାର୍କଣ୍ଡେୟ ମନ୍ଦିରକୁ ବିଜେ କରିଥାନ୍ତି। ବୁଧବାର ସକାଳଧୂପ ପରେ ମା' ମହାଲକ୍ଷ୍ମୀ ପାଲିଙ୍କିକୁ ବିଜେ କରିଥିଲେ। ତେବେ ଅନେକ ସମୟ ଧରି ସେ ପାଲିଙ୍କିରେ ବିଜେ ହୋଇ ରହିଥିଲେ। କାରଣ ଶ୍ରୀମନ୍ଦିରରୁ ମାର୍କଣ୍ଡେୟ ମହାଦେବ ସ୍ୱମନ୍ଦିରକୁ ବିଜେ କରି ନ ଥିଲେ। ମାର୍କଣ୍ଡେୟ ମହାଦେବଙ୍କ ସେବକମାନେ ଶ୍ରୀମନ୍ଦିରକୁ ଆସିବାକୁ ବିଳମ୍ବ କରିବା ହେତୁ ମାର୍କଣ୍ଡେୟ ମହାଦେବ ବିମାନକୁ ବିଜେ ହୋଇ ନ ଥିଲେ। ଫଳରେ ନୀତିରେ ବିଳମ୍ବ ଘଟିଥିଲା। ବିଳମ୍ବରେ ମାର୍କଣ୍ଡେୟ ମହାଦେବଙ୍କ ସେବକମାନେ ଆସିବା ପରେ ମାର୍କଣ୍ଡେୟ ମହାଦେବ ବିମାନରେ ବିଜେ ହୋଇଥିଲେ। ପରେ ମହାଲକ୍ଷ୍ମୀ ମାର୍କଣ୍ଡେୟ ମନ୍ଦିର ଅଭିମୁଖେ ବିଜେ ହୋଇଥିଲେ। ତେବେ ମହାଲକ୍ଷ୍ମୀ ଯିବା ରାସ୍ତାରେ ସିଂହଦ୍ୱାର ନିକଟରେ କିଛି ସମୟ ଧରି ଠିଆ ହୋଇ ରହିଥିଲେ। ଶ୍ରୀମନ୍ଦିର ପରିକ୍ରମା ମାର୍ଗ କାର୍ଯ୍ୟ ବର୍ତ୍ତମାନ ଜାରି ରହିଛି। ମହାଲକ୍ଷ୍ମୀଙ୍କ ବିଜେ ରାସ୍ତାରେ କାର୍ଯ୍ୟ ଚାଲିଥିବାରୁ ରାସ୍ତା ବନ୍ଦ ରହିଥିଲା। ତେଣୁ ମହାଲକ୍ଷ୍ମୀ ଅନେକ ସମୟ ଧରି ଠିଆ ହୋଇଥିଲେ। କର୍ମଚାରୀମାନଙ୍କ ପକ୍ଷରୁ ରାସ୍ତା ସଫା ହେବା ପରେ ଋଷିପଞ୍ଚମୀ ନୀତି ପାଇଁ ମହାଲକ୍ଷ୍ମୀ ମାର୍କଣ୍ଡେୟ ମନ୍ଦିର ଅଭିମୁଖେ ଯାଇଥିଲେ। ଅନ୍ୟପକ୍ଷରେ ମହାଲକ୍ଷ୍ମୀ ନୀତି ପାଇଁ ଉକ୍ତ ରାସ୍ତାରେ ଯିବା ସମ୍ପର୍କରେ ପ୍ରଶାସନ ପାଖରେ ଖବର ଥିବା ସତ୍ତ୍ୱେ ଉକ୍ତ ସମୟରେ ରାସ୍ତା କାମ କରାଯିବାକୁ ସାଧାରଣରେ ନାପସନ୍ଦ କରାଯାଇଛି। ସେବାୟତମାନେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। କେବଳ ଏହି ଗୋଟିଏ ଘଟଣା ନୁହେଁ, ସାହିଯାତ ସମୟରେ ମଧ୍ୟ ନୀତି ପାଇଁ ଯିବା ସମୟରେ ରାସ୍ତା ମରାମତି କାର୍ଯ୍ୟ ନିମନ୍ତେ ଅନେକ ସମୟ ଧରି ଠାକୁର ରାସ୍ତା ମଝିରେ ଠିଆ ହୋଇ ରହିଥାନ୍ତି। ତେଣୁ ପ୍ରଶାସନ ଏଦିଗରେ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହୋଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚିରଞ୍ଜୀବୀ



@ ଆଶିଷ



@ ପ୍ରତିମୟୀ



@ ଲିପୁ



@ ଶଶିକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ବାଇକ୍ ଧକ୍କାରେ ବ୍ୟବସାୟୀଙ୍କ ମୃତ୍ୟୁ

**ଅସ୍ତରଙ୍ଗ,୨୦।୯(ମମତା ଜେନା)**

ଦୋକାନ ବନ୍ଦ କରି ମଙ୍ଗଳବାର ରାତିରେ ଘରକୁ ଫେରିବା ବାଟରେ ବାଇକ୍ ଧକ୍କା ହୋଇ ଜଣେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅସ୍ତରଙ୍ଗ ବ୍ଲକ କେନ୍ଦୋରାପାଟି ପଞ୍ଚାୟତ ଆଙ୍କୁଅ ଗ୍ରାମର ଚଇ ମହାରଣାଙ୍କ ପୁଅ ସମ୍ପଦ ମହାରଣା(୪୦)। ସୂଚନା ମୁତାବକ, ଅସ୍ତରଙ୍ଗ ବଜାରରେ ବାପା ପୁଅ ଦୀର୍ଘବର୍ଷ ଧରି ଫର୍ଣ୍ଣିଚର କାମ କରିବା ସହ ଏକ ଦୋକାନ କରିଥିଲେ। ଗଣେଶ ପୂଜା ଅବସରରେ ଗହଳି ଥିବାବେଳେ ରାତି ୧୦ଟା ସମୟରେ ସେ ଦୋକାନ ବନ୍ଦ କରି ଘରକୁ ଫେରୁଥିଲେ। ଜିଉଁତି ଗ୍ରାମ ପାଖରେ ଏକ ବାଇକ୍ ସହ ତାଙ୍କ ବାଇକ୍‌ର ଧକ୍କା ହୋଇଥିଲା। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

**ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର ହେବ**

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ତାଙ୍କ କାର୍ଯ୍ୟାଳୟ ବିଶାଖାପାଟଣାକୁ ସ୍ଥାନାନ୍ତର ହେଉଥିବା ନେଇ ଚଳିତ ବର୍ଷ ଆରମ୍ଭରେ ଘୋଷଣା କରିଥିଲେ। ଏହି ଘୋଷଣା ଅନୁସାରେ ଆସନ୍ତା ଦଶହରା (ଅକ୍ଟୋବର ୨୪)ରୁ ତାଙ୍କ କାର୍ଯ୍ୟାଳୟ ବିଶାଖାପାଟଣା ସ୍ଥାନାନ୍ତର ହେବ ବୋଲି ଜଣାପଡ଼ିଛି। ବିଶାଖାପାଟଣା ଖୁବ୍‌ଶୀଘ୍ର ଆନ୍ଧ୍ରପ୍ରଦେଶର ରାଜଧାନୀ ହେବାକୁ ଯାଉଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ କୁହାଯାଇଛି।



## ସଂକ୍ଷେପରେ

### ଶିଖ୍ ବିରୋଧୀ ଦଙ୍ଗା: ସଜ୍ଜନ କୁମାର ଦୋଷମୁକ୍ତ



**ନୂଆଦିଲ୍ଲୀ,୨୦।୯:** ନୂଆଦିଲ୍ଲୀର ସୁଲତାନପୁରୀ ଅଞ୍ଚଳରେ ୧୯୮୪ ଶିଖ୍ ବିରୋଧୀ ଦଙ୍ଗା ମାମଲାରେ ତତ୍କାଳୀନ ଲୋକ ସଭା ସଦସ୍ୟ ତଥା କଂଗ୍ରେସ ନେତା ସଜ୍ଜନ କୁମାରଙ୍କ ସମେତ ସମସ୍ତ ଅଭିଯୁକ୍ତଙ୍କୁ ଦିଲ୍ଲୀର ରାଉସ୍ ଆଭିନ୍ୟୁ କୋର୍ଟ ବୁଧବାର ଦୋଷମୁକ୍ତ କରିଦେଇଛନ୍ତି। ପ୍ରଥମେ ସାଜ୍ଜନଙ୍କ ସମେତ ୫ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ବିଚାର ଅବଧି ମଧ୍ୟରେ ୨ ଜଣଙ୍କ ପରଲୋକ ଘଟିଥିଲା। ଦଙ୍ଗାବେଳେ ସଜ୍ଜନ ଏକ ଗୁରୁଦ୍ୱାରାରେ ନିଆଁ ଲଗାଇଦେଇଥିବା ଅଭିଯୋଗ ହୋଇଥିଲା। ଅନ୍ୟ ଏକ ଶିଖ୍ ବିରୋଧୀ ଦଙ୍ଗା ମାମଲାରେ ଦିଲ୍ଲୀ ହାଇକୋର୍ଟ ପୂର୍ବରୁ ସଜ୍ଜନ କୁମାରଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଦଣ୍ଡାଦେଶ ଦେଇଥିଲେ।

### ଇସ୍ରାଏଲ୍ ଆକ୍ରମଣରେ ୬ ପାଲେଷ୍ଟିନୀୟଙ୍କ ମୃତ୍ୟୁ

**ତେଲଆବିଭ୍,୨୦।୯:** ଇସ୍ରାଏଲର ଆକ୍ରମଣରେ ୬ ପାଲେଷ୍ଟାଇନ୍ ନାଗରିକଙ୍କର ମୃତ୍ୟୁ ଘଟିଛି। ଦୀର୍ଘ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଇସ୍ରାଏଲ ଓ ପାଲେଷ୍ଟାଇନ ମଧ୍ୟରେ ହିଂସାକାଣ୍ଡ ଜାରି ରହିଛି। ମଙ୍ଗଳବାର ଏହି ଆକ୍ରମଣ ଘଟିଥିବାବେଳେ ପ୍ରଥମେ ଏଥିରେ ୪ଜଣଙ୍କ ମୃତ୍ୟୁ ଘଟିଥିବା କୁହାଯାଉଥିଲା। ତେବେ ବୁଧବାର ପାଲେଷ୍ଟାଇନ୍ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଇସ୍ରାଏଲ ପକ୍ଷରୁ ଉତ୍ତରପଶ୍ଚିମରେ ଥିବା ଶରଣାର୍ଥୀ ଶିବିରରେ ଆକ୍ରମଣ କରାଯାଇଥିଲା। ଫଳରେ ୬ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଇସ୍ରାଏଲ ମିଲିଟାରି ପକ୍ଷରୁ ବୁଧବାର କୁହାଯାଇଛି ଜଣେ ପାଲେଷ୍ଟାଇନ ନାଗରିକ ବିସ୍ଫୋରଣ କରିବା ଉଦ୍ଦେଶ୍ୟରେ ସେମାନଙ୍କ ଆଡ଼କୁ ମାଡ଼ି ଆସୁଥିଲେ। ଫଳରେ ସେନା ପକ୍ଷରୁ ତାଙ୍କ ଉପରକୁ ଗୁଳିମାଡ଼ କରାଯାଇଥିଲା।

### ରେଳ ଦୁର୍ଘଟଣା କ୍ଷତିପୂରଣ ରାଶି ୫ ଲକ୍ଷ ହେଲା

**ନୂଆଦିଲ୍ଲୀ,୨୦।୯:** ରେଳ ଦୁର୍ଘଟଣାଗ୍ରସ୍ତଙ୍କ ଲାଗି କ୍ଷତିପୂରଣ ରାଶି ବୃଦ୍ଧି କରିଛି କେନ୍ଦ୍ର ରେଳ ମନ୍ତ୍ରଣାଳୟ। ଏନେଇ ରେଲୱେ ବୋର୍ଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ସାଧାରଣ ଅଭିଯୋଗ) ରନ୍ଧେଶ ଝା ସୂଚନା ଦେଇଛନ୍ତି। ସଂଶୋଧିତ କ୍ଷତିପୂରଣ ରାଶି ରେଳଯାତ୍ରୀଙ୍କ ସମେତ ରେଳ ଫାଟକ ପାର କରୁଥିବାବେଳେ ସମ୍ମୁଖୀନ ହେଉଥିବା ଦୁର୍ଘଟଣାଗ୍ରସ୍ତଙ୍କ ପକ୍ଷରେ ଲାଗୁ ହେବ। ଏହା ବ୍ୟତୀତ ହିଂସାତ୍ମକ ଆକ୍ରମଣ, ଡକାୟତି ତଥା ଯାତ୍ରାବେଳେ ଟ୍ରେନ୍‌ରୁ ଖସି ପଡ଼ିଥିବା ଯାତ୍ରୀଙ୍କ କ୍ଷେତ୍ରରେ ମଧ୍ୟ ଲାଗୁ ହେବ। ନୂଆ ଗାଇଡ୍‌ଲାଇନ୍ ଅନୁସାରେ ଏଣିକି ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ମିଳିବ। ପୂର୍ବରୁ ମୃତକଙ୍କ ପରିବାରକୁ ୫୦ ହଜାର ଟଙ୍କା ମିଳୁଥିଲା। ସେହିପରି ଗୁରୁତର ଆହତଙ୍କୁ ୨.୫ ଲକ୍ଷ ଟଙ୍କା ଓ ସାମାନ୍ୟ ଆହତଙ୍କୁ ୫୦ ହଜାର ଟଙ୍କା ମିଳିବ। ଏହା ବ୍ୟତୀତ ଯାତ୍ରାବେଳେ ଟ୍ରେନ୍‌ରୁ ଖସିପଡ଼ି ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାର ସଦସ୍ୟଙ୍କୁ ଦେଢ଼ଲକ୍ଷ ଓ ଆହତଙ୍କ ପରିବାରକୁ ୫୦ ହଜାର ମିଳିବ। ଏହି କ୍ଷତିପୂରଣ ରାଶି ହିଂସାତ୍ମକ ଆକ୍ରମଣ, ଡକାୟତିର ସମ୍ମୁଖୀନ ହୋଇଥିବା ଯାତ୍ରୀଙ୍କ କ୍ଷେତ୍ରରେ ମଧ୍ୟ ଲାଗୁ ହେବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

### କୋଲକାତାରେ ସନ୍ଦିଗ୍ଧ ନିପା ଆକ୍ରାନ୍ତ

**କୋଲକାତା,୨୦।୯:** କେରଳରୁ କିଛି ଦିନ ତଳେ କୋଲକାତା ଫେରିଥିବା ଜଣେ ଶ୍ରମିକ ନିପା ସନ୍ଦିଗ୍ଧ ଚିହ୍ନଟ ହୋଇଛନ୍ତି। ନିପା ସଂକ୍ରମଣ ଲକ୍ଷଣ ଜଣାପଡ଼ିବା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପଶ୍ଚିମବଙ୍ଗର ବର୍ଦ୍ଧମାନ ଜିଲାର ଜଣେ ପ୍ରବାସୀ ଶ୍ରମିକ କେରଳରେ କାମ କରୁଥିଲେ। ସେଠାରୁ ସେ କିଛି ଦିନ ତଳେ ଫେରିବା ପରେ ତାଙ୍କୁ ପ୍ରବଳ ଜ୍ୱର ସହ ବାନ୍ତି ଓ ଗଳା ସଂକ୍ରମଣ ହୋଇଥିଲା। କେରଳରେ ନିପା ସଂକ୍ରମଣ ହେଉଥିବାରୁ ଯୁବକ ମଧ୍ୟ ନିପା ସଂକ୍ରମିତ ହୋଇଥିବା ଆଶଙ୍କା କରି ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ବୋଲି ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ କହିଛନ୍ତି।

# ୪୨% ଯୁବ ଗ୍ରାଜୁଏଟ୍ ବେରୋଜଗାର

## ପ୍ରେମଜୀ ବିଶ୍ୱବିଦ୍ୟାଳୟର ରିପୋର୍ଟ

**ନୂଆଦିଲ୍ଲୀ,୨୦।୯**



ଭାରତର ଦ୍ରୁତ ଅଭିବୃଦ୍ଧି ସହ ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ଅଗ୍ରଣୀ ହୋଇଥିବାବେଳେ ଦେଶର ପ୍ରାୟ ୪୨% ଯୁବ ଗ୍ରାଜୁଏଟ ବେରୋଜଗାର ରହିଥିବା ଅଜିମ୍ ପ୍ରେମ୍‌ଜୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। କୋଭିଡ୍ ପରବର୍ତ୍ତୀ ସ୍ଥିତିରେ ଦେଶରେ ବେକାରି ହାର କୋଭିଡ୍ ପୂର୍ବବର୍ତ୍ତୀ ସ୍ଥିତି ଅପେକ୍ଷା କମ୍ ରହିଛି। କିନ୍ତୁ କୋଭିଡ୍ ପରବର୍ତ୍ତୀ ସ୍ଥିତିରେ ୪୨% ଯୁବ ଗ୍ରାଜୁଏଟ୍ କାମ ନ ପାଇ ବେରୋଜଗାର ରହିଛନ୍ତି। ୧୯୮୦ ପରେ ଦିନ ମଜୁରିଆ ଓ ମାସିକ ଦରମା ସୂତ୍ରରେ କାମ କରୁଥିବା ଶ୍ରମିକଙ୍କ ସଂଖ୍ୟା ବୃଦ୍ଧି ଘଟିଥିଲା। ୨୦୦୪ ବେଳକୁ ପୁରୁଷ ଶ୍ରମିକଙ୍କ ସଂଖ୍ୟା ୧୮ରୁ ୨୫% ଓ ମହିଳାଙ୍କ ସଂଖ୍ୟା ୧୦ ରୁ ୨୫%କୁ ବୃଦ୍ଧି ଘଟିଥିଲା। ୨୦୦୪ରୁ ୨୦୦୭ ମଧ୍ୟରେ ବାର୍ଷିକ ୩ ନିୟୁତ ଲୋକ କର୍ମନିଯୁକ୍ତି ପାଇଥିଲେ। ଏହା ୨୦୧୭ରୁ ୨୦୧୯ ମଧ୍ୟରେ ୫ ନିୟୁତକୁ ବୃଦ୍ଧି ଘଟିଥିଲା। ତେବେ କୋଭିଡ୍ ମହାମାରୀ କାରଣରୁ ୨୦୧୯ରୁ ଦିନ ମଜୁରିଆମାନେ କାମ ହରାଇ ବସିଥିଲେ। ଅର୍ଥନୈତିକ ଅଭିବୃଦ୍ଧି ଓ କର୍ମନିଯୁକ୍ତି ସୃଷ୍ଟି କରିବା ମଧ୍ୟରେ ଥିବା ଗୁରୁତ୍ୱ ବିଷୟରେ ଏହି ରିପୋର୍ଟରେ କୁହାଯାଇଛି। ୧୯୯୦ରୁ ଅଣକୃଷି ଜିଡିପି ଓ ଅଣକୃଷି ନିଯୁକ୍ତି କ୍ଷେତ୍ରରେ ଅଭିବୃଦ୍ଧି ଘଟି ନ ଥିବା ଏହି ରିପୋର୍ଟରେ କୁହାଯାଇଛି। ଅପରପକ୍ଷେ ୨୦୦୪ରୁ ୨୦୧୯ ମଧ୍ୟରେ ନିଯୁକ୍ତି କ୍ଷେତ୍ରରେ ହ୍ରାସ ଘଟିଥିଲା। ୨୦୧୭ରୁ ନିଯୁକ୍ତି କ୍ଷେତ୍ରରେ ଲିଙ୍ଗଗତ ଅସମାନତା ବ୍ୟବଧାନ ବଢ଼ିଥିଲା। ୨୦୦୪ରେ ମହିଳାମାନେ ପୁରୁଷମାନଙ୍କ ଆୟର ୭୦% ରୋଜଗାର କରୁଥିଲେ। ଏହା ୨୦୧୭ ବେଳକୁ ହ୍ରାସ ଘଟିଥିଲା ବୋଲି ରିପୋର୍ଟରେ କୁହାଯାଇଛି। କୋଭିଡ୍ ପରେ ୬୦% ମହିଳା ଆତ୍ମନିଯୁକ୍ତି ପାଇଥିଲେ, ଏହା କୋଭିଡ୍ ପୂର୍ବରୁ ୫୦% ଥିଲା।

# ଜାତିସଂଘରେ କଶ୍ମୀର ପ୍ରସଙ୍ଗ ଉଠାଇଲେ ତୁର୍କୀ ରାଷ୍ଟ୍ରପତି

**ଜାତିସଂଘ,୨୦।୯(ପିଟି.)**



ରେସିପ୍ ତାୟିପ୍ ଏର୍ଡୋଗାନ

ଜାତିସଂଘ ସାଧାରଣ ସଭାର ଉଚ୍ଚସ୍ତରୀୟ ୭୮ତମ ଅଧିବେଶନରେ ବିଶ୍ୱ ନେତାମାନଙ୍କୁ ଉଦ୍‌ବୋଧନ ଦେବାବେଳେ ତୁର୍କୀ ରାଷ୍ଟ୍ରପତି ରେସିପ୍ ତାୟିପ୍ ଏର୍ଡୋଗାନ କଶ୍ମୀର ପ୍ରସଙ୍ଗ ଉଠାଇଛନ୍ତି। ଭାରତ ଓ ପାକିସ୍ତାନ ମଧ୍ୟରେ ଆଲୋଚନା ଓ ସହଯୋଗ ଜରିଆରେ କଶ୍ମୀରରେ ସ୍ଥାୟୀ ଶାନ୍ତି ସ୍ଥାପନ ହୋଇପାରିଲେ ଦକ୍ଷିଣ ଏସିଆରେ ଆଞ୍ଚଳିକ ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧିରେ ଅଗ୍ରଗତି ହୋଇପାରିବ ବୋଲି ଏର୍ଡୋଗାନ କହିଥିଲେ। ଏଦିଗରେ ନିଆଯିବାକୁ ଥିବା ସମସ୍ତ ପଦକ୍ଷେପକୁ ତୁର୍କୀ ସମର୍ଥନ କରେ ବୋଲି ସେ ସ୍ପଷ୍ଟ କରିଥିଲେ। ନୂଆଦିଲ୍ଲୀରେ ଜି୨୦ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଏର୍ଡୋଗାନ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ, ଭିତ୍ତିଭୂମି ସମ୍ପର୍କ ବଢ଼ାଇବା ନେଇ ଆଲୋଚନା କରିଥିଲେ। ଏହାର ୧୦ ଦିନ ନ ପୂରୁଣୁ ସେ ଜାତିସଂଘରେ କଶ୍ମୀର ପ୍ରସଙ୍ଗ ଉଠାଇଛନ୍ତି। ସେ କହିଛନ୍ତି, ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଭାରତ ଭୂମିକା ନେବା ଗର୍ବର ବିଷୟ। ୟୁଏନ୍‌ଏସ୍‌ସିରେ ୫ ସ୍ଥାୟୀ ସଦସ୍ୟ ରହିଥିବାବେଳେ ୧୫ ଅସ୍ଥାୟୀ ସଦସ୍ୟଙ୍କୁ ପାଳି କରି ସ୍ଥାୟୀ କରାଯିବା ସପକ୍ଷରେ ତୁର୍କୀ ରହିଛି।

# ସ୍ପାଇସ୍‌ଜେଟ୍ ବିମାନର ଜରୁରୀ ଅବତରଣ

**ନୂଆଦିଲ୍ଲୀ,୨୦।୯**



ଓ୍ୱିଣ୍ଡଶିଲ୍ଡରେ ଫାଟ ଦେଖାଯିବାରୁ ବୁଧବାର ମୁମ୍ବାଇ ଯାଉଥିବା ସ୍ପାଇସ୍‌ଜେଟ୍‌ର ଏକ ବିମାନକୁ କୋଲକାତାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀ ଅବତରଣ କରାଯାଇଛି। ସ୍ପାଇସ୍‌ଜେଟ୍ ବି୭୩୭ ବିମାନରେ ୧୭୬ ଯାତ୍ରୀ ଏବଂ ୬ ଜଣ କ୍ୟାବିନ୍ କ୍ରିଉ ରହିଥିଲେ। ସକାଳ ୬ଟା ୧୫ରେ ଉକ୍ତ ବିମାନ କୋଲକାତା ଏୟାରପୋର୍ଟ ଛାଡ଼ିଥିଲା। ଫାଟ ଦେଖାଯିବା ପରେ ଏହାକୁ କୋଲକାତା ଫେରାଇ ଅଣାଯାଇ ସୁରକ୍ଷିତ ଅବତରଣ କରାଯାଇଛି। ଏହା ଜରୁରୀ ନୁହେଁ, ସ୍ୱାଭାବିକ ଅବତରଣ ଥିଲା ବୋଲି ଏୟାରଲାଇନ୍ସ ମୁଖପାତ୍ର କହିଛନ୍ତି।

## ୫ ବର୍ଷର ଶିଶୁଙ୍କୁ ବଳାତ୍କାର

**କାନପୁର,୨୦।୯**

କାନପୁର ଦେହାତ ଜିଲା ଅନ୍ତର୍ଗତ ଆକବରପୁର ଥାନା ଅଞ୍ଚଳର ଜଣେ ୫ ବର୍ଷର ବାଳିକାଙ୍କୁ ୭ ବର୍ଷର ବାଳକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ବାଳକ ଜଣକ ପୀଡ଼ିତାଙ୍କ ପଡୋଶୀ। ପୋଲିସ ଏକ ମାମଲା ରୁଜୁ କରିବା ସହ ଉଭୟ ଶିଶୁଙ୍କ ଡାକ୍ତରୀ ମାଇନା କରାଇଛି। ରବିବାର ସନ୍ଧ୍ୟାରେ ବାଳିକା ଜଣକ ଖେଳିବାକୁ ଯାଇଥିବାବେଳେ ଏଭଳି ଘଟଣା ଘଟିଥିଲା ବୋଲି ତାଙ୍କ ମା' ଅଭିଯୋଗ କରିଛନ୍ତି।

## ଏମ୍‌ପିଙ୍କୁ ଦିଆଯାଇଥିବା ସମ୍ବିଧାନ ପୁସ୍ତକରେ 'ଧର୍ମନିରପେକ୍ଷ' ଶବ୍ଦ ନାହିଁ: ଅଧୀର

**ନୂଆଦିଲ୍ଲୀ,୨୦।୯(ପି.ଟି.)**

ନୂଆ ପାର୍ଲାମେଣ୍ଟ ଭବନରେ ଅଧିବେଶନ ଆରମ୍ଭ ଦିନରେ ଏମ୍‌ପିମାନଙ୍କୁ ଦିଆଯାଇଥିବା ସମ୍ବିଧାନ ପୁସ୍ତକର ପ୍ରସ୍ତାବନାରେ 'ଧର୍ମନିରପେକ୍ଷ' ଏବଂ 'ସମାଜବାଦ' ଶବ୍ଦ ନ ଥିବା କଂଗ୍ରେସ ସଦସ୍ୟ ଅଧୀର ରଞ୍ଜନ ଚୌଧୁରୀ ବୁଧବାର ଅଭିଯୋଗ କରିଛନ୍ତି। ଏହା ଏକ ଗମ୍ଭୀର ପ୍ରସଙ୍ଗ ଏବଂ ଅପରାଧ କହି ବିରୋଧୀ ନେତାମାନେ ସରକାରଙ୍କୁ ସମାଲୋଚନା କରିଥିଲେ। ଚତୁରତାର ସହ ଉପରୋକ୍ତ ଶବ୍ଦକୁ ହଟାଇ ଦିଆଯାଇଥିବା ଅଧୀର ଅଭିଯୋଗ କରିବା ସହ ଭାଜପା ସରକାରଙ୍କ ଉଦ୍ଦେଶ୍ୟକୁ ନେଇ ସନ୍ଦେହ ହେଉଛି ବୋଲି କହିଥିଲେ। ଏହାର ଜବାବରେ ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ କହିଥିଲେ, ସମ୍ବିଧାନ ପ୍ରସ୍ତାବନାର ମୂଳ ସଂସ୍କରଣର କପି ଏମ୍‌ପିମାନଙ୍କୁ ଦିଆଯାଇଛି। ପରେ ସମ୍ବିଧାନରେ ସଂଶୋଧନ କରାଯାଇ ଧର୍ମନିରପେକ୍ଷ ଏବଂ ସମାଜବାଦ ଶବ୍ଦ ଯୋଡ଼ା ଯାଇଥିଲା ବୋଲି ସେ କହିଛନ୍ତି।

# ୧୯୯୮ ରାୟର ପୁନଃ ଯାଞ୍ଚ କରିବେ ସୁପ୍ରିମକୋର୍ଟ

## ଜେଏମ୍‌ଏମ୍ ଲାଞ୍ଚ ମାମଲା

**ନୂଆଦିଲ୍ଲୀ,୨୦।୯**



ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ଏମ୍‌ପିମାନଙ୍କୁ ଲାଞ୍ଚ ଦେବା ଘଟଣାରେ ପି.ଭି. ନରସିଂହ ରାଓ ସରକାରଙ୍କ ସମ୍ପୃକ୍ତିକୁ ନେଇ ସୁପ୍ରିମକୋର୍ଟଙ୍କ ୧୯୯୮ ରାୟର ପୁନଃ ଯାଞ୍ଚ କରିବା ଲାଗି ସର୍ବୋଚ୍ଚ ଅଦାଲତ ବୁଧବାର ରାଜି ହୋଇଛନ୍ତି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଯାହା ରାଜନୈତିକ ନୈତିକତା ବହନ କରୁଥିବା ଅଦାଲତ କହିଛନ୍ତି। ୧୯୯୩ରେ ନରସିଂହ ରାୟ ପ୍ରଧାନମନ୍ତ୍ରୀ ଥିବାବେଳେ ପାର୍ଲାମେଣ୍ଟରେ ଗୁରୁତ୍ୱପୂର୍ଣ୍ଣ ଅନାସ୍ଥା ପ୍ରସ୍ତାବରେ ସରକାରଙ୍କ ସପକ୍ଷରେ ଭୋଟ ଦେବା ପାଇଁ ଜେଏମ୍‌ଏମ୍ ଏମ୍‌ପିମାନଙ୍କୁ ଲାଞ୍ଚ ଦିଆଯାଇଥିବା ଅଭିଯୋଗ ହୋଇଥିଲା। ପାର୍ଲାମେଣ୍ଟ କିମ୍ବା ରାଜ୍ୟ ବିଧାନସଭାଗୁଡ଼ିକରେ ବକ୍ତବ୍ୟ ଦେବା କିମ୍ବା ଭୋଟ ଦେବା ପାଇଁ ଲାଞ୍ଚ ନେବା ପ୍ରସଙ୍ଗରେ ଏମ୍‌ପି ଏବଂ ବିଧାୟକମାନଙ୍କୁ ମକଦ୍ଦମାରୁ ବାଦ୍ ଦିଆଯିବ କି ନାହିଁ, ଏନେଇ ୧୯୯୮ ରାୟର ପୁନଃ ଅନୁଧ୍ୟାନ କରାଯିବ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ୫ ଜଣିଆ ସାମ୍ବିଧାନିକ ପୀଠ କହିଛନ୍ତି। ଏଥିପାଇଁ ସର୍ବୋଚ୍ଚ ଅଦାଲତ ୭ ଜଣିଆ ପୀଠ ଗଠନ କରାଯିବ। ଉକ୍ତ ପ୍ରସଙ୍ଗର ବ୍ୟାପକ ପ୍ରଭାବ ଓ ଗୁରୁତ୍ୱ ରହିଥିବାରୁ ୨୦୧୯ରେ ତତ୍କାଳୀନ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏହାକୁ ୫ ଜଣିଆ ପୀଠକୁ ପଠାଇଥିଲେ। ଜେଏମ୍‌ଏମ୍ ବିଧାୟକ ସୀତା ସୋରେନ୍‌ଙ୍କ ଆବେଦନ ଉପରେ ୩ ଜଣିଆ ଖଣ୍ଡପୀଠ ଉପରୋକ୍ତ ଲାଞ୍ଚ ମାମଲାର ପୁନଃ ଯାଞ୍ଚ କରିବାକୁ କହିଛନ୍ତି।

## ଜେନେଭାରେ ମଣିପୁର ଆଲୋଚନାକୁ ନେଇ ବିବାଦ

**ନୂଆଦିଲ୍ଲୀ,୨୦।୯**

ଜେନେଭାରେ ଖ୍ରୀଷ୍ଟିଆନ ସଂଘ ପକ୍ଷରୁ ଆୟୋଜିତ ପ୍ୟାନେଲ ଆଲୋଚନାରେ ମଣିପୁର ହିଂସା ପ୍ରସଙ୍ଗରେ ଆଲୋଚନା କରାଯାଇଥିବାରୁ ଏହାକୁ ନେଇ ବିବାଦ ଦେଖାଦେଇଛି। ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗରେ ବାହ୍ୟ ହସ୍ତକ୍ଷେପକୁ ସାମାଜିକ ଗଣମାଧ୍ୟମରେ ତୀବ୍ର ନିନ୍ଦା କରାଯାଇଛି। ଗତ ମଙ୍ଗଳବାର ଜାତିସଂଘ ମାନବାଧିକାର ପରିଷଦର ୫୪ତମ ଅଧିବେଶନ ଅବସରରେ ୱାର୍ଲ୍ଡ ଏଭାଞ୍ଜେଲିକାଲ ଆଲାଏନ୍ସ ଦ୍ୱାରା ମଣିପୁର ହିଂସା ପ୍ରସଙ୍ଗ ଉପରେ ଆଲୋଚନାର ଆୟୋଜନ କରାଯାଇଥିଲା। ବିଷୟବସ୍ତୁ ଥିଲା ମଣିପୁରରେ ସଙ୍କଟ ଏବଂ ଭାରତରେ ମାନବାଧିକାର ଉପରେ ଏହାର ପ୍ରଭାବ। ଭାରତ ସରକାର ଦେଶକୁ ଅଧିକ ଗଣତାନ୍ତ୍ରିକ, ସମାବେଶୀ ସମାଜ ଓ ଗୋଷ୍ଠୀରେ ପରିଣତ କରିବା ଦିଗରେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଆଲୋଚନା ଶେଷରେ ଏଭାଞ୍ଜେଲିକାଲ ଆଲାଏନ୍ସର ଅଧିକାରୀ ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ବିବାଦ ଦେଖାଦେଇଛି। ପ୍ରତ୍ୟେକ ଭାରତୀୟ ଏହାକୁ ନିନ୍ଦା କରିବା ଉଚିତ ବୋଲି ଅବସରପ୍ରାପ୍ତ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏଲ୍. ନିଶିକାନ୍ତ ସିଂ କହିଛନ୍ତି।

## ଇଣ୍ଡୋ-ପାସିଫିକ୍ ସେନା ମୁଖ୍ୟ ସମ୍ମିଳନୀ ଆୟୋଜନ କରିବ ଭାରତ

**ନୂଆଦିଲ୍ଲୀ,୨୦।୯**

ଭାରତ-ପ୍ରଶାନ୍ତ ମହାସାଗରୀୟ ରାଷ୍ଟ୍ରଗୁଡ଼ିକର ସେନାମୁଖ୍ୟମାନଙ୍କ ସମ୍ମିଳନୀ ଆସନ୍ତା ସପ୍ତାହରେ ନୂଆଦିଲ୍ଲୀ ଆୟୋଜନ କରିବାକୁ ଯାଉଛି। ଉକ୍ତ ଅଞ୍ଚଳରେ ଚାଇନାର ସାମରିକ ସାମର୍ଥ୍ୟ ବଢୁଥିବାରୁ ଏହା ସମଗ୍ର ବିଶ୍ୱ ପାଇଁ ଚିନ୍ତାଜନକ ହୋଇଛି। ଏହି ପରିପ୍ରେକ୍ଷୀରେ ଇଣ୍ଡୋ-ପାସିଫିକ୍ ଅଞ୍ଚଳରେ ଶାନ୍ତି, ସମୃଦ୍ଧି, ସ୍ଥିରତା ସୁନିଶ୍ଚିତ କରିବା ନିମନ୍ତେ ସାଧାରଣ ରଣକୌଶଳ ପ୍ରସ୍ତୁତ କରିବା ଉକ୍ତ ସମ୍ମିଳନୀର ଲକ୍ଷ୍ୟ। ସେପ୍ଟେମ୍ବର ୨୬ ଓ ୨୭ରେ ଦିଲ୍ଲୀରେ ହେବାକୁ ଥିବା ଏହି କନ୍‌କ୍ଲେଭ୍‌ରେ ୧୫ ସେନାମୁଖ୍ୟ ଏବଂ ୨୨ ଦେଶର ପ୍ରତିନିଧି ଯୋଗଦେବେ। ଆମେରିକା ସେନା ମଧ୍ୟ ସମ୍ମିଳନୀର ସହଆୟୋଜକ ରହିଛି। ଏହି ଅବସରରେ ଭାରତ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ କରିଥିବା ଅସ୍ତ୍ର, ସାମରିକା ସିଷ୍ଟମ୍ ଏବଂ ପ୍ଲାଟ୍‌ଫର୍ମଗୁଡ଼ିକର ପ୍ରଦର୍ଶନୀ ମଧ୍ୟ କରାଯିବ।

## ଏସ୍‌ସି/ଏସ୍‌ଟି ସଂରକ୍ଷଣ ବୃଦ୍ଧିର ବୈଧତାକୁ ଚ୍ୟାଲେଞ୍ଜ

### ନଭେମ୍ବର ୨୧ରେ ଶୁଣାଣି

**ନୂଆଦିଲ୍ଲୀ,୨୦।୯**

ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ସଂରକ୍ଷଣ ୧୦ ବର୍ଷ ପାଇଁ କାର୍ଯ୍ୟକାରୀ କରିବାକୁ ସମ୍ବିଧାନରେ ପରିକଳ୍ପନା କରାଯାଇଥିଲା। ଏହି ସମୟସୀମା ପରେ ସଂରକ୍ଷଣ ଅବଧି ବଢ଼ାଯାଇଥିବାରୁ ଏହାର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ନଭେମ୍ବର ୨୧ରେ ପିଟିଶନ୍‌ର ଶୁଣାଣି କରିବାକୁ ସର୍ବୋଚ୍ଚ ଅଦାଲତ ସମୟ ଧାର୍ଯ୍ୟ କରିଛନ୍ତି। ସମ୍ବିଧାନର ୧୦୪ତମ ସଂଶୋଧନ କରାଯାଇ ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ଏସ୍‌ସି/ଏସ୍‌ଟିଙ୍କ ପାଇଁ ଆସନ ସଂରକ୍ଷଣକୁ ଆଉ ୧୦ ବର୍ଷ ବଢ଼ାଯାଇଥିଲା। ଉକ୍ତ ସମ୍ବିଧାନ ସଂଶୋଧନର ବୈଧତାକୁ ଅନୁଧ୍ୟାନ କରାଯିବ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ କହିଛନ୍ତି।

## ସାଧାରଣତନ୍ତ୍ର ଦିବସକୁ ବାଇଡେନ୍ ଆମନ୍ତ୍ରିତ

**ନୂଆଦିଲ୍ଲୀ,୨୦।୯**



ଭାରତର ସାଧାରଣତନ୍ତ୍ର ଦିବସ ଉତ୍ସବରେ ଯୋଗଦେବା ଲାଗି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମନ୍ତ୍ରଣ କରିଥିବା ୱାଶିଂଟନ ପକ୍ଷରୁ କୁହାଯାଇଛି। ଜି୨୦ ସମ୍ମିଳନୀ ଅବସରରେ ବାଇଡେନ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ବେଳେ ତାଙ୍କୁ ୨୦୨୪ ଜାନୁୟାରୀ ୨୬ ଉତ୍ସବରେ ଯୋଗଦେବା ଲାଗି ମୋଦି ଆମନ୍ତ୍ରଣ କରିଥିଲେ ବୋଲି ନୂଆଦିଲ୍ଲୀରେ ଆମେରିକା ରାଷ୍ଟ୍ରଦୂତ ଏରିକ୍ ଗାର୍‌ସେଟି କହିଛନ୍ତି। ଚଳିତ ବର୍ଷର ସାଧାରଣତନ୍ତ୍ର ଦିବସରେ ଇଜିପ୍ଟ ରାଷ୍ଟ୍ରପତି ଆବଡେଲ ଫତାହ ଅଲ୍-ସିସି ମୁଖ୍ୟ ଅତିଥି ହୋଇଥିଲେ। ୨୦୧୫ରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ବାରାକ ଓବାମା ସାଧାରଣତନ୍ତ୍ର ଦିବସ ଅତିଥି ହୋଇଥିଲେ।



ଭାରତୀୟ ବାୟୁସେନା ବିମାନରୁ ନୌସେନାର ଏକ ଫୋଲ୍ଡିଂ ବୋଟ୍‌କୁ ଗଭୀର ସମୁଦ୍ରରେ ଖସାଯାଉଛି।

# ଅକ୍ଷୟ ଶକ୍ତିରେ ଭାରତର ପଦକ୍ଷେପ ଯଥେଷ୍ଟ ନୁହେଁ

## ୩୦୦ ଗିଗା ୱାଟ ସୋଲାର୍ ବିଦ୍ୟୁତ୍ ଉତ୍ପାଦନ ଲକ୍ଷ୍ୟ

**ନୂଆଦିଲ୍ଲୀ,୨୦।୯**



ଭାରତରେ ଅକ୍ଷୟ ଶକ୍ତି ଉତ୍ପାଦନ ବଢ଼ିଥିଲେ ମଧ୍ୟ ଏବେ ବି ଏହା ୧.୫ ଡିଗ୍ରୀ ସେଲସିୟସ୍ ଲକ୍ଷ୍ୟ ପୂରଣ କରିବାରେ ସକ୍ଷମ ହୋଇନାହିଁ। ତାପଜ ବିଦ୍ୟୁତ୍ ଉତ୍ପାଦନରେ ମଧ୍ୟ ଦେଶ ପଛୁଆ ରହିଥିବା ମଙ୍ଗଳବାର ଜଳବାୟୁ ଆକ୍ସନ ଟ୍ରାକର ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ବିକାଶଶୀଳ ଦେଶଗୁଡ଼ିକର ଦାୟିତ୍ୱକୁ ଅଣଦେଖା କରାଯାଇଛି ବୋଲି କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ କହିଛି। ଏହି ରିପୋର୍ଟ ସ୍ୱୟଂଶାସିତ ଗବେଷକ ଗ୍ରୁପ୍ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଏହା ମିଳିତ ଜାତିସଂଘର ଜଳବାୟୁ ପରିବର୍ତ୍ତନ ନିୟମ ଓ ପ୍ୟାରିସ ଚୁକ୍ତିନାମାକୁ ମଧ୍ୟ ଉଲ୍ଲଂଘନ କରୁଛି। ଗ୍ଲୋବାଲ ୱାର୍ମିଂକୁ ୧.୫ ଡିଗ୍ରୀ ତଳେ ରଖିବାକୁ ଦୃଷ୍ଟିରେ ରଖି ୧୬ଟି ଦେଶ ସେମାନଙ୍କ ବିଦ୍ୟୁତ୍ ଉତ୍ପନ୍ନ କ୍ଷେତ୍ରକୁ ସମ୍ପୂର୍ଣ୍ଣ ଭାବେ ପ୍ରଦୂଷଣମୁକ୍ତ କରିବା ଲାଗି ଯୋଜନା କରୁଛନ୍ତି। ଅଷ୍ଟ୍ରେଲିଆ, ବ୍ରାଜିଲ, ଚିଲି, ଚାଇନା, ଇୟୁ୨୭, ଜର୍ମାନୀ, ଭାରତ, ଇଣ୍ଡୋନେସିଆ, ଜାପାନ, ମେକ୍ସିକୋ, ତୁର୍କୀ, ଦକ୍ଷିଣ ଆଫ୍ରିକା, ବ୍ରିଟେନ, ଆମେରିକା ସମେତ ୧୬ଟି ଦେଶ ଏହି ତାଲିକାରେ ରହିଛନ୍ତି। ବିକଶିତ ରାଷ୍ଟ୍ରଗୁଡ଼ିକ ୨୦୩୦ ସୁଦ୍ଧା କୋଇଲା ଓ ୨୦୩୫ ସୁଦ୍ଧା ଗ୍ୟାସ୍ ଉପରେ ନିର୍ଭରଶୀଳତା କମ୍ କରିବାକୁ ପ୍ୟାରିସ୍ ଚୁକ୍ତିନାମାରେ କୁହାଯାଇଛି। ସେହିପରି ବିକାଶଶୀଳ ଦେଶଗୁଡ଼ିକ ୨୦୪୦ ସୁଦ୍ଧା କୋଇଲା ଓ ଜୀବାଶ୍ମ ଇନ୍ଧନ ବ୍ୟବହାର କମ୍ କରିବା ପାଇଁ କୁହାଯାଇଛି। ଏଥିପାଇଁ ସେହି ଦେଶଗୁଡ଼ିକୁ ଅନ୍ୟ ବିକଶିତ ରାଷ୍ଟ୍ରଗୁଡ଼ିକ ଆର୍ଥିକ ସହାୟତା ପ୍ରଦାନ କରିବେ। ଫଳରେ ସାରା ବିଶ୍ୱରେ ଆଗାମୀ କିଛି ବର୍ଷ ପରେ ପ୍ରଦୂଷଣମୁକ୍ତ ଶକ୍ତି ଉତ୍ପନ୍ନ ହୋଇପାରିବ ବୋଲି କୁହାଯାଇଛି। ଏହି ଆକଳନ ଅନୁସାରେ ୨୦୩୫ ସୁଦ୍ଧା ବିଶ୍ୱର ଅଧିକାଂଶ ଦେଶ ୮୦% ବିଦ୍ୟୁତ୍ ଅକ୍ଷୟଶକ୍ତି ଉତ୍ସରୁ ଉତ୍ପନ୍ନ କରୁଥିବେ। ଏହା ୨୦୫୦ ସୁଦ୍ଧା ଶତ ପ୍ରତିଶତ ହୋଇପାରିବ। ଭାରତ ଓ ଚାଇନା ବର୍ତ୍ତମାନ ବିଦ୍ୟୁତ୍ ଶକ୍ତି ପାଇଁ ଅକ୍ଷୟଶକ୍ତି ଉତ୍ସ ଉପରେ ଅଧିକ ନିର୍ଭରଶୀଳ ହେଉଛନ୍ତି। ତେବେ ଏଥିପାଇଁ ଦୀର୍ଘମିଆଦୀ ସୂତ୍ରରେ କାର୍ଯ୍ୟ କରିବାକୁ ପଡ଼ିବ। ସେହିପରି ଜର୍ମାନୀ ଓ ଚିଲି ମଧ୍ୟ ଅକ୍ଷୟ ଶକ୍ତି ଉତ୍ସରୁ ବିଦ୍ୟୁତ୍ ଉତ୍ପନ୍ନ କରିବା ଦିଗରେ କାମ କରୁଛନ୍ତି। ଭାରତ ଅକ୍ଷୟ ଶକ୍ତି ଉତ୍ସରୁ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ କରିବାରେ ଅଗ୍ରଣୀ ଭୂମିକା ନେଇଛି। ଦଶନ୍ଧି ଶେଷ ସୁଦ୍ଧା ସୌର ଉତ୍ସରୁ ୩୦୦ ଗିଗା ୱାଟ ଏବଂ ପବନ ଉତ୍ସରୁ ୮୦ ଗିଗା ୱାଟ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ କରିବାକୁ ଲକ୍ଷ୍ୟ ରଖାଯାଇଛି।

## ସଂକ୍ଷେପରେ

### ବିପଦସଂକେତ ଉପରେ ଦୟାନଦୀ



କଣାସ,୨୦।୯ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଅଞ୍ଚଳରେ ପ୍ରବାହିତ ହେଉଥିବା ଦୟା, ମକରା, ରାଜୁଆ, କାଣିଆ, ଲୁଣାନଦୀରେ ବନ୍ୟାଜଳ ଧୀରେ ଧୀରେ ବୃଦ୍ଧି ପାଉଛି। ଦୋକନ୍ଦା, ବଡାସ, କଦଳିଦଣ୍ଡା, ବାଲିପାଟଣା, ବୈଦ୍ୟନାଥପାଟଣା ଗାଁ ଦାଣ୍ଡରେ ବନ୍ୟାଜଳ ଜମିରହିଛି। କଣାସଠାରେ ଦୟାନଦୀର ବିପଦ ସଙ୍କେତ ୩.୯୯ ମିମି ଥିବା ବେଳେ ବୁଧବାର ଅପରାହ୍ନରେ ୫.୦୧ ମିମିରେ ପ୍ରବାହିତ ହେଉଛି। ଦୟା ଓ ରାଜୁଆ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଦୋକନ୍ଦା, କଦଳୀଦଣ୍ଡା, ବାଲିପାଟଣା, ତରପଡ଼ା, ବଡ଼ାସ, ବୈଦ୍ୟନାଥପାଟଣା, କଖାରୁବସ୍ତ, ଗଡ଼ବଳଭଦ୍ରପୁର, ସବଳଙ୍ଗ ଗ୍ରାମ ଜମିରେ ୮ଫୁଟରୁ ଊର୍ଦ୍ଧ୍ୱ ବନ୍ୟାଜଳ ଧାନଜମିରେ ଲହଡ଼ି ଭାଙ୍ଗୁଛି। ନଦୀପଠା ଓ ଧାନ ଜମିରେ ଚାଷୀଙ୍କ ପରିବା ଫସଲ ବୁଡ଼ିଥିବାରୁ ସେମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ନଦୀପଠା ଓ ଦୟା, ରାଜୁଆ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଚାଷୀମାନେ ପରିବା ଫସଲ ଉପରେ ନିର୍ଭର କରିଥାଆନ୍ତି।

# ଦ୍ୱିତୀୟ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ୨ୟ ଟ୍ରାଏଲ ରନ୍

ପୁରୀ,୨୦।୯(ଅଜିତ୍ ମହାନ୍ତି)



ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ବୁଧବାର ପୁରୀରୁ ରାଉଲକେଲାକୁ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଦ୍ୱିତୀୟ ଟ୍ରାଏଲ ରନ୍ ଅନୁଷ୍ଠିତ ହୋଇଛି। ଭୋର ୫ଟାରେ ଏହି ଟ୍ରେନ୍ ପୁରୀରୁ ବାହାରି ଅପରାହ୍ନ ୧୨ଟା ୪୫ ମିନିଟ୍‌ରେ ରାଉରକେଲାରେ ପହଞ୍ଚିଥିଲା। ସେହିପରି ଏହା ଅପରାହ୍ନ ୨ଟା ୧୦ରେ ରାଉରକେଲାରୁ ବାହାରି ରାତି ୯ଟା ୪୦ରେ ପୁରୀରେ ପହଞ୍ଚିଥିଲା। ଟ୍ରାଏଲ ରନ୍ ଅବସରରେ ଟ୍ରେନ୍‌ଟି ଖୋର୍ଦ୍ଧାରୋଡ଼, ଭୁବନେଶ୍ୱର, କଟକ, ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର ସିଟି ଓ ଝାରସୁଗୁଡ଼ା ଆଦି ୧୦ଟି ଷ୍ଟେଶନରେ ୨ ମିନିଟ୍ ଲେଖାଏ ରହିଥିଲା। କେବଳ ଭୁବନେଶ୍ୱର ଷ୍ଟେଶନରେ ୫ ମିନିଟ୍ ରହିଥିଲା। ରେଳଯାତ୍ରୀଙ୍କୁ ଦ୍ରୁତ, ଆରାମଦାୟକ ଓ ସୁବିଧାଜନକ ଭ୍ରମଣ ଅଭିଜ୍ଞତା ଦେଇଆସୁଛି ବନ୍ଦେ ଭାରତ ଏକ୍ସପ୍ରେସ୍। ପୁରୀରୁ ରାଉଲକେଲାକୁ ସଂଯୋଗ କରିବା ପାଇଁ ରେଳବିଭାଗ ପକ୍ଷରୁ ହୋଇଥିବା ଏଭଳି ପ୍ରୟାସ ଭଲ ପଦକ୍ଷେପ ବୋଲି ଯାତ୍ରୀମାନେ କହିଛନ୍ତି। ନୂଆଖାଇରେ ଟ୍ରେନ୍‌ର ଦ୍ୱିତୀୟ ଟ୍ରାଏଲ ରନ୍ ହୋଇଥିବାରୁ ରାଉଲକେଲାବାସୀ ଖୁସି ବ୍ୟକ୍ତ କରିଛନ୍ତି।

## ୨୪ରୁ ପୁରୀରୁ ରାଉରକେଲା ଗଡ଼ିବ

ଭୁବନେଶ୍ୱର,୨୦।୯(ଅଭିଜିତ ଦାସ): ଆସନ୍ତା ୨୪ ତାରିଖରୁ ଓଡ଼ିଶାରେ ଦ୍ୱିତୀୟ ବନ୍ଦେ ଭାରତ ଏକ୍ସପ୍ରେସ୍ ଚାଲିବ। ଏହା ପୁରୀରୁ ରାଉରକେଲା ମଧ୍ୟରେ ଚଳାଚଳ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲରେ ଏହି ସେମି ହାଇସ୍ପିଡ୍ ଟ୍ରେନ୍‌ର ଶୁଭାରମ୍ଭ କରିବେ ବୋଲି ଜଣାପଡିଛି। ଦକ୍ଷିଣପୂର୍ବ ରେଳପଥ ସୂଚନା ଅନୁଯାୟୀ, ପୁରୀ-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ୍‌ଟି ସପ୍ତାହରେ ୬ ଦିନ ଚାଲିବ ଓ ଶନିବାର ବନ୍ଦ ରହିବ। ଟ୍ରେନ୍ ନମ୍ବର ୨୦୮୩୬ ପୁରୀ-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ୍ ସକାଳ ୫ଟାରୁ ପୁରୀ ଷ୍ଟେଶନରୁ ଛାଡିବ ଓ ଅପରାହ୍ନ ୧୨ଟା ୪୫ରେ ରାଉରକେଲା ଷ୍ଟେଶନରେ ପହଞ୍ଚିବ। ସେହିପରି ଫେରିବା ମାର୍ଗରେ ୨୦୮୩୫ ରାଉରକେଲା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସ୍ ଅପରାହ୍ନ ୨ଟା ୧୦ରେ ରାଉରକେଲାରୁ ଛାଡିବ ଓ ରାତି ୯ଟା ୪୦ରେ ପୁରୀ ଷ୍ଟେଶନରେ ପହଞ୍ଚିବ। ବାଟରେ ଏହା ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଢେଙ୍କାନାଳ,ଅନୁଗୋଳ,ସମ୍ବଲପୁର ସିଟି ଓ ଝାରସୁଗୁଡା ଷ୍ଟେଶନରେ ରହଣି କରିବ। ଗତ ୧୧ ତାରିଖରେ ପୁରୀ-ତାଳଚେରକୁ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଟ୍ରାଏଲ ରନ କରାଯାଇଥିଲା। ଘଣ୍ଟା ପ୍ରତି ୬୩.୩୩ କିମି ବେଗରେ ଯାଇ ମଧ୍ୟବର୍ତ୍ତୀ ପ୍ରତ୍ୟେକ ଷ୍ଟେଶନରେ ୨ ମିନିଟ୍ ଲେଖାଏ ରହଣି କରିଥିଲା। ସେହିପରି ମେ ୧୮ରେ ପୁରୀରୁ ହାଓଡା ପ୍ରଥମ ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳ କରିଥିଲା।




ଭୁବନେଶ୍ୱର ଗୀତଗୋବିନ୍ଦ ସଦନଠାରେ ବୁଧବାର ଅନୁଷ୍ଠିତ ପୂଜ୍ୟ ପୂଜା ସମ୍ମାନ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ନିରାକାରପୁର, ୨୦।୯
(ମାନସ ଚନ୍ଦ୍ର ପଟ୍ଟନାୟକ)

ମଙ୍ଗଳବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଟାଙ୍ଗୀ ଥାନା ଅଧୀନ ମଙ୍ଗଳାଯୋଡ଼ି ଗ୍ରାମର ବୁଲୁ ବେହେରା(୨୮)। ଖବର ପାଇ ଘଟଣାସ୍ଥଳରେ ଜଙ୍କିଆ ପୋଲିସ ପହଞ୍ଚି ଶବ ବ୍ୟବଚ୍ଛେଦ ନିମନ୍ତେ ଖୋର୍ଦ୍ଧା ମେଡିକାଲକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରକୁ ହସ୍ତାନ୍ତର କରାଯାଇଛି। ଏନେଇ ଏକ ମାମଲା (ନଂ. ୩୩୦/୨୩) ରୁଜୁ ହୋଇଛି। ମୃତ ବୁଲୁଙ୍କ ବାଇକ (ନଂ. ଓଡି-୨୫-ଏଲ-୭୪୫୮)କୁ ଜବତ କରାଯାଇ ତଦନ୍ତ ଚାଲୁଥିବା ଜଙ୍କିଆ ଥାନା ଅଧିକାରିଣୀ ପ୍ରଜ୍ଞାତୁମ୍ବରା କର ସୂଚନା ଦେଇଛନ୍ତି। ମୃତ ବୁଲୁଙ୍କ ଭିଣୋଇ ଗଣେଶ ବେହେରା ଏତଲାରେ ଦର୍ଶାଇଛନ୍ତି ଯେ, ତାଙ୍କ ଶଳା ବୁଲୁ କୌଣସି କାର୍ଯ୍ୟରେ ମଙ୍ଗଳାଯୋଡ଼ିରୁ ଭୁବନେଶ୍ୱର ଯାଉଥିଲେ। ହେଲେ ବାଟରେ ଜଙ୍କିଆ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସୁନେଇ ରୁପେଇ ଛକଠାରେ ଏକ ଟ୍ରକକୁ ଅତିକ୍ରମ କରୁଥିବାବେଳେ ସମ୍ମୁଖରେ ଯାଉଥିବା ଏକ ଅଟୋର ବେପରୁଆ ଚାଳନା ଯୋଗୁ ତାଙ୍କ ବାଇକ୍ ସହ ଦୁର୍ଘଟଣା ଘଟିଥିଲା। ଫଳରେ ବୁଲୁଙ୍କ ମୃତ୍ୟୁ ହୋଇଥିବା ନେଇ ସେ ଅଭିଯୋଗ କରିଥିବା ଥାନା ପକ୍ଷରୁ ସୂଚନା ମିଳିଛି। ଏହାକୁ ଆଧାର କରି ପୋଲିସ ତଦନ୍ତ ଚଳାଇଛି।

## ନୂଆ ଓଡ଼ିଆ ସିନେମା 'ସମ୍ପର୍କ'ର ମହୁରତ



'ସମ୍ପର୍କ'ର ମହୁରତ ଅବସରରେ ରାଜନେତା ପ୍ରସନ୍ନ ପାଟଶାଣୀ, ଅଭିନେତା ଆକାଶ ଓ ସିନେମାର ସଦସ୍ୟମାନେ।

କଟକ,୨୦।୯(କାର୍ତ୍ତିକ ସାହୁ)

ଗଣେଶ ପୂଜା ଅବସରରେ ନୂଆ ଓଡ଼ିଆ ସିନେମା 'ସମ୍ପର୍କ'ର ମହୁରତ କଟକ ଖାନ୍ ନଗରସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ପରିସରରେ ବୁଧବାର ହୋଇଯାଇଛି। ବିଶିଷ୍ଟ ଅତିଥି ରୂପେ ରାଜନେତା ତଥା କବି ପ୍ରସନ୍ନ ପାଟଶାଣୀ ସିନେମାର ପୂରା ଟିମ୍ ଗହଣରେ ଉପସ୍ଥିତ ଥିଲେ। ଚଣ୍ଡୀ ପରିଜା ନିର୍ଦ୍ଦେଶନା ଏବଂ କାହାଣୀ ଓ ପ୍ରଯୋଜନା ଦାୟିତ୍ୱରେ ରୂପେଶ କୁମାର ନାୟକ ରହିଛନ୍ତି। ଜେଜେଏନ୍‌ଜେ ବ୍ୟାନରରେ ନିର୍ମାଣ ହେବାକୁ ଥିବା ଏହି ପ୍ରଥମ ଫିଲ୍ମର ଦମ୍‌ଦାର ଷ୍ଟାରକାଷ୍ଟରେ ଓଲିଉଡର ରୋମାଣ୍ଟିକ ବଏ ଅଭିନେତା ଆକାଶ, ଚୁଲବୁଲି ନାୟିକା ଏଲିନା ଏବଂ ଲିପ୍ସା ମୁଖ୍ୟ ଚରିତ୍ରରେ ନଜରକୁ ଆସିବେ। ଅନ୍ୟାନ୍ୟ ଭୂମିକାରେ ଲୋକପ୍ରିୟ ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା, ଅସିତ୍ ପତି, ଜୀବନ ପଣ୍ଡା, ଉଷସୀ ମିଶ୍ର, ନମିତା ଦାସ, ଗୁଡୁ ଏବଂ ଶିଶୁ କଳାକାର ଲତାସା ଅଛନ୍ତି। ଦୁଇଜଣ କର୍କଟ ରୋଗୀଙ୍କ ଜୀବନ ଉପରେ ସିନେମାର କାହାଣୀ ଆଧାରିତ। ନିଜ ଜୀବନ ବଞ୍ଚାଇବା ପାଇଁ ସେମାନଙ୍କ ସଂଘର୍ଷ ସିନେମାକୁ ଏକ ବାସ୍ତବଧର୍ମୀ ତଥା ନିଛକ କାହାଣୀର ପୃଷ୍ଠଭୂମି ଉପରେ ଛିଡ଼ା କରିଛି। ଫିଲ୍ମରେ ଥିବା ନିଜ ନିଜ ଚରିତ୍ରକୁ ନେଇ କଳାକାରମାନେ ବେଶ ଉତ୍ସାହିତ ଅଛନ୍ତି। ଏହି ଫିଲ୍ମର କାହାଣୀ ଟିକିଏ ଭିନ୍ନ ହୋଇଥିବାରୁ ଏହାକୁ ନିଶ୍ଚିତ ରୂପେ ସିନେପ୍ରେମୀ ଦର୍ଶକ ପସନ୍ଦ କରିବେ ବୋଲି ଫିଲ୍ମର ପୂରା ଟିମ୍ ଆଶା ରଖିଛନ୍ତି। ଏଥିରେ ଗୀତିକାର ଡ. ନିର୍ମଳ ନାୟକଙ୍କ ରଚିତ ମୋଟ ୫ଟି ସୁନ୍ଦର ଗୀତ ରହିଛି। ଓଡ଼ିଶାର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ସତ୍ୟଜିତ, ବିଷ୍ଣୁକବି, ସ୍ୱୟଂ, ଅନ୍ତରା ଚକ୍ରବର୍ତ୍ତୀ, ସୋହିନୀ ମିଶ୍ର ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି। ଅଭିଜିତ ମଜୁମଦାରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଗୀତଗୁଡ଼ିକ ବଳିଷ୍ଠ ହୋଇଛି। ଯୁବ କୋରିଓଗ୍ରାଫର ଲୁବୁନ ଟୁବୁନ ନୃତ୍ୟ ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ସିନେମାଟି ନିଶ୍ଚିତ ଦର୍ଶକଙ୍କୁ ମନମୁଗ୍ଧ କରିବ ଓ ସେମାନଙ୍କ ମନକୁ ଛୁଇଁବ ବୋଲି ଆଶା ରଖିଛନ୍ତି ନିର୍ଦ୍ଦେଶକ ଚଣ୍ଡି ପରିଜା। ଏଥିରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ରୋମାନ୍ସଠାରୁ ଆରମ୍ଭ କରି ଆକ୍ସନ, ପାରିବାରିକ କାହାଣୀ ସହ କମେଡି ଆଦିର ଭରପୁର ତଡ଼କା ରହିଛି। ତେଣୁ ସିନେପ୍ରେମୀ ନିଶ୍ଚିତ ରୂପେ ସିଲଭର ସ୍କ୍ରିନରେ ସିନେମାଟିକୁ ଖୁବ ପସନ୍ଦ କରିବେ ଓ ମନ ଭରି ଉପଭୋଗ କରିବେ ବୋଲି ପ୍ରଯୋଜକ ରୂପେଶ ଆଶାବାଦୀ ଅଛନ୍ତି।


**सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड**
**Central Mine Planning & Design Institute Ltd.**
**( A Subsidiary of Coal India Limited)**
Gondwana Place, Kanke Road, Ranchi - 834031, JHARKHAND, INDIA

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI,**www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM portal https://gem.gov.in."


# ୟୁସିସିସିର ନୂତନ କର୍ମକର୍ତ୍ତା ଚୟନକୁ ନେଇ ବିବାଦ




ଖବରଦାତା ସମ୍ମିଳନୀରେ ୟୁସିସିସି ପକ୍ଷରୁ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଉଛି।

### ସଞ୍ଜୟ ନାୟକ ସଭାପତି

### ମନୋନୟନ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇଲା ଓଏଫ୍‌ପିଏ

ଭୁବନେଶ୍ୱର,୨୦।୯(ଶର୍ମିଷ୍ଠା ପାଣିଗ୍ରାହୀ): ଉତ୍କଳ ସିନେ ଚାମ୍ବର୍ସ ଅଫ୍ କମର୍ସ(ୟୁସିସିସି)କୁ ନେଇ ପ୍ରଯୋଜକଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ଥମିବାରେ ନାଁ ନେଉନି। ୟୁସିସି ନୂଆ କର୍ମକର୍ତ୍ତା ପାଇଥିବା ଗୋଟିଏ ଗୋଷ୍ଠୀ ବୁଧବାର ଖବରଦାତା ସମ୍ମିଳନୀ କରି ସ୍ପଷ୍ଟ କରିଥିବାବେଳେ ଅପରଗୋଷ୍ଠୀ ଏହାକୁ ବିରୋଧ କରିଛି, ଯାହାକୁ ନେଇ ବିବାଦୀୟ ସ୍ଥିତି ସୃଷ୍ଟି ହୋଇଛି।

ବୁଧବାର ଭୁବନେଶ୍ୱରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦିଆଯାଇଥିବା ସୂଚନା ଅନୁସାରେ ୟୁସିସିସି ସଭାପତି ପଦରେ ପ୍ରଯୋଜକ ସଞ୍ଜୟ ନାୟକ ମନୋନୀତ ହୋଇଥିବାବେଳେ ଉପସଭାପତି ଭାବେ ରବୀନ୍ଦ୍ର ପଣ୍ଡା, ସଚିବ ଏନ୍.ଜି. ରେଡ୍ଡୀ, ମହା ସଚିବ ଭାଗ୍ୟଲକ୍ଷ୍ମୀ ସାମଲ ଓ କୋଷାଧ୍ୟକ୍ଷ ଦାୟିତ୍ୱରେ ସ୍ମିତ ପଟ୍ଟନାୟକ ରହିଛନ୍ତି। ସେହିପରି କାର୍ଯ୍ୟକାରୀ କମିଟି ସଭ୍ୟଭାବେ ତପନ ଦାଶ, ଅନୁପମ ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ଲୋକନାଥ ଦାସ, ଦୀପ ସାମଲ, ପ୍ରୀତମ ସାହୁ ଅନୁପ୍ରୟାସ ମହାନ୍ତି ପ୍ରମୁଖ ମନୋନୀତ ହୋଇଛନ୍ତି। ଏମାନେ ୧ବର୍ଷ ପାଇଁ ଏହି ପଦବୀରେ ରହିବେ। ତେବେ ପୂର୍ବରୁ ଥିବା ସଦସ୍ୟମାନେ ୟୁସିସିର ସଦସ୍ୟ ହୋଇ ରହିବେ। ବର୍ଷେ ପରେ ପୁନଃ ନିର୍ବାଚନ କରାଯାଇ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ୩ବର୍ଷ ପାଇଁ ଦାୟିତ୍ୱ ଦିଆଯିବ। ପୂର୍ବରୁ ୟୁସିସି ସୋସାଇଟି ରେଜିଷ୍ଟ୍ରେଶନ ଆକ୍ଟ ଜିଲାସ୍ତରରେ ହେଉଥିବାବେଳେ ବର୍ତ୍ତମାନ ଏହା ଅପଗ୍ରେଡେଶନ ହୋଇ ଆଇଜିଆର୍ ଅଧୀନକୁ ଆସିଲା। ଫଳରେ ନୂଆ ନିୟମ ସହ ୟୁସିସି ରାଜ୍ୟସ୍ତରରେ ପଞ୍ଜୀକୃତ ହୋଇଛି। ନୂତନ ନିୟମ ଅନୁସାରେ ଆସନ୍ତା ଏକ ବର୍ଷ ଲାଗି ଓଡିଆ ଫିଲ୍ମର ଉନ୍ନତି ପାଇଁ ରୋଡ୍ ମ୍ୟାପ ଓ ଏଜେଣ୍ଡା ପ୍ରସ୍ତୁତ ହୋଇଛି। ନୂଆ ରେଜିଷ୍ଟ୍ରେଶନ ପାଇଁ ବର୍ତ୍ତମାନ ପ୍ରଯୋଜକଙ୍କୁ ୧୦ ହଜାର ଟଙ୍କା ଦେବାକୁ ପଡ଼ିବ। ପୂର୍ବରୁ ଏହା ୫୦ହଜାର ଟଙ୍କା ରହିଥିଲା, ଯାହାକୁ ନେଇ ବିବାଦ ଓ ପ୍ରତିବାଦର ସ୍ୱର ଉଠିଥିଲା। ସେହିପରି ସିନେମା ଟାଇଟଲ ରେଜିଷ୍ଟ୍ରେଶନ ପାଇଁ ୩ହଜାର ବଦଳରେ ୨ହଜାର ଓ ପୋଷ୍ଟର ରେଜିଷ୍ଟ୍ରେଶନ ପାଇଁ ୧,୫୦୦ ବଦଳରେ ଏକ ହଜାର ଟଙ୍କା ପୈଠ କରିବାକୁ ହେବ। ୟୁସିସି କୋଷାଧ୍ୟକ୍ଷ ପଟ୍ଟନାୟକ କହିଛନ୍ତି, ଏବେ ୟୁସିସି ସକ୍ରିୟ ହୋଇ କାମ କରିବ। ବୈଠକ କରି ପୂର୍ବରୁ ରହିଥିବା ସମସ୍ୟା ଉପରେ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ। ଏଥିସହ ଅର୍ଥ, ସଂସ୍କୃତି, ଇଣ୍ଡଷ୍ଟ୍ରି ସଚିବଙ୍କୁ ଭେଟି ବର୍ତ୍ତମାନର ସମସ୍ୟା ସମ୍ପର୍କରେ ଜଣାଇବୁ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷେ ଓଡ଼ିଶା ଫିଲ୍ମ ପ୍ରଡ୍ୟୁସର ଆସୋସିଏଶନ୍(ଓଏଫ୍‌ପିଏ)ର ଯୁଗ୍ମ ସଚିବ ତଥା ୟୁସିସିସିର ସଦସ୍ୟ ସଚ୍ଚିକାନ୍ତ ଜେନା କହିଛନ୍ତି, ୟୁସିସି ଏକ ପୁରାତନ ସଂସ୍ଥା। ନୂତନ କରି କିଛି କରିବାକୁ ହେଲେ ଜେନେରାଲ ବଡିର ଅନୁମତି ଆବଶ୍ୟକ। ସେଥିପାଇଁ ଦୁଇ ତୃତୀୟାଂଶର ସମର୍ଥନ ମଧ୍ୟ ଜରୁରୀ ଅଟେ। ୟୁସିସିରେ ନିର୍ବାଚନ ନ କରିବାକୁ ନୂତନ ସଭାପତି ସଞ୍ଜୟ ନାୟକ ନିଜେ ଉଚ୍ଚ ନ୍ୟାୟାଳୟରେ କେସ୍ କରିଥିବା ବେଳେ ବୁଧବାର ଖବରଦାତା ସମ୍ମିଳନୀ ଆୟୋଜନ କରି ୟୁସିସି ସମ୍ପର୍କିତ ସୂଚନା କିପରି ପ୍ରଦାନ କରିଛନ୍ତି। ୟୁସିସିର ସମସ୍ତ ଡକ୍ୟୁମେଣ୍ଟ କଟକ ଏଡିଏମ୍‌ଙ୍କ ନିକଟରେ ଅଛି। କେସ୍ ମଧ୍ୟ ଏବେ ତାଙ୍କ ଅଧୀନରେ ଅଛି। ତେଣୁ ନୂତନ କର୍ମକର୍ତ୍ତା ମନୋନୟନ ସମ୍ପର୍କରେ ଏଡିଏମ୍‌ଙ୍କ ଠାରୁ ଅନୁମତି ନିଆଯାଇଛି କି ନାହିଁ ତାହା ଏବେ ସନ୍ଦେହ ଘେରରେ ବୋଲି ଜେନା କହିଛନ୍ତି।

## ଜାପାନରେ ପ୍ରଦର୍ଶନ ହେବ ଭାରତର କଳା, ସଂସ୍କୃତି

**ପୁରୀ, ୨୦।୯(ଅଜିତ ମହାନ୍ତି):** ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟର ତତ୍ତ୍ୱାବଧାନରେ ଆସନ୍ତା ୩୦ତାରିଖରେ ଜାପାନର ପୂର୍ବତନ ରାଜଧାନୀ ନାରାର ଦାଇଆଞ୍ଜି ମନ୍ଦିର ପରିସରରେ ଭାରତ-ଜାପାନ ନାମରେ ଏକ ବଡ଼ ଉତ୍ସବ ଆୟୋଜନ କରାଯିବ। ଉଭୟ ଦେଶର କଳାକାର ସେମାନଙ୍କ କଳା, ସଂସ୍କୃତି ପ୍ରଦର୍ଶନ କରିବେ। ପୁରୀରେ ଗତ ଜନ୍ମାଷ୍ଟମୀରେ ଦୁଇଦେଶ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏବେ ଜାପାନରେ ଦ୍ୱିତୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ଭାରତ -ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟରର ଜାପାନ ସଭାପତି କୁନା ଦାସ ବୁଧବାର ସୂଚନା ଦେଇଛନ୍ତି।

## 'ସାମ୍ବାଦିକତା ଓ ଗଣତନ୍ତ୍ର' ଶୀର୍ଷକ ଆଲୋଚନା

ଭୁବନେଶ୍ୱର,୨୦।୯(ଅଭିଜିତ ଦାସ): ସର୍ବଭାରତୀୟ ଶିକ୍ଷା ସମାଜ ପକ୍ଷରୁ 'ସାମ୍ବାଦିକତା ଓ ଗଣତନ୍ତ୍ର' ଶୀର୍ଷକ ଏକ ଜାତୀୟସ୍ତରୀୟ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପ୍ରଫେସର ସୁରେନ୍ଦ୍ର ମୋହନ ପାଣି ଯୋଗଦେଇ କହିଲେ, ଗଣମାଧ୍ୟମ ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ। ଦେଶର ଶିକ୍ଷା,ସଂସ୍କୃତି ଓ ବିଜ୍ଞାନର ଅଭିବୃଦ୍ଧି କ୍ଷେତ୍ରରେ ଏହା ଏକ ପ୍ରମୁଖ ଭୂମିକା ଗ୍ରହଣକରେ। ସମାଜର ଦର୍ପଣ ଭାବେ ସମସ୍ତ ଅନ୍ୟାୟ ଓ ଦୁର୍ନୀତିକୁ ପଦାକୁ ଆଣିଥାଏ ବୋଲି ସେ କହିଥିଲେ। ସର୍ବଭାରତୀୟ ଶିକ୍ଷା ସମାଜର ସଭାପତି ପ୍ରଫେସର ଯୁଧିଷ୍ଠିର ଖଟୁଆ କହିଲେ, ଗଣାମାଧ୍ୟମର କଣ୍ଠରୋଧ କଲେ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିବ। କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ତପନ ବସନ୍ତିଆ, ଶିକ୍ଷାବିତ୍ ଭିକାରୀ ଚରଣ ଧଳ, ଡ.ବ୍ରଜକିଶୋର ନାୟକଙ୍କ ସମେତ ଶତାଧିକ ଶିକ୍ଷାବିତ୍ ଯୋଗ ଦେଇଥିଲେ।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.SNTPBBS-042023-CCTV, ତା.18.09.2023 ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥରେ 37 ରେଳ ସୁରକ୍ଷା ବଳ(**RPF**) ପୋଷ୍ଟ (ୱାଲ୍ଟେୟର-14,ଖୋର୍ଦ୍ଧା ରୋଡ୍-15, ସମ୍ବଲପୁର-08) ଗୁଡ଼ିକଠାରେ ଅଡ଼ିଓ ଭିଡ଼ିଓ ଫୁଟେଜ୍ ରେକର୍ଡ଼ କରିବା ପାଇଁ **CCTV** କ୍ୟାମେରାଗୁଡ଼ିକର ବ୍ୟବସ୍ଥା ।

**ଆନୁମାନିକ ବିଜ୍ଞାପିତ ମୂଲ୍ୟ: ₹ 2,13,57,234.65,** EMD:₹ 2,56,800/-, ଶେଷ ହେବା ଅବଧି: 09 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.**10.10.2023** ରିଖ **1530** ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **http://www.ireps.gov.in** ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ Tele & NW/ଭୁବନେଶ୍ୱର
PR-71/CG/23-24

**ଏସ୍.ଇ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଆରଏମ୍/ଇଏନ୍‌ଜି, ଦ.ପୂ. ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି । ଉକ୍ତ ଟେଣ୍ଡର ପାଇଁ ମାନୁଆଲ୍ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର. ସଂ.-୧ । ଟେଣ୍ଡର ବିଜ୍ଞପ୍ତି ନଂ. ସିକେପି-ସାଉଥ୍-୨୩-୨୪-୨୧, ତାରିଖ: ୧୮।୦୯।୨୦୨୩;** (i) ଡିଇଏନ୍ (ସାଉଥ୍)/ସିକେପିଙ୍କ ଅଧୀନରେ ଚାଇଁବାସା, ଡାଙ୍ଗୋଆପୋଷି, ବଡ଼ଜାମ୍ଦା ଓ ଜାରୋଲି ଷ୍ଟେଶନଠାରେ ହାଇ ଲେଭଲ୍ ପ୍ଲାଟ୍‌ଫର୍ମର ସରଫେସିଂ; (ii) ଡିଇଏନ୍ (ସାଉଥ୍)/ସିକେପିଙ୍କ ଅଧୀନରେ ଅମୃତ ଭାରତ ଷ୍ଟେଶନ ସ୍କିମ୍ ଅନ୍ତର୍ଗତ ସିବିଏସ୍‌ଏ, ବିବିଏନ, ବିଜେଏମ୍‌ଡି, ଡିପିଏସ୍ ଏବଂ ଜେଆର୍‌ଏଲ୍‌ଆଇ ଷ୍ଟେଶନଠାରେ ଦିବ୍ୟାଙ୍ଗଜନଙ୍କ ନିମନ୍ତେ ନ୍ୟୁନତମ ଅତ୍ୟାବଶ୍ୟକ ସୁବିଧା ଓ ସୁଯୋଗର ବ୍ୟବସ୍ଥା (ଟେଲିକମ୍ ଲିଫ୍ଟ ଓ କୁଲିଙ୍ଗ୍ ୱାଟରିଂ ସିଷ୍ଟମ୍‌କୁ ଛାଡ଼ି) [ଫେଜ୍-III]। **ଟେଣ୍ଡର ମୂଲ୍ୟ:** ₹୧୦,୩୦,୫୦,୫୧୦.୫୨ **ଇଏମ୍‌ଡି:** ₹୬,୬୫,୩୦୦ । **ଖୋଲାଯିବା ତାରିଖ:** ୧୦।୧୦।୨୦୨୩ । **କ୍ର. ସଂ.-୨ । ଟେଣ୍ଡର ବିଜ୍ଞପ୍ତି ନଂ. ସିକେପି-ସାଉଥ୍-୨୩-୨୪-୨୨, ତାରିଖ: ୧୮।୦୯।୨୦୨୩;** ଡିଇଏନ୍ (ସାଉଥ୍)/ସିକେପିଙ୍କ ଅଧୀନରେ ଚକ୍ରଧରପୁର ଡିଭିଜନର ବିଭିନ୍ନ ଷ୍ଟେଶନ (ଡିପିଏସ୍-୦୩, ଡିଜେଏଚ୍‌ଆର୍-୦୧, ଏମ୍‌ଏମ୍‌ଭିଆର୍-୦୧, ବିଏସ୍‌ପିଏକ୍ସ-୦୧, ବିଜେଏମ୍‌ଡି-୦୩, ପିଆର୍‌ଏସ୍‌ଏଲ୍-୦୧, ଏସ୍‌ଆଇପିଏ-୦୧, ଜେଏନ୍‌କେ-୦୧, ବିୟୁଏଫ୍-୦୧, ଏଲ୍‌ଟିକେ-୦୧ ଏବଂ ଡିଏମ୍‌ଏଫ୍-୦୧)ଠାରେ ୧୫ ବେ' ବିଶିଷ୍ଟ ପ୍ଲାଟ୍‌ଫର୍ମର ବ୍ୟବସ୍ଥା । **ଟେଣ୍ଡର ମୂଲ୍ୟ:** ₹୩,୦୩,୬୨,୬୦୨.୪୩ **ଇଏମ୍‌ଡି:** ₹୩,୦୧,୮୦୦ । **ଖୋଲାଯିବା ତାରିଖ:** ୧୦।୧୦।୨୦୨୩ । **କ୍ର. ସଂ.-୩ । ଟେଣ୍ଡର ବିଜ୍ଞପ୍ତି ନଂ. ସିକେପି-ସାଉଥ୍-୨୩-୨୪-୨୪, ତାରିଖ: ୧୮।୦୯।୨୦୨୩;** ଡିଇଏନ୍ (ସାଉଥ୍)/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ଏଡିଇଏନ୍/ସିବିଏସ୍‌ଏ ଏବଂ ଡିପିଏସ୍ ଅନ୍ତର୍ଗତ ଡିପିଏସ୍, ଜେକେଡିଏ, ଡିଜେଏଚ୍‌ଆର, ଏମ୍‌ଏମ୍‌ଭିଆର, ପିଆର୍‌ଏସ୍‌ଏଲ୍ ଏବଂ ସିବିଏସ୍‌ଏ ଷ୍ଟେଶନଠାରେ ପିଏଫ୍ ସର୍ଫେସ୍‌ର ଉନ୍ନତୀକରଣ । **ଟେଣ୍ଡର ମୂଲ୍ୟ:** ₹୨,୭୧,୧୩,୧୫୦.୯୯। **ଇଏମ୍‌ଡି:** ₹୨,୮୫,୬୦୦ । **ଖୋଲାଯିବା ତାରିଖ:** ୦୯।୧୦।୨୦୨୩ । **ଟେଣ୍ଡର ଫର୍ମ ମୂଲ୍ୟ:** ₹୦ (କ୍ର.ସଂ. ୧ରୁ ୩ ପାଇଁ ପ୍ରତ୍ୟେକ)। ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବ ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ: ରେଲୱେ ବୋର୍ଡ ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/କିସିସି/ପଲିସି, ତାରିଖ ୧୬।୦୭।୨୦୨୦) (PR-613)

**ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ-୨୦୨୩ ଉପଲକ୍ଷେ**

ନୂଆଁଖାଇ ଜୁହାର

"ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ-୨୦୨୩ର ଶୁଭ ଅବସରରେ ସୁବର୍ଣ୍ଣପୁର ଜିଲାର ସମସ୍ତ ଚାଷୀ ଭାଇ ଭଉଣୀମାନଙ୍କୁ ଉଦ୍ୟାନକୃଷି ବିଭାଗ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ନୂଆଁଖାଇ ଜୁହାର୍" ଏହି ଅବସରରେ ଉଦ୍ୟାନ କୃଷି ପାଇଁ ଆଗ୍ରହୀ ଚାଷୀ, ଯୁବକ ଓ ଯୁବତୀମାନଙ୍କୁ ମୋର ଅନୁରୋଧ, ଉଦ୍ୟାନ କୃଷି ବିଭାଗ ତରଫରୁ ଜାତୀୟ ଉଦ୍ୟାନ ମିଶନ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ରାଜ୍ୟ ଯୋଜନା ଓ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଦିଆଯାଉଥିବା ସହାୟତାର ସଦୁପଯୋଗ କରି ଆତ୍ମନିର୍ଭରଶୀଳ ହେବା ସଙ୍ଗେ ସଙ୍ଗେ ଆର୍ଥିକ ମାନଦଣ୍ଡ ସୁଦୃଢ଼ କରନ୍ତୁ। ସବିଶେଷ ବିବରଣୀ ପାଇଁ ବ୍ଲକ ଏବଂ ଜିଲା ସ୍ତରର ଉଦ୍ୟାନ ଅଧିକାରୀ ଓ କର୍ମଚାରୀଙ୍କୁ ଯୋଗାଯୋଗ କରନ୍ତୁ।

ସ୍ୱା/-
ଶ୍ରୀ ହୃଷୀକେଶ ଦାଶ
ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ସୋନପୁର

**ପୌର ପରିଷଦ, ଟିଟିଲାଗଡ଼**

ପଶ୍ଚିମ ଓଡ଼ିଶାର ଗଣପର୍ବ 'ନୂଆଁଖାଇ' ଉପଲକ୍ଷେ ଟିଟିଲାଗଡ଼ ସହରବାସୀଙ୍କୁ ସାଦର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛୁ।

**ନିବେଦନ:**

୧. ପରିଷଦର ସମସ୍ତ ଦେୟ ଯଥା: ଘର ଟିକସ, ଟ୍ରେଡ ଲାଇସେନ୍ସ ଫି, USER FEE ଏବଂ ଦୋକାନ ଭଡ଼ା ଇତ୍ୟାଦି ଠିକ୍ ସମୟରେ ପୈଠ କରନ୍ତୁ।
୨. ଗୃହ ନକ୍ସା ପୌରସଂସ୍ଥାରୁ ମଞ୍ଜୁରୀ କରାଇ ନୂତନ ଗୃହ ନିର୍ମାଣ କରନ୍ତୁ ଏବଂ ନିର୍ମାଣ ପରେ ହୋଲଡ଼ିଂ ନମ୍ବର ପୌର ପାଳିକାରେ ପଞ୍ଜୀକରଣ କରାଇ ନିଅନ୍ତୁ।
୩. ରାସ୍ତା ଉପରେ ମଇଳା ଆବର୍ଜନା କିମ୍ବା ବାଲି, ମାଟି, ଇଟା, ପଥର ଇତ୍ୟାଦି ଜମା ରଖି ରାସ୍ତା ଅବରୋଧ କରନ୍ତୁ ନାହିଁ। ଘର ତିଆରିର ଅଦରକାରୀ ଜିନିଷ ପକାଇ ରାସ୍ତା ଅବରୋଧ କଲେ ଦଣ୍ଡନୀୟ ହେବେ।
୪. ରାସ୍ତା ଉପରକୁ ଗୃହପାଳିତ ପଶୁମାନଙ୍କୁ ଛାଡ଼ି ରାସ୍ତା ଅପରିଷ୍କାର ତଥା ରାସ୍ତା ଅବରୋଧ କରନ୍ତୁ ନାହିଁ।
୫. ଘରର ଅଳିଆ ଆବର୍ଜନା ରାସ୍ତାରେ ନ ପକାଇ ନିକଟରେ ଥିବା ଡଷ୍ଟବିନ୍‌ରେ ପକାନ୍ତୁ। ବ୍ୟବସାୟ ପ୍ରତିଷ୍ଠାନମାନେ ନିଜ ନିଜ ଦୋକାନରେ ୨ଟି ଲେଖାଏଁ ଡଷ୍ଟବିନ ରଖନ୍ତୁ ଓ ପୌର ପରିଷଦ ତରଫରୁ ଯାଉଥିବା ଗାଡ଼ିରେ ଓଦା ଓ ଶୁଖିଲା ଆବର୍ଜନାକୁ ଅଲଗା ଅଲଗା ଜମା ଦିଅନ୍ତୁ।

"ଟିଟିଲାଗଡ଼ ପୌରାଞ୍ଚଳର ଉନ୍ନତିମୂଳକ କାର୍ଯ୍ୟରେ ସହଭାଗୀ ହୁଅନ୍ତୁ ସରକାରୀ ସମ୍ପତ୍ତିର ସଠିକ୍ ରକ୍ଷଣାବେକ୍ଷଣ କରନ୍ତୁ"।

ଶ୍ରୀ ବିପିନ ବିହାରୀ ଦୀପ, ନିର୍ବାହୀ ଅଧିକାରୀ | ଶ୍ରୀମତୀ ପୁଷ୍ପ ମଞ୍ଜରୀ ଜାଲ, ଉପାଧ୍ୟକ୍ଷା | ଶ୍ରୀମତୀ ମମତାଦେବୀ ଜୈନ, ଅଧ୍ୟକ୍ଷା

**झारखण्ड सरकार, जिला अभियंता का कार्यालय**
**जिला परिषद, सिमडेगा**

ई–प्रोक्युरमेंट सूचना अल्पकालीन निविदा सूचना संख्या– DOPT/DE/SIMDEGA/04/2023-24

कार्य की विस्तृत विवरणी :–

| ग्रुप संख्या | कार्य का नाम | प्राक्कलित राशि (लाख में) | अग्रधन की राशि (लाख में) | परिमाण विपत्र का मूल्य (रू० में) | कार्य पूर्ण करने का समय |
|---|---|---|---|---|---|
| 1 | जिला परिषद, सिमडेगा का कार्यालय भवन नवनिर्माण। | 685.302 | 13.706 | 10000.00 | 24 Month |

2. वेबसाईट पर निविदा प्रकाशन की तिथि – 25.09.2023
3. ई–निविदा प्राप्त की तिथि एवं समय – दिनांक 29.09.2023 समय 11:00 बजे पूर्वाह्न से दिनांक 05.10.2023 को अपराह्न 5:00 बजे तक।
4. निविदा शुल्क एवं अग्रधन की राशि जमा करने की अंतिम तिथि एवं समय दिनांक 09.10.2023 अपराह्न 5:00 बजे तक।
5. निविदा शुल्क एवं अग्रधन की राशि जमा करने का स्थान :– I) जिला परिषद, सिमडेगा।
6. निविदा शुल्क एवं अग्रधन की राशि जमा करने की तिथि को यदि राज्य में सरकारी अवकाश घोषित होता है तो उक्त तिथि एवं समय अगले कार्यदिवस तक स्वतः विस्तारित समझी जायेगी।
7. निविदा खोलने का स्थान – जिला अभियंता, का कार्यालय जिला परिषद , सिमडेगा।
8. निविदा खोलने की तिथि एवं समय :– 10.10.2023 अपराह्न 2:00 बजे।
9. निविदा आमंत्रित करने वाले पदाधिकारी का नाम एवं पता :– जिला अभियंता, जिला परिषद, सिमडेगा।
10. ई०–निविदा प्रकोष्ठ का दूरभाष सं० – 9060405905 (जिला अभियंता का दूरभाष सं० )
11. निविदा शुल्क राष्ट्रीयकृत बैंक द्वारा निर्गत ड्राफ्ट या बैकर्स चेक जो जिला अभियंता, जिला परिषद, सिमडेगा के पदनाम से देय हो देना होगा।
12. परिमाण विपत्र की राशि घट–बढ़ सकती है, तदनुसार अग्रधन की राशि देय होगी।
13. ई–निविदा में जिला परिषद, सिमडेगा अन्तर्गत समुचित श्रेणी के निबंधित एवं योग्य संवेदक ही भाग ले सकते हैं।
14. केवल ई०निविदा (दो लिफाफा पद्धति) ही स्वीकार किये जायेंगे।

निविदा से संबंधित विस्तृत जानकारी वेबसाइट (http://jharkhandtenders.gov.in) में देखी जा सकती है।

जिला अभियंता
जिला परिषद, सिमडेगा
PR 307297 Rural Development (23-24)_D

**झारखण्ड सरकार**
**ग्रामीण कार्य विभाग**
**कार्यपालक अभियंता का कार्यालय**
**कम्बाईण्ड बिल्डिंग, प्रथम तल्ला, एल०सी० रोड, धनबाद**

**ई–अतिअल्पकालीन निविदा आमंत्रण सूचना**

ई–निविदा संख्या:- **15/2023-24/RWD/DHANBAD** दिनांक :-**18.09.2023**

कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र० सं० | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की अवधि | टेण्डर कॉल संख्या |
|---|---|---|---|---|---|---|
| 1. | RWD/ DHANBAD/ 15/2023-24 | पाण्डरक नाली पंचायत अन्तर्गत एन०एच० 23 डी०एम० पब्लिक स्कूल के गेट से चिरूडीह जोरिया तक पथ का सुदृढ़ीकरण कार्य (लम्बाई –1.50कि०मी०) | 10884000.00 | एक करोड़ आठ लाख चौरासी हजार मात्र। | 12 माह | प्रथम |
| 2. | RWD/ DHANBAD/ 16/2023-24 | डरमा पंचायत बोरिया सेनुतनडीह तक पथ का निर्माण कार्य (लम्बाई –1.00 कि०मी०) | 4899000.00 | अड़तालिस लाख निनानवे हजार मात्र। | 06 माह | प्रथम |

2. वेबसाईट में निविदा प्रकाशन की तिथि:–25.09.2023
3. ई–निविदा प्राप्ति की अंतिम तिथि एवं समय:–04.10.2023 अपराह्न 5.00 बजे तक।
4. (क) मुख्य अभियंता कार्यालय, ग्रामीण कार्य विभाग, अभियंत्रण भवन, कचहरी, राँची अथवा(ख) जिला नियंत्रण कक्ष, राँची अथवा (ग) जिला नियंत्रण कक्ष, धनबाद में से किसी भी कार्यालय मे निविदा शुल्क एवं अग्रधन की राशि जमा करने की अंतिम तिथि एवं समय:–05.10.2023 अपराह्न 3.30 बजे तक।
5. निविदा शुल्क एवं अग्रधन की राशि स्पीड पोस्ट के माध्यम से भी कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद को भेजा जा सकता है। यह निविदाकार की जिम्मेवारी होगी कि स्पीड पोस्ट के माध्यम से भेजा जाने वाला निविदा शुल्क एवं अग्रधन की राशिनिर्धारिततिथि एवं समय (05.10.2023अपराह्न 3.30 बजे तक) से पूर्व प्राप्त हो जाय। अंतिम तिथि एवं समय से पूर्व प्राप्त निविदा शुल्क एवं अग्रधन की राशि पर ही विचार किया जायेगा।
6. निविदा खोलने की तिथि एवं समय:–06.10.2023 अपराह्न 3.30 बजे।
7. निविदा आमंत्रित करने वाले पदाधिकारी का नाम एवं पता:–कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद, पिन–826001
8. ई–निविदा प्रकोष्ठ का दूरभाष सं0–0326–3554757
9. निविदा शुल्क झारखण्ड राज्य में अवस्थित भारतीय स्टेट बैंक/राष्ट्रीयकृत बैंक/अनुसूचित बैंक द्वारा निर्गत बैंक ड्राफ्ट के रूप में जो कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद के पक्ष में एवं धनबाद में भुगतेय जमा करना होगा जो लौटाया नहीं जायेगा।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमण्डल, धनबाद।
PR.NO.307296 Rural Work Department(23-24):D

# ସାହିତ୍ୟର ବିକାଶ ହେଲେ ଓଡ଼ିଆ ଭାଷା ସର୍ବାଗ୍ରେ ରହିବ


ବାର୍ଷିକ ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

### ସମ୍ପର୍କ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ, ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ସାଲେପୁର,୨୦।୯(ଅରବିନ୍ଦ ଭୂୟାଁ)**

ସାଲେପୁର ବ୍ଲକ ଅନ୍ତର୍ଗତ ଚାଟେଶ୍ୱର ମହାଦେବ ମନ୍ଦିର ପରିସରରେ ସମ୍ପର୍କ ସାହିତ୍ୟ ସଂସଦର ୨୦ତମ ବାର୍ଷିକ ଉତ୍ସବ, ସାହିତ୍ୟ ଆଲୋଚନା ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି। ସଭାପତି କବି ପ୍ରଫୁଲ୍ଲ କୁମାର ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ଉତ୍ସବରେ ଶ୍ରୀମନ୍ଦିର ପୁରୀ ମୁକ୍ତିମଣ୍ଡପ ବିଧାନ କମିଟି ସଦସ୍ୟ ପଣ୍ଡିତ ବିଚିତ୍ରାନନ୍ଦ ମିଶ୍ର ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଆଇଏମ୍ଏମ୍‌ଟି ଭୁବନେଶ୍ୱର ମୁଖ୍ୟ ବୈଜ୍ଞାନିକ ଡ. ଭାଗ୍ୟଧର ଭୋଇ ଯୋଗଦେଇ ସାହିତ୍ୟର ବିକାଶ ହେଲେ ଓଡ଼ିଆ ଭାଷା ସର୍ବଶ୍ରେଷ୍ଠ ସ୍ଥାନରେ ପହଞ୍ଚିପାରିବ ବୋଲି କହିଥିଲେ। ତେଣୁ ଆଜିର ଯୁବପିଢ଼ି ସାହିତ୍ୟ ପ୍ରତି ଗୁରୁତ୍ୱ ଦେବାକୁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥିଭାବେ ଧାମନଗର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ସୁରଞ୍ଜନ ପଣ୍ଡା ଯୋଗଦେଇଥିବାବେଳେ ସାଲେପୁର ବାର ଆସୋସିଏଶନ୍‌ର ସଭାପତି ଆଡ୍‌ଭୋକେଟ୍ ବିକ୍ରମ କେଶରୀ ବଳ, ବିଶିଷ୍ଟ ଶିକ୍ଷାବିତ୍ ପଣ୍ଡିତ ବିଜୟ କୁମାର ଶତପଥୀ ଉପସ୍ଥିତ ଥିଲେ। ଅନୁଷ୍ଠାନର ସମ୍ପାଦକ ଚନ୍ଦ୍ରମଣି ଭୂୟାଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ତୁଷାରକାନ୍ତ ମହାନ୍ତି ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଳାଗୌରବ ସମ୍ମାନରେ ହରେକୃଷ୍ଣ ମଲ୍ଲିକ, ସାହିତ୍ୟ ଗୌରବ ସମ୍ମାନରେ ହରେକୃଷ୍ଣ ଷଡ଼ଙ୍ଗୀ, ଯୁବ ସାମାଜିକ କର୍ମୀ ସମ୍ମାନରେ ସୁନୀଲ କୁମାର, ଯୁବ ଆଇନ୍‌ଜୀବୀ ସମ୍ମାନରେ ଜୟପ୍ରକାଶ ନାରାୟଣ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କବି ବଟକୃଷ୍ଣ ସ୍ୱାଇଁଙ୍କ ରଚିତ କବିତା ପୁସ୍ତକ 'ଅଖ୍ୟାତ ପଲ୍ଲୀର ଇତିବୃତ୍ତି ଓ ଅନୁଷ୍ଠାନର ମୁଖପତ୍ର 'ସମ୍ପର୍କ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅନୁଷ୍ଠାନର ଉପସଭାପତି ବିନତା ମିଶ୍ର, ଅଧ୍ୟାପିକା ଉର୍ବଶୀ ସାହୁ, ଡ. ତରୁଲତା ଦେବୀ ମାନପତ୍ର ପଠନ କରିଥିଲେ। ଅଧ୍ୟାପକ ଡ. ପୂର୍ଣ୍ଣଚନ୍ଦ୍ର ଓଝା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସହସମ୍ପାଦକ ସଙ୍ଗଠନ ସମ୍ପାଦକ ଉମେଶ ଚନ୍ଦ୍ର ସାହୁ, ସୁରେଶ ଚନ୍ଦ୍ର ସ୍ୱାଇଁ, କ୍ଷୀରୋଦ ଚନ୍ଦ୍ର ପରିଡ଼ା, ଭବାନୀ ମହାନ୍ତି, ସରପଞ୍ଚ ଜ୍ଞାନରଞ୍ଜନ ପଟ୍ଟନାୟକ, ମଧୁମାଟିର ସମ୍ପାଦକ ଚିରଞ୍ଜନ ପଣ୍ଡା, କବି ଉଦୟ କେଶରୀ ବର୍ମା ପ୍ରମୁଖ ଉପସ୍ଥିତ ରହି ଏହାକୁ ପରିଚାଳନା କରିଥିଲେ।

# ମା' ବେଲେଶ୍ୱରୀଙ୍କ ପୀଠରେ ନୂଆଁଖାଇ ପର୍ବ



ନୂଆଁଖାଇ ଅବସରରେ ବେଲେଶ୍ୱରଙ୍କ ପୀଠରେ ପୂଜାର୍ଚ୍ଚନା ପରେ ନୂଆ ଚୂଡ଼ା ଭୋଗ ଲାଗି କରାଯାଇଛି।

**ନିଶ୍ଚିନ୍ତକୋଇଲି,୨୦।୯**
**(ଅଶୋକ କୁମାର ମହାପାତ୍ର)**

ନିଶ୍ଚିନ୍ତକୋଇଲିସ୍ଥିତ ପ୍ରସିଦ୍ଧ ଶକ୍ତି ପୀଠ ମା' ବେଲେଶ୍ୱରୀଙ୍କ ପ୍ରାଙ୍ଗଣରେ ନୂଆଁଖାଇ ପର୍ବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଭାତରୁ ମା'ଙ୍କର ଯଥାବିଧି ସ୍ନାନ ଓ ଉପଚାର ପୂଜା ପରେ ସ୍ୱତନ୍ତ୍ର ନୂଆ ଚୁଡ଼ା ଭୋଗ ଲାଗି କରାଯାଇଥିଲା। ମହାଆଳତି ପରେ ଗାଁର ମୁରବି ଓ ବରିଷ୍ଠ ନାଗରିକମାନେ ଏକ ବୈଠକରେ ବସିଥିଲେ। ଏଥିରେ ପୂର୍ବତନ ସରପଞ୍ଚ ଦେବେନ୍ଦ୍ର କୁମାର ସାହୁ ସଭାପତିତ୍ୱ କରିଥିଲେ। ସାମାଜିକ କର୍ମୀ ନିବାସ କୁମାର ଗାୟାଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ନାଗରିକ ଶୁକଦେବ ସ୍ୱାଇଁ, ଜୟଦେବ ନନ୍ଦ, ଗୋଲଖ ପରିଡା, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ, ନିଶ୍ଚିନ୍ତକୋଇଲି ସରପଞ୍ଚ ମଧୁସ୍ମିତା ରାଉତଙ୍କ ପ୍ରତିନିଧି ହେମନ୍ତ କୁମାର ରାଉତ, ସୁଶାନ୍ତ କୁମାର ନାୟକ, ମାଧବ କୁମାର ପଲେଇ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ମହାପାତ୍ର, ବିଜୟ କୁମାର ସାହୁ, ରାଜକିଶୋର ନାୟକ, ଦୀପକ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ନୂଆଁଖାଇ ପର୍ବର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କନିଷ୍ଠମାନେ ବରିଷ୍ଠମାନଙ୍କୁ ପ୍ରଣିପାତ କରି ଆଶୀର୍ବାଦ ନେଇଥିଲେ। ପଣ୍ଡିତ ସରୋଜ କୁମାର ଷଡ଼ଙ୍ଗୀଙ୍କ ଦ୍ୱାରା ମା' ବେଲେଶ୍ୱରୀଙ୍କୁ ସ୍ନାନ କରାଯାଇ ନୂତନ ବସ୍ତ୍ର ପରିଧାନ କରାଯାଇଥିଲା। ନୂଆ ଧାନରୁ ପ୍ରସ୍ତୁତ ଚୁଡ଼ା ଘଷା ନୈବେଦ୍ୟ ଲାଗି କରାଯାଇଥିଲା।

## କେନାଲରୁ ଟ୍ରାନ୍ସପୋର୍ଟ କମ୍ପାନୀ କର୍ମଚାରୀଙ୍କ ମୃତଦେହ ଜବତ

**ସାଲେପୁର,୨୦।୯(ଅରବିନ୍ଦ ଭୂୟାଁ)**

ସାଲେପୁର ବ୍ଲକ ଦେଇ ଯାଇଥିବା ହରିଚନ୍ଦନପୁର ସାଇଫନ୍ କେନାଲରୁ ବୁଧବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ ପଞ୍ଜାବ ରାଜ୍ୟ ପଟିଆଲା ଅଞ୍ଚଳର ହୃଷୀକେଶ ସିଂହ(୫୭)। ସେ ମଙ୍ଗୁଳିସ୍ଥିତ ଏକ ଟ୍ରାନ୍ସପୋର୍ଟ କମ୍ପାନୀରେ କାର୍ଯ୍ୟ କରୁଥିବାବେଳେ ହରିଚନ୍ଦନପୁର ବ୍ୟାରେଜ ନିକଟରେ ରହୁଥିଲେ। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ହୃଷୀକେଷ ମଙ୍ଗଳବାରଠାରୁ ନିଖୋଜ ଥିଲେ। ବୁଧବାର ସକାଳେ କେନାଲରେ ତାଙ୍କ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଜଣାଇଥିଲେ। ସେ କେନାଲରେ ଗାଧୋଉଥିବା ବେଳେ ବୁଡ଼ିଯାଇଥିବା ଚର୍ଚ୍ଚା ହେଉଛି। ଖବରପାଇ ପୋଲିସ ଦମକଳ ବାହିନୀ ସହାୟତାରେ ସାଇଫନ କେନାଲରୁ ମୃତଦେହ ବାହାର କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଛି। ଏନେଇ ସାଲେପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଏ ସମ୍ପର୍କରେ ସାଲେପୁର ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ କହିଛନ୍ତି, ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁ ସମ୍ପର୍କିତ ଅଧିକ ତଥ୍ୟ ଜଣାପଡ଼ିବ ବୋଲି ସେ କହିଛନ୍ତି।

## ସୋମପୁର-କିଶୋର ନଗର ମୁଖ୍ୟ ରାସ୍ତା ପାଇଁ ୭ କୋଟି ୮୭ ଲକ୍ଷ ଟଙ୍କା ମଞ୍ଜୁର

**କଟକ ସଦର ୨୦।୯(ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଅନ୍ତର୍ଗତ ସୋମପୁର-କିଶୋର ନଗର ମୁଖ୍ୟ ରାସ୍ତା ପାଇଁ ପୂର୍ତ୍ତ ବିଭାଗ ୭ କୋଟି ୮୭ ଲକ୍ଷ ୩୬ ହଜାର ଟଙ୍କା ମଞ୍ଜୁର କରିଛି। ଏଥିରେ ୫ କିମି ୭୪୦ ମିଟର ରାସ୍ତାର ପ୍ରଶସ୍ତୀକରଣ କରାଯିବ। ଇତିମଧ୍ୟରେ ଜଗତ୍‌ସିଂହପୁର (ରାସ୍ତା ଓ କୋଠାବାଡ଼ି) ଡିଭିଜନ ଟେଣ୍ଡର କାମ ଶେଷ କରିଛି। ପ୍ରଶସ୍ତୀକରଣ କାର୍ଯ୍ୟ ଶେଷ ହେବା ପାଇଁ ୮ ମାସ ଅବଧି ସ୍ଥିର ହୋଇଛି। ଏହି କାର୍ଯ୍ୟ ପାଇଁ କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା ବିଶେଷ ଉଦ୍ୟମ କରିଥିବାରୁ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ସତ୍ୟ ସିଦ୍ଧାନ୍ତ ଦାଶ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ବର୍ଷା ଚାଲିଥିବାରୁ ବର୍ତ୍ତମାନ କାର୍ଯ୍ୟ କିଶୋର ନଗର, ସାମନ୍ତରାପୁର ଗ୍ରାମରେ କରାଯିବ। ଧାନକଟା ପରେ ବରାହ ପାଟ ଗହୀରରେ ଥିବା ଅଂଶରେ କାମ ଆରମ୍ଭ ହେବ। ଉକ୍ତ ରାସ୍ତାର ଧାନକଳ-ବୁଢ଼ିଆଣୀ ପର୍ଯ୍ୟନ୍ତ ରାସ୍ତା କୃଷ୍ଣ କାର୍ପାସ ମୃତ୍ତିକାରେ ନିର୍ମାଣ ହୋଇଥିବାରୁ ଖରାଦିନେ ବାରମ୍ବାର ମଝି ଅଂଶଟି ଫାଟିଯାଉଛି। ଏପରିକି କଂକ୍ରିଟ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଯନ୍ତ୍ରୀମାନେ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାପାଇଁ ଦାବି ହେଉଛି।

# 'ସାମାଜିକ ଗଣମାଧ୍ୟମରେ ମୋତେ ବଦନାମ କରାଯାଉଛି'

### ବିଜେବି କଲେଜ ଛାତ୍ରୀ ରୁଚିକାଙ୍କ ମୃତ୍ୟୁ ମାମଲା

**ମଙ୍ଗୁଳି-ଜଗତପୁର/ ଖୁଣ୍ଟୁଣୀ,୨୦।୯**
**(ମାନସ ସାମଲ/ ସଚ୍ଚିଦାନନ୍ଦ ପଣ୍ଡା)**

ବିଜେବି କଲେଜ ଛାତ୍ରୀ ରୁଚିକାଙ୍କ ମୃତ୍ୟୁ ଘଟଣାରେ ସାମାଜିକ ଗଣମାଧ୍ୟମରେ ବଦନାମ କରାଯାଉଛି ବୋଲି ମା' ବିଦ୍ୟୁତ୍‌ଲତା ମହାନ୍ତି ବୁଧବାର ଅଭିଯୋଗ କରିଛନ୍ତି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କଖଡି ଗ୍ରାମ ମଙ୍ଗଳା ସାହିସ୍ଥିତ ବାସଭବନରେ ସେ ଖବରଦାତା ସମ୍ମିଳନୀ ଡାକି କହିଛନ୍ତି, ଝିଅ ମୃତ୍ୟୁ ପରେ କ୍ଷତିପୂରଣ ଟଙ୍କା ବାବଦରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ତାଙ୍କ ଆକାଉଣ୍ଟକୁ ୧୬ଲକ୍ଷ ଟଙ୍କା ପଠାଇଛନ୍ତି ବୋଲି ଗତ କିଛି ମାସ ହେବ ପ୍ରଚାର ହୋଇଥିଲା। ସେ ଏହା ଶୁଣିବା ପରେ ସତ୍ୟାସତ୍ୟ ଜାଣିବା ପାଇଁ ଗ୍ରାମରେ ହେଉଥିବା ଏକ ସଭାରେ ମନ୍ତ୍ରୀଙ୍କୁ ଏ ବିଷୟରେ ପଚାରିଥିଲେ। ମନ୍ତ୍ରୀ ତାଙ୍କ ପ୍ରଶ୍ନର ଉତ୍ତର ରଖିବା ପରିବର୍ତ୍ତେ ସେଠାରୁ ଚାଲି ଯାଇଥିଲେ। ସେବେଠାରୁ ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ ଦିଲୀପ ଛତାର ନିଜ ଫେସବୁକ ପେଜରେ ବିଦ୍ୟୁତ୍‌ଲତାଙ୍କ ମାନସିକ ସନ୍ତୁଳନ ଠିକ୍ ନାହିଁ, ତାଙ୍କ ପାଇଁ ଗାଁ ବିକାଶ ଅଟକୁଛି, ଗାଁର ସମ୍ମାନ ଗଲା, ଏହାର ସାମୂହିକ ଭାବେ ଜବାବ ମଗାଯିବ ଭଳି କଟୁ ମନ୍ତବ୍ୟ ଦେଉଛନ୍ତି। ଏହାଦ୍ୱାରା ତାଙ୍କର ଏବଂ ପରିବାରର ମାନସିକ ସନ୍ତୁଳନ ବିଗିଡ଼ିଯାଇଛି ବୋଲି ବିଦ୍ୟୁତ୍‌ଲତା ଖବରଦାତା ସମ୍ମିଳନୀରେ କହିଛନ୍ତି। ସେ ଆହୁରି କହିଛନ୍ତି, ମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରିବାର ଅଧିକାର ମୋର ରହିଛି ମୁଁ ପ୍ରଶ୍ନ କଲି କିନ୍ତୁ ମନ୍ତ୍ରୀ ଉତ୍ତର ରଖିଲେନି। ଗାଁରେ ଏକାଧିକ ବିଜେଡି ନେତୃବୃନ୍ଦ ଥିଲେ ମଧ୍ୟ କେହିବି ମୋତେ ମନ୍ତ୍ରୀଙ୍କ ବିଷୟରେ କହୁ ନ ଥିବା ବେଳେ ସରପଞ୍ଚଙ୍କ ସ୍ୱାମୀ ଦିଲୀପ ବାରମ୍ବାର ଏଭଳି ପୋଷ୍ଟ କରୁଛନ୍ତି। ଝିଅ ମୃତ୍ୟୁ ଘଟଣାରେ ସମବେଦନା ନ ଜଣାଇ ସେ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ମୋର ଓ ପରିବାର ସମ୍ମାନ ହାନି କରିଛନ୍ତି। ଏନେଇ ଆଇନ୍‌ର ଆଶ୍ରୟ ନେବେ ବୋଲି ରୁଚିକାର ମା' ବିଦ୍ୟୁତ୍‌ଲତା କହିଛନ୍ତି। ଏହି ସମ୍ମିଳନୀରେ ପୂର୍ବତନ ସରପଞ୍ଚ ସୁନୀଲ ସୁତାର ଯୋଗଦେଇ ତାଙ୍କ ବିବୃତି ରଖିଥିଲେ। ଏ ସମ୍ପର୍କରେ ଦିଲୀପ କହିଛନ୍ତି, ଗାଁ କଥାକୁ ମୁଁ ପରିପ୍ରକାଶ କରିଛି। ମୁଁ କାହା ନାଁ ନେଇ ଲେଖିନି ବରଂ ମୋ ନା ଓ ମୋ ସ୍ତ୍ରୀଙ୍କ ନା ନେଇ ସେ ଗଣମାଧ୍ୟମରେ ବଦନାମ କରୁଛନ୍ତି। ମୁଁ ଆଇନକୁ ସମ୍ମାନ କରେ। ବିଦ୍ୟୁତ୍‌ଲତା ଆଇନର ଆଶ୍ରୟ ନିଅନ୍ତୁ ମୋର ଭୁଲ ଥିଲେ ଆଇନ ଯାହା ଦଣ୍ଡ ଦେବ ମୁଁ ଗ୍ରହଣ କରିବି ବୋଲି ଦିଲୀପ କହିଛନ୍ତି।

# ୟୁସିସିସିର ନୂତନ କର୍ମକର୍ତ୍ତା ଚୟନକୁ ନେଇ ବିବାଦ

### ସଞ୍ଜୟ ନାୟକ ସଭାପତି

### ମନୋନୟନ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇଲା ଓଏଫ୍‌ପିଏ

**ଭୁବନେଶ୍ୱର,୨୦।୯**
**(ଶର୍ମିଷ୍ଠା ପାଣିଗ୍ରାହୀ)**

ଉତ୍କଳ ସିନେ ଚାମ୍ବର୍ସ ଅଫ୍ କମର୍ସ(ୟୁସିସିସି)କୁ ନେଇ ପ୍ରଯୋଜକଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ଥମିବାରେ ନାଁ ନେଉନି। ୟୁସିସି ନୂଆ କର୍ମକର୍ତ୍ତା ପାଇଥିବା ଗୋଟିଏ ଗୋଷ୍ଠୀ ବୁଧବାର ଖବରଦାତା ସମ୍ମିଳନୀ କରି ସ୍ପଷ୍ଟ କରିଥିବାବେଳେ ଅପରଗୋଷ୍ଠୀ ଏହାକୁ ବିରୋଧ କରିଛି, ଯାହାକୁ ନେଇ ବିବାଦୀୟ ସ୍ଥିତି ସୃଷ୍ଟି ହୋଇଛି।

ବୁଧବାର ଭୁବନେଶ୍ୱରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦିଆଯାଇଥିବା ସୂଚନା ଅନୁସାରେ ୟୁସିସିସି ସଭାପତି ପଦରେ ପ୍ରଯୋଜକ ସଞ୍ଜୟ ନାୟକ ମନୋନୀତ ହୋଇଥିବାବେଳେ ଉପସଭାପତି ଭାବେ ରବୀନ୍ଦ୍ର ପଣ୍ଡା, ସଚିବ ଏନ୍.ଜି. ରେଡ୍ଡୀ, ମହା ସଚିବ ଭାଗ୍ୟଲକ୍ଷ୍ମୀ ସାମଲ ଓ କୋଷାଧ୍ୟକ୍ଷ ଦାୟିତ୍ୱରେ ସ୍ଥିତ ପଟ୍ଟନାୟକ ରହିଛନ୍ତି। ସେହିପରି କାର୍ଯ୍ୟକାରୀ କମିଟି ସଭ୍ୟଭାବେ ତପନ ଦାଶ, ଅନୁପମ ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ଲୋକନାଥ ଦାସ, ଦୀପ ସାମଲ, ପ୍ରୀତମ ସାହୁ ଅନୁପ୍ରୟାସ ମହାନ୍ତି ପ୍ରମୁଖ ମନୋନୀତ ହୋଇଛନ୍ତି। ଏମାନେ ୧ବର୍ଷ ପାଇଁ ଏହି ପଦବୀରେ ରହିବେ। ତେବେ ପୂର୍ବରୁ ଥିବା ସଦସ୍ୟମାନେ ୟୁସିସିର ସଦସ୍ୟ ହୋଇ ରହିବେ। ବର୍ଷେ ପରେ ପୁନଃ ନିର୍ବାଚନ କରାଯାଇ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ୩ବର୍ଷ ପାଇଁ ଦାୟିତ୍ୱ ଦିଆଯିବ। ପୂର୍ବରୁ ୟୁସିସି ସୋସାଇଟି ରେଜିଷ୍ଟ୍ରେଶନ ଆକ୍ଟ ଜିଲାସ୍ତରରେ ହେଉଥିବାବେଳେ ବର୍ତ୍ତମାନ ଏହା ଅପଗ୍ରେଡେଶନ ହୋଇ ଆଇଜିଆର୍ ଅଧୀନକୁ ଆସିଲା। ଫଳରେ ନୂଆ ନିୟମ ସହ ୟୁସିସି ରାଜ୍ୟସ୍ତରରେ ପଞ୍ଜୀକୃତ ହୋଇଛି। ନୂତନ ନିୟମ ଅନୁସାରେ ଆସନ୍ତା ଏକ ବର୍ଷ ଲାଗି ଓଡ଼ିଆ ଫିଲ୍ମର ଉନ୍ନତି ପାଇଁ ରୋଡ୍ ମ୍ୟାପ ଓ ଏଜେଣ୍ଡା ପ୍ରସ୍ତୁତ ହୋଇଛି। ନୂଆ ରେଜିଷ୍ଟ୍ରେଶନ ପାଇଁ ବର୍ତ୍ତମାନ ପ୍ରଯୋଜକଙ୍କୁ ୧୦ ହଜାର ଟଙ୍କା ଦେବାକୁ ପଡ଼ିବ। ପୂର୍ବରୁ ଏହା ୫୦ହଜାର ଟଙ୍କା ରହିଥିଲା, ଯାହାକୁ ନେଇ ବିବାଦ ଓ ପ୍ରତିବାଦର ସ୍ୱର ଉଠିଥିଲା। ସେହିପରି ସିନେମା ଟାଇଟଲ ରେଜିଷ୍ଟ୍ରେଶନ ପାଇଁ ୩ହଜାର ବଦଳରେ ୨ହଜାର ଓ ପୋଷ୍ଟର ରେଜିଷ୍ଟ୍ରେଶନ ପାଇଁ ୧,୫୦୦ ବଦଳରେ ଏକ ହଜାର ଟଙ୍କା ପୈଠ କରିବାକୁ ହେବ। ୟୁସିସି କୋଷାଧ୍ୟକ୍ଷ ପଟ୍ଟନାୟକ କହିଛନ୍ତି, ଏବେ ୟୁସିସି ସକ୍ରିୟ ହୋଇ କାମ କରିବ। ବୈଠକ କରି ପୂର୍ବରୁ ରହିଥିବା ସମସ୍ୟା ଉପରେ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ। ଏଥିସହ ଅର୍ଥ, ସଂସ୍କୃତି, ଇଣ୍ଡଷ୍ଟ୍ରି ସଚିବଙ୍କୁ ଭେଟି ବର୍ତ୍ତମାନର ସମସ୍ୟା ସମ୍ପର୍କରେ ଜଣାଇବୁ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷେ ଓଡ଼ିଶା ଫିଲ୍ମ ପ୍ରଡ୍ୟୁସର ଆସୋସିଏଶନ୍(ଓଏଫ୍‌ପିଏ)ର ଯୁଗ୍ମ ସଚିବ ତଥା ୟୁସିସିସିର ସଦସ୍ୟ ସଚ୍ଚିକାନ୍ତ ଜେନା କହିଛନ୍ତି, ୟୁସିସି ଏକ ପୁରାତନ ସଂସ୍ଥା। ନୂତନ କରି କିଛି କରିବାକୁ ହେଲେ ଜେନେରାଲ ବଡିର ଅନୁମତି ଆବଶ୍ୟକ। ସେଥିପାଇଁ ଦୁଇ ତୃତୀୟାଂଶର ସମର୍ଥନ ମଧ୍ୟ ଜରୁରୀ ଅଟେ। ୟୁସିସିରେ ନିର୍ବାଚନ ନ କରିବାକୁ ନୂତନ ସଭାପତି ସଞ୍ଜୟ ନାୟକ ନିଜେ ଉଚ୍ଚ ନ୍ୟାୟାଳୟରେ କେସ୍ କରିଥିବା ବେଳେ ବୁଧବାର ଖବରଦାତା ସମ୍ମିଳନୀ ଆୟୋଜନ କରି ୟୁସିସି ସମ୍ପର୍କିତ ସୂଚନା କିପରି ପ୍ରଦାନ କରିଛନ୍ତି। ୟୁସିସିର ସମସ୍ତ ଡକ୍ୟୁମେଣ୍ଟ କଟକ ଏଡିଏମ୍‌ଙ୍କ ନିକଟରେ ଅଛି। କେସ୍ ମଧ୍ୟ ଏବେ ତାଙ୍କ ଅଧୀନରେ ଅଛି। ତେଣୁ ନୂତନ କର୍ମକର୍ତ୍ତା ମନୋନୟନ ସମ୍ପର୍କରେ ଏଡିଏମ୍‌ଙ୍କ ଠାରୁ ଅନୁମତି ନିଆଯାଇଛି କି ନାହିଁ ତାହା ଏବେ ସନ୍ଦେହ ଘେରରେ ବୋଲି ଜେନା କହିଛନ୍ତି।

## ଦ୍ୱୀପାଞ୍ଚଳ ଲୋକଙ୍କ ସମସ୍ୟା ବୁଝିଲେ ବିଧାୟକ

**ସାଲେପୁର,୨୦।୯(ଅରବିନ୍ଦ ଭୂୟାଁ):** ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ବୁଧବାର ଦିନିକିଆ ଦ୍ୱୀପାଞ୍ଚଳ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିବା ସହ ଗଣେଶ ପୂଜାମଣ୍ଡପ ପରିଦର୍ଶନ କରିଛନ୍ତି। ଏଥିସହ ତରିତୋ ପଞ୍ଚାୟତରେ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିଛନ୍ତି। ଏହି ପଞ୍ଚାୟତରେ ଦୀର୍ଘ ଦିନ ହେବ ଶୋଚନୀୟ ଅବସ୍ଥାରେ ଥିବା ୩ଟି ରାସ୍ତାର ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରାଯିବ ବୋଲି ବିଧାୟକ ବେହେରା ପ୍ରକାଶ କରିଛନ୍ତି। ତାଙ୍କ ଗସ୍ତ ସମୟରେ ଲୋଲୁପ କୁମାର ବିଶ୍ୱାଳ, ରଶ୍ମିତା ବେହେରା, ଭାବଗ୍ରାହୀ ଖୁଣ୍ଟିଆ, ବୀରେନ୍ଦ୍ର ବେହେରା, ଅଜୟ ଗୋସ୍ୱାମୀ ପ୍ରମୁଖ ଯୋଗଦେଇଥିଲେ।


## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.SNTPBBS-042023-CCTV, ତା.18.09.2023 ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥରେ 37 ରେଳ ସୁରକ୍ଷା ବଳ(RPF) ପୋଷ୍ଟ (ୱାଲ୍ଟେୟର-14,ଖୋର୍ଦ୍ଧା ରୋଡ଼-15, ସମ୍ବଲପୁର-08) ଗୁଡ଼ିକଠାରେ ଅଡ଼ିଓ ଭିଡ଼ିଓ ଫୁଟେଜ୍ ରେକର୍ଡ଼ କରିବା ପାଇଁ CCTV କ୍ୟାମେରାଗୁଡ଼ିକର ବ୍ୟବସ୍ଥା।

**ଆନୁମାନିକ ବିଜ୍ଞାପିତ ମୂଲ୍ୟ:** ₹ 2,13,57,234.65, EMD:₹ 2,56,800/-, ଶେଷ ହେବା ଅବଧି: 09 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.10.10.2023 ରିଖ 1530 ଘଣ୍ଟାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ Tele & NW/ଭୁବନେଶ୍ୱର
PR-71/CG/23-24

## ଏସ୍.ଇ. ରେଳପଥ - ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଆରଏମ୍/ଇଏନ୍‌ଜିକି, ଦ.ପୂ. ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ଉକ୍ତ ଟେଣ୍ଡର ପାଇଁ ମାନୁଆଲ୍ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର. ସଂ.-୧ । ଟେଣ୍ଡର ବିଜ୍ଞପ୍ତି ନଂ. ସିକେପି-ସାଉଥ୍-୨୩-୨୪-୨୧, ତାରିଖ: ୧୮।୦୯।୨୦୨୩;** (i) ଡିଇଏନ୍ (ସାଉଥ୍)/ସିକେପିଙ୍କ ଅଧୀନରେ ଚାଇଁବାସା, ଡାଙ୍ଗୋଆପୋଷି, ବଡ଼ଜାମଦା ଓ ଜାରୋଲି ଷ୍ଟେଶନଠାରେ ହାଇ ଲେଭଲ୍ ପ୍ଲାଟ୍‌ଫର୍ମର ସରଫେସିଂ; (ii) ଡିଇଏନ୍ (ସାଉଥ୍)/ସିକେପିଙ୍କ ଅଧୀନରେ ଅମୃତ ଭାରତ ଷ୍ଟେଶନ ସ୍କିମ୍ ଅନ୍ତର୍ଗତ ସିବିଏସ୍‌ଏ, ବିବିଏନ୍, ବିଜେଏମ୍‌ଡି, ଡିପିଏସ୍ ଏବଂ ଜେଆର୍‌ଏଲ୍‌ଆଇ ଷ୍ଟେଶନଠାରେ ଦିବ୍ୟାଙ୍ଗଜନଙ୍କ ନିମନ୍ତେ ନ୍ୟୁନତମ ଅତ୍ୟାବଶ୍ୟକ ସୁବିଧା ଓ ସୁଯୋଗର ବ୍ୟବସ୍ଥା (ଟେଲିକମ୍ ଲିଫ୍ଟ ଓ କୁଲିଙ୍ଗ୍ ୱାଟରିଂ ସିଷ୍ଟମ୍‌କୁ ଛାଡ଼ି) [ଫେଜ୍-III]। **ଟେଣ୍ଡର ମୂଲ୍ୟ:** ₹୧୦,୩୦,୫୦,୫୧୦.୫୨ **ଇଏମ୍‌ଡି:** ₹୬,୬୫,୩୦୦ । **ଖୋଲାଯିବା ତାରିଖ:** ୧୦।୧୦।୨୦୨୩ । **କ୍ର. ସଂ.-୨ । ଟେଣ୍ଡର ବିଜ୍ଞପ୍ତି ନଂ. ସିକେପି-ସାଉଥ୍-୨୩-୨୪-୨୨, ତାରିଖ: ୧୮।୦୯।୨୦୨୩;** ଡିଇଏନ୍ (ସାଉଥ୍)/ସିକେପିଙ୍କ ଅଧୀନରେ ଚକ୍ରଧରପୁର ଡିଭିଜନର ବିଭିନ୍ନ ଷ୍ଟେଶନ (ଡିପିଏସ୍-୦୩, ଡିଜେଏଚ୍‌ଆର୍-୦୧, ଏମ୍ଏମ୍‌ଭିଆର୍-୦୧, ବିଏସ୍‌ପିଏକ୍ସ-୦୧, ବିଜେଏମ୍‌ଡି-୦୩, ପିଆର୍‌ଏସ୍‌ଏଲ୍-୦୧, ଏସ୍ଆଇପିଏ-୦୧, ଜେଏନ୍‌କେ-୦୧, ବିୟୁଏଫ୍-୦୧, ଏଲ୍‌ଟିକେ-୦୧ ଏବଂ ଡିଏମ୍ଏଫ୍-୦୧)ଠାରେ ୧୫ ବେ' ବିଶିଷ୍ଟ ପ୍ଲାଟ୍‌ଫର୍ମର ବ୍ୟବସ୍ଥା। **ଟେଣ୍ଡର ମୂଲ୍ୟ:** ₹୩,୦୩,୬୨,୭୦୨.୪୩ **ଇଏମ୍‌ଡି:** ₹୩,୦୧,୮୦୦ । **ଖୋଲାଯିବା ତାରିଖ:** ୧୦।୧୦।୨୦୨୩ । **କ୍ର. ସଂ.-୩ । ଟେଣ୍ଡର ବିଜ୍ଞପ୍ତି ନଂ. ସିକେପି-ସାଉଥ୍-୨୩-୨୪-୨୪, ତାରିଖ: ୧୮।୦୯।୨୦୨୩;** ଡିଇଏନ୍ (ସାଉଥ୍)/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ଏଡିଇଏନ୍/ସିବିଏସ୍‌ଏ ଏବଂ ଡିପିଏସ୍ ଅନ୍ତର୍ଗତ ଡିପିଏସ୍, ଜେକେଡିଏ, ଡିଜେଏଚ୍‌ଆର୍, ଏମ୍ଏମ୍‌ଭିଆର୍, ପିଆର୍‌ଏସ୍‌ଏଲ୍ ଏବଂ ସିବିଏସ୍‌ଏ ଷ୍ଟେଶନଠାରେ ପିଏଫ୍ ସର୍ଫେସ୍‌ର ଉନ୍ନତୀକରଣ । **ଟେଣ୍ଡର ମୂଲ୍ୟ:** ₹୨,୭୧,୧୩,୧୫୦.୯୯। **ଇଏମ୍‌ଡି:** ₹୨,୮୫,୬୦୦ । **ଖୋଲାଯିବା ତାରିଖ:** ୦୯।୧୦।୨୦୨୩ । **ଟେଣ୍ଡର ଫର୍ମ ମୂଲ୍ୟ:** ₹୦ (କ୍ର.ସଂ. ୧ରୁ ୩ ପାଇଁ ପ୍ରତ୍ୟେକ)। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡ଼ର୍‌ମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବ ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ: ରେଲୱେ ବୋର୍ଡ ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/କିସିସି/ପଲିସି, ତାରିଖ ୧୬।୦୭।୨୦୨୦) (PR-613)

## ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ-୨୦୨୩ ଉପଲକ୍ଷେ

ନୂଆଁଖାଇ ଜୁହାର

''ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ-୨୦୨୩ର ଶୁଭ ଅବସରରେ ସୁବର୍ଣ୍ଣପୁର ଜିଲାର ସମସ୍ତ ଚାଷୀ ଭାଇ ଭଉଣୀମାନଙ୍କୁ ଉଦ୍ୟାନକୃଷି ବିଭାଗ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ନୂଆଁଖାଇ ଜୁହାର୍'' ଏହି ଅବସରରେ ଉଦ୍ୟାନ କୃଷି ପାଇଁ ଆଗ୍ରହୀ ଚାଷୀ, ଯୁବକ ଓ ଯୁବତୀମାନଙ୍କୁ ମୋର ଅନୁରୋଧ, ଉଦ୍ୟାନ କୃଷି ବିଭାଗ ତରଫରୁ ଜାତୀୟ ଉଦ୍ୟାନ ମିଶନ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ରାଜ୍ୟ ଯୋଜନା ଓ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଦିଆଯାଉଥିବା ସହାୟତାର ସଦୁପଯୋଗ କରି ଆତ୍ମନିର୍ଭରଶୀଳ ହେବା ସଙ୍ଗେ ସଙ୍ଗେ ଆର୍ଥିକ ମାନଦଣ୍ଡ ସୁଦୃଢ଼ କରନ୍ତୁ। ସବିଶେଷ ବିବରଣୀ ପାଇଁ ବ୍ଲକ ଏବଂ ଜିଲା ସ୍ତରର ଉଦ୍ୟାନ ଅଧିକାରୀ ଓ କର୍ମଚାରୀଙ୍କୁ ଯୋଗାଯୋଗ କରନ୍ତୁ।

ସ୍ୱା/-
ଶ୍ରୀ ହୃଷୀକେଶ ଦାଶ
ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ସୋନପୁର

## ପୌର ପରିଷଦ, ଟିଟିଲାଗଡ଼

ପଶ୍ଚିମ ଓଡ଼ିଶାର ଗଣପର୍ବ 'ନୂଆଁଖାଇ' ଉପଲକ୍ଷେ ଟିଟିଲାଗଡ଼ ସହରବାସୀଙ୍କୁ ସାଦର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛୁ।

**ନିବେଦନ:**

୧. ପରିଷଦର ସମସ୍ତ ଦେୟ ଯଥା: ଘର ଟିକସ, ଟ୍ରେଡ ଲାଇସେନ୍ସ ଫି, USER FEE ଏବଂ ଦୋକାନ ଭଡ଼ା ଇତ୍ୟାଦି ଠିକ୍ ସମୟରେ ପୈଠ କରନ୍ତୁ।
୨. ଗୃହ ନକ୍ସା ପୌରସଂସ୍ଥାରୁ ମଞ୍ଜୁରୀ କରାଇ ନୂତନ ଗୃହ ନିର୍ମାଣ କରନ୍ତୁ ଏବଂ ନିର୍ମାଣ ପରେ ହୋଲଡ଼ିଂ ନମ୍ବର ପୌର ପାଳିକାରେ ପଞ୍ଜୀକରଣ କରାଇ ନିଅନ୍ତୁ।
୩. ରାସ୍ତା ଉପରେ ମଇଳା ଆବର୍ଜନା କିମ୍ବା ବାଲି, ମାଟି, ଇଟା, ପଥର ଇତ୍ୟାଦି ଜମା ରଖି ରାସ୍ତା ଅବରୋଧ କରନ୍ତୁ ନାହିଁ। ଘର ତିଆରିର ଅଦରକାରୀ ଜିନିଷ ପକାଇ ରାସ୍ତା ଅବରୋଧ କଲେ ଦଣ୍ଡନୀୟ ହେବେ।
୪. ରାସ୍ତା ଉପରକୁ ଗୃହପାଳିତ ପଶୁମାନଙ୍କୁ ଛାଡ଼ି ରାସ୍ତା ଅପରିଷ୍କାର ତଥା ରାସ୍ତା ଅବରୋଧ କରନ୍ତୁ ନାହିଁ।
୫. ଘରର ଅଳିଆ ଆବର୍ଜନା ରାସ୍ତାରେ ନ ପକାଇ ନିକଟରେ ଥିବା ଡଷ୍ଟବିନ୍‌ରେ ପକାନ୍ତୁ। ବ୍ୟବସାୟ ପ୍ରତିଷ୍ଠାନମାନେ ନିଜ ନିଜ ଦୋକାନରେ ୨ଟି ଲେଖାଏଁ ଡଷ୍ଟବିନ ରଖନ୍ତୁ ଓ ପୌର ପରିଷଦ ତରଫରୁ ଯାଉଥିବା ଗାଡ଼ିରେ ଓଦା ଓ ଶୁଖିଲା ଆବର୍ଜନାକୁ ଅଲଗା ଅଲଗା ଜମା ଦିଅନ୍ତୁ।

''ଟିଟିଲାଗଡ଼ ପୌରାଞ୍ଚଳର ଉନ୍ନତିମୂଳକ କାର୍ଯ୍ୟରେ ସହଭାଗୀ ହୁଅନ୍ତୁ ସରକାରୀ ସମ୍ପତ୍ତିର ସଠିକ୍ ରକ୍ଷଣାବେକ୍ଷଣ କରନ୍ତୁ''।

ଶ୍ରୀ ବିପିନ ବିହାରୀ ଦୀପ, ନିର୍ବାହୀ ଅଧିକାରୀ | ଶ୍ରୀମତୀ ପୁଷ୍ପ ମଞ୍ଜରୀ ଜାଲ, ଉପାଧ୍ୟକ୍ଷା | ଶ୍ରୀମତୀ ମମତାଦେବୀ ଜୈନ, ଅଧ୍ୟକ୍ଷା

## सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड
## Central Mine Planning & Design Institute Ltd.
( A Subsidiary of Coal India Limited)
Gondwana Place, Kanke Road, Ranchi - 834031, JHARKHAND, INDIA

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI,**www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM portal https://gem.gov.in."

## झारखण्ड सरकार, जिला अभियंता का कार्यालय
### जिला परिषद, सिमडेगा

ई–प्रोक्युरमेंट सूचना अल्पकालीन निविदा सूचना संख्या– DOPT/DE/SIMDEGA/04/2023-24

कार्य की विस्तृत विवरणी :–

| ग्रुप संख्या | कार्य का नाम | प्राक्कलित राशि (लाख में) | अग्रधन की राशि (लाख में) | परिमाण विपत्र का मूल्य (रू० में) | कार्य पूर्ण करने का समय |
|---|---|---|---|---|---|
| 1 | जिला परिषद, सिमडेगा का कार्यालय भवन नवनिर्माण। | 685.302 | 13.706 | 10000.00 | 24 Month |

2. वेबसाईट पर निविदा प्रकाशन की तिथि – 25.09.2023
3. ई–निविदा प्राप्त की तिथि एवं समय – दिनांक 29.09.2023 समय 11:00 बजे पूर्वाह्न से दिनांक 05.10.2023 को अपराह्न 5:00 बजे तक।
4. निविदा शुल्क एवं अग्रधन की राशि जमा करने की अंतिम तिथि एवं समय दिनांक 09.10.2023 अपराह्न 5:00 बजे तक।
5. निविदा शुल्क एवं अग्रधन की राशि जमा करने का स्थान :– I) जिला परिषद, सिमडेगा।
6. निविदा शुल्क एवं अग्रधन की राशि जमा करने की तिथि को यदि राज्य में सरकारी अवकाश घोषित होता है तो उक्त तिथि एवं समय अगले कार्यदिवस तक स्वतः विस्तारित समझी जायेगी।
7. निविदा खोलने का स्थान – जिला अभियंता, का कार्यालय जिला परिषद , सिमडेगा।
8. निविदा खोलने की तिथि एवं समय :– 10.10.2023 अपराह्न 2:00 बजे।
9. निविदा आमंत्रित करने वाले पदाधिकारी का नाम एवं पता :– जिला अभियंता, जिला परिषद, सिमडेगा।
10. ई०–निविदा प्रकोष्ठ का दूरभाष सं० – 9060405905 (जिला अभियंता का दूरभाष सं० )
11. निविदा शुल्क राष्ट्रीयकृत बैंक द्वारा निर्गत ड्राफ्ट या बैकर्स चेक जो जिला अभियंता, जिला परिषद, सिमडेगा के पदनाम से देय हो देना होगा।
12. परिमाण विपत्र की राशि घट–बढ़ सकती है, तदनुसार अग्रधन की राशि देय होगी।
13. ई–निविदा में जिला परिषद, सिमडेगा अन्तर्गत समुचित श्रेणी के निबंधित एवं योग्य संवेदक ही भाग ले सकते हैं।
14. केवल ई०निविदा (दो लिफाफा पद्धति) ही स्वीकार किये जायेंगे।

निविदा से संबंधित विस्तृत जानकारी वेबसाइट (http://jharkhandtenders.gov.in) में देखी जा सकती है।

जिला अभियंता
जिला परिषद, सिमडेगा

PR 307297 Rural Development (23-24)_D

## झारखण्ड सरकार
## ग्रामीण कार्य विभाग
## कार्यपालक अभियंता का कार्यालय
## कम्बाईण्ड बिल्डिंग, प्रथम तल्ला, एल०सी० रोड, धनबाद

### ई–अतिअल्पकालीन निविदा आमंत्रण सूचना

**ई–निविदा संख्या:- 15/2023-24/RWD/DHANBAD दिनांक :-18.09.2023**

कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की अवधि | टेण्डर कॉल संख्या |
|---|---|---|---|---|---|---|
| 1. | RWD/ DHANBAD/ 15/2023-24 | पाण्डरक नाली पंचायत अन्तर्गत एन0एच0 23 डी0एम0 पब्लिक स्कूल के गेट से चिरूडीह जोरिया तक पथ का सुदृढ़ीकरण कार्य (लम्बाई –1.50कि0मी0) | 10884000.00 | एक करोड़ आठ लाख चौरासी हजार मात्र। | 12 माह | प्रथम |
| 2. | RWD/ DHANBAD/ 16/2023-24 | डरमा पंचायत बोरिया सेनुतनडीह तक पथ का निर्माण कार्य (लम्बाई –1.00 कि0मी0) | 4899000.00 | अड़तालिस लाख निनानवे हजार मात्र। | 06 माह | प्रथम |

2. वेबसाईट में निविदा प्रकाशन की तिथिः–25.09.2023
3. ई–निविदा प्राप्ति की अंतिम तिथि एवं समयः–04.10.2023 अपराह्न 5.00 बजे तक।
4. (क) मुख्य अभियंता कार्यालय, ग्रामीण कार्य विभाग, अभियंत्रण भवन, कचहरी, राँची अथवा(ख) जिला नियंत्रण कक्ष, राँची अथवा (ग) जिला नियंत्रण कक्ष, धनबाद में से किसी भी कार्यालय मे निविदा शुल्क एवं अग्रधन की राशि जमा करने की अंतिम तिथि एवं समयः–05.10.2023 अपराह्न 3.30 बजे तक।
5. निविदा शुल्क एवं अग्रधन की राशि स्पीड पोस्ट के माध्यम से भी कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद को भेजा जा सकता है। यह निविदाकार की जिम्मेवारी होगी कि स्पीड पोस्ट के माध्यम से भेजा जाने वाला निविदा शुल्क एवं अग्रधन की राशिनिर्धारिततिथि एवं समय (05.10.2023अपराह्न 3.30 बजे तक) से पूर्व प्राप्त हो जाय। अंतिम तिथि एवं समय से पूर्व प्राप्त निविदा शुल्क एवं अग्रधन की राशि पर ही विचार किया जायेगा।
6. निविदा खोलने की तिथि एवं समयः–06.10.2023 अपराह्न 3.30 बजे।
7. निविदा आमंत्रित करने वाले पदाधिकारी का नाम एवं पताः–कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद, पिन–826001
8. ई–निविदा प्रकोष्ठ का दूरभाष सं0–0326–3554757
9. निविदा शुल्क झारखण्ड राज्य में अवस्थित भारतीय स्टेट बैंक/राष्ट्रीयकृत बैंक/अनुसूचित बैंक द्वारा निर्गत बैंक ड्राफ्ट के रूप में जो कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद के पक्ष में एवं धनबाद में भुगतेय जमा करना होगा जो लौटाया नहीं जायेगा।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमण्डल, धनबाद।

PR.NO.307296 Rural Work Department(23-24):D

# ଧୁମଧାମରେ ନୂଆଁଖାଇ ପାଳିଲେ ସଂପୁରବାସୀ

- ୨ଶହ ବର୍ଷ ଧରି ଉଜ୍ଜୀବିତ ରହିଛି ପରମ୍ପରା
- ଭାଇଚାରା, ସ୍ନେହ ସମ୍ପର୍କ ସୃଷ୍ଟି ହେଉଛି

ଖୋର୍ଦ୍ଧା/ବୋଲଗଡ଼,୨୦।୯
(ପ୍ରଭାତ ପାଣିଗ୍ରାହୀ/ ଦେବବ୍ରତ ହୋତା)



ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ସଂପୁର ଗ୍ରାମରେ ବୁଧବାର ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ସଂପୁର ଗ୍ରାମବାସୀ ସକାଳୁ ଗାଧୁଆପାଧୁଆ ସାରି ନୂତନ ବସ୍ତ୍ର ପିନ୍ଧି ସ୍ଥାନୀୟ ବାଲୁଙ୍କେଶ୍ୱର ମନ୍ଦିରରେ ଏକାଠି ହୋଇଥିଲେ। ସ୍ନେହ, ଶ୍ରଦ୍ଧା, ଭାଇଚାରା ବାର୍ତ୍ତା ବହନ କରୁଥିବା ନୂଆଁଖାଇରେ ନୂଆ ଚାଉଳ, ନୂଆ ଚୁଡ଼ା, ଗୁଡ଼, କଦଳୀ ସହ ଠାକୁରଙ୍କ ପାଖରେ ନ' ପ୍ରକାର ବ୍ୟଞ୍ଜନ ଭୋଗ ଲାଗି କରିଥିଲେ। ନବାନ୍ନ ଲାଗିହେବା ପରେ ପିଠାପଣା, ଖିରି, କାକରା, ପୁରି, ମିଠା, ଡାଲି ତରକାରି ଆଦି ନିଜ ଘରକୁ ନେଇ ସମସ୍ତେ ଏକାଠି ବସି ଖାଇବା ସହ ନୂଆଖାଇ ପାଳନ କରିଥାଆନ୍ତି।

ଏ ନେଇ ସାମାଜିକ କର୍ମୀ ନିରଞ୍ଜନ ନାୟକ କହିଛନ୍ତି, ଖୋର୍ଦ୍ଧା ରାଜାଙ୍କ କନ୍ୟା ମୁକ୍ତା ଦେବୀ ସମ୍ବଲପୁରର ରାଜା ଜୟନ୍ତ ସିଂହଙ୍କୁ ବିବାହ କରିଥିଲେ। ସେହି ସମୟରେ ମରହଟ୍ଟା ଓ ଇଂରେଜଙ୍କ ମଧ୍ୟରେ ବିବାଦର ସୂତ୍ରପାତ ହେବାରୁ ସେ ଯୌତୁକ ବାବଦରେ ପାଇଥିବା ସଂପୁର ଗ୍ରାମରେ ଆସି ଅବସ୍ଥାନ କରିଥିଲେ। ସେ ୧୮୦୫ ମସିହାରେ ସଂପୁର ଗ୍ରାମରେ ନୂଆଁଖାଇ ପର୍ବ ପାଳନ ଆରମ୍ଭ କରିଥିଲେ। ସେବେଠାରୁ ପ୍ରତିବର୍ଷ ଏହି ଅଞ୍ଚଳରେ ନୂଆଖାଇ ପର୍ବକୁ ସଂପୁର ଗ୍ରାମବାସୀ ଧୁମ୍‌ଧାମ୍‌ରେ ପାଳନ କରିଆସୁଛନ୍ତି। ରାଣୀଙ୍କ ବଂଶଜ ହରଗୋବିନ୍ଦ ଦେଓ ମହାପାତ୍ର କୁହନ୍ତି, ରାଣୀଙ୍କ ସମୟରୁ ରୀତିନୀତି ଅନୁଯାୟୀ ଏହି ପର୍ବ ପାଳନ କରାଯାଇଆସୁଛି। ଭାଦ୍ରବ ମାସରେ ପାକଳ ହୋଇଥିବା ଧାନକେଣ୍ଡାକୁ ଠାକୁରଙ୍କ ନିକଟରେ ଅର୍ପଣ କରାଯାଏ। କେବଳ ଧାନ ନୁହେଁ, ବରଂ ବର୍ଷର ପ୍ରଥମ ଅମଳ ହୋଇଥିବା ବିଭିନ୍ନ ଫଳମୂଳ, ପନିପରିବା ଆଦି ଇଷ୍ଟ ଦେବତାଙ୍କ ନିକଟରେ ପୂଜା ଭେଟି ଦିଆଯାଏ। ଏହି ସମୟରେ ଦୂରରେ ରହୁଥିବା ପରିବାର ସଦସ୍ୟ ଗାଁକୁ ଫେରିଥାନ୍ତି। ଏହି ଗଣପର୍ବକୁ ସବୁ ବର୍ଗର ଲୋକେ ମିଳିମିଶି ପାଳନ କରିଥାନ୍ତି। ଘରର ବୟସ୍କ, ତଥା ଗୁରୁଜନମାନଙ୍କୁ ସାନମାନେ ପ୍ରଣାମ କରି ସମ୍ମାନ ଜଣାଇଥାନ୍ତି।

ସେହିପରି ଗ୍ରାମର ବଳରାମ ରାୟଗୁରୁ କହିଛନ୍ତି, ପ୍ରାୟ ଦୁଇଶହ ବର୍ଷ ତଳୁ ସଂପୁର ଗ୍ରାମରେ ନୂଆଁଖାଇ ପାଳନ ହୋଇ ଆସୁଥିବା କୁହାଯାଉଛି। ପଶ୍ଚିମ ଓଡ଼ିଶା ପରି ଏଠାରେ ମଧ୍ୟ ସମାନ ଢାଞ୍ଚାରେ ଏହି ପର୍ବ ପାଳନ କରାଥାଏ। ମଠ, ମନ୍ଦିରରେ ନବାନ୍ନ ଅର୍ପଣ ପରେ ଏହାକୁ ସପରିବାର ଆନନ୍ଦର ସହିତ ଏକାଠି ବସି ଗ୍ରହଣ କରିଥାନ୍ତି। ସାହିପଡ଼ିଶା, ବନ୍ଧୁବାନ୍ଧବ, ପରିବାରବର୍ଗ ସମସ୍ତେ ପରସ୍ପରକୁ ନୂଆଖାଇ ଶୁଭେଚ୍ଛା ଜଣାଇଥାନ୍ତି।

## ମିଳିନି ବ୍ୟବଚ୍ଛେଦ ରିପୋର୍ଟ: ହଟିନି ରହସ୍ୟ

- ଏସ୍‌ଆଇ ସ୍ୱାଗତିକା ବେହେରାଙ୍କ ମୃତ୍ୟୁକୁ ବର୍ଷେ ପୂରିଲା
- ପରିବାରକୁ ଭେଟି ସହାୟତା ରାଶି ଦେଲା କୈବର୍ତ୍ତ ମହାସଭା



କୈବର୍ତ୍ତ ମହାସଭା ପକ୍ଷରୁ ସ୍ୱାଗତିକା ବେହେରାଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରାଯାଉଛି।

**ନିରାକାରପୁର,୨୦।୯(ମାନସଚନ୍ଦ୍ରପଟ୍ଟନାୟକ):** ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ପାଣ୍ଡପାଟଣା ଗ୍ରାମର ସ୍ୱାଗତିକା ବେହେରାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ଇତିମଧ୍ୟରେ ଏକବର୍ଷ ପୂରଣ ହୋଇଛି। ହେଲେ ଏପର୍ଯ୍ୟନ୍ତ ତାଙ୍କ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇପାରିଲା ନାହିଁ କି ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିଲା ନାହିଁ। ଫଳରେ ଏହି ଘଟଣା ରହସ୍ୟ ଘେରରେ ରହିଛି। ବୁଧବାର ସ୍ୱାଗତିକାଙ୍କ ବାସଭବନରେ ଭୁବନେଶ୍ୱର ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭାର ସଭାପତି ମନୋଜ କୁମାର ବେହେରା, ସମ୍ପାଦକ (ଅର୍ଥ) କ୍ଷେତ୍ରବାସୀ ବେହେରା, ସାଧାରଣ ସମ୍ପାଦକ (ପ୍ରଶାସନ) ସୁଧାଂଶୁ ଶେଖର ସାହୁ, ସମ୍ପାଦକ (ଅର୍ଥ) ମଦନ ମୋହନ ସାହୁ ପ୍ରମୁଖ ପହଞ୍ଚି ପରିବାରକୁ ୫ହଜାର ୫ଶହ ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଖୁବ୍‌ଶୀଘ୍ର ବିଭାଗୀୟ ମନ୍ତ୍ରୀ ଏବଂ ଉଚ୍ଚ ଅଧିକାରୀଙ୍କୁ ଭେଟି ଏ ନେଇ ଅଭିଯୋଗ ଜଣାଇବେ ବୋଲି ସେମାନେ ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନା ଅନୁଯାୟୀ, ଫୁଲବାଣୀ ଜିଲା ଜି.ଉଦୟଗିରିସ୍ଥିତ ଆଦର୍ଶ ଥାନାରେ ସବ୍‌ଇନ୍ସପେକ୍ଟର ଭାବେ ସ୍ୱାଗତିକା କାର୍ଯ୍ୟରତ ଥିବାବେଳେ ସେଠାରେ ୨୦୨୨ ଅଗଷ୍ଟ ୨୭ରେ ସନ୍ଦେହଜନକ ଭାବେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁର ପ୍ରକୃତ କାରଣ ସମ୍ପର୍କରେ ଜାଣିବା ପାଇଁ ପରିବାର ଲୋକେ ସ୍ଥାନୀୟ ଥାନା ସମ୍ମୁଖରେ ମୃତଦେହ ରଖି ଆନ୍ଦୋଳନ କରିବା ସହ ଏସ୍‌ପି ଏବଂ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ତଦନ୍ତ ପାଇଁ ପ୍ରତିଶ୍ରୁତି ମିଳିବା ପରେ ମୃତଦେହ ବ୍ୟବଚ୍ଛେଦ କରାଇ ନିରାକାରପୁରକୁ ଆଣିଥିଲେ। ଏହାପରେ ପରିବାରର ଜଣକୁ ଚାକିରି ଓ ବିଧବା ମା'ଙ୍କୁ ପେନସନ ପ୍ରଦାନ ଦାବିରେ ନିରାକାରପୁର ସ୍ଥିତ ନୂଆ ଜଗନ୍ନାଥ ସଡ଼କର କଲେଜ ଛକଠାରେ ମୃତଦେହ ରଖି ଧାରଣା ଦେଇଥିଲେ। ତତ୍କାଳୀନ ନିରାକାରପୁର ଥାନା କର୍ତ୍ତୃପକ୍ଷ ଓ ବ୍ଲକ ପ୍ରଶାସନ ପକ୍ଷରୁ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ଅଦ୍ୟାବଧି ଦାବି ପୂରଣ ହୋଇ ନ ଥିବାବେଳେ ପୋଷ୍ଟମର୍ଟମ ରିପୋର୍ଟ ସହ ସ୍ୱାଗତିକାଙ୍କ ମୋବାଇଲ ଫୋନ୍ ମିଳିପାରିନାହିଁ। ପୋଲିସ ଓ ବ୍ଲକ ପ୍ରଶାସନକୁ ଅଭିଯୋଗ ଜଣାଇ ନିରାଶ ହେବାକୁ ପଡ଼ିଛି ବୋଲି ସ୍ୱାଗତିକାଙ୍କ ବଡ଼ଭାଇ ମନୋରଞ୍ଜନ ବେହେରା ଅଭିଯୋଗ କରିଛନ୍ତି। ଘରର ଏକମାତ୍ର ରୋଜଗାରକ୍ଷମ ଝିଅକୁ ହରାଇ ମା' ଉଷାରାଣୀଙ୍କ ଆଖିରୁ ଲୁହ ଶୁଖୁନାହିଁ।

# ମହାଲକ୍ଷ୍ମୀ ପାଳିଲେ ଋଷି ପଞ୍ଚମୀ ବ୍ରତ

ପୁରୀ,୨୦।୯(ଅଜିତ ମହାନ୍ତି)

ଭାଦ୍ରବ ଶୁକ୍ଳ ପଞ୍ଚମୀ ତଥା ବୁଧବାର ଅବସରରେ ଶ୍ରୀମନ୍ଦିରରେ ଋଷିପଞ୍ଚମୀ ନୀତି ସମ୍ପନ୍ନ ହୋଇଛି। ଶ୍ରୀଦେବୀ (ମହାଲକ୍ଷ୍ମୀ) ମାର୍କଣ୍ଡ ଋଷିଙ୍କ ଆଶ୍ରମକୁ ଯାଇ ଋଷିପଞ୍ଚମୀ ବ୍ରତ ପାଳନ କରିଛନ୍ତି। ଋଷିପଞ୍ଚମୀ ନିମନ୍ତେ ବୁଧବାର ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ଗୁରୁବାର ଶ୍ରୀମନ୍ଦିର ଦ୍ୱାର ୬ଟା ୫୦ରେ ଫିଟାଯାଇଥିଲା। ପରେ ଭିତରଶୋଭା, ମଙ୍ଗଳଆଳତି, ମଇଲମ, ତଡ଼ପଲାଗି ସହ ଅନ୍ୟାନ୍ୟ ନୀତି ବଢ଼ି ୧୦ଟା ୩୫ରେ ସକାଳଧୂପ ଆରମ୍ଭ ହୋଇ ୧୧ଟା ୫୫ରେ ଶେଷ ହୋଇଥିଲା। ପରେ ଋଷି ପଞ୍ଚମୀ ବ୍ରତ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଶ୍ରୀବିଗ୍ରହମାନଙ୍କ ସକାଳ ଧୂପ ବାଢ଼ିବା ପରେ ମହାଲକ୍ଷ୍ମୀ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ମହାଜନ ସେବକଙ୍କ ହସ୍ତରେ ସାତପାହାଚ ସ୍ଥିତ ପାଲିଙ୍କିରେ ବିଜେ ହୋଇଥିଲେ। ବିମାନବଡୁ ସେବାୟତମାନେ ଘଣ୍ଟ, ଛତା ସହ ପାଲିଙ୍କିରେ ଠାକୁରାଣୀଙ୍କୁ ନେଇ ମାର୍କଣ୍ଡେୟ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ଠାକୁରାଣୀ ମାର୍କଣ୍ଡେୟ ମନ୍ଦିରରେ ପହଞ୍ଚିବା ପରେ ଭିତରଗମ୍ଭୀରାରେ ବିଜେ କରିଥିଲେ। ସେଠାରେ ସ୍ନାନ, ମାଜଣା, ବନକଲାଗି ସରିବା ପରେ ପୂଜାପଣ୍ଡାମାନେ ଋଷିପଞ୍ଚମୀ ବ୍ରତ କଥା ପାଠ କରିଥିଲେ। ଏହାପରେ ଠାକୁରାଣୀଙ୍କ ନିକଟରେ ଶୀତଳ ଭୋଗ ମଣୋହି କରାଯାଇ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ନୀତି ସମ୍ପନ୍ନ ପରେ ମା' ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ଏହିଦିନ ସ୍ୱୟଂ ମହାଲକ୍ଷ୍ମୀ ଠାକୁରାଣୀ ମାନବୀୟ ଲୀଳା କ୍ରମରେ ବ୍ରତ ପାଳନ କରିବା ସହ ପୂଜାପଣ୍ଡାଙ୍କୁ ଛଞ୍ଚା ଦେଇଥାନ୍ତି। ଏହି ପରମ୍ପରାକୁ ଆଧାର କରି ଶ୍ରୀକ୍ଷେତ୍ରରେ ଅନେକ ମହିଳା ଋଷିପଞ୍ଚମୀ ବ୍ରତ ପାଳନ କରିଥିଲେ।



ମାର୍କଣ୍ଡେୟ ଆଶ୍ରମରେ ଋଷି ପଞ୍ଚମୀ ନୀତି ସମ୍ପନ୍ନ କରାଯାଉଛି।

# ଶ୍ରୀମନ୍ଦିରରେ ଦାହ ଲୀଳା ନୀତି ସମ୍ପନ୍ନ

**ପୁରୀ, ୨୦।୯(ଅଜିତ୍ ମହାନ୍ତି):** ପବିତ୍ର ଜନ୍ମାଷ୍ଟମୀ ତିଥିରେ ଶ୍ରୀକୃଷ୍ଣ ଜନ୍ମଠାରୁ ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରରେ ଚାଲିଥିବା ଶ୍ରୀକୃଷ୍ଣ ଲୀଳା କ୍ରମରେ ଭାଦ୍ରବ ଶୁକ୍ଳ ପଞ୍ଚମୀ ତିଥି ବୁଧବାର ଅବସରରେ ଶ୍ରୀମନ୍ଦିରରେ ଦାହଲୀଳା ନୀତି ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟାଧୂପ ବଢ଼ିବା ପରେ ମହାଜନ ସେବକମାନେ ଦକ୍ଷିଣୀଘରୁ ମଦନମୋହନଙ୍କୁ ବିଜେ କରାଇ ରତ୍ନସିଂହାସନ ନିକଟକୁ ବିଜେ କରାଇଥିଲେ। ସେଠାରୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ନାଟମଣ୍ଡପ ଖଟ ଉପରେ ବିଜେ ହୋଇଥିଲେ। ସେଠାରେ ଦାହଲୀଳା ପ୍ରସ୍ତାବ ଆଗତ ହୋଇଥିଲା। ପରେ ଶୀତଳ ଭୋଗ ବନ୍ଦାପନା ହୋଇ ଠାକୁର ବାହୁଡ଼ା ବିଜେ କରିଥିଲେ। ପୌରାଣିକ ମତବାଦ ଅନୁଯାୟୀ, ଭଗବାନ ଶ୍ରୀକୃଷ୍ଣ ବୃନ୍ଦାବନରେ ଗୋପାଳ ବାଳକଙ୍କ ସହ ଗୋଚାରଣ କରୁଥିବା ବେଳେ ଏକଦା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହୋଇଥିଲା। ଏହି ସମୟରେ ଗାଈପଲ ନିକଟରେ ଥିବା ସର ବନ ମଧ୍ୟକୁ ପ୍ରବେଶ କରିଥିଲେ। ଶ୍ରୀକୃଷ୍ଣ ଗୋପାଳ ବାଳକଙ୍କ ସହ ଗାଈପଲଙ୍କୁ ଆଣିବାକୁ ଯିବା ସମୟରେ ହଠାତ୍ ବନରେ ନିଆଁ ଲାଗିଯାଇଥିଲା। ନିଆଁ ଏତେ ଭୟଙ୍କର ଥିଲା ଯେ, ଗାଈପଲଙ୍କୁ ଉଦ୍ଧାର କରିବା ଅସମ୍ଭବ ହୋଇପଡ଼ିଥିଲା। ଗୋପାଳ ପିଲାମାନେ ଗାଈପଲଙ୍କୁ ଉଦ୍ଧାର କରିବା ଲାଗି ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କରିଥିଲେ। ଶ୍ରୀକୃଷ୍ଣ କହିଥିଲେ ତୁମ୍ଭେମାନେ ଆଖି ବନ୍ଦ କର, ମୁଁ ଅଗ୍ନିଜ୍ୱାଳାକୁ ଶାନ୍ତ କରିଦେବି। ଗୋପାଳ ବାଳକମାନେ ଆଖି ବନ୍ଦ କରିବା ପରେ ଶ୍ରୀକୃଷ୍ଣ ସମସ୍ତ ଅଗ୍ନିଙ୍କୁ ଶାନ୍ତ କରି ଦେଇଥିଲେ। ଏହାକୁ ଦାହଲୀଳା କୁହାଯାଏ

# ଦ୍ୱିତୀୟ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ୨ୟ ଟ୍ରାଏଲ ରନ୍

**ପୁରୀ,୨୦।୯(ଅଜିତ୍ ମହାନ୍ତି):** ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ବୁଧବାର ପୁରୀରୁ ରାଉଲକେଲାକୁ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଦ୍ୱିତୀୟ ଟ୍ରାଏଲ ରନ୍ ଅନୁଷ୍ଠିତ ହୋଇଛି। ଭୋର ୫ଟାରେ ଏହି ଟ୍ରେନ୍ ପୁରୀରୁ ବାହାରି ଅପରାହ୍ନ ୧୨ଟା ୪୫ ମିନିଟ୍‌ରେ ରାଉରକେଲାରେ ପହଞ୍ଚିଥିଲା। ସେହିପରି ଏହା ଅପରାହ୍ନ ୨ଟା ୧୦ରେ ରାଉରକେଲାରୁ ବାହାରି ରାତି ୯ଟା ୪୦ରେ ପୁରୀରେ ପହଞ୍ଚିଥିଲା। ଟ୍ରାଏଲ ରନ୍ ଅବସରରେ ଟ୍ରେନ୍‌ଟି ଖୋର୍ଦ୍ଧାରୋଡ଼, ଭୁବନେଶ୍ୱର, କଟକ, ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର ସିଟି ଓ ଝାରସୁଗୁଡ଼ା ଆଦି ୧୦ଟି ଷ୍ଟେଶନରେ ୨ ମିନିଟ୍ ଲେଖାଏ ରହିଥିଲା। କେବଳ ଭୁବନେଶ୍ୱର ଷ୍ଟେଶନରେ ୫ ମିନିଟ୍ ରହିଥିଲା। ଆସନ୍ତା ୨୪ ତାରିଖରୁ ଏହା ଚଳାଚଳ କରିବ। ଏହି ଟ୍ରେନ୍‌ରେ ପୁରୀରୁ ରାଉରକେଲାକୁ ପ୍ରାୟ ୭ ଘଣ୍ଟା ୪୫ ମିନିଟ୍ ସମୟ ଲାଗିବ। ଟ୍ରେନ୍‌ରେ ୮ଟି କୋଚ୍ ଥିବାବେଳେ ଯାତ୍ରୀଙ୍କ ପାଇଁ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ସୁଯୋଗ ରହିଛି।

ଗତ ୧୧ ତାରିଖରେ ପୁରୀରୁ ତାଳଚେର ମଧ୍ୟରେ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ପ୍ରଥମ ଟ୍ରାଏଲ ରନ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ବନ୍ଦେ ଭାରତ ସେମି ହାଇସ୍ପିଡ୍ ଟ୍ରେନ ରାଉରକେଲା, ଝାରସୁଗୁଡ଼ା, ଅନୁଗୋଳ ଓ ତାଳଚେରକୁ ଯୋଡ଼ିବ। ରେଳଯାତ୍ରୀଙ୍କୁ ଦ୍ରୁତ, ଆରାମଦାୟକ ଓ ସୁବିଧାଜନକ ଭ୍ରମଣ ଅଭିଜ୍ଞତା ଦେଇଆସୁଛି ବନ୍ଦେ ଭାରତ ଏକ୍ସପ୍ରେସ୍। କିଛିଦିନ ତଳେ ରାଜଧାନୀରେ ଏକ୍ସପ୍ରେସ ତେଜସ୍ କୋଚର ଶୁଭାରମ୍ଭ କରିବା ଅବସରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭୁବନେଶ୍ୱର–ରାଉରକେଲା ରୁଟରେ ଦ୍ୱିତୀୟ ବନ୍ଦେ ଭାରତ ଏକ୍ସପ୍ରେସ୍ ଚାଲିବା ନେଇ ଘୋଷଣା କରିଥିଲେ। ଏହି ଟ୍ରେନ୍ ପୁରୀରୁ ଭୁବନେଶ୍ୱର, କଟକ, ଢେଙ୍କାନାଳ, ଅନୁଗୋଳ, ତାଳଚେର, ସମ୍ବଲପୁର, ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଦେଇ ରାଉରକେଲା ଚଳାଚଳ କରିବା ଦ୍ୱାରା ପଶ୍ଚିମ ଓଡ଼ିଶାବାସୀ ଅଧିକ ଉପକୃତ ହେବେ। ପୁରୀରୁ ରାଉଲକେଲାକୁ ସଂଯୋଗ କରିବା ପାଇଁ ରେଳବିଭାଗ ପକ୍ଷରୁ ହୋଇଥିବା ଏଭଳି ପ୍ରୟାସ ଭଲ ପଦକ୍ଷେପ ବୋଲି ଯାତ୍ରୀମାନେ କହିଛନ୍ତି। ନୂଆଖାଇରେ ଟ୍ରେନ୍‌ର ଦ୍ୱିତୀୟ ଟ୍ରାଏଲ ରନ୍ ହୋଇଥିବାରୁ ରାଉଲକେଲାବାସୀ ଖୁସି ବ୍ୟକ୍ତ କରିଛନ୍ତି।


**ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ–୨୦୨୩ ଉପଲକ୍ଷେ**

ସମସ୍ତଙ୍କୁ ନୂଆଁଖାଇ ଜୁହାର

"ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ–୨୦୨୩ର ଶୁଭ ଅବସରରେ ସୁବର୍ଣ୍ଣପୁର ଜିଲାର ସମସ୍ତ ଚାଷୀ ଭାଇ ଭଉଣୀମାନଙ୍କୁ ଉଦ୍ୟାନକୃଷି ବିଭାଗ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ନୂଆଁଖାଇ ଜୁହାର୍।" ଏହି ଅବସରରେ ଉଦ୍ୟାନ କୃଷି ପାଇଁ ଆଗ୍ରହୀ ଚାଷୀ, ଯୁବକ ଓ ଯୁବତୀମାନଙ୍କୁ ମୋର ଅନୁରୋଧ, ଉଦ୍ୟାନ କୃଷି ବିଭାଗ ତରଫରୁ ଜାତୀୟ ଉଦ୍ୟାନ ମିଶନ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ରାଜ୍ୟ ଯୋଜନା ଓ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଦିଆଯାଉଥିବା ସହାୟତାର ସଦୁପଯୋଗ କରି ଆତ୍ମନିର୍ଭରଶୀଳ ହେବା ସଙ୍ଗେ ସଙ୍ଗେ ଆର୍ଥିକ ମାନଦଣ୍ଡ ସୁଦୃଢ଼ କରନ୍ତୁ। ସବିଶେଷ ବିବରଣୀ ପାଇଁ ବ୍ଲକ ଏବଂ ଜିଲା ସ୍ତରର ଉଦ୍ୟାନ ଅଧିକାରୀ ଓ କର୍ମଚାରୀଙ୍କୁ ଯୋଗାଯୋଗ କରନ୍ତୁ।

ସ୍ୱା/–
ଶ୍ରୀ ହୃଷୀକେଶ ଦାଶ
ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ସୋନପୁର

**ପୌର ପରିଷଦ, ଟିଟିଲାଗଡ଼**

ପଶ୍ଚିମ ଓଡ଼ିଶାର ଗଣପର୍ବ 'ନୂଆଁଖାଇ' ଉପଲକ୍ଷେ ଟିଟିଲାଗଡ଼ ସହରବାସୀଙ୍କୁ ସାଦର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛୁ।

**ନିବେଦନ:**

୧. ପରିଷଦର ସମସ୍ତ ଦେୟ ଯଥା: ଘର ଟିକସ, ଟ୍ରେଡ ଲାଇସେନ୍ସ ଫି, USER FEE ଏବଂ ଦୋକାନ ଭଡ଼ା ଇତ୍ୟାଦି ଠିକ୍ ସମୟରେ ପୈଠ କରନ୍ତୁ।
୨. ଗୃହ ନକ୍ସା ପୌରସଂସ୍ଥାରୁ ମଞ୍ଜୁରୀ କରାଇ ନୂତନ ଗୃହ ନିର୍ମାଣ କରନ୍ତୁ ଏବଂ ନିର୍ମାଣ ପରେ ହୋଲ୍‌ଡିଂ ନମ୍ବର ପୌର ପାଳିକାରେ ପଞ୍ଜୀକରଣ କରାଇ ନିଅନ୍ତୁ।
୩. ରାସ୍ତା ଉପରେ ମଇଳା ଆବର୍ଜନା କିମ୍ବା ବାଲି, ମାଟି, ଇଟା, ପଥର ଇତ୍ୟାଦି ଜମା ରଖି ରାସ୍ତା ଅବରୋଧ କରନ୍ତୁ ନାହିଁ। ଘର ତିଆରିର ଅଦରକାରୀ ଜିନିଷ ପକାଇ ରାସ୍ତା ଅବରୋଧ କଲେ ଦଣ୍ଡନୀୟ ହେବେ।
୪. ରାସ୍ତା ଉପରକୁ ଗୃହପାଳିତ ପଶୁମାନଙ୍କୁ ଛାଡ଼ି ରାସ୍ତା ଅପରିଷ୍କାର ତଥା ରାସ୍ତା ଅବରୋଧ କରନ୍ତୁ ନାହିଁ।
୫. ଘରର ଅଳିଆ ଆବର୍ଜନା ରାସ୍ତାରେ ନ ପକାଇ ନିକଟରେ ଥିବା ଡଷ୍ଟବିନ୍‌ରେ ପକାନ୍ତୁ। ବ୍ୟବସାୟ ପ୍ରତିଷ୍ଠାନମାନେ ନିଜ ନିଜ ଦୋକାନରେ ୨ଟି ଲେଖାଏଁ ଡଷ୍ଟବିନ ରଖନ୍ତୁ ଓ ପୌର ପରିଷଦ ତରଫରୁ ଯାଉଥିବା ଗାଡ଼ିରେ ଓଦା ଓ ଶୁଖିଲା ଆବର୍ଜନାକୁ ଅଲଗା ଅଲଗା ଜମା ଦିଅନ୍ତୁ।

''ଟିଟିଲାଗଡ଼ ପୌରାଞ୍ଚଳର ଉନ୍ନତିମୂଳକ କାର୍ଯ୍ୟରେ ସହଭାଗୀ ହୁଅନ୍ତୁ ସରକାରୀ ସମ୍ପତ୍ତିର ସଠିକ୍ ରକ୍ଷଣାବେକ୍ଷଣ କରନ୍ତୁ''।

ଶ୍ରୀ ବିପିନ ବିହାରୀ ଦୀପ, ନିର୍ବାହୀ ଅଧିକାରୀ
ଶ୍ରୀମତୀ ପୁଷ୍ପ ମଞ୍ଜରୀ ଜାଲ, ଉପାଧ୍ୟକ୍ଷା
ଶ୍ରୀମତୀ ମମତାଦେବୀ ଜୈନ, ଅଧ୍ୟକ୍ଷା

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.SNTPBBS-042023-CCTV, ତା.18.09.2023 ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥରେ 37 ରେଳ ସୁରକ୍ଷା ବଳ(RPF) ପୋଷ୍ଟ (ୱାଲ୍ଟିୟର-14,ଖୋର୍ଦ୍ଧା ରୋଡ୍-15, ସମ୍ବଲପୁର-08) ଗୁଡ଼ିକଠାରେ ଅଡ଼ିଓ ଭିଡ଼ିଓ ଫୁଟେଜ୍ ରେକର୍ଡ଼ କରିବା ପାଇଁ CCTV କ୍ୟାମେରାଗୁଡ଼ିକର ବ୍ୟବସ୍ଥା।

**ଆନୁମାନିକ ବିଜ୍ଞାପିତ ମୂଲ୍ୟ:** ₹ 2,13,57,234.65, EMD:₹ 2,56,800/-, ଶେଷ ହେବା ଅବଧି: 09 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.10.10.2023 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ Tele & NW/ଭୁବନେଶ୍ୱର
PR-71/CG/23-24

**ଏସ୍.ଇ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଆର୍‌ଏମ୍/ଇଏନ୍‌ଜିକି, ଦ.ପୂ. ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ଉକ୍ତ ଟେଣ୍ଡର ପାଇଁ ମାନୁଆଲ୍ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର. ସଂ.-୧ । ଟେଣ୍ଡର ବିଜ୍ଞପ୍ତି ନଂ. ସିକେପି-ସାଉଥ୍-୨୩-୨୪-୨୧, ତାରିଖ: ୧୮।୦୯।୨୦୨୩;** (i) ଡିଇଏନ୍ (ସାଉଥ୍)/ସିକେପିଙ୍କ ଅଧୀନରେ ଚାଇଁବାସା, ଡାଙ୍ଗୋଆପୋଷି, ବଡ଼ଜାମ୍‌ଦା ଓ ଜାରୋଲି ଷ୍ଟେଶନଠାରେ ହାଇ ଲେଭଲ୍ ପ୍ଲାଟ୍‌ଫର୍ମର ସର୍‌ଫେସିଂ; (ii) ଡିଇଏନ୍ (ସାଉଥ୍)/ସିକେପିଙ୍କ ଅଧୀନରେ ଅମୃତ ଭାରତ ଷ୍ଟେଶନ ସ୍କିମ୍ ଅନ୍ତର୍ଗତ ସିବିଏସ୍‌ଏ, ବିବିଏନ୍, ବିଜେଏମ୍‌ଡି, ଡିପିଏସ୍ ଏବଂ ଜେଆର୍‌ଏଲ୍‌ଆଇ ଷ୍ଟେଶନଠାରେ ଦିବ୍ୟାଙ୍ଗଜନଙ୍କ ନିମନ୍ତେ ନ୍ୟୂନତମ ଅତ୍ୟାବଶ୍ୟକ ସୁବିଧା ଓ ସୁଯୋଗର ବ୍ୟବସ୍ଥା (ଟେଲିକମ୍ ଲିଫ୍ଟ ଓ କୁଲିଙ୍ଗ୍ ୱାଟରିଂ ସିଷ୍ଟମ୍‌କୁ ଛାଡ଼ି) [ଫେଜ୍-III]। **ଟେଣ୍ଡର ମୂଲ୍ୟ: ₹୧୦,୩୦,୫୦,୫୧୦.୫୨ ଇଏମ୍‌ଡି: ₹୬,୬୫,୩୦୦ । ଖୋଲାଯିବା ତାରିଖ: ୧୦।୧୦।୨୦୨୩ । କ୍ର. ସଂ.-୨ । ଟେଣ୍ଡର ବିଜ୍ଞପ୍ତି ନଂ. ସିକେପି-ସାଉଥ୍-୨୩-୨୪-୨୨, ତାରିଖ: ୧୮।୦୯।୨୦୨୩;** ଡିଇଏନ୍ (ସାଉଥ୍)/ସିକେପିଙ୍କ ଅଧୀନରେ ଚକ୍ରଧରପୁର ଡିଭିଜନର ବିଭିନ୍ନ ଷ୍ଟେଶନ (ଡିପିଏସ୍-୦୩, ଡିଜେଏଚ୍‌ଆର୍-୦୧, ଏମ୍‌ଏମ୍‌ଭିଆର୍-୦୧, ବିଏସ୍‌ପିଏକ୍ସ-୦୧, ବିଜେଏମ୍‌ଡି-୦୩, ପିଆର୍‌ଏସ୍‌ଏଲ୍-୦୧, ଏସ୍‌ଆଇପିଏ-୦୧, କେଏନ୍‌କେ-୦୧, ବିୟୁଏଫ୍-୦୧, ଏଲ୍‌ଟିକେ-୦୧ ଏବଂ ଡିଏମ୍‌ଏଫ୍-୦୧)ଠାରେ ୧୫ ବେ' ବିଶିଷ୍ଟ ପ୍ଲାଟ୍‌ଫର୍ମର ବ୍ୟବସ୍ଥା। **ଟେଣ୍ଡର ମୂଲ୍ୟ: ₹୩,୦୩,୬୨,୬୦୨.୪୩ ଇଏମ୍‌ଡି: ₹୩,୦୧,୮୦୦। ଖୋଲାଯିବା ତାରିଖ: ୧୦।୧୦।୨୦୨୩ । କ୍ର. ସଂ.-୩ । ଟେଣ୍ଡର ବିଜ୍ଞପ୍ତି ନଂ. ସିକେପି-ସାଉଥ୍-୨୩-୨୪-୨୪, ତାରିଖ: ୧୮।୦୯।୨୦୨୩;** ଡିଇଏନ୍ (ସାଉଥ୍)/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ଏଡିଇଏନ୍/ସିବିଏସ୍‌ଏ ଏବଂ ଡିପିଏସ୍ ଅନ୍ତର୍ଗତ ଡିପିଏସ୍, ଜେକେଡିଏ, ଡିଜେଏଚ୍‌ଆର୍, ଏମ୍‌ଏମ୍‌ଭିଆର୍, ପିଆର୍‌ଏସ୍‌ଏଲ୍ ଏବଂ ସିବିଏସ୍‌ଏ ଷ୍ଟେଶନଠାରେ ପିଏଫ୍ ସର୍ଫେସ୍‌ର ଉନ୍ନତୀକରଣ । **ଟେଣ୍ଡର ମୂଲ୍ୟ: ₹୨,୭୧,୧୩,୧୫୦.୯୯। ଇଏମ୍‌ଡି: ₹୨,୮୫,୬୦୦ । ଖୋଲାଯିବା ତାରିଖ: ୦୯।୧୦।୨୦୨୩ । ଟେଣ୍ଡର ଫର୍ମ ମୂଲ୍ୟ: ₹୦ (କ୍ର.ସଂ. ୧ରୁ ୩ ପାଇଁ ପ୍ରତ୍ୟେକ)।** ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବ ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ: ରେଲ୍‌ୱେ ବୋର୍ଡ ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି, ତାରିଖ ୧୬।୦୭।୨୦୨୦) (PR-613)

**सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड**
**Central Mine Planning & Design Institute Ltd.**
(A Subsidiary of Coal India Limited)
Gondwana Place, Kanke Road, Ranchi - 834031, JHARKHAND, INDIA

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM portal https://gem.gov.in."

**झारखण्ड सरकार, जिला अभियंता का कार्यालय**
**जिला परिषद, सिमडेगा**

ई–प्रोक्युरमेंट सूचना अल्पकालीन निविदा सूचना संख्या– DOPT/DE/SIMDEGA/04/2023-24

कार्य की विस्तृत विवरणी :–

| ग्रुप संख्या | कार्य का नाम | प्राक्कलित राशि (लाख में) | अग्रधन की राशि (लाख में) | परिमाण विपत्र का मूल्य (रू० में) | कार्य पूर्ण करने का समय |
|---|---|---|---|---|---|
| 1 | जिला परिषद, सिमडेगा का कार्यालय भवन नवनिर्माण। | 685.302 | 13.706 | 10000.00 | 24 Month |

2. वेबसाईट पर निविदा प्रकाशन की तिथि – 25.09.2023
3. ई–निविदा प्राप्त की तिथि एवं समय – दिनांक 29.09.2023 समय 11:00 बजे पूर्वाह्न से दिनांक 05.10.2023 को अपराह्न 5:00 बजे तक।
4. निविदा शुल्क एवं अग्रधन की राशि जमा करने की अंतिम तिथि एवं समय दिनांक 09.10.2023 अपराह्न 5:00 बजे तक।
5. निविदा शुल्क एवं अग्रधन की राशि जमा करने का स्थान :– I) जिला परिषद, सिमडेगा।
6. निविदा शुल्क एवं अग्रधन की राशि जमा करने की तिथि को यदि राज्य में सरकारी अवकाश घोषित होता है तो उक्त तिथि एवं समय अगले कार्यदिवस तक स्वतः विस्तारित समझी जायेगी।
7. निविदा खोलने का स्थान – जिला अभियंता, का कार्यालय जिला परिषद , सिमडेगा।
8. निविदा खोलने की तिथि एवं समय :– 10.10.2023 अपराह्न 2:00 बजे।
9. निविदा आमंत्रित करने वाले पदाधिकारी का नाम एवं पता :– जिला अभियंता, जिला परिषद, सिमडेगा।
10. ई०–निविदा प्रकोष्ठ का दूरभाष सं० – 9060405905 (जिला अभियंता का दूरभाष सं० )
11. निविदा शुल्क राष्ट्रीयकृत बैंक द्वारा निर्गत ड्राफ्ट या बैकर्स चेक जो जिला अभियंता, जिला परिषद, सिमडेगा के पदनाम से देय हो देना होगा।
12. परिमाण विपत्र की राशि घट–बढ़ सकती है, तदनुसार अग्रधन की राशि देय होगी।
13. ई–निविदा में जिला परिषद, सिमडेगा अन्तर्गत समुचित श्रेणी के निबंधित एवं योग्य संवेदक ही भाग ले सकते हैं।
14. केवल ई०निविदा (दो लिफाफा पद्धति) ही स्वीकार किये जायेंगे।

निविदा से संबंधित विस्तृत जानकारी वेबसाइट (http://jharkhandtenders.gov.in) में देखी जा सकती है।

जिला अभियंता
जिला परिषद, सिमडेगा
PR 307297 Rural Development (23-24)_D

**झारखण्ड सरकार**
**ग्रामीण कार्य विभाग**
**कार्यपालक अभियंता का कार्यालय**
**कम्बाईण्ड बिल्डिंग, प्रथम तल्ला, एल०सी० रोड, धनबाद**

ई–अतिअल्पकालीन निविदा आमंत्रण सूचना

**ई–निविदा संख्या:- 15/2023-24/RWD/DHANBAD दिनांक :-18.09.2023**

कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र० सं० | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की अवधि | टेण्डर कॉल संख्या |
|---|---|---|---|---|---|---|
| 1. | RWD/ DHANBAD/ 15/2023-24 | पाण्डरक नाली पंचायत अन्तर्गत एन0एच0 23 डी0एम0 पब्लिक स्कूल के गेट से चिरूडीह जोरिया तक पथ का सुदृढ़ीकरण कार्य (लम्बाई –1.50कि0मी0) | 10884000.00 | एक करोड़ आठ लाख चौरासी हजार मात्र। | 12 माह | प्रथम |
| 2. | RWD/ DHANBAD/ 16/2023-24 | डरमा पंचायत बोरिया सेनुतनडीह तक पथ का निर्माण कार्य (लम्बाई –1.00 कि0मी0) | 4899000.00 | अड़तालिस लाख निनानवे हजार मात्र। | 06 माह | प्रथम |

2. वेबसाईट में निविदा प्रकाशन की तिथि:–25.09.2023
3. ई–निविदा प्राप्ति की अंतिम तिथि एवं समय:–04.10.2023 अपराह्न 5.00 बजे तक।
4. (क) मुख्य अभियंता कार्यालय, ग्रामीण कार्य विभाग, अभियंत्रण भवन, कचहरी, राँची अथवा(ख) जिला नियंत्रण कक्ष, राँची अथवा (ग) जिला नियंत्रण कक्ष, धनबाद में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समय:–05.10.2023 अपराह्न 3.30 बजे तक।
5. निविदा शुल्क एवं अग्रधन की राशि स्पीड पोस्ट के माध्यम से भी कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद को भेजा जा सकता है। यह निविदाकार की जिम्मेवारी होगी कि स्पीड पोस्ट के माध्यम से भेजा जाने वाला निविदा शुल्क एवं अग्रधन की राशिनिर्धारिततिथि एवं समय (05.10.2023अपराह्न 3.30 बजे तक) से पूर्व प्राप्त हो जाय। अंतिम तिथि एवं समय से पूर्व प्राप्त निविदा शुल्क एवं अग्रधन की राशि पर ही विचार किया जायेगा।
6. निविदा खोलने की तिथि एवं समय:–06.10.2023 अपराह्न 3.30 बजे।
7. निविदा आमंत्रित करने वाले पदाधिकारी का नाम एवं पता:–कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद, पिन–826001
8. ई–निविदा प्रकोष्ठ का दूरभाष सं0–0326–3554757
9. निविदा शुल्क झारखण्ड राज्य में अवस्थित भारतीय स्टेट बैंक/राष्ट्रीयकृत बैंक/अनुसूचित बैंक द्वारा निर्गत बैंक ड्राफ्ट के रूप में जो कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद के पक्ष में एवं धनबाद में भुगतेय जमा करना होगा जो लौटाया नहीं जायेगा।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमण्डल, धनबाद।
PR.NO.307296 Rural Work Department(23-24):D

**ଆମାଜନ ବିଜ୍‌ନେସ୍‌ର ୬ଷ୍ଠ ବାର୍ଷିକ ପୂର୍ତ୍ତି ଉତ୍ସବ**

ନୂଆଦିଲ୍ଲୀ: ଦେଶର ପ୍ରମୁଖ ଇ-କର୍ମସ କମ୍ପାନୀ ତଥା ଆମାଜନର ସହଯୋଗୀ ସଂସ୍ଥା ଆମାଜନ ବିଜନେସର ଷଷ୍ଠ ବାର୍ଷିକ ପୂର୍ତ୍ତି ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ,୨୦୧୭ ସେପ୍ଟେମ୍ବରରେ ଆମାଜନ ବିଜ୍‌ନେସ୍ ଭାରତରେ କାର୍ଯ୍ୟାରମ୍ଭ କରିଥିଲା। ଏ ସମ୍ପର୍କରେ ଆମାଜନ୍ ବିଜ୍‌ନେସ୍‌ର ଡାଇରେକ୍ଟର ସୁଚିତ୍ ସୁଭାଷ କହିଛନ୍ତି, ଭାରତରେ ଆମେ ଆମର ଗ୍ରାହକ ଓ ବିକ୍ରେତା ପାର୍ଟନରମାନଙ୍କଠାରୁ ବିଗତ ୬ ବର୍ଷ ମଧ୍ୟରେ ଯେଉଁ ସହଯୋଗ ଲାଭ କରିଛୁ, ସେଥିପାଇଁ ଆମେ ସେମାନଙ୍କ ନିକଟରେ କୃତଜ୍ଞ ଓ ଧନ୍ୟବାଦ ଜଣାଉଛୁ।

# ଦିନକରେ ୨ ଲକ୍ଷ କୋଟିରୁ ଅଧିକ ହରାଇଲେ ନିବେଶକ

ଭୁବନେଶ୍ୱର,୨୦।୯




ଗତ କିଛିଦିନ ହେବ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହରେ କ୍ରମାଗତ ୨ୟ ଦିନ ଲାଗି ଶେୟାର ବଜାର କାରବରରେ ହ୍ରାସ ଘଟିଛି। ଫଳରେ ନିବେଶକମାନେ ଦିନକରେ ୨,୪୯,୧୫୬.୪୪ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଛନ୍ତି। ଏହା ପୂର୍ବ କାରବାର ସୋମବାର ଶେଷ ସୁଦ୍ଧା (ସେପ୍ଟେମ୍ବର ୧୮) ଭାରତୀୟ ଷ୍ଟକ୍ ବଜାରର ମାର୍କେଟ୍ କ୍ୟାପ୍ ୩,୨୩,୦୦,୧୧୫.୫୯ କୋଟି ଟଙ୍କା ରହିଥିବା ବେଳେ ବୁଧବାର ଏହାର ପରିମାଣ ୩,୨୦,୫୧,୮୫୯.୧୫ କୋଟି ଟଙ୍କାକୁ ଖସି ଆସିଛି। ଅପରପକ୍ଷରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସରେ ମୋଟ ୭୯୬ (୭୯୬.୦୦) ହ୍ରାସ ଘଟି ୬୬.୮୦୧ (୬୬,୮୦୦.୮୪) ଅଙ୍କରେ ବନ୍ଦ ହୋଇଥିଲାବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ୨୩୨ (୨୩୧.୯୦) ପଏଣ୍ଟ ଖସି ୧୯,୯୦୧ (୧୯,୯୦୧.୪୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ବିଏସ୍‌ଇ ସେନ୍‌ସେକ୍ସ ୩୦ ଏବଂ ଏନ୍‌ଏସ୍‌ଇ ନିଫ୍ଟି-୫୦ର ମିଡ୍‌କ୍ୟାପ୍, ସ୍ମଲ୍ କ୍ୟାପ୍ ଏବଂ ବ୍ୟାଙ୍କିଙ୍ଗ୍ କାରବାରରେ ମଧ୍ୟ ବଡ ଧରଣରେ ହ୍ରାସ ହୋଇଛି। ବୁଧବାର ଏନ୍‌ଏସ୍‌ଇ ନିଫ୍ଟି କାରବାରରେ ନିଫ୍ଟି ବ୍ୟାଙ୍କ ୫୯୫.୨୫ ପଏଣ୍ଟ ଖସି ୪୫,୩୮୪ ଅଙ୍କରେ ରହିଥିବାବେଳେ ନିଫ୍ଟି ମିଡ୍ କ୍ୟାପ୍ ୧୧୪.୩୫ ପଏଣ୍ଟ କମି ୪୦,୫୪୩.୮୫ ଅଙ୍କ ଏବଂ ସ୍ମଲ୍ କ୍ୟାପ୍ ୪୧.୬୦ ପଏଣ୍ଟ ହ୍ରାସ ଘଟି ୫୮୦୮.୦୮ ଅଙ୍କରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ଇନ୍‌ଫୋସିସ୍ ଭଳି ନିବେଶକଙ୍କ ଶେୟାର ହ୍ରାସ ଯୋଗୁ ଷ୍ଟକ୍ ବଜାରରେ କାରବାର ହ୍ରାସ ଘଟିଥିଲା। ସେହିଭଳି ୟୁଏସ୍ ଫେଡେରାଲ ରିଜର୍ଭ ବୈଠକ ପୂର୍ବରୁ ନିବେଶକମାନେ ଆଶା ଆଶଙ୍କାରେ ଥିବା ଯୋଗୁ ଭାରତୀୟ ଷ୍ଟକ୍ ବଜାରରେ ଏଭଳି ହ୍ରାସ ପରିଲକ୍ଷିତ ହୋଇଛି।

# ଜନପଥରେ ମିଆ ବାୟ ତନିସ୍କର ଏକ୍ସକ୍ଲୁସିଭ ଷ୍ଟୋର

ଭୁବନେଶ୍ୱର,୨୦।୯ (ଅଯଭ ଦାଶ)




ଦେଶର ପ୍ରମୁଖ ଫ୍ୟାଶନେବଲ୍ ଗହଣା ବ୍ରାଣ୍ଡ୍ 'ମିଆ ବାୟ ତନିସ୍କ'ର ଏକ୍ସକ୍ଲୁସିଭ ଷ୍ଟୋର ୟୁନିଟ୍-୩ ଜନପଥ ରୋଡ୍‌ସ୍ଥିତ ନନ୍ଦିଘୋଷ ହାଇଟ୍ସଠାରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଉକ୍ତ ଷ୍ଟୋରର ନାଁ 'ମିଆ ବାୟ ତନିସ୍କ ବୁଟିକ୍' ରହିଛି। ଏହି ଅବସରରେ ମିଆ ବାୟ ତନିସ୍କର ବିଜ୍‌ନେସ୍ ହେଡ୍ ଶ୍ୟାମଳା ରାମାନନ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଆ ବାୟ ତନିସ୍କର ଆଞ୍ଚଳିକ ବ୍ୟବସାୟ ମୁଖ୍ୟ (ଗହଣା ଡିଭିଜନ୍) ସୋମପ୍ରଭ କୁମାର ସିଂହ, ଆଞ୍ଚଳିକ ବ୍ୟବସାୟ ମୁଖ୍ୟ (ଆର୍‌ବିଏମ୍) ଆଲୋକ ରଞ୍ଜନଙ୍କ ସମେତ ଫ୍ରାଞ୍ଚାଇଜି ପାର୍ଟନର ଯୋଗେନ୍ଦ୍ର ହଂସ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ମିଆର ଉତ୍ପାଦଗୁଡ଼ିକ ଉପରେ ଆକର୍ଷଣୀୟ ୨୦% ପର୍ଯ୍ୟନ୍ତ ରିହାତି ଅଫର ସମ୍ପର୍କରେ ଘୋଷଣା କରାଯାଇଥିଲା। ଏହି ଅଫର ୨୦୨୩ ସେପ୍ଟେମ୍ବର ୨୪ ପର୍ଯ୍ୟନ୍ତ ଉପଲବ୍ଧ। ବିଶେଷ କରି ୧୧୦୦ ବର୍ଗ ଫୁଟ୍ ପରିବ୍ୟାପ୍ତ ସ୍ଥାନରେ ନବନିର୍ମିତ ଷ୍ଟୋରରେ ୧୪ ଏବଂ ୧୮ କ୍ୟାରେଟ୍‌ର ବ୍ୟାପକ ମିଆ ରେଞ୍ଜ୍ ସହ ଟ୍ରେଣ୍ଡି ଏବଂ ସମସାମୟିକ ଡିଜାଇନ ମଧ୍ୟ ଉପଲବ୍ଧ। ମିଆର ପ୍ରମୁଖ ତଥା ଆକର୍ଷକ ଗହଣା ପିସ୍‌ଗୁଡିକ ମଧ୍ୟ ଏଠାରେ ଉପଲବ୍ଧ ରହିଛି। ଏ ସବୁ ଆକର୍ଷଣୀୟ କଲର ଷ୍ଟୋନ୍, ଉଜ୍ଜ୍ୱଳ ସୁନା ଓ ହୀରା ଏବଂ ରୁପା ଆଦିରେ ପ୍ରସ୍ତୁତ ହୋଇଛି। ସେହିପରି ଗ୍ରାହକଙ୍କ ଆବଶ୍ୟକତା ଅନୁସାରେ ଆକର୍ଷଣୀୟ ଷ୍ଟଡ୍, ମୁଦି, ବ୍ରେସ୍‌ଲେଟ୍, କାନଫୁଲ, ପେଣ୍ଡେଣ୍ଟ ଏବଂ ନେକୱେର୍ ଭଳି ଅନେକ ଡିଜାଇନ ଉପଲବ୍ଧ ରହିଛି। ଏପରିକି ସଦ୍ୟ ଉନ୍ମୋଚିତ ହୋଇଥିବା ନେଚର୍ସ ଫାଇନେଷ୍ଟ କଲେକ୍ସନରୁ ଆକର୍ଷଣୀୟ ଗହଣା ଡିଜାଇନଗୁଡ଼ିକ ମଧ୍ୟ ଏଠାରେ ରହିଛି। ଭର୍ଟିକାଲ ଗାର୍ଡେନ, ସିଟି ପାର୍କ ଏବଂ ଅର୍ବାନ ଫରେଷ୍ଟ ଭଳି ଚିନ୍ତାଧାରାରୁ ଏହା ଅନୁପ୍ରାଣିତ ହୋଇଥିବାବେଳେ ପ୍ରକୃତିର ଏହା ଏକ ପ୍ରତୀକ ବୋଲି କୁହାଯାଇଛି।

# ଓଡ଼ିଶା ବଜାରରେ ଅନର୯୦ ୫ଜି

ଭୁବନେଶ୍ୱର,୨୦।୯

ଏଚ୍‌ଟେକ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅନର ୯୦ ୫ଜିର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବୁଧବାର କମ୍ପାନୀର ବରିଷ୍ଠ ଅଧିକାରୀ ଓ ପାର୍ଟନରଙ୍କ ଉପସ୍ଥିତିରେ ଅନର ୯୦ ୫ଜି ଆନୁଷ୍ଠାନିକ ଭାବେ ଓଡ଼ିଶା ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଥିଲା। ଏପରିକି ଏକ ସ୍ୱତନ୍ତ୍ର ଉତ୍ସବରେ ଅନର୯୦ ୫ଜିକୁ ମଧ୍ୟ ଉନ୍ମୋଚନ କରାଯାଇଥିଲା। ବିଶେଷକରି ଏଆଇ ବ୍ଲଗ୍ ମାଷ୍ଟର ଥିବା ଏକ ଆକର୍ଷଣୀୟ ୨୦୦ ଏମ୍‌ପି ମେନ୍ କ୍ୟାମେରା ଓ ୩୮୪୦ ଏଚ୍‌ଜେଡ୍ ପିଡବ୍ଲ୍ୟୁଏମ୍ ଡିମିଙ୍ଗ୍ ଟେକ୍ନୋଲୋଜି ସହ କ୍ୱାଡ୍-କର୍ଭଡ୍ ଫ୍ଲୋଟିଂ ଡିସ୍‌ପ୍ଲେ ଆଦିରେ ସୁସଜ୍ଜିତ ରହିଛି। ଅନର ୯୦ ୫ଜିରେ ଟ୍ରିପଲ କ୍ୟାମେରା ଏକ୧୨ଏମ୍‌ପି ଅଲଟ୍ରା-ୱାଇଡ୍, ୧୧୨° ଫିଲ୍ଡ ଅଫ୍ ଭ୍ୟୁ ସହ ମାକ୍ରୋ କ୍ୟାମେରା ଓ ଏକ ୨ଏମ୍‌ପି ଡେପ୍‌ଥ କ୍ୟାମେରା ସାମିଲ ଥିବାବେଳେ ଫ୍ରଣ୍ଟରେ ଏକ ୫୦ ଏମ୍‌ପି କ୍ୟାମେରା ରହିଛି। ଅନର ୯୦ ୫ଜି ଏକ ବୃହତ୍ ୫୦୦୦ଏମ୍‌ଏଏଚ୍ ବ୍ୟାଟେରି ସହ ସ୍ମାର୍ଟଫୋନ୍ କ୍ୱାଲ୍‌କମ୍ ସ୍ନାପଡ୍ରାଗନ ୭ଜେନ୍ ୧ ଆକ୍ସିଲରେଟେଡ୍ ଏଡିସନ ପ୍ରୋସେସର ଦ୍ୱାରା ପରିଚାଳିତ କରାଯାଉଛି। ଏ ସମ୍ପର୍କରେ ଏଚ୍‌ଟେକ୍‌ର ସିଇଓ ମାଧବ ସେଠ୍ କହିଛନ୍ତି,ଅନରର ମଜଭୁତ ନେଟ୍‌ୱର୍କ ଓ ମୂଲ୍ୟ ଶୃଙ୍ଖଳାର ବ୍ୟବହାରକରି ଆମେ ଅନର୯୦ ୫ଜିକୁ ଓଡ଼ିଶା ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ।




ଏଚ୍‌ଟେକ୍‌ର ବରିଷ୍ଠ ଅଧିକାରୀ ଓ ପାର୍ଟନର ପ୍ରତିନିଧି ଅନର ୯୦ ୫ଜି ଆନୁଷ୍ଠାନିକ ଭାବେ ଓଡ଼ିଶା ବଜାର ପ୍ରବେଶ କରାଉଛନ୍ତି।

# କୃଷିରଣ ପୋର୍ଟାଲ ଲୋକାର୍ପିତ



ନୂଆଦିଲ୍ଲୀଠାରେ କୃଷି ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କୃଷିରଣ ପୋର୍ଟାଲକୁ ଲୋକାର୍ପିତ କରୁଛନ୍ତି। କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର, କୃଷି ରାଷ୍ଟ୍ରମନ୍ତ୍ରୀ କୈଳାସ ଚୌଧୁରୀ ଏବଂ ଶୋଭା କରନ୍ଦଲାଜେଙ୍କ ସମେତ କୃଷି ସଚିବ ମନୋଜ ଆହୁଜା, ଡିଏଫ୍‌ଏସ୍ ସଚିବ ବିବେକ ଜୋଷୀ, ଓଏସ୍‌ଡି (କ୍ରେଡିଟ) ଅଜିତ କୁମାର ସାହୁ, ପିଏମ୍‌ଏଫ୍‌ବିୱାଇର ସିଇଓ ରିତେଶ ଚୌହାନ,ନାବାର୍ଡର ଚେୟାରମ୍ୟାନ ସାଜି କେଭି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି। କେସିସି ଘର ଘର ଅଭିଯାନ ଏବଂ ଉଇଣ୍ଡସକୁ ଅର୍ଥମନ୍ତ୍ରୀ ଉନ୍ମୋଚନ କରିଛନ୍ତି।

ଭୁବନେଶ୍ୱର,୨୦।୯

କୃଷକଙ୍କ ବିକାଶ ସମେତ କୃଷିକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ନିକଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏବଂ କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର ମିଳିତ ଭାବେ କୃଷି ଋଣ ପୋର୍ଟାଲକୁ ଲୋକାର୍ପିତ କରିଛନ୍ତି। ଏହି ପରିପ୍ରେକ୍ଷୀରେ କିଷାନ କ୍ରେଡିଟ କାର୍ଡ (କେସିସି) ଘର ଘର ଅଭିଯାନ ଏବଂ ୱେଦର ଇନ୍‌ଫର୍ମେଶନ ନେଟ୍‌ୱର୍କ ଡେଟା ସିଷ୍ଟମ (ଉଇଣ୍ଡସ)କୁ ଅନ୍ୟ ମନ୍ତ୍ରୀ ଓ ଅଧିକାରୀଙ୍କ ଉପସ୍ଥିତିରେ ଅର୍ଥମନ୍ତ୍ରୀ ଉନ୍ମୋଚନ କରିଛନ୍ତି। ଏ ନେଇ ସେ କହିଥିଲେ, ବ୍ୟାଙ୍କଗୁଡିକ ଦ୍ୱାରା ଘର ଘର ଅଭିଯାନ ସଫଳତାର ସହ କାର୍ଯ୍ୟ କରାଯିବ। ଏପରିକି କୃଷିକ୍ଷେତ୍ରର ବିକାଶ ଓ କୃଷକଙ୍କର ଉନ୍ନତି ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ କୋଟି କୋଟି ଟଙ୍କାର ସହାୟତା ଯୋଗାଇ ଦେଉଛନ୍ତି। କେସିସି ଜରିଆରେ କୃଷକ କିଭଳି ଅଧିକରୁ ଅଧିକ ଲାଭବାନ ହୋଇପାରିବେ ସେ ନେଇ ମଧ୍ୟ ପ୍ରଧାନମନ୍ତ୍ରୀ ବାରମ୍ବାର ସମୀକ୍ଷା ସହ ବିଭାଗୀୟ ଅଧିକାରୀଙ୍କୁ ଯୋଜନାର ଅଗ୍ରଗତି ଆଦି ବିଷୟରେ ବିଚାରବିମର୍ଶ କରିଥାନ୍ତି। ସେହିଭଳି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ବର୍ତ୍ତମାନ ୧,୪୦,୦୦୦ କୋଟି ବୀମା ରାଶି ପ୍ରଦାନ କରାଯାଇଥିବାବେଳେ ପ୍ରାୟ ୨୯.୦୦୦ କୋଟି ଟଙ୍କାର ପ୍ରିମିୟମ ସଂଗ୍ରହ କରାଯାଇଛି। ସେହିପରି କେନ୍ଦ୍ର କୃଷିମନ୍ତ୍ରୀ ତୋମାର କହିଥିଲେ, ବିଗତ ୯ ବର୍ଷ ମଧ୍ୟରେ କେନ୍ଦ୍ର ସରକାର କୃଷକ ଓ କୃଷିକ୍ଷେତ୍ର ପାଇଁ ଅନେକ କିଛି କରିଥିବାବେଳେ ଆହୁରି ମଧ୍ୟ ବାକି ରହିଛି। ଏପରିକି ୨୦୧୩-୧୪ ଆର୍ଥିକ ବର୍ଷ ଅପେକ୍ଷା ୨୦୨୩-୨୪ ଆର୍ଥିକ ବର୍ଷରେ କୃଷି ଓ କୃଷକଙ୍କ ବିକାଶ ପାଇଁ କୃଷି ବଜେଟ ପ୍ରାୟ ୭ଗୁଣା ବୃଦ୍ଧି ପାଇଛି। ଅପରପକ୍ଷରେ ମନ୍ତ୍ରୀ ବିଭାଗର ସଫଳତା ଓ ଯୋଜନା ସହିତ ଉପରୋକ୍ତ ଯୋଜନାର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଉଲ୍ଲେଖଯୋଗ୍ୟ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ସିଇଓ ତଥା ଜେଏସ୍ (କ୍ରେଡିଟ) ରିତେଶ ଚୌହାନ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଆଭିମୁଖ୍ୟ ଓ ସଫଳତା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ।

# ସୋନିର ନୂତନ ଉତ୍ପାଦ ଉନ୍ମୋଚିତ

ଭୁବନେଶ୍ୱର,୨୦।୯

ସୋନି ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ନୂତନ ଉତ୍ପାଦ 'ସୋନି ଜେଡ୍‌ଭି-୧-୨ କ୍ୟାମେରା'କୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷକରି ବ୍ରାଣ୍ଡର ଭ୍ଲଗ୍ କ୍ୟାମେରା ସିରିଜ୍‌ରେ ଜେଡ୍‌ଭି-୧ର ସମ୍ପୂର୍ଣ୍ଣ ନୂଆ ତଥା ୨ୟ ପିଢ଼ିର ସୋନି ଜେଡ୍‌ଭି-୧-୨ କ୍ୟାମେରାକୁ କମ୍ପାନୀ ବୁଧବାର ଆନୁଷ୍ଠାନିକ ଭାବେ ବଜାର ପ୍ରବେଶ କରାଇଛି; ଯେଉଁଥିରେ ବଜାରରେ ଲୋକପ୍ରିୟ ଥିବା ଅନେକ ସୁବିଧା ଓ ଫିଚର ଉପଲବ୍ଧ। ଏଥିରେ ଅତ୍ୟଧିକ ଚଉଡ଼ା ଆଙ୍ଗେଲ ରହିଛି, ଯାହା ବ୍ଲଗରମାନଙ୍କୁ ଅନେକ ସୁବିଧା ସହ କାହାଣୀକୁ ମର୍ମସ୍ପର୍ଶୀ କରିବା ଏବଂ ଫଟୋ ଜେନିକ୍ ମାନ ବଢ଼ାଇବାରେ ଏହା ବେଶ୍ ସହାୟକ ହେବ। ଏହାର ୧.୦ ପ୍ରକାର ଏକ୍ସମର୍ ଆର୍‌ଏସ୍ ଇମେଜ୍ ସେନ୍‌ସର୍, ବିଆଇଓଏନ୍‌ଜେଡ୍ ଏ୍ସ ଇମେଜ୍ ପ୍ରୋସେସିଂ ଇଞ୍ଜିନ, ଜେଡ୍‌ଇଆଇଏସ୍‌ଏସ୍ ଭାରିଓ-ସୋନାର ଟିମ୍ ୧୮-୫୦ ଏଫ୍ ୧.୮-୪ ଲେନ୍ସକୁ ନେଇ ଜେଡ୍‌ଭି-୧-୨ କ୍ରିଏଟରମାନଙ୍କୁ ଅନେକ ସୁବିଧା ସୁଯୋଗ ପ୍ରଦାନ କରିବ। ଏହାର ୧୮-୫୦ ଏମ୍‌ଏମ୍ ଚଉଡ଼ା ଆଙ୍ଗେଲ ଜରିଆରେ ଗ୍ରୁପ୍ ସେଲ୍‌ଫିଠାରୁ ଆରମ୍ଭକରି ନିତିଦିନିଆ ଦୃଶ୍ୟର ରେକର୍ଡିଂ, ଏକାଧିକ ଚେହେରାକୁ ଚିହ୍ନିପାରିବା ଏବଂ ୨କିମ୍ବା ୩ ଜଣଙ୍କ ସେଲ୍‌ଫି ନେବା ବେଳେ ମୁଖମଣ୍ଡଳକୁ ସ୍ପଷ୍ଟ କରାଯାଇପାରିବ। ଏହି କ୍ୟାମେରାର ୧୮-୫୦ ଏମ୍‌ଏମ୍ ଅପ୍ଟିକାଲ୍ ଜୁମ୍ ଓ କ୍ଲିୟର ଇମେଜ୍ ଜୁମ୍ ଛବିର ମାନ ସହ କୌଣସି ସାଲିସ ନ କରି ତାହାର ଆକାର ବଢ଼ାଇପାରିବ ଏବଂ ବିଭିନ୍ନ କୋଣରୁ ବିବିଧ ପ୍ରକାର ଭିଡିଓ ପ୍ରସ୍ତୁତ କରିପାରିବ। ବୁକେ ସ୍ୱିଚ୍ ସହିତ ଏହାର ୧.୦ ଟାଇପ୍ ସେନ୍‌ସର, ସିନେମାଟିକ୍ ବ୍ଲଗ୍ ସେଟିଂ ମଧ୍ୟ ବ୍ଲଗରଙ୍କ ବହୁ କାମରେ ଲାଗିବ। ସେହିଭଳି ୧୦ପ୍ରି-ସେଟ୍ ହୋଇଥିବା ଲୁକ୍‌କୁ ସମର୍ଥନ କରୁଥିବା କ୍ରିଏଟିଭ୍ ଲୁକ୍‌କୁ ଆଙ୍କରିଂ କରିବା ସହ କ୍ରିଏଟିଭ୍ କାମ କରିବାକୁ ପସନ୍ଦ କରୁଥିବା ବ୍ଲଗରଙ୍କୁ ସହାୟକ ହେବ। ସାର୍ପ ହାଇବ୍ରିଡ୍ ଏଏଫ୍ ସିଷ୍ଟ ଜରିଆରେ ଏହି କ୍ୟାମେରା ହାଇଡେଫିନେସନ୍ ୪କେ'ରେ ମଧ୍ୟ ଛବିକୁ ସ୍ପଷ୍ଟ ରଖିବ। ଭିଡିଓ ରେକର୍ଡିଂ ବେଳେ ଫୋକସ୍ ସ୍ପିଡ୍‌କୁ ଚୟନ କରିବା ଲାଗି କ୍ୟାମେରାରେ ଏଏଫ୍ ଟ୍ରାଞ୍ଜିସନ୍ ସ୍ପିଡ୍ ସୁବିଧା ରହିଛି ଏବଂ ଏଏଫ୍ ସବ୍‌ଜେକ୍ଟ ସିଫ୍‌ଟ ସେନ୍‌ସିଭିଟି ବିଷୟ ଓ ପରିବେଶ ଉପରେ ନଜର ରଖିବ। ଏଥିରେ ରିଅଲ ଟାଇମ୍ ଏଏଫ୍ ମଧ୍ୟ ରହିଛି। ଉଲ୍ଲେଖଯୋଗ୍ୟ, ଉକ୍ତ କ୍ୟାମେରାରେ ଥିବା ବିଲ୍ଟ ଇନ୍ ମାଇକ୍ରୋଫୋନ୍ ବ୍ୟାଖ୍ୟାନର ସୁଟିଂ କରାଯାଇପାରିବ।

## ଫୁର୍‌ସତ୍

# ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଅପରିହାର୍ଯ୍ୟ



**ଅନ୍ତର୍ଜାତୀୟ ଶାନ୍ତି ଦିବସ**

ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଦ୍ୱାରା ସମ୍ପର୍କ ଦୃଢ଼ ହୁଏ। ଫଳରେ ନକାରାତ୍ମକ ଚିନ୍ତାଧାରା ଦୂର ହୋଇ ବିକାଶର ମାର୍ଗ ପ୍ରଶସ୍ତ ହୋଇଥାଏ। ଏହା ପରିବାର-ପରିବାର, ସମାଜ-ସମାଜ, ରାଜ୍ୟ-ରାଜ୍ୟ ତଥା ଦେଶ-ଦେଶ ପାଇଁ ଲାଗୁ ହୋଇପାରେ। ସେହିପରି ଶାନ୍ତି ଆସିବାର ମୁଖ୍ୟ ମାଧ୍ୟମ ହେଉଛି ଅହିଂସା। ଅତି ପ୍ରାଚୀନକାଳରୁ ପୃଥିବୀର ବିଭିନ୍ନ ସଭ୍ୟତା ଅହିଂସା ସମ୍ପର୍କରେ ଭଲଭାବେ ଅବଗତ ଥିଲେ। ଅହିଂସା ମାଧ୍ୟମରେ ଶାନ୍ତି ପ୍ରତିଷ୍ଠା ଦୀର୍ଘସ୍ଥାୟୀ ବୋଲି ମଧ୍ୟ ମାନବ ସମାଜକୁ ଭଲଭାବେ ଜଣାଥିଲା। ଶାନ୍ତି, ପ୍ରେମ ଦ୍ୱାରା ହୃଦୟକୁ ଜୟ କରି ହୋଇଥିବା ବିଜୟ ହିଁ ପ୍ରକୃତ ମାନବିକତାକୁ ପ୍ରତିପାଦିତ କରିପାରିଥାଏ। ଶାନ୍ତିପୂର୍ଣ୍ଣ ସହାବସ୍ଥାନରେ ବସୁଧୈବ କୁଟୁମ୍ବକମ୍ ଲକ୍ଷ୍ୟ ସମ୍ଭବ। ପୃଥିବୀରେ ମତଭେଦ, ଯୁଦ୍ଧ, ଆତଙ୍କବାଦ ଦୂର ହୋଇ ଗୋଟିଏ ବୃହତ୍ ପରିବାର ଗଠନର ପରିକଳ୍ପନା ବାସ୍ତବ ରୂପ ନେଇପାରିବ। ଏହାକୁ ହୃଦୟଙ୍ଗମ କରି ମିଳିତ ଜାତିସଂଘ ସାଧାରଣ ସଭା ଦ୍ୱାରା ୧୯୮୧ରେ ଶାନ୍ତି ଓ ଅହିଂସା ଦିବସ ପାଳନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହାର ଦୁଇ ଦଶନ୍ଧି ପରେ, ୨୦୦୧ରେ ସର୍ବସମ୍ମତିକ୍ରମେ ସେପ୍ଟେମ୍ବର ୨୧କୁ ଅନ୍ତର୍ଜାତୀୟ ଶାନ୍ତି ଦିବସ ଭାବେ ପାଳନ କରିବାକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ସେବେଠାରୁ ପ୍ରତିବର୍ଷ ଏହି ଦିନ ଶାନ୍ତି ଏବଂ ଅହିଂସା ସମ୍ପର୍କରେ ବିଶ୍ୱବ୍ୟାପୀ ସଚେତନତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି, ଯାହାଦ୍ୱାରା ପୃଥିବୀ ଯୁଦ୍ଧଠାରୁ ଦୂରେଇ ଆସିବ ଏବଂ ବିଭିନ୍ନ ଦେଶ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ସମ୍ଭବ ହୋଇପାରିବ।

# ୧୨ ମାସରେ ୫ ରୋଗରେ ଆକ୍ରାନ୍ତ ଥିଲେ

ମୁମ୍ବାଇ




ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ ଅନେକ ସମୟରେ ତାଙ୍କ ବିବାଦୀୟ ମନ୍ତବ୍ୟ ପାଇଁ ଚର୍ଚ୍ଚାରେ ରହିଥାନ୍ତି। ଏବେ ସେ ତାଙ୍କ ଚଳଚ୍ଚିତ୍ର 'ଚନ୍ଦ୍ରମୁଖୀ-୨'କୁ ନେଇ ଲାଇମଲାଇଟରେ ଅଛନ୍ତି। ଏହା ମଧ୍ୟରେ ସେ ତାଙ୍କ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ଏକ ପୋଷ୍ଟ ଲେଖିଛନ୍ତି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସେ ଲେଖିଛନ୍ତି, ଗତ ୧୨ ମାସରେ ତାଙ୍କ ଡେଙ୍ଗୁ, କୋଭିଡ୍-ଡେଲ୍‌ଟା, କୋଭିଡ୍- ଓମିକ୍ରନ ଏବଂ କୋଭିଡ୍ ସହ ସ୍ୱାଇନ୍ ଫ୍ଲୁ ହୋଇସାରିଛି। ସେ ନିରନ୍ତର ଅସୁସ୍ଥ ରହିଥିଲେ। ତାଙ୍କ ପାଇଁ ତାହା ଯନ୍ତ୍ରଣାଦାୟକ ସମୟ ଥିଲା। ହେଲେ ସେ ସେସବୁକୁ ସହି ସୁସ୍ଥ ହୋଇଥିବା ଜଣାଇଛନ୍ତି। ଏଥିସହ ପାର୍ବଣ ଋତୁ ଅବସରରେ ସେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହା ପୂର୍ବରୁ କଙ୍ଗନା ତାଙ୍କ ଇନ୍‌ଷ୍ଟା ଷ୍ଟୋରିରେ ନିଜକୁ ବ୍ୟାଟମ୍ୟାନ୍ ବୋଲି କହି ଲେଖିଥିଲେ। ତେବେ କଙ୍ଗନା ଆଗାମୀ ଫିଲ୍ମ 'ଚନ୍ଦ୍ରମୁଖୀ-୨' ପାଇଁ ଏବେ ବ୍ୟସ୍ତ ଅଛନ୍ତି। ଫିଲ୍ମ ଆସନ୍ତା ୨୮ ତାରିଖରେ ମୁକ୍ତିଲାଭ କରିବ। ଏହାପରେ ସେ ମୁଭି 'ତେଜସ୍'ରେ ମଧ୍ୟ ନଜରକୁ ଆସିବେ। ଯାହା ଅକ୍ଟୋବର ୨୦ରେ ରିଲିଜ୍ ହେବ। ଏଥିସହ ଇନ୍ଦିରା ଗାନ୍ଧୀଙ୍କ ଜୀବନୀ ଉପରେ ଆଧାରିତ ଫିଲ୍ମ 'ଏମର୍ଜେନ୍ସି'ରେ ମଧ୍ୟ ଅଭିନେତ୍ରୀଙ୍କୁ ଦେଖିବାକୁ ମିଳିବ। ଏହା ୨୪ ନଭେମ୍ବରରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ।

# ଲୁଣ ଦାନା ସଦୃଶ କ୍ୟାମେରା

ୱାଶିଂଟନ



ବର୍ତ୍ତମାନ ସମୟରେ ବହୁ ଅସମ୍ଭବ ବି ସମ୍ଭବ ହେଲାଣି। ବୈଜ୍ଞାନିକମାନେ ଅନେକ ଜିନିଷ ଉଦ୍ଭାବନ କଲେଣି, ଯାହା କେହି କେବେ ଭାବି ନ ଥିବେ। ଆମେରିକାର ବୈଜ୍ଞାନିକ ନିକଟରେ ଦୁନିଆର ସବୁଠୁ ଛୋଟ ମାଇକ୍ରୋସ୍କୋପିକ୍ କ୍ୟାମେରା ପ୍ରସ୍ତୁତ କରିଛନ୍ତି, ଯାହା ଏତେ ଛୋଟ ଯେ ତାକୁ ହାତରେ ରଖିଲେ ମଧ୍ୟ ଠିକ୍‌ରେ ଦେଖିହେବନି। ଏହା ଦେଖିବାକୁ ଏକ ଲୁଣ ଦାନା ସଦୃଶ। ହେଲେ ଏହା ତା' ଆକାରଠାରୁ ବହୁ ଅଧିକ ହଜାର ଗୁଣା ଫଟୋ ଉଠାଇପାରିବ। କ୍ୟାମେରାର ଆକାର ଅଧା ମିଲିମିଟର ହୋଇଥିବାବେଳେ ଏହା କାଚରେ ପ୍ରସ୍ତୁତ ହୋଇଛି। ପ୍ରିନ୍ସଟନ ୟୁନିଭର୍ସିଟି ଏବଂ ୟୁନିଭର୍ସିଟି ଅଫ୍ ୱାଶିଂଟନ୍‌ର ରିସର୍ଚ୍ଚର ମିଶି ଏହାକୁ ପ୍ରସ୍ତୁତ କରିଛନ୍ତି। ସେମାନଙ୍କ କହିବା ମୁତାବକ, ଏହି କ୍ୟାମେରା ୫ ଲକ୍ଷ ଗୁଣା ବଡ଼ ଫଟୋ ଉଠାଇପାରିବ। ମେଡିକାଲ କ୍ଷେତ୍ରରେ ଏହାର ସବୁଠୁ ଅଧିକ ଫାଇଦା ମିଳିପାରିବ। କାରଣ ଶରୀରରେ ଥିବା ଛୋଟରୁ ଛୋଟ ଅଂଶକୁ ଏହି କ୍ୟାମେରା ସାହାଯ୍ୟରେ ଅତି ସହଜରେ ଦେଖିହେବ। ଫଳରେ ରୋଗ ଚିହ୍ନଟ ଏବଂ ତା'ର ନିରାକରଣ ଦିଗରେ ସହଜ ହେବ। କ୍ୟାମେରା ଛୋଟ ହେଲେ ବି ତାହା ୱାଇଡ୍ ଆଙ୍ଗେଲର ଫଟୋ ଉଠାଇପାରିବ। ଏହା ପ୍ରାକୃତିକ ଲାଇଟ୍‌ରେ ଏବଂ ଲେଜର ଲାଇଟରେ ଭଲ ଫଟୋ ଉଠାଇବାରେ ସକ୍ଷମ। କ୍ୟାମେରା ୧୨୦ ଡିଗ୍ରୀ ରୋଟେଶନ ଆଙ୍ଗେଲ ବୁଲିପାରିବ ଏବଂ ୩ରୁ ୩ ମିଲିମିଟର ପର୍ଯ୍ୟନ୍ତ ଫୋକସ କରିପାରିବ। ଏଥିରେ ୩୦ ସେକେଣ୍ଡର ଭିଡିଓ ରେକର୍ଡ ହୋଇପାରିବ।

# ଦେବ ଆନନ୍ଦଙ୍କ ବଙ୍ଗଳା ୪୦୦ କୋଟିରେ ବିକ୍ରି

ମୁମ୍ବାଇ



ଦେବ ଆନନ୍ଦ ଥିଲେ ବଲିଉଡ୍ ଜଗତର ସୁପରଷ୍ଟାର। ସେ ଅନେକ ହିଟ୍ ଚଳଚ୍ଚିତ୍ର ଦର୍ଶକଙ୍କୁ ଭେଟି ଦେଇଛନ୍ତି। ସେ ମୁମ୍ବାଇସ୍ଥିତ ଜୁହୁରେ ଥିବା ତାଙ୍କ ଘରକୁ ଅତ୍ୟନ୍ତ ଭଲ ପାଉଥିଲେ। ତେବେ ତାଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଏବଂ ପିଲା ଯାଇ ସହରରେ ରହିଲେ। ଫଳରେ ସେହି ଘର ଖାଲି ପଡ଼ିଥିଲା। ବର୍ତ୍ତମାନ ସେହି ବଙ୍ଗଳାକୁ ବିକ୍ରି କରାଯାଇଛି। ଦେବ ଆନନ୍ଦ ୧୯୫୦ ମସିହାରେ ଜୁହୁରେ ଏକ ଘର ନିର୍ମାଣ କରିଥିଲେ। ପରେ ୨୦୧୧ରେ ତାଙ୍କର ଦେହାନ୍ତ ହୋଇଥିଲା। ଦେବ ଆନନ୍ଦଙ୍କ ପୁଅ ଆମେରିକାରେ ଅବସ୍ଥାପିତ ହୋଇଥିବାବେଳେ ତାଙ୍କ ପତ୍ନୀ କଳ୍ପନା ସେମାନଙ୍କ ଝିଅଙ୍କ ସହ ଉଟିରେ ରୁହନ୍ତି। ରିପୋର୍ଟ ଅନୁଯାୟୀ, ଅଭିନେତାଙ୍କ ବଙ୍ଗଳା ଏକ ରିୟଲ ଇଷ୍ଟେଟ୍ କମ୍ପାନୀକୁ ତାଙ୍କ ପରିବାର ଲୋକେ ୪୦୦ କୋଟିରେ ବିକ୍ରି କରିଛନ୍ତି। ଯେଉଁଠାରେ ଦେବ ଆନନ୍ଦଙ୍କ ବଙ୍ଗଳା ଅଛି, ପୂର୍ବରୁ ସେଠାରେ କିଛି ନ ଥିଲା। ଏବେ ସେହି ସ୍ଥାନ ସହରର ଅନ୍ୟତମ ପ୍ରମୁଖ ସ୍ଥାନ । ସେଠାରେ ବହୁ ପ୍ରସିଦ୍ଧ ସେଲିବ୍ରିଟ୍ ଏବଂ ଶିଳ୍ପପତି ରହୁଛନ୍ତି। ଅଭିନେତାଙ୍କ ପରିବାର ସେହି ବଙ୍ଗଳା ସହ ମହାରାଷ୍ଟ୍ରର ପାନଭେଲରେ କିଛି ଅତିରିକ୍ତ ସମ୍ପତ୍ତି ବିକ୍ରି କରିଛନ୍ତି। ବିକ୍ରୟରୁ ପ୍ରାପ୍ତ ଟଙ୍କା ଅଭିନେତାଙ୍କ ପରିବାରର ୩ ସଦସ୍ୟଙ୍କ ମଧ୍ୟରେ ଭାଗ ହେବ ବୋଲି ଜଣାପଡିଛି। ସେହି ବଙ୍ଗଳା ଭଙ୍ଗାଯାଇ ସେଠାରେ ଏକ ୨୨ ମହଲା ବିଶିଷ୍ଟ କୋଠା ନିର୍ମାଣ କରାଯିବ ବୋଲି ଜଣାପଡିଛି।

## ୧ ନମ୍ବରକୁ ଫେରିଲେ ସିରାଜ

ଦୁବାଇ, ୨୦।୯ (ପି.ଟି.): ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ (ଆଇସିସି) ପକ୍ଷରୁ ବୁଧବାର ଦିନିକିଆ କ୍ରିକେଟ ର୍ୟାଙ୍କିଙ୍ଗ ପ୍ରକାଶ ପାଇଛି। ଏସିଆ କପ୍‌ରେ ଚମତ୍କାର ପ୍ରଦର୍ଶନ ଆଧାରରେ ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସିରାଜ ପୁନର୍ବାର ଏକ ନମ୍ବର ସ୍ଥାନକୁ ଫେରିଛନ୍ତି। ଏସିଆ କପ୍ ଫାଇନାଲରେ ଶ୍ରୀଲଙ୍କା ବିପକ୍ଷରେ ୨୧ ରନ୍ ଦେଇ ୬ ଉଇକେଟ ନେଇଥିଲେ। ଜାନୁୟାରୀରେ ଦିନିକିଆରେ ପ୍ରଥମ ଥର ଏକ ନମ୍ବର ବୋଲର ମାନ୍ୟତା ହାସଲ କରିଥିଲେ ସିରାଜ। ମାର୍ଚ୍ଚ ମାସରେ ତଳକୁ ଖସିବା ସହିତ ୮ ନମ୍ବର ସ୍ଥାନରେ ପହଞ୍ଚିଥିଲେ। ତେବେ ଏସିଆ କପ୍‌ରେ ଚମତ୍କାର ପ୍ରଦର୍ଶନ ସହିତ ୮ ସ୍ଥାନ ଉପରକୁ ଉଠି ଏକ ନମ୍ବର ସ୍ଥାନରେ ପହଞ୍ଚିଛନ୍ତି। ବାମହାତୀ ଚାଇନାମ୍ୟାନ୍ ବୋଲର କୁଲଦୀପ ଯାଦବ ୩ ସ୍ଥାନ ତଳକୁ ଖସି ନବମ ସ୍ଥାନରେ ପହଞ୍ଚିଛନ୍ତି। ବୋଲରଙ୍କ ମଧ୍ୟରେ ଯଶପ୍ରୀତ ବୁମ୍‌ରା ଦୁଇ ସ୍ଥାନ ଉପରକୁ ଉଠି ୨୭ ଓ ହାର୍ଦ୍ଦିକ ପାଣ୍ଡ୍ୟା ୮ ସ୍ଥାନର ପଦୋନ୍ନତି ସହିତ ୫୦ତମ ସ୍ଥାନରେ ପହଞ୍ଚିଛନ୍ତି। ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ଦୁଇ ଓପନର ଶୁବମନ ଗିଲ୍ ଓ ରୋହିତ ଶର୍ମା ଯଥାକ୍ରମେ ଦ୍ୱିତୀୟ ଓ ଦଶମ ସ୍ଥାନ ବଜାୟ ରଖିଛନ୍ତି।

# କେରଳ-ବେଙ୍ଗାଲୁରୁ ଉଦ୍‌ଘାଟନୀ ମୁକାବିଲା




ଇଣ୍ଡିଆନ ସୁପରଲିଗ୍‌ର ଉଦ୍‌ଘାଟନୀ ମ୍ୟାଚ୍ ପୂର୍ବରୁ ବୁଧବାର କୋଚିଠାରେ ବେଙ୍ଗାଲୁରୁ ଏଫ୍‌ସି ଓ କେରଳ ବ୍ଲାଷ୍ଟର୍ସ ଖେଳାଳିଙ୍କ ଅଭ୍ୟାସ।

କୋଚି, ୨୦।୯

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ)ର ୧୦ମ ସଂସ୍କରଣ ଗୁରୁବାରଠାରୁ ଏଠାରେ ଆରମ୍ଭ ହେବ। ସ୍ଥାନୀୟ ଜବାହରଲାଲ ନେହେରୁ ଷ୍ଟାଡିୟମରେ କେରଳ ବ୍ଲାଷ୍ଟର୍ସ ଓ ବେଙ୍ଗାଲୁରୁ ଏଫ୍‌ସି

**ହେଡ୍ ଟୁ ହେଡ୍**

ମୋଟ ମ୍ୟାଚ: ୧୪
ବେଙ୍ଗାଲୁରୁ ବିଜୟୀ: ୮
କେରଳ ବିଜୟୀ: ୩
ଡ୍ର: ୩
(ଗତ ୨ ଥର ମୁକାବିଲାରେ ବେଙ୍ଗାଲୁରୁ ଏଫ୍‌ସି ୧-୦ ଗୋଲରେ ବିଜୟ ହାସଲ କରିଛି)।

ଉଦ୍‌ଘାଟନୀ ମ୍ୟାଚରେ ପରସ୍ପରକୁ ଭେଟିବେ। ୨୦୨୩-୨୪ ସିଜନ ପାଇଁ ବେଙ୍ଗାଲୁରୁ ଏଫ୍‌ସି କେତେଜଣ ହାଇପ୍ରୋଫାଇଲ ଖେଳାଳିଙ୍କୁ ରିଲିଜ କରିଛି। ସେମାନଙ୍କ ମଧ୍ୟରେ ଉଦାନ୍ତ ସିଂ, ସନ୍ଦେଶ ଝିଙ୍ଗାନ ଓ ରୟ କ୍ରିଷ୍ଣାଙ୍କ ପରି ତାରକା ଖେଳାଳି ସାମିଲ। ତେବେ ସେଟ୍‌ଅପ୍‌କୁ ଅନେକ ନୂଆ ଖେଳାଳି ଆସିଥିବାରୁ ଦଳ ଭଲ ପ୍ରଦର୍ଶନ ସହ ଅଭିଯାନ ଆରମ୍ଭ କରିବ ବୋଲି କୋଚ୍ ସିମନ ଗ୍ରେସନ ଆଶା ରଖିଛନ୍ତି। ସେହିପରି ଆଗାମୀ ସିଜନରେ କେରଳ ବ୍ଲାଷ୍ଟର୍ସ ତାରକା ମିଡ୍‌ଫିଲ୍ଡର ସହଲ ଅବଦୁଲ ସମଦଙ୍କ ଅନୁପସ୍ଥିତି ଅନୁଭବ କରିବ। ସମଦ ଏବେ ମୋହନ ବାଗାନ ଜାଏଣ୍ଟ ପକ୍ଷରୁ ଖେଳୁଛନ୍ତି। ତେବେ ଭାରତର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଖେଳାଳି ପ୍ରୀତମ କୋଟାଲ, ପ୍ରବୀର ଦାସଙ୍କ ସମେତ କେତେକ ଖେଳାଳି ଆସିଥିବାରୁ ଏହି ଦଳର ରକ୍ଷଣଭାଗ ଦୃଢ଼ ହୋଇଛି। ସର୍ବିୟାର ଇଭାନ ଭୁକୋମାନୋଭିଚ୍ ଦଳର କୋଚ୍ ଅଛନ୍ତି।

### ନଜରରେ ରହିବେ

ଆଗାମୀ ମ୍ୟାଚରେ କେରଳ ବ୍ଲାଷ୍ଟର୍ସର ହର୍ମିପାନ ରୁଇଭା ଓ ବେଙ୍ଗାଲୁରୁ ଏଫ୍‌ସିର ଗୁରୁପ୍ରୀତ ସିଂ ସାନ୍ଧୁଙ୍କ ଉପରେ ନଜର ରହିବ। କେରଳର ୨୨ ବର୍ଷୀୟ ହର୍ମିପାନ ଜଣେ ଚମତ୍କାରୀ ସେଣ୍ଟରବ୍ୟାକ୍ ଭାବେ ନିଜକୁ ପ୍ରମାଣିତ କରିଛନ୍ତି। ଆଇଏସ୍ଏଲ୍ ୨୦୨୨-୨୩ରେ ତାଙ୍କର ଟ୍ୟାକ୍‌ଲ ସକ୍ସେସ ରେଟ୍ ଥିଲା ୮୬ ପ୍ରତିଶତ। ଭୁକୋମାନୋଭିଚ୍‌ଙ୍କ ଡିଫେନ୍ସିଭ ଯୋଜନାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ସେହିପରି ଗୁର୍‌ପ୍ରୀତ ସିଂ ସାନ୍ଧୁ ହେଉଛନ୍ତି ଆଇଏସ୍ଏଲ୍‌ରେ ବେଙ୍ଗାଲୁରୁ ଦଳର ଦ୍ୱିତୀୟ ସର୍ବାଧିକ ସଫଳ ଖେଳାଳି। ଦଳର ୫୬ ମ୍ୟାଚ ବିଜୟରେ ସେ ଅଂଶୀଦାର ଅଛନ୍ତି। ସୁନୀଲ ଛେତ୍ରୀ ୫୭ ବିଜୟରେ ସାମିଲ ଥିବାରୁ ଏହି ତାଲିକାର ଶୀର୍ଷରେ ରହିଛନ୍ତି। ଛେତ୍ରୀଙ୍କ ଅନୁପସ୍ଥିତିରେ ସେ ଏହି ରେକର୍ଡର ସମକକ୍ଷ ହେବାକୁ ଲକ୍ଷ୍ୟ ରଖିଛନ୍ତି।

"ଚଳିତ ବର୍ଷ ଗଠିତ ଦଳକୁ ନେଇ ମୁଁ ସନ୍ତୁଷ୍ଟ। ଗତବର୍ଷଠାରୁ ଏହା ଭିନ୍ନ। ଆମେ କେତେଜଣ ଖେଳାଳିଙ୍କୁ ଛାଡ଼ିଛୁ ଏବଂ କେତେକ

**ଆଜିଠୁ ଆଇଏସ୍ଏଲ୍**
ମ୍ୟାଚ ଆରମ୍ଭ: ରାତି ୮ଟା
ପ୍ରସାରଣ: ସ୍ପୋର୍ଟ୍ସ ୧୮

ନୂଆ ମୁହଁ ସାମିଲ କରିଛୁ। ଏହା ମଧ୍ୟରେ ବିଦେଶୀ ଓ ଭାରତୀୟ ଖେଳାଳି ସାମିଲ। ତେଣୁ ଆମେ ଏଥର ଭିନ୍ନ ଗ୍ରୁପ୍‌କୁ ନେଇ ଖେଳିବାକୁ ଯାଉଛୁ। ଆମେ ୬ ଜଣ ବିଦେଶୀ ଖେଳାଳିଙ୍କୁ ନେଇଛୁ। ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ପରିସ୍ଥିତି ଅନୁସାରେ ଖେଳାଇବୁ। କେରଳ ବ୍ଲାଷ୍ଟର୍ସ ବିପକ୍ଷରେ ଭଲ ଫଳାଫଳ ସହ ଅଭିଯାନ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛୁ" ବୋଲି ବେଙ୍ଗାଲୁରୁ ଏଫ୍‌ସି କୋଚ୍ ଗ୍ରେସନ ପ୍ରକାଶ କରିଛନ୍ତି। ସେହିପରି କେରଳ ବ୍ଲାଷ୍ଟର୍ସ ଖେଳାଳି ପ୍ରୀତମ କୋଟାଲ କହିଛନ୍ତି ଯେ, "ଉତ୍ସାହୀ ଦର୍ଶକଙ୍କ ସମ୍ମୁଖରେ ମୁଁ ପ୍ରଥମଥର ପାଇଁ ହଳଦିଆ ଜର୍ସିରେ ଖେଳିବାକୁ ଯାଉଛି। ତେଣୁ ଆଗାମୀ ମ୍ୟାଚକୁ ନେଇ ମୁଁ ଖୁବ୍ ଉତ୍ସାହିତ। ଚ୍ୟାଲେଞ୍ଜର ମୁକାବିଲା ପାଇଁ ଆମ ଦଳ ପ୍ରସ୍ତୁତ। ଟ୍ରଫି ବିଜୟ ଲକ୍ଷ୍ୟରେ ମୁଁ ମୋ ଦଳ ପାଇଁ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ବ୍ୟଗ୍ରତାର ସହ ଅପେକ୍ଷା କରିଛି"।

# ଛତିଶଗଡ଼, ତାମିଲନାଡୁର ବୃହତ୍ ବିଜୟ

ଭୁବନେଶ୍ୱର, ୨୦।୯
(ସରୋଜ ଜେନା)



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଖେଳାଳି ଓ ଅଫିସିଆଲ।

ଭୁବନେଶ୍ୱରରେ ବୁଧବାର ଆରମ୍ଭ ହୋଇଛି ଜାତୀୟ ଜୁନିୟର ବାଳିକା ଫୁଟବଲ ଚାମ୍ପିୟନଶିପ ୨୦୨୩। ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଓ ଫୁଟବଲ ଆସୋସିଏଶନ୍ ଅଫ୍ ଓଡ଼ିଶା(ଫାଓ) ପକ୍ଷରୁ ଏହି ଟୁର୍ଣ୍ଣାମେଣ୍ଟ ମିଳିତ ଭାବରେ ଆୟୋଜନ କରାଯାଇଛି। ପ୍ରଥମ ଦିନରେ ୪ ମ୍ୟାଚ୍ ଖେଳା ଯାଇଥିବା ବେଳେ ଛତିଶଗଡ ଓ ତାମିଲନାଡୁ ଦଳ ବଅହତ ବିଜୟ ହାସଲ କରିଛନ୍ତି। କ୍ୟାପିଟାଲ ଫୁଟବଲ ଆରେନାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କ୍ରୀଡା ଓ ଯୁବ ବ୍ୟାପାର ବିଭାଗର ଯୁଗ୍ମ ସଚିବ ରଞ୍ଜିତ ପରିଡା ମୁଖ୍ୟ ଅତିଥି, ପୂର୍ବତନ ଭାରତୀୟ ଫୁଟବଲର ଓଇନାମ ବେମ୍‌ବେମ୍ ଦେବୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାଓ ଉପସଭାପତି ଦିଲ୍ଲୀପ କୁମାର ସାହୁ, ଫାଓ ଯୁଗ୍ମ ସଚିବ ତଥା ସର୍ବଭାରତୀୟ ଫୁଟବଲ ଫେଡେରେଶନ କାର୍ଯ୍ୟକାରୀ କମିଟି ସଦସ୍ୟ ଅଭିଜିତ ପଲ୍, ଯୁଗ୍ମ ସଚିବ ବିଶ୍ୱରଞ୍ଜନ ଘଡେଇ, ସଙ୍ଗୀତା ଶର୍ମା ଓ ଫାଓ ମହିଳା କମିଟି ଚେୟାରମ୍ୟାନ୍ ସହଦେବ ରାଉତ ଯୋଗ ଦେଇଥିଲେ।

ପ୍ରଥମ ଦିନରେ ଝାଡଖଣ୍ଡ ୬-୨ ଗୋଲରେ ବେଙ୍ଗଲକୁ, ତାମିଲନାଡୁ ୨୪-୦ରେ ଦାଦ୍ରା ନଗର ଓ ହାବେଳୀକୁ, ଛତିଶଗଡ ୧୯-୦ରେ ହିମାଚଳ ପ୍ରଦେଶକୁ ପରାସ୍ତ କରିଥିବା ବେଳେ ବିହାର ୪-୪ରେ ମିଜୋରାମ ସହିତ ମ୍ୟାଚ୍ ଡ୍ର ରଖିଛି। ଝାଡଖଣ୍ଡ ପକ୍ଷରୁ କାଜଲ କୁମାରୀ(୩ ଓ ୬୮ ମିନିଟ), ଦିବ୍ୟାନି ଲିଣ୍ଡା( ୩୪ ଓ ୭୨ ମିନିଟ)

**ଜାତୀୟ ଜୁନିୟର ବାଳିକା ଫୁଟ୍‌ବଲ**

ଦୁଇଟି ଲେଖାଏ ଗୋଲ ସ୍କୋର କରିଥିଲେ। ରୀନା କୁମାରୀ (୧୫ ମିନିଟ) ଅନ୍ୟ ଗୋଲଟି ଦେଇଥିବା ବେଳେ ବେଙ୍ଗଲ ପକ୍ଷରୁ ରାକ୍ଷୀ ମଣ୍ଡଳ ଦୁଇଟି ଯାକ ଗୋଲ ଦେଇଥିଲେ। ତାମିଲନାଡୁ ପକ୍ଷରୁ କାବ୍ୟା(୯, ୧୭, ୩୦, ୩୬, ୬୨ ମିନିଟ) ୫ ଓ ମୋନିଷା(୫, ୪୪, ୫୦, ୮୫ ମିନିଟ) ୪ଟି ଗୋଲ ଦେଇଥିବା ବେଳେ ଦଳ ୨୪-୦ରେ ବିଜୟୀ ହୋଇଥିଲା। ଛତିଶଗଡ ପକ୍ଷରୁ ବିନ୍ଦୁ ତେଲାମ(୨୮, ୩୪, ୪୨,୪୩, ୭୪ ମିନିଟ)ରେ ୫ ଗୋଲ ଦେଇଥିବା ବେଳେ ଭୂମିକା ଦେଓ୍ୱାଙ୍ଗନ, ଦାମିନୀ ସିହ୍ନା ଓ ଭାବନା ସାହୁ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ବିହାର ଓ ମିଜୋରାମ ମଧ୍ୟରେ ଖେଳାଳଯାଇଥିବା ମ୍ୟାଚ୍‌ଟି କଡା ସଂଘର୍ଷପୂର୍ଣ୍ଣ ରହିଥିଲା। ଇଞ୍ଜୁରୀ ଟାଇମରେ ଲାଲସାଙ୍ଗପୁଲି ସାଇଲୋଙ୍କ ଗୋଲ ବଳରେ ମ୍ୟାଚ୍ ଡ୍ର କରିବାରେ ସମର୍ଥ ହୋଇଥିଲା ମିଜୋରାମ। ବିହାର ପକ୍ଷରୁ ଅବିବା ପରୱିନ(୫ ମିନିଟ), ଆଲିୟା (୭୩ ମିନିଟ) ଓ ଅଧିନାୟିକା ମନୀଷା କୁମାରୀ(୧୮ ଓ ୫୩ ମିନିଟ) ଗୋଲ ଦେଇଥିଲେ। ଅନ୍ୟ ପକ୍ଷରେ ମିଜୋରାମ ପକ୍ଷରୁ ଭନଲାଲରୋହଲୁଇ (୩୦, ୬୨ ମିନିଟ) ଡବଲ ଗୋଲ ଦେଇଥିବା ବେଳେ ଏମି ଲାଲରୁଆସାଙ୍ଗି (୬୨ ମିନିଟ) ଓ ଲାଲସାଙ୍ଗପୁଲି ସାଇଲୋ(୯୦+୨ ମିନିଟ)ରେ ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିଲେ।

# ବିଶ୍ୱ ଚାମ୍ପିୟନଙ୍କୁ ହରାଇଲେ ପଙ୍ଘାଲ

ବେଲଗ୍ରେଡ୍, ୨୦।୯ (ପି.ଟି.)

ଏଠାରେ ଚାଲିଥିବା ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ଭାରତର ଅନ୍ତିମ ପଙ୍ଘାଲ ବିଶ୍ୱ ଚାମ୍ପିୟନ ଓଲିଭିଆ ଡେମିନିକ୍ ପାରିସଙ୍କୁ ହରାଇବା ସହ ପ୍ୟାରିସ ଅଲିମ୍ପିକ୍ସ ଯୋଗ୍ୟତା ଆଶା ଉଜ୍ଜୀବିତ ରଖିଛନ୍ତି। ତେବେ ଅନ୍ୟ ଭାରତୀୟ ରେସଲର ନିରାଶ କରିଛନ୍ତି। ଦୁଇଥର ୨୦ ବର୍ଷରୁ କମ୍ ଚାମ୍ପିୟନ ପଙ୍ଘାଲ ଏକଦା ୦-୨ରେ ପଛୁଆ ରହିବା ସତ୍ତ୍ୱେ ସଫଳ ପ୍ରତ୍ୟାବର୍ତ୍ତନ କରି ନିଜ ଆମେରିକୀୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୩-୨ରେ ପରାସ୍ତ କରିଥିଲେ। ମହିଳା ୫୩ କେଜି ବର୍ଗରେ ଏହି ପ୍ରଥମ ରାଉଣ୍ଡ ମୁକାବିଲା ହୋଇଥିଲା। ଏହାପରେ ପଙ୍ଘାଲ ପୋଲାଣ୍ଡର ରୋକ୍ସାନା

**ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍**

ମାର୍ଟା ଜାସିନାଙ୍କୁ ବୈଷୟିକ କୌଶଳରେ ପଛରେ ପକାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଥିଲେ। ସେଠାରେ ସେ ରୁଷିଆର ନାତାଲିଆ ମାଲିଶେଭାଙ୍କୁ ୯-୬ରେ ହରାଇ ସେମିରେ ପ୍ରବେଶ କରିଥିଲେ। ପ୍ରଥମ ୩ ଲଢ଼େଇରେ ଚମତ୍କାର ପ୍ରଦର୍ଶନ କରିଥିବା ପଙ୍ଘାଲ ସେମିଫାଇନାଲରେ କିନ୍ତୁ ବିଶ୍ୱର ୨୩ ନମ୍ବର ରେସଲର ବେଲାରୁଷର ଭାନେସା କାଲାଜିନସ୍କାୟାଙ୍କଠାରୁ ୪-୫ ପଏଣ୍ଟରେ ହାରି ଯାଇଥିଲେ। ଗୁରୁବାର ହେବାକୁଥିବା ବ୍ରୋଞ୍ଜ ପଦକ ମୁକାବିଲାରେ ବିଜୟୀ



ବିଶ୍ୱ ଚାମ୍ପିୟନ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇବା ପରେ ଅନ୍ତିମ ପଙ୍ଘାଲ।

ହେଲେ ସେ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବେ।

ପଙ୍ଘାଲ-ଓଲିଭିଆ ପ୍ରଥମ ରାଉଣ୍ଡ ମୁକାବିଲା ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ଆମେରିକୀୟ ପ୍ରତିଦ୍ୱନ୍ଦ୍ୱୀ ଡାହାଣ ଗୋଡ଼ରୁ ଆକ୍ରମଣ ଆରମ୍ଭ କରି ଖୁବ୍ ଶୀଘ୍ର ୨ ପଏଣ୍ଟ ହାସଲ କରି ନେଇଥିଲେ। ମାତ୍ର ୧୯ ବର୍ଷୀୟ ଭାରତୀୟ ଏହାପରେ ଚମତ୍କାର ଡିଫେଣ୍ଡ କରି ଆଉ ପଏଣ୍ଟ ବରଣ କରି ନ ଥିଲେ। ଓଲିଭିଆଙ୍କ ବାମଗୋଡ଼କୁ ଟାର୍ଗେଟ କରିଥିବା ପଙ୍ଘାଲ ଶେଷ ପର୍ଯ୍ୟନ୍ତ ପ୍ରଭାବୀ ପ୍ରଦର୍ଶନ କରି ୩ ପଏଣ୍ଟ ହାସଲ କରି ନେଇଥିଲେ। ଏଥିରୁ ମନୋବଳ ଦୃଢ଼ କରିଥିବା ପଙ୍ଘାଲ ଦ୍ୱିତୀୟ ରାଉଣ୍ଡରେ ପୋଲାଣ୍ଡ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇବାକୁ ମାତ୍ର ୧ ମିନିଟ ୩୮ ସେକେଣ୍ଡ ସମୟ ନେଇଥିଲେ। ଅନ୍ୟପକ୍ଷରେ ମନୀଷା (୬୨ କେଜି), ପ୍ରିୟଙ୍କା(୬୮ କେଜି) ଓ ଜ୍ୟୋତି ବ୍ରେଓ୍ୱାଲ (୭୨ କେଜି) ସେମାନଙ୍କ ଲଢ଼େଇ ହାରି ଯାଇଥିବାରୁ ଅନ୍ୟ ପ୍ରତିଯୋଗୀଙ୍କ ଫଳାଫଳ ଉପରେ ନିର୍ଭର କରୁଛନ୍ତି। ସେହିପରି ଏଥିରେ ଭାଗ ନେଇଥିବା ସମସ୍ତ ୧୦ ଜଣ ଯାକ ଫ୍ରିଷ୍ଟାଇଲ ରେସଲର ଅଲିମ୍ପିକ୍ସ କୋଟା ଓ ପଦକ ବିନା ଟୁର୍ନାମେଣ୍ଟରୁ ବିଦା ହୋଇ ସାରିଛନ୍ତି।

## ସ୍କୁଲ୍ସ ଓପନ ଚେସ୍: ଉଦୟକାନ୍ତ ଚାମ୍ପିୟନ

ଭୁବନେଶ୍ୱର, ୨୦।୯
(ତପନ ସ୍ୱାଇଁ)



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

ଲିଙ୍ଗରାଜ କ୍ଲବ ଆନୁକୂଲ୍ୟରେ ଆୟୋଜିତ ସ୍କୁଲ୍ସ ଓପନ ଚେସ୍‌ରେ ଶାନ୍ତନୁ ଇଏମ୍ ସ୍କୁଲର ଉଦୟକାନ୍ତ ନାୟକ ଚାମ୍ପିୟନ ହୋଇଛନ୍ତି। ସେ ୪.୫ ପଏଣ୍ଟ ପାଇଛନ୍ତି। କେଦାରଗୌରୀ ସେଣ୍ଟ ଜାଭିୟର ସ୍କୁଲର ନମସ୍ୟ ନଳିନୀ ୪ ପଏଣ୍ଟ ସହିତ ରନରଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରୁଦ୍ର ପ୍ରତାପ ମିଶ୍ର, ବୈଭବ ଘୋଷ, ସତ୍ୟମ ଓଝା (ସମସ୍ତେ ୪ ପଏଣ୍ଟ), ଆୟୁଷ୍ମାନ ବେହେରା, ସ୍ୱସ୍ତିକ ବେହେରା, ସାତ୍ତ୍ୱିକ ପଟ୍ଟନାୟକ, ଶ୍ରୀନିକା ବଳବନ୍ତରାୟ ଓ ଅକ୍ଷିତ ଆଚାର୍ଯ୍ୟ (ସମସ୍ତେ ୩ ପଏଣ୍ଟ) ଟପ୍-୧୦ ଫିନିଶ୍ କରିଛନ୍ତି। ୭, ୯, ୧୧, ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ଏଜ୍ ଗ୍ରୁପ୍ ଏବଂ ଅନ୍ୟ ୪ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ସୁରେଶ ସ୍ୱାଇଁ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କର୍ପୋରେଟର ଶିବ ପ୍ରସାଦ ବେହେରା, ଦାଶରଥି ଗରାବଡୁ, ଗଣେଶ ପାଲ୍, ସରୋଜ ମିଶ୍ର ଓ ଲିଙ୍ଗରାଜ କ୍ଲବର ସମ୍ପାଦକ ଅଜୟ କୁମାର ଦାଶ ଉପସ୍ଥିତ ଥିଲେ। ପ୍ରତିଯୋଗିତା ପରିଚାଳନା କରିଥିଲେ ଆର୍ବିଟର ଦେବାଶିଷ ପାଣିଗ୍ରାହୀ।

## ଓଡ଼ିଶା ବାଳିକା ଫୁଟ୍‌ବଲ ଦଳ ଘୋଷିତ

ଭୁବନେଶ୍ୱର, ୨୦।୯
(ତପନ ସ୍ୱାଇଁ)

ଜାତୀୟ ଜୁନିୟର ବାଳିକା ଫୁଟବଲ ଚାମ୍ପିୟନଶିପ୍ ବୁଧବାରଠାରୁ ଭୁବନେଶ୍ୱରରେ ଆରମ୍ଭ ହୋଇଛି। ମ୍ୟାଚ ଗୁଡ଼ିକ ୟୁନିଟ-୩ସ୍ଥିତ କ୍ୟାପିଟାଲ ଫୁଟବଲ ଆରେନା ଓ ୭ମ ବାଟାଲିୟନ ପରିସରରେଥିବା ଓଡ଼ିଶା ଫୁଟବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ହେଉଛି। ଗ୍ରୁପ୍ 'ଡି'ରେ ସ୍ଥାନ ପାଇଥିବା ଓଡ଼ିଶା ଗୁରୁବାର କେରଳ ବିପକ୍ଷରେ ମ୍ୟାଚ ଖେଳି ଅଭିଯାନ ଆରମ୍ଭ କରିବ। ଓଡ଼ିଶା ଏହାର ଦ୍ୱିତୀୟ ମ୍ୟାଚ ୨୩ରେ ଅରୁଣାଚଳ ପ୍ରଦେଶ ଏବଂ ୨୫ରେ ଗୁଜରାଟ ବିପକ୍ଷରେ ଖେଳିବ। ଏହି ପ୍ରତିଯୋଗିତା ପାଇଁ ବୁଧବାର ଓଡ଼ିଶା ଦଳ ଘୋଷିତ ହୋଇଛି।

**ଓଡ଼ିଶା ଦଳ:** ପ୍ରଣତି ପତି, ସୁପ୍ରଭା ବାରିକ, ସୁସ୍ମିତା ପୁନ୍ (ସମସ୍ତେ ଗୋଲକିପର), ଅମ୍ଳେନ ପୂର୍ତ୍ତୀ, ଯଶମଣୀ ମୁର୍ମୁ, ପ୍ରତୀମା ବଙ୍ଗାଲ, ପୂର୍ଣ୍ଣିମା ସ୍ୱାଇଁ, ସାଇ ଭାଗ୍ୟଶ୍ରୀ ସାହୁ, ସୋନାଲି ସବର, ସୁମିତ୍ରା ସିଂ (ସମସ୍ତେ ଡିଫେଣ୍ଡର), ଅନିତା କୁମ୍ଭାର, ଅଙ୍କିତା ଟପ୍ପୋ, ବୈଶାଖି ଦେ, ପ୍ରୀୟା ଓରାମ, ରୁବିନା ନାୟକ, ସୁଲେଖା କହଁର (ସମସ୍ତେ ମିଡ୍‌ଫିଲ୍ଡର), ପ୍ରିୟାସା ସରକାର, ପୁନମ ଓରାମ, ରୂପଶ୍ରୀ ମୁଣ୍ଡା, ସରସ୍ୱତୀ ମାରାଣ୍ଡି ଓ ଶିଖା ମଲିକ (ସମସ୍ତେ ଫରଓ୍ୱାର୍ଡ)।
**ମୁଖ୍ୟ କୋଚ୍:** ଗୀତାଞ୍ଜଳି ଖୁଣ୍ଟିଆ, ସହକାରୀ କୋଚ୍: ଆଲୋଚନା ସେନାପତି। ଗୋଲକିପର କୋଚ୍: ଅମ୍ରିତ କୁମାର।

## ଜାତୀୟ କରାଟେ ପାଇଁ ୫୫ ଜଣିଆ ଓଡ଼ିଶା ଦଳ

ଭୁବନେଶ୍ୱର, ୨୦।୯
(ତପନ ସ୍ୱାଇଁ)

ଗୁରୁବାରଠାରୁ ଚଳିତ ମାସ ୨୪ ପର୍ଯ୍ୟନ୍ତ ଡେରାଡୁନଠାରେ ହେବାକୁଥିବା ଜାତୀୟ କରାଟେ ପ୍ରତିଯୋଗିତା ପାଇଁ ବୁଧବାର ଓଡ଼ିଶା ଦଳ ଘୋଷିତ ହୋଇଛି। ପ୍ରତିଯୋଗିତାର କ୍ୟାଡେଟ୍ ଜୁନିୟର, ୨୧ ବର୍ଷରୁ କମ୍ ଏବଂ ସିନିୟର ବର୍ଗ ନିମନ୍ତେ ମନୋନୀତ ୫୫ କରାଟେକା ବୁଧବାର ଡେରାଡୁନ ଯାତ୍ରା କରିଛନ୍ତି। ଓଡ଼ିଶା ରାଜ୍ୟ କରାଟେ ସଂଘଦ୍ୱାରା ମନୋନୀତ ଏହି ଦଳ କରାଟେ ଇଣ୍ଡିଆ ଅର୍ଗାନାଇଜେଶନ (କେଆଇଓ) ଦ୍ୱାରା ଆୟୋଜିତ ଜାତୀୟ କରାଟେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଓଡ଼ିଶା କରାଟେକାଙ୍କ ସହ କୋଚ୍‌ଭାବେ ଦୀପକ କୁମାର ସାମନ୍ତରା, ଖାରବେଳ ମଲିକ, ମହେଶ ଚନ୍ଦ୍ର ବରାଳ, ସନ୍ତୋଷ ମହାରଣା, ରାଜେନ୍ଦ୍ର କେଶରୀ ସାମଲ ଓ କେଜିକେ ପ୍ରତିହାରୀ ଏବଂ ମ୍ୟାନେଜର ଅଭିନାଷ ପୁଦିର ଓ ଅଫିସିଆଲଭାବେ ରାଜୀବ କୁମାର ସିଂ ଡେରାଡୁନ ଯାଇଛନ୍ତି। ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଉଥିବା ସମସ୍ତ କରାଟେକାଙ୍କୁ ରାଜ୍ୟ ସଂଘ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ ସହ ଅଂଶଗ୍ରହଣ ପାଇଁ ସହାୟତା ପ୍ରଦାନ କରିଥିବାରୁ ରାଜ୍ୟ କ୍ରୀଡ଼ା ବିଭାଗକୁ କୃତଜ୍ଞତା ଜଣାଯାଇଛି।

## ଲୁକ୍ ୱିଲିୟମ୍ସ ଆର୍‌ସିବି ମହିଳା ଦଳ କୋଚ୍

ବେଙ୍ଗାଲୁରୁ, ୨୦।୯ (ପି.ଟି.)

ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଫ୍ରାଞ୍ଚାଇଜି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ନୂତନ କୋଚ୍ ଭାବରେ ଲୁକ୍ ୱିଲିୟମ୍ସଙ୍କୁ ନିଯୁକ୍ତି ପ୍ରଦାନ କରିଛି। ପ୍ରଥମ ସିଜନରେ ବେନ୍ ସୟରଙ୍କ ଅଧୀନରେ ଦୟନୀୟ ପ୍ରଦର୍ଶନ ପରେ ମ୍ୟାନେଜମେଣ୍ଟ ଏହି ନିଷ୍ପତ୍ତି ନେଇଛି। ପ୍ରଥମ ସିଜନରେ ୫ ଦଳ ବିଶିଷ୍ଟ ଟୁର୍ନାମେଣ୍ଟର ଚତୁର୍ଥ ସ୍ଥାନରେ ରହିଥିଲା ଆରସିବି। ସ୍ମୃତି ମନ୍ଧାନା ଅଧିନାୟିକା ରହିଥିବା ବେଳେ ଏଲିସ୍ ପେରୀ, ସୋଫି ଡିଭାଇନ୍ ଓ ହିଥର ନାଇଟ୍‌ଙ୍କ ପରି ଖେଳାଳି ଏହି ଦଳରେ ସାମିଲ ଥିଲେ। ୪୩ ବର୍ଷୀୟ ଲୁକ୍ ବର୍ତ୍ତମାନ ମହିଳା ବିଗ ବାସ୍ ଲିଗ୍‌ରେ ଆଡିଲେଡ୍ ଷ୍ଟ୍ରାଇକର୍ସର କୋଚ୍ ରହିଛନ୍ତି। ଚଳିତ ସିଜନରେ ଷ୍ଟ୍ରାଇକର୍ସ ଚାମ୍ପିୟନ ହୋଇଥିବା ବେଳେ ପୂର୍ବ ଦୁଇ ସିଜନରେ ରନର ଅପ୍ ରହିଥିଲା। ଏହା ବ୍ୟତିତ ଦ ହଣ୍ଡ୍ରେଡରେ ସହକାରୀ କୋଚ୍ ଭାବରେ ସଦର୍ଣ୍ଣ ବ୍ରେଭକୁ ଚାମ୍ପିୟନ କରାଇଥିଲେ।



ଜାତୀୟ କରାଟେ ପ୍ରତିଯୋଗିତା ପାଇଁ ମନୋନୀତ ୫୫ଜଣିଆ ଓଡ଼ିଶା ଦଳ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନୂଆଁଖାଇରେ ଚାଷୀଙ୍କୁ ପ୍ରତାରଣା କରିଛନ୍ତି ସରକାର: ଭାଜପା

**ଭୁବନେଶ୍ୱର, ୨୦।୯ (ସୁନିତ୍ ମିଶ୍ର)**

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇକୁ ସମସ୍ତ ଚାଷୀ ପାଳନ କରୁଛନ୍ତି। ହେଲେ ଏହିଦିନ ରାଜ୍ୟ ସରକାର ଚାଷୀକୁ ପ୍ରତାରଣା, ଧୋକା ଓ ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି ବୋଲି ଭାଜପା ନେତା ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୁରୋହିତ କହିଛନ୍ତି, ୨୦୧୯ ନିର୍ବାଚନ ପୂର୍ବରୁ 'କାଳିଆ' ଯୋଜନାରେ ରାଜ୍ୟର ୭୫ ଲକ୍ଷ ଚାଷୀଙ୍କୁ ଆର୍ଥିକ ସହାୟତା ମିଳିବ ବୋଲି ଘୋଷଣା କରାଯାଇଥିଲା। ସେଥିରୁ ୫୦ ଲକ୍ଷ ଛୋଟ, କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୨୫ ଲକ୍ଷ ଭୂମିହୀନ ଚାଷୀଙ୍କୁ ସରକାର ୧୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇବେ ବୋଲି ଘୋଷଣା କରିଥିଲେ। ଯେଉଁମାନେ ଏହି କାଳିଆ ଯୋଜନାରେ ଟଙ୍କା ପାଇବେ ସେହି ଚାଷୀଙ୍କ ପୁଅ, ଝିଅମାନଙ୍କୁ ଉଚ୍ଚଶିକ୍ଷା ପାଇଁ ଛାତ୍ରବୃତ୍ତି ଦିଆଯିବ ବୋଲି ମଧ୍ୟ କୁହାଯାଇଥିଲା। ହେଲେ ରାଜ୍ୟ ସରକାର ଏପର୍ଯ୍ୟନ୍ତ ୭୫ ଲକ୍ଷ ଚାଷୀଙ୍କ ତାଲିକା ପ୍ରକାଶ କଲେ ନାହିଁ କିମ୍ବା କେନ୍ଦ୍ରକୁ ସେହି ତାଲିକା ପଠାଇଲେନାହିଁ। ଫଳରେ ସେହି ୭୫ ଲକ୍ଷ ଚାଷୀ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ତାଲିକାଭୁକ୍ତ ହୋଇ ନ ପାରି ଆର୍ଥିକ ସହାୟତା ପାଇବାରୁ ବଞ୍ଚିତ ହେଲେ। ସରକାର କାଳିଆ ଯୋଜନାରେ ୧୦ ହଜାର ଟଙ୍କା ଦେବେ ବୋଲି କହି ଚାଷୀଙ୍କୁ ୫ ହଜାର ଟଙ୍କା ଦେଲେ। ତାହା ପୁଣି ମଝିରେ ବନ୍ଦ କରିଦେଲେ। ନିର୍ବାଚନ ପାଖେଇବାରୁ ଏବେ ୪୪ ଲକ୍ଷ ଚାଷୀଙ୍କୁ କାଳିଆ ଯୋଜନାରେ ଆର୍ଥିକ ସହାୟତା ଦିଆଯିବ ବୋଲି ସରକାର ଘୋଷଣା କରିଛନ୍ତି। ତେବେ ପୂର୍ବ ଘୋଷିତ ୭୫ ଲକ୍ଷ ଚାଷୀଙ୍କ ଭିତରୁ ୩୧ ଲକ୍ଷ ଚାଷୀ କୁଆଡେ ଗଲେ ବୋଲି ପୁରୋହିତ ପ୍ରଶ୍ନ କରିଛନ୍ତି।


ଖବରଦାତା ସମ୍ମିଳନୀରେ ପ୍ରଦୀପ ପୁରୋହିତ।

# ବିଜେଡି ଛାଡ଼ିଲେ ତିରିଂ ବ୍ଲକ ଅଧ୍ୟକ୍ଷ

**ରାଇରଙ୍ଗପୁର, ୨୦।୯ (ମନୋରଞ୍ଜନ ତିରିଆ/ ମାନସ ମହାନ୍ତି)**


ପରମେଶ୍ୱର ସାମାଡ୍।

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଆଦିବାସୀ ନେତା ତଥା ତିରିଂ ବ୍ଲକ୍ ଅଧ୍ୟକ୍ଷ ପରମେଶ୍ୱର ସାମାଡ୍ ବୁଧବାର ବିଜେଡିରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫା ପତ୍ରକୁ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନିକଟକୁ ପଠାଇ ଦେଇଛନ୍ତି। ଦଳରେ ଚାଲିଥିବା ଆଭ୍ୟନ୍ତରୀଣ ଓ ଗୋଷ୍ଠୀ କନ୍ଦଳ ପାଇଁ ସେ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ଉଲ୍ଲେଖ କରିଛନ୍ତି। ପରମେଶ୍ୱର ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାରୁ ତାଙ୍କର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ସେ ତିରିଂ ବ୍ଲକ୍‌ରେ ଜେଏମ୍‌ଏମ୍‌ର ସଭାପତି ଭାବେ କାର୍ଯ୍ୟ କରିଛନ୍ତି। ୨୦୧୪ ବିଧାନସଭା ନିର୍ବାଚନ ସମୟରେ ତତ୍କାଳୀନ ଜେଏମ୍‌ଏମ୍ ରାଜ୍ୟ ସଭାପତି ତଥା ବର୍ତ୍ତମାନର ଶିକ୍ଷାମନ୍ତ୍ରୀ ସୁଦାମ ମାର୍ଣ୍ଡି ବିଜେଡିରେ ସାମିଲ ହେବାପରେ ପରେ ସେ ମଧ୍ୟ ବିଜେଡିରେ ଯୋଗ ଦେଇଥିଲେ।

# ୯ ବିଜେଡି ଶ୍ରମିକ ସାମ୍ମୁଖ୍ୟ ମୁଖ୍ୟ ସଂଯୋଜକ ନିଯୁକ୍ତ

**ଭୁବନେଶ୍ୱର, ୨୦।୯ (ଅନିଲ ଦାସ)**

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୯ ବିଜେଡି ଶ୍ରମିକ ସାମ୍ମୁଖ୍ୟର ମୁଖ୍ୟ ସଂଯୋଜକ(ଚିଫ୍ କୋଅର୍ଡିନେଟର) ନିଯୁକ୍ତ କରିଛନ୍ତି। ବୁଧବାର ବିଜେଡି ପକ୍ଷରୁ ଏ ନେଇ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତରେ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଅଲ୍ ଓଡ଼ିଶା ଆଶାକର୍ମୀ ସାମ୍ମୁଖ୍ୟର ଚିଫ୍ କୋଅର୍ଡିନେଟର ଭାବେ ସ୍ୱରୂପ କୁମାର ଦାସ, ନିରଞ୍ଜନ ପାତ୍ର ଏବଂ ପ୍ରଦୀପ କୁମାର ନାୟକଙ୍କୁ ନିଯୁକ୍ତ କରାଯାଇଥିବା ବେଳେ ଷ୍ଟ୍ରିଟ୍ ଭେଣ୍ଡର ସଂଘର ଚିଫ୍ କୋଅର୍ଡିନେଟର ଭାବେ ଯୁଗଳ ନାୟକ, ବିକାଶ ଦାସ ଏବଂ ଦେବେନ୍ଦ୍ର ପାଣିଗ୍ରାହୀଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି କୋଇଲା ଓ ଖଣି ଶ୍ରମିକ, ରେଲୱେ ଶ୍ରମିକ ଚିଫ୍ କୋଅର୍ଡିନେଟର ଭାବେ ସୁଶାନ୍ତ କୁମାର ବେହେରା, କୁନାବିହାରୀ ଦାସ ଏବଂ ପଞ୍ଚାନନ ସେନାପତି, ନିର୍ମାଣ ଶ୍ରମିକ ସଂଘ ପାଇଁ ବୈଦ୍ୟନାଥ ଦାସ, ରାଜେନ୍ଦ୍ର ଦାସ ଓ ବଳ ରାୟ, ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ସଂଘ ପାଇଁ ନିରଞ୍ଜନ ବିଶି, ବିକ୍ରମ ପଣ୍ଡା, ରବି ମହାନ୍ତି, ଓଡ଼ିଶା ଜିପିଏଲ୍‌ଏଫ୍ ମହାସଂଘ ପାଇଁ ଶ୍ରୀମୟୀ ଶ୍ୱେତାସ୍ମିଗ୍ଧା ମିଶ୍ର, ଦୀପାଳି ଦାସ, ସୁଭଦ୍ରା ଦାସ, ଓଡ଼ିଶା ସଡ଼କ ଓ ପରିବହନ କର୍ମଚାରୀ ମହାସଂଘ ପାଇଁ ସୁଜିତ କୁମାର, ପ୍ରଣବ ବଳବନ୍ତରାୟ, ମିହିର କୁମାର ରାଉତ, ନବ କିଶୋର ମହାନ୍ତିଙ୍କୁ ଚିଫ୍ କୋଅର୍ଡିନେଟର ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକା, ପାଚକ ମହାସଂଘ ପାଇଁ ଅନନ୍ତ ନାରାୟଣ ଜେନା, ଯୋଗେନ୍ଦ୍ର ସ୍ୱାଇଁ, ନିରଞ୍ଜନ ପାତ୍ର ଓ ପ୍ରଦୀପ କୁମାର ନାୟକ ଏବଂ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ଏବଂ ସହାୟିକା ମହାସଂଘର ଚିଫ୍ କୋଅର୍ଡିନେଟର ଭାବେ ପ୍ରୀତିରଞ୍ଜନ ଘଡ଼ାଇ, ସୁଲତା ଦେଓ, ଶର୍ମିଷ୍ଠା ସେଠୀ, ଲତିକା ପ୍ରଧାନ ଏବଂ ଦୁର୍ଗା ସାମନ୍ତରାୟଙ୍କୁ ନିଯୁକ୍ତି ଦିଆଯାଇଛି।

**CLASSIFIED DISPLAY**

MORE SPACE • SAME PRICE — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**BIJAYA FINANCE**

Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ । ସୁଧ ୨%

Mob:7656825212 7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Classified Everyday** 0674-2580101, 2549949




**SALE**

ଭୁବନେଶ୍ୱର କଟକ NH-16 ମଧ୍ୟରେ ଧାକୁଲେଇ ପାଠ ନିକଟରେ ଘର ଉପଯୋଗୀ ପ୍ଲଟ୍ 30ଫୁଟ୍ ରୋଡ୍, ଇଲେକ୍ଟ୍ରି ଥାଇ ସୁଲଭ ମୂଲ୍ୟରେ ମିଳୁଅଛି। ଯୋଗାଯୋଗ-7978729819, 7008756026. D-1244

ଭୁବନେଶ୍ୱର, ଗ୍ୟାରେଜ ଛକରେ 30' ରୋଡ୍ ଥାଇ ଘରବାଡ଼ି, ପାଚେରି ପ୍ଲଟ୍ ବିକ୍ରି ହେବ। 9827119799. D-1303

ଝିଅ ବିଭାଘର ପାଇଁ ପୁରୀ-ପିପିଲି-ଜଟଣୀ ରୋଡ୍‌ରେ ୩୦ ଫୁଟ ରୋଡ୍‌ଥାଇ ୫ ଗୁଣ୍ଠ ଜମିକୁ 32,00,000/- ବିକ୍ରି କରିବି - 9853150290. D-75217




All type of Gemstones, Astrology, Crystal, Vastu, Rudraksh, Yantra, Kavach at Wholesale-Retail @8093050401. D-1248

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open SPA positively health benefits with expert therapist. 9938843929. D-75149

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75037

Relax, Refresh your body, Mind at Saikrupa Spa with best therapies. 8984068077. D-1358

**ମନେ ପଡ଼ନ୍ତି**

**ତୃତୀୟ ଶ୍ରାଦ୍ଧୋତ୍ସବ**



**୰ମକାରୁ ଧାରୁଆ**

ପୂର୍ବତନ ସହକାରୀ ମତ୍ସ୍ୟ ଅଧିକାରୀ, ସୁବର୍ଣ୍ଣପୁର
ଆବିର୍ଭାବ- ୦୨।୦୪।୧୯୬୬
ତିରୋଧାନ- ୨୧।୦୯।୨୦୨୦

ତୁମର ଅନୁପସ୍ଥିତି ସବୁ ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ଧାରୁଆ ପରିବାର ଓ ବନ୍ଧୁ ପରିଜନ, ସିଆଳବହାଲି, ଲୋଇସିଂହା

ଧ-୧୩୫୭

# ୨୦୧୦ରେ ରାଜ୍ୟ ସଭାରେ ମହିଳା ସଂରକ୍ଷଣ ବିଲ୍ ପାସ୍ କରାଇଥିଲେ ଉପା ସରକାର: ଶରତ

**ଭୁବନେଶ୍ୱର, ୨୦।୯ (ସୁନିତ୍ ମିଶ୍ର)**

ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ସ୍ୱପ୍ନ ପୂରଣ କରିବା ପାଇଁ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଉପା ସରକାର ସମୟରେ ମହିଳା ସଂରକ୍ଷଣ ବିଲ୍‌କୁ ୨୦୧୦ ମାର୍ଚ୍ଚ ୯ ରେ ରାଜ୍ୟ ସଭାରେ ପାରିତ କରାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଲୋକ ସଭାରେ ପାରିତ ହୋଇପାରି ନ ଥିଲା। ତେବେ ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାରେ ମହିଳାମାନଙ୍କୁ ୩୩% ସଂରକ୍ଷଣ ଦିଆଯାଉ ବୋଲି ସୋନିଆ ଗାନ୍ଧୀ ପ୍ରଥମେ କହିଥିଲେ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି।

କଂଗ୍ରେସ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି, ୧୯୮୯ରୁ ମହିଳାମାନଙ୍କୁ ପଞ୍ଚାୟତ ଓ ନଗରପାଳିକାରେ ଏକତୃତୀୟାଂଶ ସଂରକ୍ଷଣ ଦେବା ପାଇଁ କଂଗ୍ରେସ ୭୩ତମ ସମ୍ବିଧାନ ସଂଶୋଧନ ବିଲ୍ ମାଧ୍ୟମରେ ଚେଷ୍ଟା କରିଥିଲା। ୧୯୯୩ରେ କଂଗ୍ରେସ ସରକାରରେ ଏହି ବିଲ୍ ପାରିତ ହେଲା। ତେଣୁ କଂଗ୍ରେସ ଏକମାତ୍ର ରାଜନୈତିକ ଦଳ ଯିଏ ମହିଳାଙ୍କୁ ସମଭାଗୀଦାରି କରିବାକୁ ପ୍ରତ୍ୟେକସ୍ତରରେ କାର୍ଯ୍ୟ କରୁଛି। ବିଜେଡି ଓ ଭାଜପା ମହିଳାମାନଙ୍କ ବିକାଶ ପାଇଁ ଏ ପର୍ଯ୍ୟନ୍ତ କୌଣସି ଠୋସ୍ ନିଷ୍ପତ୍ତି ନେଇନାହାନ୍ତି ବୋଲି ଶରତ କହିଛନ୍ତି। ସେ ଆହୁରି କହିଛନ୍ତି, କାଳିଆ ଯୋଜନାରେ ପ୍ରତିବର୍ଷ ଚାଷୀଙ୍କ ଆକାଉଣ୍ଟକୁ ୧୦ ହଜାର ଟଙ୍କା ଯିବ ବୋଲି କୁହାଯାଇଥିଲା। ଠିକ୍ ନିର୍ବାଚନ ପୂର୍ବରୁ ବଡ଼ ଜୋର୍‌ରେ ପ୍ରଚାର କରି କହିଲେ ଏହା କୃଷକମାନଙ୍କ ପାଇଁ ଏକ ଗେମଚେଞ୍ଜର ହେବ। କିନ୍ତୁ ୨୦୧୯ ନିର୍ବାଚନ ସରିଗଲା ପରେ କାଳିଆ ଯୋଜନରେ ବାର୍ଷିକ ଦୁଇଟି କିସ୍ତିରେ କୃଷକଙ୍କ ଖାତାକୁ ମାତ୍ର ୪ ହଜାର ଟଙ୍କା ଦିଆଯାଉଛି। ଦୀର୍ଘ ୧୩ ବର୍ଷ ଭିତରେ କୃଷକଙ୍କ ଆୟ ୩ ଟଙ୍କା ବି ବୃଦ୍ଧି ଘଟିନାହିଁ। ରାଜ୍ୟରେ ଏତେ ସଂଖ୍ୟକ ଚାଷୀ କାହିଁକି ମୃତ୍ୟୁବରଣ କରୁଛନ୍ତି। ସବୁ ଧାନ କାହିଁକି ଖରଦି କରାଯାଉନାହିଁ। କଟ୍‌ନି ଛଟ୍‌ନି କେବେ ବନ୍ଦ ହେବ, ଏହାର ସମାଧାନ ୨୩ ବର୍ଷରେ କାହିଁକି ହୋଇପାରିଲା ନାହିଁ ବୋଲି ଶରତ କହିଛନ୍ତି।

# ଦିଲ୍ଲୀରେ ନୂଆଁଖାଇ ପାଳିଲେ ମନ୍ତ୍ରୀ, ଏମ୍‌ପି


ଦିଲ୍ଲୀରେ ନୂଆଁଖାଇ ପାଳନ ଅବସରରେ ମନ୍ତ୍ରୀ ଓ ଏମ୍‌ପିମାନେ।

**ସମ୍ବଲପୁର, ୨୦।୯ (ଶୁଭାଶିଷ ପାଢ଼ୀ)**

କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ବୁଧବାର ନୂଆଁଦିଲ୍ଲୀଠାରେ ପାଳିତ ହୋଇଯାଇଛି। ଏଥିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ଏମ୍‌ପି ସୁରେଶ ପୂଜାରୀ, ବସନ୍ତ କୁମାର ପଣ୍ଡା, ସଂଗୀତା କୁମାରୀ ସିଂହଦେଓ ପ୍ରମୁଖ ଯୋଗଦେଇଥିଲେ। ନେତାମାନେ ମା'ଙ୍କୁ ପୂଜାର୍ଚ୍ଚନା କରି ସମସ୍ତଙ୍କ ସୁଖସମୃଦ୍ଧି ସହିତ ଜଗତର କଲ୍ୟାଣ କାମନା କରିଛନ୍ତି। ପଶ୍ଚିମଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସୀତ କୁମାର ତ୍ରିପାଠୀ ଭାଇଚାରାର ପରବ ନୂଆଁଖାଇକୁ ସମସ୍ତେ ଭେଦଭାବ ଭୁଲି ପାଳନ କରିଛନ୍ତି ବୋଲି କହିଛନ୍ତି। ସାଂସଦ ଡ. ସୁଜିତ କୁମାର, କୃଷିସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ପୂର୍ବତନ ଉନ୍ନୟନ କମିଶନର ସୁରେନ୍ଦ୍ର ନାଥ ତ୍ରିପାଠୀ, ଛତିଶଗଡ଼ର ବରିଷ୍ଠ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବ୍ରିଜମୋହନ ଅଗ୍ରୱାଲ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ନୂଆଁଖାଇର ଶୁଭକାମନା ଜଣାଇଛନ୍ତି। ପୂର୍ବତନ ଡିଜିପି ତଥା ଓଏସ୍‌ଏସ୍‌ସିର ଅଧ୍ୟକ୍ଷ ଅଭୟ ଏହି ପବିତ୍ର ଅବସରରେ ସମସ୍ତଙ୍କ ପାଇଁ ମାଁ ସମଲେଶ୍ୱରୀଙ୍କ ଆଶୀର୍ବାଦ କାମନା କରିଛନ୍ତି। ସେହିଭଳି ବିଶିଷ୍ଟ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ନୂଆଁଖାଇ ଅବସରରେ ମାଁ ସମଲେଇଙ୍କ ପ୍ରତିକୃତି ସହିତ ପୁରୀରେ ଏକ ବାଲୁକା କଳା ତିଆରି କରିଥିଲେ।




































# ଏବେ ବି ମନେପଡ଼େ..

ନିକଟରେ ଅନିଲ ଶର୍ମାଙ୍କ ନିର୍ଦ୍ଦେଶିତ 'ଗଦ୍ଦର-୨' ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଛି। ପୁଣି ଥରେ ସନି ଦେଓଲ ଏବଂ ଅମୀଷା ପଟେଲଙ୍କ ଯୋଡି ନିଜ ଅଭିନୟ ଦକ୍ଷତା ଦେଖାଇବାରେ ସକ୍ଷମ ହୋଇଛି। ଏହି ଫିଲ୍ମ ବିଷୟରେ ସୂଚନା ଦେଉ ଦେଉ ତାଙ୍କର 'ଗଦ୍ଦର' କଥା ମନେ ପଡିଯାଇଥିଲା। ଉକ୍ତ ଫିଲ୍ମର ନାୟିକା ଭୂମିକାରେ ଅଭିନୟ କରିବା ପୂର୍ବରୁ ସେ ଅଡିଶନ୍ ଦେଇଥିଲେ। ଏ ନେଇ ଅମୀଷା କୁହନ୍ତି, 'ଯେତେବେଳେ ଅନିଲ ସାର୍ ମୋତେ ଯୋଗାଯୋଗ କଲେ ସେତେବେଳେ କହିଲେ ଯେ, ଏହି ରୋଲ୍ ପାଇଁ ଅଡିଶନ ଦେବାକୁ ପଡିବ। ନିର୍ଦ୍ଦିଷ୍ଟ ଦିନ ମୁଁ ଅଡିଶନ ହଲ୍‌ରେ ପହଞ୍ଚି ଦେଖିଲି ଯେ ସେଠାରେ ପାଖାପାଖି ୫୦୦ ନବାଗତା ଅଡିଶନ ଦେବାକୁ ଅପେକ୍ଷା କରିଛନ୍ତି। ସାହସର ସହ ଅଡିଶନ ଦେଲି। ଯାହାହେଉ ଠାକୁରଙ୍କ ଆଶୀର୍ବାଦରୁ ମୁଁ ମନୋନୀତ ହୋଇଥିଲି। ପରବର୍ତ୍ତୀ ସମୟରେ ଫିଲ୍ମଟି ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହେଲା।'

ଅନ୍ୟପକ୍ଷରେ ପ୍ରଥମେ ଅମୀଷା ମଡେଲିଂ ସହ ଜଡିତ ଥିଲେ। ତା'ପରେ ଅଭିନୟ କ୍ଷେତ୍ରରେ ପାଦ ଦେଲେ। ପ୍ରଥମେ ସେ କେତୋଟି ଥିଏଟର ନାଟକରେ ଅଭିନୟ କରିଥିଲେ। ତା'ସହ କେତେକ ନାମୀ ବ୍ରାଣ୍ଡବିଶିଷ୍ଟ କମ୍ପାନୀର ବିଜ୍ଞାପନ ପାଇଁ କାମ କରିଥିଲେ ଅମୀଷା। ରାକେଶ ରୋଶନ ତାଙ୍କୁ ପ୍ରଥମେ ବଲିଉଡ୍‌ରେ ବ୍ରେକ୍ ଦେଇଥିଲେ। ଫିଲ୍ମଟି ଥିଲା 'କହୋ ନା ପ୍ୟାର ହୈ'।



ଅମୀଷା



# ଏଥର କମେଡି

କଥାରେ ଅଛି-'ଏ ମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା।' ଦେଖୁନାହାନ୍ତି ରକୁଲ୍ ପ୍ରୀତ୍ ସିଂ ଯାହା ଖୋଜୁଥିଲେ ତାହା ତାଙ୍କୁ କେମିତି ମିଳିଯାଇଛି। କଥା କ'ଣ କି ଜଣେ କମେଡି ଗୁରୁ ଖୋଜିବାରେ ବ୍ୟସ୍ତ ଥିଲେ ସେ। ହେଲେ ହାତ ପାଆନ୍ତାରେ ଯେ ତାହା ମିଳିଯିବ, କେବେ ଚିନ୍ତା କରି ନ ଥିଲେ। ତାଙ୍କର କମେଡି ଗୁରୁ କିଏ ଜାଣନ୍ତି ? ସେ ହେଲେ ଗୋବିନ୍ଦା। ନିକଟରେ ଏକ କାର୍ଯ୍ୟକ୍ରମରେ ତାଙ୍କ ସହ ରକୁଲ୍‌ଙ୍କର ଦେଖା ହୋଇଥିଲା। କଥାବାର୍ତ୍ତା ସମୟରେ ସେ ନିଜ ମନ କଥା କହିଥିଲେ। ବାସ୍ ତା'ପରେ ସତେଯେମିତି ତାଙ୍କୁ ଖୋଜିଲା ଚିଜ ମିଳିଯାଇଥିଲା। କମେଡି କରିବା ସମୟରେ କେଉଁ ବିଷୟ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ସେ ସମ୍ପର୍କରେ ବିଶଦ ଭାବରେ ବୁଝାଇ ଦେଇଥିଲେ। ଏ ସମ୍ପର୍କରେ ରକୁଲ୍ କୁହନ୍ତି, 'ସେଦିନ ଗୋବିନ୍ଦାଙ୍କ ସହ ଭେଟ ହେବା ପରେ ତାଙ୍କ ସହ କିଛି ସମୟ କଥା ହୋଇଥିଲି। ସେତିକିବେଳେ ତାଙ୍କୁ ମୋ ମନ କଥା କହିଥିଲି। ଯାହାହେଉ ସେ ମୋତେ କମେଡି ବିଷୟରେ ଅନେକ ଟିପ୍ସ ଦେଇଥିଲେ। ଏ ନେଇ ତାଙ୍କୁ ଯେତେ ଧନ୍ୟବାଦ ଦେବି ତାହା ସେତେ କମ୍ ହେବ।'

## ଅପେରା ହାଲ୍‌ଚାଲ୍

# ମିତ ପାଇଁ ପଢେ...

ଦୁଇ ମିତ କିପରି ପରସ୍ପର ଭିତରେ ଥିବା ଭଲ ପାଇବାକୁ ଦୃଢ଼ କରୁଛନ୍ତି, ଆଉ ତାକୁ ଭିତ୍ତିକରି ଜଣେ କିପରି ଅନ୍ୟ ଜଣଙ୍କ ପାଇଁ ତ୍ୟାଗ କରୁଛି ତାହାକୁ ଆଧାର କରି କାହାଣୀ ଗତିଶୀଳ। ଏଭଳି କାହାଣୀକୁ ନେଇ ରଚିତ ହୋଇଛି ଚଳିତବର୍ଷ ଦର୍ଶକଙ୍କୁ ପ୍ରଭାବିତ କରିଥିବା ଅପେରା ନାଟକ 'ମିତଲୋ, ତତେ ମିଛ -ମତେ ସତ'। ଅନ୍ୟତମ ଆଗଧାଡିର ଯାତ୍ରାନୁଷ୍ଠାନ କୋଣାର୍କ ଗଣନାଟ୍ୟ ଦ୍ୱାରା ପରିବେଷିତ ଏହି ନାଟକ ସାଉଁଟି ଚାଲିଛି ପ୍ରଶଂସା। ଏହାକୁ ରଚନା କରିଛନ୍ତି ଲୋକପ୍ରିୟ ନାଟ୍ୟକାର ଅରୁଣ ବାରିକ। ଏ ନେଇ ସେ କହନ୍ତି, 'ନାଟକଟିର ସଂଳାପ କିପରି ପ୍ରତ୍ୟେକ ଦର୍ଶକଙ୍କ ମନକୁ ଛୁଇଁ ପାରିବ ସେ ନେଇ ଗୁରୁତ୍ୱ ଦେଇଥିଲି। ଏବେ ନାଟକଟି ସଫଳତା ହାସଲ କରିବା ପରେ ମୋର ପରିଶ୍ରମ ସାର୍ଥକ ହୋଇଛି ବୋଲି ଭାବୁଛି।' ଉକ୍ତ ନାଟକଟିର ନିର୍ଦ୍ଦେଶନା ଦେଇଛନ୍ତି କ୍ରିଷ୍ଣା ସ୍ୱାଇଁ। ଦୁଇ ମିତ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ମିଟୁନା ଏବଂ ନଳିନୀଙ୍କ ଅଭିନୟ ବେଶ୍ ବଳିଷ୍ଠ ତଥା ହୃଦୟସ୍ପର୍ଶୀ ହୋଇଛି। ଅନ୍ୟପକ୍ଷରେ ଚଳିତ ଯାତ୍ରା ଋତୁରେ ଅରୁଣଙ୍କ ରଚିତ ଆହୁରି ତିନୋଟି ନାଟକ-'ତୁ ରଜାଝିଅ ମୁଁ ରିକ୍ସାବାଲା' (ଅପେରା ସୂର୍ଯ୍ୟମନ୍ଦିର), 'ଲାଗିଲାରେ ପ୍ରୀତି ରଙ୍ଗ ଲାଗିଲା'(ଗୌରୀ ଗଣନାଟ୍ୟ) ଏବଂ 'ମଝି ନଈରେ ଘର' (ବିଶ୍ୱ ଦରବାର) ପରିବେଷିତ ହେଉଛି।



ଅରୁଣ ବାରିକ

## ପରଦାରେ

# ପ୍ରତିଶୋଧ

ଜୀ-ସାର୍ଥକ ଫିଲ୍ମସ ନିବେଦିତ ଏବଂ କ୍ଷୀରୋଦ ପଟ୍ଟନାୟକଙ୍କ ପ୍ରଯୋଜିତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ପ୍ରତିଶୋଧ' ଚଳିତ ମାସ ୨୨ରେ ପ୍ରେକ୍ଷାଳୟରେ ରିଲିଜ ହେବାକୁ ଯାଉଛି। ଅଦମ୍ୟ ମନୋବଳ ଦ୍ୱାରା ଜଣେ ସାହସିନୀ ଓଡ଼ିଆ ନାରୀ କିପରି ନିଜର ଲକ୍ଷ୍ୟ ହାସଲ କରିପାରୁଛି ତାହା ଏହି ଫିଲ୍ମରେ ଦେଖିବାକୁ ମିଳିବ। ଉକ୍ତ ଚିତ୍ରଟି ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ଦୃଢ଼ ଆଶା ରଖିଛନ୍ତି ଜୀ ସାର୍ଥକର ଚିଫ ଚାନେଲ ଅଫିସର ପ୍ରତୀକ ସିଲ। ଏହାର ନିର୍ଦ୍ଦେଶନା ଦେଇଛନ୍ତି ସାଇ ସ୍ୱରାଜ ମଙ୍ଗରାଜ। ସୂର୍ଯ୍ୟ ମହାପାତ୍ରଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଗୁଡଲି ରଥ। କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ, ସତ୍ୟଜିତ ପ୍ରଧାନ ଓ ଲିପ୍ସା ମହାପାତ୍ର। ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଚୁଲବୁଲି ନାୟିକା ଏଲିନା ସାମନ୍ତରାୟ। ଅନ୍ୟପକ୍ଷରେ ବିଭିନ୍ନ ଭୂମିକାରେ କୁନା ତ୍ରିପାଠୀ, ସମରେଶ ରାଉତରାୟ, ବବି ମିଶ୍ର, ପୀୟୁଷ ତ୍ରିପାଠୀ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ଫିଲ୍ମର ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା । ଗୀତଗୁଡିକର କୋରିଓଗ୍ରାଫି କରିଛନ୍ତି ବିଶିଷ୍ଟ ନୃତ୍ୟ ନିର୍ଦ୍ଦେଶକ ବବି ଇସଲାମ।



'ପ୍ରତିଶୋଧ' ଫିଲ୍ମରେ ଏଲିନା

# ଅବସର ମିଳିଲେ..

ଆମୀର ଖାଁଙ୍କ ଅଭିନୀତ ତଥା ସୁପରହିଟ୍ ଫିଲ୍ମ 'ଦଙ୍ଗଲ' ସାନ୍ୟା ମାଲହୋତ୍ରାଙ୍କୁ ଦେଇଥିଲା ସ୍ୱତନ୍ତ୍ର ପରିଚୟ। ଏହି ଫିଲ୍ମରେ ବବିତା ଫୋଗତ ଭୂମିକାରେ ଅଭିନୟ କରିଥିଲେ ସେ। ଅଭିନୟ ସିନା ତାଙ୍କ ପାଇଁ ନିଶା ପାଲଟି ଯାଇଛି, ହେଲେ ଯେତେବେଳେ ତାଙ୍କୁ ଅବସର ମିଳେ ସେ କ'ଣ କରନ୍ତି ଜାଣନ୍ତି ? ଏହି ସମୟରେ ସେ ଡ୍ୟାନ୍ସ ପ୍ରାକ୍ଟିସ କରିବାକୁ ପସନ୍ଦ କରନ୍ତି। ତା'ସହ ମନ ପସନ୍ଦର ବହି ପଢ଼ନ୍ତି। କେବଳ ସେତିକି ନୁହେଁ, ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲିବାକୁ ଯାଇଥାଆନ୍ତି ସେ। 'ମୋତେ ଯେତେବେଳେ ଶୁଟିଂରୁ ଅବସର ମିଳେ ମୁଁ ସେହି ସମୟକୁ ନଷ୍ଟ କରିବାକୁ ଚାହିଁ ନ ଥାଏ। ସମୟ ମିଳିବା ମାତ୍ରେ ମୁଁ ଡ୍ୟାନ୍ସ ପ୍ରାକ୍ଟିସ କରିଥାଏ। ପିଲାଟି ଦିନରୁ ନାମୀ ଲେଖକଙ୍କର ବହି ପଢ଼ିବା ମୋର ଆଉ ଏକ ଅଭ୍ୟାସ।' ସୂଚନାଯୋଗ୍ୟ ନିକଟରେ ରିଲିଜ ହୋଇ ହିଟ୍ ସାବ୍ୟସ୍ତ ହୋଇଥିବା ଫିଲ୍ମ 'ଜଓ୍ୱାନ'ରେ ସେ ଅଭିନୟ କରିଛନ୍ତି।



ସାନ୍ୟା

# ଭାଗ୍ୟବତୀ କଙ୍ଗନା

କଙ୍ଗନା ରାଣାଓ୍ୱତ ଇତି ମଧ୍ୟରେ ବେଶ୍ କେତୋଟି ହିଟ୍ ସିନେମାରେ ଅଭିନୟ କରିସାରିଛନ୍ତି। କେବଳ ସେତିକି ନୁହେଁ, ଜାତୀୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିବାରେ ମଧ୍ୟ ସକ୍ଷମ ହୋଇଛନ୍ତି ସେ। ଯେତେବେଳେ ଏହି ଅଭିନେତ୍ରୀ ବଲିଉଡ୍‌ରେ ଏଣ୍ଟ୍ରି କଲେ ସେତେବେଳେ ତାଙ୍କୁ କେତେ ବୟସ ହୋଇଥିଲା ଜାଣନ୍ତି ? ମାତ୍ର ୧୯। ତାଙ୍କ ଅଭିନୀତ ଡେବ୍ୟୁ ଫିଲ୍ମଟି ଥିଲା 'ଗ୍ୟାଙ୍ଗଷ୍ଟର'। ପ୍ରଯୋଜକ ମହେଶ ଭଟ୍ଟ ପ୍ରଥମେ ଏହି ଭୂମିକା ପାଇଁ ଚିତ୍ରାଙ୍ଗଦା ସିଂଙ୍କୁ ସାଇନ୍ କରିବାକୁ ସ୍ଥିର କରିଥିଲେ। ହେଲେ ସେ ମନା କରିବାରୁ ଜଣେ ନୂଆ ମୁହଁକୁ ବ୍ରେକ୍ ଦେବାକୁ ଚାହିଁଥିଲେ ମହେଶ। ସେତିକି ବେଳକୁ ତାଙ୍କ ନଜରକୁ ଆସିଥିଲେ କଙ୍ଗନା। ଭଲ ଭାବରେ ଚିନ୍ତା କରିବା ପରେ ପ୍ରଯୋଜକ ଶେଷ ନିଷ୍ପତ୍ତି ନେଇଥିଲେ ଯେ ପ୍ରକୃତରେ ଏଭଳି ଭୂମିକା ପାଇଁ କେବଳ କଙ୍ଗନା ହିଁ ଫିଟ୍। ତେଣୁ କାଳବିଳମ୍ବ ନ କରି ସେ ତାଙ୍କୁ ଯୋଗାଯୋଗ କରିଥିଲେ। ଆଉ ମହେଶଙ୍କ ପରି ନାମୀ ପ୍ରଯୋଜକଙ୍କ ନିକଟରୁ ଏଭଳି ଅଫର ପାଇବା ପରେ ଖୁସିରେ ଉଛୁଳି ଉଠିଥିଲେ କଙ୍ଗନା। ବାସ୍, ଡେରି ନ କରି ନିଜର ସମ୍ମତି ମଧ୍ୟ ଜଣାଇ ଦେଇଥିଲେ। ମହେଶଙ୍କ ପ୍ରଯୋଜିତ ଏହି ଫିଲ୍ମଟିର ନିର୍ଦ୍ଦେଶକ ଥିଲେ ଅନୁରାଗ ବସୁ। କଙ୍ଗନାଙ୍କ ବ୍ୟତୀତ ଏଥିରେ ସାଇନି ଆହୁଜା, ଇମ୍ରାନ ହାସମୀ, ଗୁଲସନ ଗ୍ରୋଭରଙ୍କ ପରି କଳାକାରଙ୍କୁ ଦେଖିବାକୁ ମିଳିଥିଲା।



# ପୁଣି ଥରେ ଅରିନ୍ଦମ-ଅନୁଭବ

ଥରେ ମନେ ପକାନ୍ତୁ ନା ପ୍ରଶାନ୍ତ ନନ୍ଦଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମା 'କାଳୀ ଶଙ୍କର'କୁ। ଏଥିରେ ସିଦ୍ଧାନ୍ତ ମହାପାତ୍ର, ବିଜୟ ମହାନ୍ତି, ବଲିଉଡ୍ ଅଭିନେତା ଆଶିଷ ବିଦ୍ୟାର୍ଥୀଙ୍କ ବ୍ୟତୀତ ଅନୁଭବ ଏବଂ ଅରିନ୍ଦମ ମଧ୍ୟ ଅଭିନୟ କରିଥିଲେ। ଆଉ ଏବେ ଏହି ଯୋଡିକୁ ପୁଣି ଥରେ ବଡ ପରଦାରେ ଦେଖିବାକୁ ମିଳିବ। ଅରିନ୍ଦମଙ୍କ ଦ୍ୱାରା ପ୍ରଯୋଜିତ ତଥା ନିର୍ମାଣାଧୀନ ଦ୍ୱିଭାଷୀ (ଓଡ଼ିଆ-ବଙ୍ଗଳା) ଫିଲ୍ମ 'ରାମ୍'ରେ ଅନୁଭବ ଏକ ବିଶେଷ ଭୂମିକାରେ ଅଭିନୟ କରୁଛନ୍ତି। ଆଉ ଏଥିରେ ନାୟକ ସାଜିଛନ୍ତି ଅରିନ୍ଦମ। ଖାସ୍ କଥା ହେଲା ଆଉ ଦିନ କେଇଟା ପରେ ଅର୍ଥାତ୍ ଆସନ୍ତା ଦଶହରାରେ ଏହି ବିଗ୍ ବଜେଟ୍‌ର ଫିଲ୍ମ ରିଲିଜ ହେବ। ଏ ବିଷୟରେ ଅରିନ୍ଦମ କୁହନ୍ତି, 'ମୁଁ ସବୁବେଳେ ଡିଫରେଣ୍ଟ ରୋଲ୍‌ରେ ଦର୍ଶକଙ୍କ ସାମ୍ନାକୁ ଆସିବାକୁ ଚାହିଁଥାଏ। ଏଥର ଦଶହରାରେ ଓଡ଼ିଆ ଦର୍ଶକ ଭିନ୍ନ ଧରଣର ସିନେମାଟିଏ ଦେଖିବାକୁ ପାଇବେ। ତାହା ପୁଣି ଥରେ ମୋ ସହ ଅନୁଭବଙ୍କ କେମେଷ୍ଟ୍ରି ଦର୍ଶକଙ୍କୁ ମତୁଆଲା କରିବ ବୋଲି ମୋର ଆଶା।' ଏହାର ନିର୍ଦ୍ଦେଶନା ଦେଉଛନ୍ତି ଓଡ଼ିଆ ସିନେମା ଜଗତର ଅନ୍ୟତମ ଆଗଧାଡିର ନିର୍ଦ୍ଦେଶକ ଅଶୋକ ପତି। ଚିତ୍ରନାଟ୍ୟ ଓ ସଂଳାପ ଦାୟିତ୍ୱରେ ଭାରଦ୍ୱାଜ ପଣ୍ଡା ରହିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅସାଦ ନିଜାମ। ସିନେମାର ବିଭିନ୍ନ ଭୂମିକାରେ ରୂପସା, ପିଙ୍କି ପ୍ରଧାନ, ପ୍ରଦ୍ୟୁମ୍ନ ଲେଙ୍କା, ସଣ୍ଟୁ, ଫେସବୁକ୍‌ର 'ସାହୁ ବାବୁ' ଫେମ୍ ରାଜୁ ଦାସ ଏବଂ କେତେକ ବଙ୍ଗୀୟ କଳାକାର ଅଭିନୟ କରୁଛନ୍ତି।



'ରାମ୍' ଫିଲ୍ମରେ ଅନୁଭବ - ଅରିନ୍ଦମ

# ହରମନ୍‌ପ୍ରୀତ୍, ଲଭଲିନା ଧ୍ୱଜା ବାହକ





ହର୍‌ମନପ୍ରୀତ ସିଂ ଓ ଲଭଲିନା ବୋର୍ଗୋହେନ।

ନୂଆଦିଲ୍ଲୀ, ୨୦।୯ (ପି.ଟି.)

ଏସିଆନ୍ ଗେମ୍ସ ୨୦୨୩ ଚାଇନାର ହାଙ୍ଗଝୋରେ ଅନୁଷ୍ଠିତ ହେଉଛି। ସେପ୍ଟେମ୍ବର ୨୩ରୁ ଏହି ଇଭେଣ୍ଟ ଅନୁଷ୍ଠିତ ହେବାକୁ ଥିବା ବେଳେ ପୁରୁଷ ହକି ଦଳର ଅଧିନାୟକ ହରମନ୍‌ପ୍ରୀତ୍ ସିଂ ଓ ମହିଳା ବକ୍ସର ଲଭଲିନା ବୋର୍ଗୋହେନଙ୍କୁ ଭାରତର ଧ୍ୱଜାବାହକ ଭାବରେ ଘୋଷଣା କରାଯାଇଛି। ବୁଧବାର ଭାରତୀୟ ଅଲିମ୍ପିକ୍ସ ମହାସଂଘ(ଆଇଓଏ) ପକ୍ଷରୁ ଏହି ଘୋଷଣା କରାଯାଇଛି। ଫଳରେ ଉଦ୍‌ଘାଟନୀ ଉତ୍ସବରେ

**ଏସିଆନ୍ ଗେମ୍ସ ୨୦୨୩**

ଉଭୟ ଖେଳାଳି ଭାରତର ଜାତୀୟ ପତାକା ଧରିବାର ସୁଯୋଗ ପାଇବେ। ଭାରତ ଚଳିତ ଥର ୬୫୫ ଜଣ ଆଥଲେଟଙ୍କୁ ପଠାଇଛି। ଏସିଆନ୍ ଗେମ୍ସ ଇତିହାସରେ ଏହା ଭାରତର ସବୁଠାରୁ ବଡ ଦଳ। ଆଇଓଏରେ ଦୀର୍ଘ ସମୟ ଆଲୋଚନା ପରେ ଏହି ଦୁଇ ଖେଳାଳିଙ୍କ ନାମ ଚୟନ ହୋଇଥିବା ନେଇ ଭାରତୀୟ ଦଳର ଚେଫ୍ ଡେ ମିଶନ୍ ଭୂପେନ୍ଦ୍ର ସିଂ ବାଜୱା ଘୋଷଣା କରିଛନ୍ତି। ୨୦୧୮ ଜାକାର୍ତ୍ତା ଏସିଆନ୍ ଗେମ୍ସରେ ନୀରଜ ଚୋପ୍ରା ଭାରତର ଧ୍ୱଜାବାହକ ରହିଥିଲେ। ପ୍ରଥମ ଥର ପାଇଁ ଉଭୟ ପୁରୁଷ ଓ ମହିଳା ଆଥଲେଟଙ୍କୁ ସୁଯୋଗ ଦେବା ଲକ୍ଷ୍ୟରେ ଦୁଇ ଜଣ ଧ୍ୱଜାବାହକଙ୍କ ନାମ ଘୋଷଣା କରାଯାଇଛି ବୋଲି କହିଛନ୍ତି ବାଜୱା।

ମହିଳା ବକ୍ସର ଲଭଲିନା ଟୋକିଓ ୨୦୨୦ରେ ୬୯ କିଗ୍ରା ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ବେଳେ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ଚଳିତ ବର୍ଷ ୭୫ କିଗ୍ରାର ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରି ସେ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଅନ୍ୟ ପକ୍ଷରେ ହରମନ୍‌ପ୍ରୀତ୍ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଡ୍ରାଗ୍ ଫ୍ଲିକର୍ ହରମନ୍‌ପ୍ରୀତ୍ ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଦଳର ସଦସ୍ୟ ରହିଥିଲେ। ୪ ଦଶନ୍ଧିର ପ୍ରତୀକ୍ଷାର ଅନ୍ତ ଘଟାଇ ଭାରତୀୟ ପୁରୁଷ ହକି ଦଳ ଏକ ଅଲିମ୍ପିକ୍ସ ପଦକ ହାସଲ କରିଥିଲା। ହାଙ୍ଗଝୋ ଏସିଆନ୍ ଗେମ୍ସରେ ଭାରତୀୟ ଦଳ ସ୍ୱର୍ଣ୍ଣ ପଦକ ସହିତ ସିଧାସଳଖ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ ଲକ୍ଷ୍ୟରେ ରହିଛି। ଚଳିତ ଏସିଆନ୍ ଗେମ୍ସ ପାଇଁ ବାଜୱାଙ୍କୁ ଚେଫ୍ ଡେ ମିଶନ ନିଯୁକ୍ତ କରାଯାଇଥିବା ବେଳେ ୪ ଜଣ ଡେପୁଟୀ ତାଙ୍କୁ ସହାୟତା କରିବେ।

# ନକ୍‌ଆଉଟରେ ପୁରୁଷ ଭଲିବଲ ଦଳ

ହାଙ୍ଗଝୋ, ୨୦।୯ (ପି.ଟି.)

ଏସିଆନ୍ ଗେମ୍ସ ୨୦୨୩ ର ପୁରୁଷ ଭଲିବଲ ଇଭେଣ୍ଟର ନକ୍‌ଆଉଟ ରାଉଣ୍ଡରେ ପ୍ରବେଶ କରିଛି ଭାରତ। ବୁଧବାର ଅପେକ୍ଷାକୃତ ଶକ୍ତିଶାଳୀ ଦକ୍ଷିଣ କୋରିଆକୁ ଏକ ଗ୍ରୁପ୍ ମ୍ୟାଚରେ ପରାସ୍ତ କରିବା ସହିତ ଭାରତ ନକ୍‌ଆଉଟରେ ପ୍ରବେଶ କରିଛି। ୨୦୧୮ ଜାକାର୍ତ୍ତା ଗେମ୍ସରେ ରୌପ୍ୟ ପଦକ ବିଜେତା କୋରିଆକୁ ୫ ସେଟ୍ ବିଶିଷ୍ଟ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଭାରତ ୩-୨ରେ ହରାଇଥିଲା। ୨ ଘଣ୍ଟା ୩୮ ମିନିଟ ଧରି ଚାଲିଥିବା ଏହି ମ୍ୟାଚକୁ ଭାରତ ୨୫-୨୭, ୨୯-୨୭, ୨୫-୨୨, ୨୦-୨୫ ଓ ୧୭-୧୫ରେ ଜିତି ନେଇଥିଲା। ଅମିତ ଗୁଲିଆ ଓ ଅଶ୍ୱଲ ରାୟ ଭାରତ ପକ୍ଷରୁ ଷ୍ଟାର ପର୍ଫମର ରହିଥିଲେ। ଭାରତ ଏହାର ପ୍ରଥମ ମ୍ୟାଚ୍‌ରେ କାମ୍ବୋଡିଆକୁ ୩-୦ରେ ପରାସ୍ତ କରିଥିଲା। ଭାରତୀୟ ଦଳ ଏହାର ପରବର୍ତ୍ତୀ ମ୍ୟାଚରେ ଚାଇନିଜ୍ ତାଇପେ ଓ ମଙ୍ଗୋଲିଆ ମ୍ୟାଚ୍‌ର ବିଜେତାକୁ ଭେଟିବ। ଶେଷ ଥର ପାଇଁ ୧୯୮୬ ମସିହାରେ ଭାରତ ଏସିଆନ୍ ଗେମ୍ସ ଭଲିବଲରେ ଏକ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲା।

# ୧୯୯୯: ଓଡ଼ିଶାର ଦେବାଶିଷଙ୍କ ପାଇଁ ସ୍ମରଣୀୟ

ଦିନିକିଆ କ୍ରିକେଟ ପୁରୁଷ ବିଶ୍ୱକପ୍‌ର ସପ୍ତମ ସଂସ୍କରଣ ପୁନର୍ବାର ଇଂଲଣ୍ଡକୁ ଫେରିଥିଲା। ଷ୍ଟିଭ୍ ୱାଙ୍କ ବଳିଷ୍ଠ ନେତୃତ୍ୱରେ ଅଷ୍ଟ୍ରେଲିଆ ଏହାର ଦ୍ୱିତୀୟ ଟାଇଟଲ କରାୟତ୍ତ କରିଥିଲା। ତେବେ ଏହି ବିଶ୍ୱକପ୍‌ରେ ପ୍ରଥମ ଥର ଦେଖିବାକୁ ମିଳିଥିଲା ଓଡ଼ିଶା କନେକ୍ସନ୍। ଓଡ଼ିଶାର ପ୍ରଥମ ଖେଳାଳି ଭାବରେ ଏକ କ୍ରିକେଟ ବିଶ୍ୱକପ୍‌ରେ ଭାରତୀୟ ଦଳ ପକ୍ଷରୁ ଖେଳିଥିଲେ ଦ୍ରୁତ ବୋଲର ଦେବାଶିଷ ମହାନ୍ତି। ୬ ମ୍ୟାଚ୍‌ରେ ଖେଳିବାର ସୁଯୋଗ ପାଇଥିବା ଦେବାଶିଷ ଭାରତର ଦ୍ୱିତୀୟ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ରହିଥିଲେ। ସେ ନିଜ କ୍ୟାରିୟର ଶ୍ରେଷ୍ଠ ବୋଲିଂ କରିବା ସହିତ ୬ ମ୍ୟାଚ୍‌ରୁ ନେଇଥିଲେ ୧୦ ଉଇକେଟ। ବ୍ରିଷ୍ଟଲରେ କେନିଆ ବିପକ୍ଷରେ ୪/୫୬ର ବୋଲିଂ ଫିଗର ସହିତ ମହାନ୍ତି ହାସଲ କରିଥିଲେ ନିଜ ଦିନିକିଆ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ। ଭାରତ ପକ୍ଷରୁ ୪୫ ଦିନିକିଆ ଖେଳି ୫୭ ଉଇକେଟ ନେଇଥିବା ଦେବାଶିଷ ଏକମାତ୍ର ଓଡ଼ିଆ ଭାବରେ ବିଶ୍ୱକପ୍ ଇତିହାସରେ ରଚିଥିଲେ ଇତିହାସ।

ବିଶ୍ୱକପ୍‌ର ପ୍ରଥମ ୩ ସଂସ୍କରଣ ଇଂଲଣ୍ଡରେ ଆୟୋଜିତ ହୋଇଥିବା ବେଳେ ପରବର୍ତ୍ତୀ ୩ ସଂସ୍କରଣ ଭିନ୍ନ ଭିନ୍ନ ଦେଶରେ ହୋଇଥିଲା। ସପ୍ତମ ସଂସ୍କରଣ ପୁନର୍ବାର ଇଂଲଣ୍ଡକୁ ଫେରିଥିବା ବେଳେ ସ୍କଟ୍‌ଲାଣ୍ଡ, ନେଦରଲାଣ୍ଡ୍ସ, ଆୟର୍ଲାଣ୍ଡ ଓ ୱେଲ୍ସ ସହଆୟୋଜକ ରହିଥିଲେ। ୧୨ଦଳ ଟୁର୍ନାମେଣ୍ଟରେ ଭାଗ ନେଇଥିବା ବେଳେ ସମୁଦାୟ ୪୨ଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ଥର ପାଇଁ ସୁପର-୬ ଫର୍ମାଟରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ୧୨ ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ୩ ଦଳ ସୁପର ସିକ୍ସକୁ ଉନ୍ନୀତ ହୋଇଥିଲେ। ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଜିମ୍ବାୱେ ଓ ଭାରତ ସୁପର ସିକ୍ସକୁ ଉନ୍ନୀତ ହୋଇଥିଲେ। ଭାରତ ଓ ଜିମ୍ବାୱେ ସୁପର ସିକ୍ସରୁ ବାଦ୍ ପଡିଥିବା ବେଳେ ଅନ୍ୟ ୪ ଦଳ ସେମିଫାଇନାଲ ଖେଳିଥିଲେ।

ଭାରତ ସୁପର ସିକ୍ସରେ ୫ ମ୍ୟାଚ୍‌ରୁ ୪ଟିରେ ପରାଜୟ ବରଣ କରି ବିଦାୟ ନେଇଥିଲା। ତେବେ ଇଂଲଣ୍ଡର ବୋଲିଂ ସହାୟକ ପିଚ୍‌ରେ ଭାରତୀୟ ପେସ୍ ବୋଲରମାନେ ଚମତ୍କାର ପ୍ରଦର୍ଶନ କରିଥିଲେ। ଜଭାଗଲ ଶ୍ରୀନାଥ ସର୍ବାଧିକ ୧୨ ଓ ଦେବାଶିଷ ମହାନ୍ତି ୧୦ ଉଇକେଟ ନେଇଥିଲେ। ବ୍ୟାଟିଂରେ ରାହୁଲ ଦ୍ରାବିଡ ୪୬୧ ରନ୍ ସହିତ ଟୁର୍ନାମେଣ୍ଟର ହାଇଏଷ୍ଟ ସ୍କୋରର ରହିଥିଲେ। ୮ ମ୍ୟାଚରୁ ସେ ୨ ଶତକ ଓ ୩ ଅର୍ଦ୍ଧଶତକ ହାସଲ କରିଥିଲେ। ସୌରଭ ଗାଙ୍ଗୁଲି ଗୋଟିଏ ଲେଖାଏ ଶତକ ଓ ଅର୍ଦ୍ଧଶତକ ସହିତ ୩୭୯ ରନ୍ କରିଥିଲେ। ରବିନ୍ ସିଂ ଚମତ୍କାର ଅଲରାଉଣ୍ଡ ପ୍ରଦର୍ଶନ ସହିତ ୧୫୭ ରନ କରି ୮ ଉଇକେଟ ଅକ୍ତିଆର କରିଥିଲେ।

**ପିତାଙ୍କ ମୃତ୍ୟୁ ପରେ ଶତକ:** ଭାରତୀୟ କ୍ରିକେଟର କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ପିତା ରମେଶ ତେନ୍ଦୁଲକରଙ୍କ ମେ' ୧୯, ୧୯୯୯ରେ ମୃତ୍ୟୁ ଘଟିଥିଲା। ଏହାପରେ ତେନ୍ଦୁଲକର ଭାରତ ପ୍ରତ୍ୟାବର୍ତ୍ତନ କରି ପରିବାର ସହ ୪ ଦିନ ବିତାଇଥିଲେ। ତେବେ ପୁନର୍ବାର ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ କରିବା ସହିତ ବ୍ରିଷ୍ଟଲରେ କେନିଆ ବିପକ୍ଷରେ ଅପରାଜିତ ୧୪୦ ରନ୍‌ର ଇନିଂସ ଖେଳିଥିଲେ। ଏହି ବିଜୟ ସହ ଭାରତ ସୁପରସିକ୍ସରେ ପ୍ରବେଶ କରିଥିଲା।

**ଚୋକର୍:** ଏହି ବିଶ୍ୱକପ୍‌ର ସେମିଫାଇନାଲରେ ପରାଜିତ ହେବା ସହିତ ଦକ୍ଷିଣ ଆଫ୍ରିକା ଟିମ୍ ସହିତ ଚୋକର୍ ଟ୍ୟାଗ ଯୋଡି ହୋଇ ଯାଇଥିଲା। ପ୍ରଥମ ସେମିରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ପାକିସ୍ତାନ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯାଇଥିଲା। ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୨୧୩ ରନ୍‌ରେ ଅଲଆଉଟ ହୋଇଥିଲା। ବଡ ମ୍ୟାଚର ଚାପ ଆଗରେ ମୁଣ୍ଡ ନୁଆଁଇବା ସହିତ ଦକ୍ଷିଣ ଆଫ୍ରିକା ମଧ୍ୟ ସମାନ ସ୍କୋରରେ ଅଲଆଉଟ ହୋଇଥିଲା। ସୁପର ସିକ୍ସରେ ଉନ୍ନତ ରନ୍ ରେଟ୍ ଆଧାରରେ ଅଷ୍ଟ୍ରେଲିଆ ଫାଇନାଲରେ ପ୍ରବେଶ କରିଥିଲା।

**ୱାର୍ନଙ୍କ ମ୍ୟାଜିକ୍:** ଉଭୟ ସେମିଫାଇନାଲ ଓ ଫାଇନାଲରେ ଦେଖିବାକୁ ମିଳିଥିଲା ଦିବଂଗତ ସ୍ପିନର ସେନ୍ ୱାର୍ନଙ୍କ ସ୍ପିନ୍ ଯାଦୁକରି। ଦକ୍ଷିଣ ଆଫ୍ରିକା ବିପକ୍ଷ ସେମି ଓ ପାକିସ୍ତାନ ବିପକ୍ଷ ଫାଇନାଲରେ ସେ ୪ଟି ଲେଖାଏ ଉଇକେଟ ନେଇଥିଲେ। ପାକିସ୍ତାନ ମାତ୍ର ୧୩୨ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ଅଷ୍ଟ୍ରେଲିଆ ୨୦.୧ ଓଭରରେ ୨ ଉଇକେଟରେ ୧୩୩ ରନ୍ କରିଥିଲା। ୱାର୍ନ ପ୍ଲେୟର ଅଫ୍ ଦ ଫାଇନାଲ ହୋଇଥିବା ବେଳେ ଦକ୍ଷିଣ ଆଫ୍ରିକାର ଲାନ୍ସ କ୍ଲୁଜନର(୨୮୧ ରନ୍ ଓ ୧୭ ଉଇକେଟ)ଙ୍କୁ ପ୍ଲେୟର ଅଫ୍ ଦ ସିରିଜ ଘୋଷଣା କରାଯାଇଥିଲା।



ବିଶ୍ୱକପରେ ଉଇକେଟ ନେବାପରେ ଉଲ୍ଲସିତ ଦେବାଶିଷ ମହାନ୍ତି।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**ଆଉ ୧୫ ଦିନ**




ମ୍ୟାଜିକ୍ ଅଫ୍ ମ୍ୟାଗ୍ନେଟିଜମ୍ ଜାଣିବା ପାଇଁ ସ୍କାନ୍ କରନ୍ତୁ

INDIA'S FIRST 5 YEAR WARRANTY* *Conditions apply

WORLD'S NO.1 22 YEARS IN A ROW[$] MOTORCYCLE & SCOOTER COMPANY

i3S Technology Idle-Stop-Start System

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or Call Toll-Free 1800 266 0018 or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ^^Based on offers from empaneled dealers on Wheels of Trust platform. $Highest sales for any 2 Wheeler Corporate Entity in the world for Calendar Year 2022 - Data source: DNA Consult & Advisory's report Assessment of Global Two Wheelers Market (CY22). **Ex-showroom price of Glamour Drum in Bhubaneswar.

Exchange Powered By Wheels of Trust^^ ସର୍ବୋତ୍ତମ ରିସେଲ୍ ମୂଲ୍ୟ ପାଇଁ ସ୍କାନ୍ କରନ୍ତୁ

AUTHORISED DEALERS: Bhubaneswar: Rohan Hero, Ph: 9289922474, Bharat Hero, Ph: 7799766378, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S. K. Hero, Ph: 9289922900, , Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Raygada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolangir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736, Authorized HeroSure Dealers: Bhubaneshwar: Arundhati Motobikes, Ph- 7682841658, Rourkela: Dua Motors, Ph-6372753989.

WT.5628.2023ODI

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ